# ଧରିତ୍ରୀ
DHARITRI

ବାଲେଶ୍ୱର, ରବିବାର, ଡିସେମ୍ବର ୨୦/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Balasore, Sunday, December 20/2020 | ★★★★

୪୭ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ବିବାହ ବନ୍ଧନରେ ସୁଲଗ୍ନା**
ହିନ୍ଦୀ ଫିଲ୍ମ 'ମର୍ଡର-୨'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିବା ସୁଲଗ୍ନା ପାଣିଗ୍ରାହୀ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ୦୨

୧୬ **ପଙ୍ଘାଲଙ୍କୁ ସ୍ୱର୍ଣ୍ଣ ପଦକ**
ଜର୍ମାନୀରେ ଚାଲିଥିବା କଲୋନେ ବକ୍ସିଂ ବିଶ୍ୱକପ୍‌ରେ ଭାରତୀୟ ବକ୍ସର ଅମିତ ପଙ୍ଘାଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



## ପ୍ରଦୂଷଣ ଚିନ୍ତା | ଇ-ଯାନକୁ ପ୍ରୋତ୍ସାହନ



**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ସମଗ୍ର ବିଶ୍ୱରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ଯୋଗୁ ପରିବେଶ ବେଳକୁ ବେଳ ଶ୍ୱାସ ରୁଦ୍ଧ ଅବସ୍ଥାକୁ ଚାଲିଯାଉଛି। ପରିବେଶ ପ୍ରଦୂଷଣ ପ୍ରଭାବ ମାନବ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୧୯ରେ ବାୟୁ ପ୍ରଦୂଷଣ ଯୋଗୁ ୬.୭ ନିୟୁତ ଲୋକଙ୍କ ଜୀବନହାନି ହୋଇଥିବାବେଳେ କେବଳ ଭାରତରେ ୧.୬୭ ନିୟୁତ ଲୋକ ପ୍ରାଣ ହରାଇଛନ୍ତି। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଭଳି ବଡ଼ ବଡ଼ ସହରରେ ପ୍ରଦୂଷଣ ଚିନ୍ତାଜନକ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଗତ କିଛି ଦଶନ୍ଧି ଧରି ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପେଟ୍ରୋଲ, ଡିଜେଲ, କୋଇଲା ଭଳି ଇନ୍ଧନ

- ମାର୍ଚ୍ଚରୁ ଓଡ଼ିଶା ଇ-ଭେହିକଲ ପଲିସି-୨୦୨୦
- ୨୦୨୫ ସୁଦ୍ଧା ୨୦% ଯାନ ପଞ୍ଜୀକରଣ ଲକ୍ଷ୍ୟ
- ଯାନବାହନ କ୍ରୟ ଉପରେ ମିଳିବ ୧୫ % ରିହାତି
- ସରକାରୀ କର୍ମଚାରୀଙ୍କୁ ବିନା ସୁଧରେ ଋଣ

ବ୍ୟବହାରକୁ ହ୍ରାସ କରିବା ଉପରେ ବିଶ୍ୱସ୍ତରରେ ଗୁରୁତ୍ୱ ଦିଆଯାଉଛି। ବିଶ୍ୱର ଅନେକ ଦେଶ ଇଲେକ୍ଟ୍ରିକ ଯାନବାହନ ଚଳାଚଳକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଭାରତ ସରକାର ମଧ୍ୟ ଇଲେକ୍ଟ୍ରିକ ଯାନବାହନ ଚଳାଚଳକୁ ପ୍ରୋତ୍ସାହନ ନେଇ ପଦକ୍ଷେପ ଆରମ୍ଭ କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ନ୍ୟାଶନାଲ ଇଲେକ୍ଟ୍ରିକ ମୋବିଲିଟି ପ୍ଲାନ କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୨୦୩୦ ସୁଦ୍ଧା ବାୟୁ ପ୍ରଦୂଷଣ ହାର ୩୫ ପ୍ରତିଶତ ତଳକୁ ଖସାଇବାକୁ ଯୋଜନା ରଖାଯାଇଛି। ସହରାଞ୍ଚଳ ପ୍ରଦୂଷଣ ରୋକିବାକୁ ନିଜର ଇଲେକ୍ଟ୍ରିକ ପଲିସି କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁରୋଧ କରିଛନ୍ତି। ☞ପୃଷ୍ଠା-୪

## ପରୀ ହତ୍ୟାର ତଦନ୍ତ କରୁ କେନ୍ଦ୍ରୀୟ ସଂସ୍ଥା

### ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ସିପିସିଆର୍‌ଙ୍କ ଚିଠି

**ନୟାଗଡ଼ ଅଫିସ,୧୯।୧୨**

ନୟାଗଡ଼ ସଦର ଥାନା ଅନ୍ତର୍ଗତ ଯଦୁପୁରର ଶିଶୁକନ୍ୟା ପରୀ ହତ୍ୟାକାଣ୍ଡର ତଦନ୍ତରେ ତ୍ରୁଟି ଥିବା ଦର୍ଶାଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର) ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲାକୁ ଗୁରୁତ୍ୱ ଦେବା ଓ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ତଦନ୍ତ ପାଇଁ ସୁପାରିସ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ସିପିସିଆର ପକ୍ଷରୁ ଚିଠି ଲେଖାଯାଇଛି। ଏହାଛଡ଼ା କର୍ତ୍ତବ୍ୟରେ ତ୍ରୁଟି କରିଥିବା ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଚିଠିରେ ସୁପାରିସ କରାଯାଇଛି। ଏ ସମ୍ପର୍କରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଟୁଇଟ୍ କରି ସୂଚନା ଦେଇଛନ୍ତି। ସମ୍ବିତ୍ ପରୀ ହତ୍ୟାକାଣ୍ଡର ଭ୍ରମାତ୍ମକ ତଦନ୍ତ ହେଉଥିବା ନେଇ ଏନ୍‌ସିପିସିଆରର ଦ୍ୱାରସ୍ଥ ହୋଇଥିଲେ। ଏନ୍‌ସିପିସିଆର ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ହୋଇଥିବା ଚିଠି ସଂକ୍ରାନ୍ତରେ ତାଙ୍କୁ ଅବଗତ କରାଯାଇଥିବା ସମ୍ବିତ୍ ଟୁଇଟ୍‌ରେ ଦର୍ଶାଇଛନ୍ତି।

## ସୁଲଭ ମୂଲ୍ୟରେ ପୁରୀରେ ରହଣି ସୁବିଧା

**ପୁରୀ ଅଫିସ,୧୯।୧୨**

ପୁରୀ ସହରରେ ଏବେ ଭକ୍ତଙ୍କୁ ସୁଲଭ ମୂଲ୍ୟରେ ରହଣି ସୁବିଧା ମିଳିବ। ମାତ୍ର ୧୦୦ରୁ ୧୫୦ଟଙ୍କା ମଧ୍ୟରେ ଏହି ସୁବିଧା ଯୋଗାଇ ଦିଆଯିବ। ଭକ୍ତ ନିବାସ ନିର୍ମାଣ କରାଯାଇ ଏକକାଳୀନ ୪ରୁ ୫ହଜାର ଲୋକଙ୍କୁ ଯେପରି ଏହି ସୁବିଧା ମିଳିପାରିବ, ସେନେଇ ଶନିବାର ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଦେଶରେ ପୁରୀ ଏକ ଅଗ୍ରଣୀ ତୀର୍ଥକ୍ଷେତ୍ର ହୋଇଥିବାରୁ ପ୍ରତ୍ୟହ ବହୁସଂଖ୍ୟକ ଶ୍ରଦ୍ଧାଳୁ ଏଠାକୁ ଆସନ୍ତି। ପୂର୍ବରୁ ଏଠାରେ ଥିବା ଭକ୍ତନିବାସରେ ଭକ୍ତମାନେ

- ୧୦୦ରୁ ୧୫୦ ଟଙ୍କାରେ ରହିପାରିବେ ଭକ୍ତ
- ସରିଛି ଜମି ଚିହ୍ନଟ, ନିର୍ମାଣ ହେବ ଭକ୍ତ ନିବାସ
- ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉପରେ ଫୋକସ୍

ରହୁଛନ୍ତି ସତ, ମାତ୍ର ସମସ୍ତଙ୍କ ପକ୍ଷେ ବ୍ୟୟ ସାପେକ୍ଷ ରହଣି ସମ୍ଭବ ହେଉନାହିଁ। ତେଣୁ ଭକ୍ତଙ୍କ ପାଇଁ କିଭଳି କମ୍ ମୂଲ୍ୟରେ ରାତ୍ରିଯାପନ ଲାଗି ଏକ ଶଯ୍ୟା ବ୍ୟବସ୍ଥା କରାଯାଇପାରିବ ସେନେଇ ପ୍ରଶାସନ ଆଲୋଚନା କରିଛି। ଏଥିପାଇଁ ଏକ ଜମି ଚିହ୍ନଟ ହୋଇସାରିଛି। ☞ପୃଷ୍ଠା-୧୦






## ସରୋଜଙ୍କ ଲାଏ ଡିଟେକ୍ସନ ଟେଷ୍ଟ କଲା ଏସ୍‌ଆଇଟି

**ନୟାଗଡ଼ ଅଫିସ,୧୯।୧୨**

ପରୀ ହତ୍ୟା ଘଟଣାର ତଦନ୍ତ କରୁଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଅରୁଣ ବୋଥ୍ରାଙ୍କ ନେତୃତ୍ୱାଧୀନ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଯଦୁପୁର ଗାଁର ସରୋଜ ସେଠୀଙ୍କ ସମେତ ମା' ଶୈଳବାଳା ଓ ବଡ଼ଭଉଣୀଙ୍କୁ ଶନିବାର ଭୋର ସମୟରେ ଉଠାଇ ନେଇ ଲାଏ ଡିଟେକ୍ସନ ଟେଷ୍ଟ କରିଥିବା ଜଣାପଡ଼ିଛି। ସରୋଜଙ୍କୁ ଅଟକ ରଖିଥିବାବେଳେ ତାଙ୍କ ମା' ଶୈଳବାଳା ଓ ଭଉଣୀଙ୍କୁ ସନ୍ଧ୍ୟାରେ ଏସ୍‌ଆଇଟି ଛାଡ଼ି ଦେଇଥିଲା।

ସୂଚନାଥାଉ କି, ତଦନ୍ତ ଆରମ୍ଭଠାରୁ ଏସ୍‌ଆଇଟି ସ୍କାନରରେ ଯଦୁପୁର ଗାଁର ସରୋଜ ସେଠୀ ଓ ତାଙ୍କ ମା' ଥିଲେ। ସରୋଜ ଯୁକ୍ତ ୩ କଳାରେ ପାଠପଢୁଥିବାବେଳେ ମା' ଆଶାକର୍ମୀ ଅଛନ୍ତି। ଏସ୍‌ଆଇଟି ପକ୍ଷରୁ ସରୋଜଙ୍କୁ ବିଭିନ୍ନ ସମୟରେ ଜେରା କରାଯାଇଥିଲା। ପୂର୍ବରୁ ସରୋଜଙ୍କ ରକ୍ତନମୁନା, ଲାଳ, ମୋବାଇଲ ଫୋନ, ପ୍ୟାଣ୍ଟ ଶାର୍ଟ, ଶେଯ ଓ ଘରର ବିଭିନ୍ନ ଲୋକଙ୍କର ପୋଷାକ ଓ ବିଭିନ୍ନ ଉପକରଣ ଏସ୍‌ଆଇଟି ନେଇଥିଲା। ବାରମ୍ବାର ଜେରା ପରେ ସରୋଜ ଅତିଷ୍ଠ ହୋଇ ଗଣମାଧ୍ୟମରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ନାଁରେ ଅଭିଯୋଗ କରିଥିଲେ। ଏସ୍‌ଆଇଟି ମୁଖ୍ୟ ତାଙ୍କୁ ଫସାଇବାକୁ ଯୋଜନା କରିଥିବା ସେ କହିଥିଲେ। ହତ୍ୟାକାରୀ ☞ପୃଷ୍ଠା-୧୦

## ଭାଜପାରେ ଶୁଭେନ୍ଦୁ

**ନୂଆଦିଲ୍ଲୀ, ୧୯।୧୨**

ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ଲାଗିରହିଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର ମମତା ବାନାର୍ଜୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ଅଧିକ ସଂଖ୍ୟାରେ ନେତା ଭାଜପାରେ ସାମିଲ ହେବେ ଏବଂ ନିର୍ବାଚନ ବେଳକୁ ମୁଖ୍ୟମନ୍ତ୍ରୀ ଦଳରେ ଏକା ହୋଇଯାଇଥିବେ ବୋଲି ଶାହା କହିଛନ୍ତି। ମେଦିନପୁରରେ ଭାଜପା ରାଲିକୁ ସମ୍ବୋଧନ କରି ଶାହା କହିଥିଲେ, ଟିଏମ୍‌ସି ସରକାର ଦୁର୍ନୀତିରେ ବୁଡ଼ି ରହିଛି। ଫଳରେ ବହୁସଂଖ୍ୟାରେ ଲୋକ ଏହି ଦଳଠାରୁ ମୁହଁ ଫେରାଉଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ଭାଜପା ୨୦୦ରୁ ଊର୍ଦ୍ଧ୍ୱ ଆସନ ଜିତି ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉପସ୍ଥିତିରେ ଟିଏମ୍‌ସିର ହେଭିୱେଟ ନେତା ଶୁଭେନ୍ଦୁ ଅଧିକାରୀ ଓ ଦଳର ଆଉ ୫ ବିଧାୟକ ଭାଜପାରେ ସାମିଲ ହୋଇଛନ୍ତି। ଅନ୍ୟ ଦଳର ୪ ଜଣ ବିଧାୟକ ଓ ଜଣେ ତୃଣମୂଳ କଂଗ୍ରେସ ଏମ୍‌ପି ମଧ୍ୟ ଗୈରିକ ଦଳରେ ମିଶିଛନ୍ତି। ଭାଜପାରେ ସେମାନଙ୍କର ଯୋଗଦାନକୁ ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଦୁଇଦିନ ପୂର୍ବରୁ ଶୁଭେନ୍ଦୁ ଟିଏମ୍‌ସି ଛାଡ଼ିଥିବାବେଳେ ତାହା ପୂର୍ବରୁ ମନ୍ତ୍ରୀ ଓ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ବର୍ଦ୍ଧମାନ ପୂର୍ବ ଲୋକ ସଭା ଆସନରୁ ଦୁଇଥର ଟିଏମ୍‌ସିରୁ ଏମ୍‌ପି ହୋଇଥିବା ସୁନୀଲ ମଣ୍ଡଳ ଭାଜପାରେ ☞ପୃଷ୍ଠା-୧୦

- ୯ ବିଧାୟକ, ଜଣେ ଏମ୍‌ପି ସାମିଲ ହେଲେ
- ନିର୍ବାଚନ ବେଳକୁ ମମତା ଏକା ହୋଇଯିବେ: ଶାହା

## ଆହୁରି ବଢ଼ିବ ଶୀତ

### ୧୩ ଡିଗ୍ରୀ ତଳେ ୧୦ ସହର

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ଗତ କିଛିଦିନ ଧରି ରାଜ୍ୟରେ ଶୀତ ହ୍ରାସ ପାଇବା ପରେ ଶନିବାରଠାରୁ ପୁଣି ବଢ଼ିଛି। ପାରଦ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ରାଜ୍ୟର ୧୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବନିମ୍ନ ତାପମତ୍ରା ୮.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୯.୫, ଅନୁଗୋଳ ୧୦, ବାରିପଦା ୧୦.୫, କେନ୍ଦୁଝର ୧୧.୭, ସୁନ୍ଦରଗଡ଼ ୧୨, ବଲାଙ୍ଗୀର ୧୨.୪, କୋରାପୁଟ ୧୧, ଦାରିଙ୍ଗବାଡି ୧୦, ବୌଦ୍ଧ ୧୨.୫, ସମ୍ବଲପୁର ୧୩, ବାଲେଶ୍ୱର ୧୩.୪ ଓ କଟକରେ ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ଆହୁରି ତଳକୁ ଖସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୫ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ଶୀତର ପ୍ରକୋପ ବଢ଼ିବ।

ଭାରତରେ କୋଟିଏ ଟପିଲା ସଂକ୍ରମଣ
........୧୪........

**ଆଜିର ସମ୍ପାଦକୀୟ**
ଆଇନ କାହା ପାଇଁ

**ଆଜିର ମନ୍ତବ୍ୟ**
“ ଟିଏମ୍‌ସି ଛାଡ଼ିଥିବାରୁ ଦଳଦ୍ରୋହୀଙ୍କୁ କୃତଜ୍ଞତା ଜଣାଯିବ। ସେମାନେ ଯିବା ପରେ ପାର୍ଟି ଭୂତାଣୁମୁକ୍ତ ହୋଇଛି।
-ମଦନ ମିତ୍ର, ଟିଏମ୍‌ସି ନେତା

## ଆମେରିକା ଉପରେ ସାଇବର ଆକ୍ରମଣ

ବର୍ଷ ୨୦୨୦ ବିଦାୟ ନେବାକୁ ଯାଉଛି। ନୂଆବର୍ଷର ପ୍ରଥମ ମାସ ୨୦ ତାରିଖରେ ଡେମୋକ୍ରାଟ ଜୋ ବାଇଡେନ୍ ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଛନ୍ତି। ଏଭଳି ସମୟରେ କରୋନା ମହାମାରୀ ସହ ଜୁଝୁଥିବା ଆମେରିକା ଉପରେ ହଲିଉଡ୍ ସିନେମା ଷ୍ଟାଇଲରେ ହୋଇଛି ବଡ଼ ଧରଣର ସାଇବର ଆଟେକ୍। ଏଥିରେ ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଛି ଶକ୍ତି ବିଭାଗ ଓ ଆଣବିକ ଅସ୍ତ୍ର ଭଣ୍ଡାର ଦେଖାଶୁଣା କରୁଥିବା ନ୍ୟାଶନାଲ ନ୍ୟୁକ୍ଲିୟର ସିକ୍ୟୁରିଟି ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଏନ୍‌ଏସ୍‌ଏ)ର ନେଟ୍‌ୱର୍କ। ଏହା ହେଉଛି ଆମେରିକା ସରକାରଙ୍କ କୌଣସି ବିଭାଗ ଉପରେ ଅଦ୍ୟାବଧି ସବୁଠୁ ବଡ଼ ସାଇବର ଆଟେକ୍। ହ୍ୟାକର୍ସ ବିପୁଳ ଗୋପନୀୟ ଫାଇଲ୍ ଚୋରି କରି ନେଇଥିବାରୁ ଅନ୍ୟୂନ ଅଧ ଡଜନ ସଂଘୀୟ ଏଜେନ୍ସି ପ୍ରଭାବିତ ହୋଇଥିବା କୁହାଯାଉଛି। ଏହି ଅନ୍‌ଲାଇନ୍ ଆକ୍ରମଣ ପଛରେ ଆମେରିକାର ପୁରୁଣା ଶତ୍ରୁ ରୁଷିଆର ହାତ ଥିବା ସନ୍ଦେହ କରି ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ) ତନାଘନା ଆରମ୍ଭ କରିଛି।

**ୱାଶିଂଟନ,୧୯।୧୨**

୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ରୁଷିଆର ହସ୍ତକ୍ଷେପକୁ ନେଇ ଉଠିଥିବା ଝଡ଼ ବିଗତ ୪ ବର୍ଷ ଧରି ଆମେରିକା ରାଜନୀତିକୁ ପ୍ରଭାବିତ କରିଆସିଥିଲା। ଏବେ ନୂଆ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆଗରେ ରୁଷିଆ ଏହାଠୁ ଆହୁରି ବଡ଼ ସମସ୍ୟା ଛିଡ଼ା କରାଇଥିବା ମନେହେଉଛି। ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଉପରେ ଅଭୂତପୂର୍ବ ସାଇବର ଆକ୍ରମଣ ହୋଇଛି। ଏହି ଆକ୍ରମଣକୁ ରୁଷିଆର ସନ୍ଦିଗ୍ଧ ହ୍ୟାକରମାନେ ୱାଶିଂଟନର ପ୍ରମୁଖ ସଂସ୍ଥାଗୁଡ଼ିକୁ ଭେଦ କରିବାରେ ସକ୍ଷମ ହୋଇଛନ୍ତି। ସାଇବର ଆଟେକ୍‌ର ଶିକାର ହୋଇଥିବା ସଂସ୍ଥାଗୁଡ଼ିକ ମଧ୍ୟରେ ☞ପୃଷ୍ଠା-୧୦

- ଆଣବିକ ଅସ୍ତ୍ରାଗାର ଉପରେ ବଡ଼ ଧରଣର ସାଇବର ଆଟେକ୍
- ହ୍ୟାକର୍ସ ଉଡ଼ାଇଲେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ
- ରୁଷିଆର ହାତ ଥିବା ସନ୍ଦେହ, ତନାଘନା କରୁଛି ଏଫ୍‌ବିଆଇ



## ଡେରି ହୁଏନି ଟ୍ରେନ୍

**ଟୋକିଓ:** ଜାପାନ ଲୋକଙ୍କ ସମୟାନୁବର୍ତ୍ତିତା ସବୁବେଳେ ଚର୍ଚ୍ଚାରେ ଥାଏ। ଏଠାକାର ଲୋକେ କୌଣସି କାର୍ଯ୍ୟରେ ଅବହେଳା କିମ୍ବା ବିଳମ୍ବ କରିବା କ୍ୱଚିତ୍। କେବଳ ଏତିକି ନୁହେଁ, ଜାପାନରେ ଚାଲୁଥିବା ଟ୍ରେନଗୁଡ଼ିକ ଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଯାଏ। ଏଠାରେ ଟ୍ରେନଗୁଡ଼ିକ ଅତିବେଶୀରେ ୩୦ ସେକେଣ୍ଡରୁ ଅଧିକ ବିଳମ୍ବ ହୁଏ ନାହିଁ। ସେହିପରି ଉଚ୍ଚ ସ୍ୱରରେ କହିବା କିମ୍ବା ସର୍ବସାଧାରଣ ସ୍ଥାନରେ କିଛି ଶୁଙ୍ଘିବା ମଧ ଏଠାରେ ଅସଭ୍ୟ ବୋଲି ଗଣନା କରାଯାଏ।

# କୁହୁଡ଼ିରୁ ପାଣି 'ଫଗ୍ କ୍ୟାଚିଂ'

**ଶୀତୁଆ ସକାଳର କୁହୁଡ଼ିରେ ଥାଏ ଭିନ୍ନ ଏକ ଆକର୍ଷଣ। ଶୀତ ଆସିଲେ ଘନକୁହୁଡ଼ିର ଚାଦରରେ ଢାଙ୍କି ହୋଇଯାଏ ଗାଁଠୁ ସହର। ଏପରି ମନଲୋଭା ଦୃଶ୍ୟକୁ ଦେଖିବାକୁ ହିଲ୍‌ଷ୍ଟେଶନରେ ସମାଗମ ହୁଅନ୍ତି ପର୍ଯ୍ୟଟକ। କିନ୍ତୁ ପ୍ରକୃତିର ଏହି ବିଚିତ୍ର ସୃଷ୍ଟି ଅନେକ ସମୟରେ ସାଜେ ଦୁର୍ଘଟଣାର କାରଣ। ନେଇଯାଏ ଧନଜୀବନ। ଏଭଳି ନକାରାତ୍ମକ ଏବଂ ସକାରାତ୍ମକ ଦିଗ ଭିତରେ କୁହୁଡ଼ି ସାଜିଛି ମରୁଭୂମି ଏବଂ ଜଳକ୍ଲିଷ୍ଟ ଗ୍ରାମବାସୀଙ୍କ ପାଇଁ ବରଦାନ। 'ଫଗ୍ କ୍ୟାଚିଂ' ପଦ୍ଧତିରେ ଏଥିରୁ ସଂଗ୍ରହ କରାଯାଉଛି ଜଳ ଏବଂ ମେଣ୍ଟୁଛି ଶୋଷ।**



**ନୂଆଦିଲ୍ଲୀ:** ଉତ୍ତର ଭାରତରେ ହାଡ଼ଭଙ୍ଗା ଶୀତ ପ୍ରକୋପ ସାଙ୍ଗକୁ ଆରମ୍ଭ ହୋଇଛି ଘନ କୁହୁଡ଼ି। ଶୀତଦିନେ ଦୁର୍ଘଟଣା ବୃଦ୍ଧି ପଛର ଅନ୍ୟତମ କାରଣ 'ଫଗ୍'। ତେଣୁ କୁହୁଡ଼ି ଆଶଙ୍କାରେ ପାଣିପାଗ ବିଭାଗ ପକ୍ଷରୁ ଏବେ ଆଗୁଆ ସତର୍କ ସୂଚନା ଜାରି କରାଯାଉଛି। ହେଲେ ମରୁଭୂମିବାସୀଙ୍କ ଲାଗି କୁହୁଡ଼ି ସାଜିଛି ଆଶୀର୍ବାଦ। କୁହୁଡ଼ିକୁ ଜଳବୁନ୍ଦାରେ ରୂପାନ୍ତରିତ କରି ଏଠାକାର ଲୋକେ ମେଣ୍ଟାଉଛନ୍ତି ଦୈନନ୍ଦିନ ଆବଶ୍ୟକତା।

ପୃଥିବୀର ବୃହତ୍ତମ ମରୁଭୂମି ସାହାରାରେ ଅସହ୍ୟ ଗରମ ସାଙ୍ଗକୁ ଜଳକଷ୍ଟ ସାଧାରଣ କଥା। ଏହି ସମସ୍ୟାର ସମାଧାନ ଲାଗି ମରୁଭୂମିବାସୀ କୁହୁଡ଼ି ଉପରେ ନିର୍ଭର କରୁଛନ୍ତି। ସାହାରା ସହ ସଂଯୁକ୍ତ ମର୍‌କ୍କୋ ଭଳି ଦେଶରେ ବିକଶିତ 'ଫଗ୍ କ୍ୟାଚିଂ' ପଦ୍ଧତି ଶୋଷ ମେଣ୍ଟାଉଛି। ଏକ ବଡ଼ ଅଞ୍ଚଳରେ ସ୍ୱତନ୍ତ୍ର ଧାତବ ଜାଲି, କପଡ଼ାର ଆଚ୍ଛାଦନ ବସାଇ କୁହୁଡ଼ିରୁ ଜଳବୁନ୍ଦା ସଂଗ୍ରହ କରି ପାଣିରେ ରୂପାନ୍ତରିତ କରାଯାଇଥାଏ। ଏଥିଲାଗି ରହିଛନ୍ତି ସ୍ୱତନ୍ତ୍ର ଗୋଷ୍ଠୀ 'ଫଗ୍ କ୍ୟାଚର'। ପେରୁ, ମର୍‌କୋ, ଘାନା ଭଳି ଜଳସଙ୍କଟ ଭୋଗୁଥିବା ଦେଶରେ ଏମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବେଲାବିଷ୍ଟାରେ ନଦୀ, ହ୍ରଦ କି ଗ୍ଲାସିୟର ନାହିଁ। ତେଣୁ ଏଠାରେ ବର୍ଷତମାମ ଜଳକଷ୍ଟର ସମ୍ମୁଖୀନ ହୋଇଥାନ୍ତି ଜନସାଧାରଣ। ଏହି ସମସ୍ୟାର ସମାଧାନ ଲାଗି ୨୦୦୬ରେ 'ଫଗ୍ କ୍ୟାଚର' କାମ କରିବା ଆରମ୍ଭ କରିଥିଲେ। ସେମାନଙ୍କ ଉଦ୍ୟମରେ ଜଳ ସମସ୍ୟାର ସମାଧାନ କିଛି ପରିମାଣରେ ହୋଇପାରିଛି।

କୁହୁଡ଼ିରୁ ଜଳ ସଂଗ୍ରହ କରିବାର ଟେକ୍‌ନିକ୍ ସର୍ବପ୍ରଥମେ ୧୯୬୯ରେ ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହୋଇଥିଲା। ଏଥିଲାଗି ୧୪ ମାସର ଏକ ଅଧ୍ୟୟନ କରାଯାଇଥିଲା। ଏହାକୁ ଉପଯୋଗ କରି ଦୈନିକ ୧୧ ଲିଟର ପାଣି ସଂଗ୍ରହ କରାଯାଇପାରିଥିଲା। ସୂଚନାଯୋଗ୍ୟ, ପ୍ରତି ଘନମିଟର କୁହୁଡ଼ିରେ ଜଳର ମାତ୍ରା ୦.୫ ଗ୍ରାମ। ସଂଗୃହୀତ ଜଳରେଣୁ ପାଣିରେ ପରିଣତ ହେବା ପରେ ଏହାକୁ ବିଶୁଦ୍ଧ କରି ବ୍ୟବହାର କରାଯାଏ। ପେରୁ, ମର୍‌କୋ, ଘାନା, କାର୍ଲିଫର୍ନିଆ ସମେତ ଆଫ୍ରିକାର ଅନେକ ଦେଶରେ 'ଫଗ୍ କ୍ୟାଚିଂ'ର ସଫଳ ପ୍ରୟୋଗ କରାଯାଇଛି। ସମୟକ୍ରମେ ଟେକ୍‌ନିକ୍‌ରେ ଉନ୍ନତି ହୋଇଛି।

କୁହୁଡ଼ି ହେଉଛି ଏକ ଜଳକଣା। ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଏହା ସୃଷ୍ଟି ହୋଇ ପବନ ସହାୟତାରେ ଆଗକୁ ଆଗକୁ ବଢ଼ିଚାଲେ। ଏଭଳି ଜଳବିନ୍ଦୁସମୂହ ଏକାଠି ହୋଇଯିବା ପରେ ପରିବେଶରେ ଧଳା ଆସ୍ତରଣ ସୃଷ୍ଟି ହୁଏ। ସହରରେ ପ୍ରଦୂଷଣ, ଧୂଳିଧୂଆଁ ଯୋଗୁ ଏହା ଅଧିକ ଘନ ହୋଇଯାଏ। ଫଳରେ ସାମ୍ନାରେ ଥିବା ସାମଗ୍ରୀ ସହଜରେ ଦୃଶ୍ୟମାନ ହୁଏନାହିଁ। ଭୌଗୋଳିକ ପରିସ୍ଥିତି ଅନୁଯାୟୀ କୁହୁଡ଼ି ଭିନ୍ନ ଭିନ୍ନ। ସମୁଦ୍ର ପୃଷ୍ଠରେ ସୃଷ୍ଟ କୁହୁଡ଼ି 'ସି ଫଗ୍'। ଅନେକ ସମୟରେ କୁହୁଡ଼ି ଆରମ୍ଭ ହେବାର କିଛି ସମୟ ଭିତରେ ନିଷ୍ପ୍ରଭ ହୋଇଯାଏ। ପରିବେଶର ତାପମାତ୍ରା, ଜଳୀୟଅଂଶ ଧାରଣା କରିବା କ୍ଷମତା ଉପରେ ଏହା ନିର୍ଭର କରେ। ଅନୁକୂଳ ପରିବେଶ ମିଳିଲେ କୁହୁଡ଼ି ସମସ୍ୟା ସୃଷ୍ଟି କରେ। ଏହାର ଘନତା ବଢ଼େ। ଫଳରେ ଉଡ଼ାଜାହାଜ, ଟ୍ରେନ୍, ବସ୍ ପରିବହନ ଭଳି ଅତ୍ୟାବଶ୍ୟକ ସେବା ବାଧାପ୍ରାପ୍ତ ହୋଇଥାଏ।

# ଡରିଯାଇଥିଲେ କରିନା



**ମୁମ୍ବାଇ:** ବଲିଉଡ ନାୟିକା କରିନା କପୁର ଖାଁ ଏବେ ଖୁବ୍ ଚର୍ଚ୍ଚାରେ। କାରଣ ସେ ଖୁବଶୀଘ୍ର ଦ୍ୱିତୀୟଥର ଲାଗି ମା' ହେବାକୁ ଯାଉଛନ୍ତି। ନିକଟରେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଏବେ ତାଙ୍କର ଏକ ସାକ୍ଷାତକାରକୁ ନେଇ ହେଉଛି ଚର୍ଚ୍ଚା । ତେବେ ତାଙ୍କ ପ୍ରଥମ ସନ୍ତାନ ତୈମୁର ଯେତେବେଳେ ଜନ୍ମ ନେଇଥିଲେ ତାଙ୍କ ନାଁକୁ ନେଇ ସେ କିପରି ଡରି ଯାଇଥିଲେ ତାହା କରିନା ପ୍ରକାଶ କରିଛନ୍ତି । ବରଖା ଦତ୍ତଙ୍କ ସହ ଏକ ସାକ୍ଷାତକାରରେ କରିନା କହିଛନ୍ତି ଯେତେବେଳେ ତୈମୁର ଜନ୍ମ ହୋଇଥିଲେ ସେତେବେଳେ ଜଣେ ନାମୀ ବ୍ୟକ୍ତି ତାଙ୍କୁ ହସ୍ପିଟାଲରେ ଭେଟିବାକୁ ଆସିଥିଲେ । ସେତେବେଳେ ସେହି ବ୍ୟକ୍ତି ଜଣକ ପୁଅର ନାମ କ'ଣ ରଖିବ ବୋଲି କରିନାଙ୍କୁ ପ୍ରଶ୍ନ କରିଥିଲେ । କରିନା ପୁଅର ନାମ ତୈମୁର କହିବା ପରେ ଏଥିରେ ବ୍ୟକ୍ତି ଜଣକ ଆପତ୍ତି ଉଠାଇଥିଲେ । ଯାହା ଶୁଣିବା ପରେ କରିନା ପୁରା ଡରି ଯାଇଥିଲେ ଓ ସେହି ବ୍ୟକ୍ତିଙ୍କୁ ତାଙ୍କ ନିକଟରୁ ତୁରନ୍ତ ଚାଲିଯିବାକୁ କହିଥିଲେ । କାରଣ କରିନା ଧରି ନେଇଥିଲେ ପୁଅ ତାଙ୍କର ତା'ର ନାମକରଣ କରିବାର ଦାୟିତ୍ୱ ତାଙ୍କର ଏଥିରେ ଆଉ କାହିଁକି କିଏ ହସ୍ତକ୍ଷେପ କରିବ ।

# ବିବାହ ବନ୍ଧନରେ ସୁଲଗ୍ନା

**ନୂଆଦିଲ୍ଲୀ:** ହିନ୍ଦୀ ଫିଲ୍ମ 'ମର୍ଡର-୨'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିବା ସୁଲଗ୍ନା ପାଣିଗ୍ରାହୀ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଷ୍ଟାଣ୍ଡଅପ୍ କମେଡିଆନ ତଥା ଲୋକପ୍ରିୟ ୟୁଟ୍ୟୁବର ବିଶ୍ୱକଲ୍ୟାଣ ରଥଙ୍କୁ ସେ ବିବାହ କରିଥିବା ଖବର ଜଣାଇବା ସହ ନିଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଉଭୟେ ବାହାଘରର ଫଟୋ ଶେୟାର କରିଛନ୍ତି। ବହୁ ସଂଖ୍ୟାରେ ପ୍ରଶଂସକ ଓ ଅନେକ ଜଣାଶୁଣା କଳାକାର ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିବାହ ଫଟୋ ସହ ସୁଲଗ୍ନା ମଜାଦାର କ୍ୟାପସନ୍ ମଧ ଲେଖିଛନ୍ତି। ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଫଟୋରେ ସୁଲଗ୍ନା ବାହାଘର ଦିନ ଲାଲ ରଙ୍ଗର ଲେହେଙ୍ଗା ସହ ହ୍ୱାଇଟ୍ ଓ ଗୋଲ୍ଡେନ ଓଢ଼ଣୀ ପକାଇଛନ୍ତି। ବିଶ୍ୱ ଅଫ୍ ହ୍ୱାଇଟ୍ ଶେରୱାନୀ ଓ ପଗଡି ପିନ୍ଧିଥିବା ଦେଖିବାକୁ ମିଳିଛି। ଉଭୟେ ଗତ ୯ ତାରିଖରୁ ବିବାହ କରିଥିଲେ ହେଁ ଏବେ ବାହାଘର ବିଷୟରେ ଘୋଷଣା କରିଛନ୍ତି। ଅମ୍ବର ଧାରା, ଦୋ ସହେଲିୟାଁ ଆଦି ଟିଭି ଶୋରେ କାମ କରିଥିବା ସୁଲଗ୍ନା ମର୍ଡର-୨ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଏଥିସହ ଅଜୟ ଦେବଗନ ଅଭିନୀତ 'ରେଡ୍' ମୁଭିରେ ମଧ ଅଭିନୟ କରିଛନ୍ତି। ବିଶ୍ୱ କଲ୍ୟାଣ ୟୁଟ୍ୟୁବରେ ମୁଭି ରିଭ୍ୟିୟୁ ଦେବା ସହ କମେଡିଆନ ଭାବେ ପରିଚିତ।



# ସମୁଦ୍ରପଥରେ ପଦ୍ମାସନ

**ବେଙ୍ଗାଲୁରୁ:** ଗୋଡ଼ ଚେନ୍‌ରେ ବନ୍ଧାହୋଇଥିବା ଅବସ୍ଥାରେ ପଦ୍ମାସନରେ ସମୁଦ୍ର ମଧ୍ୟରେ ପହଁରି ରେକର୍ଡର ଆଶା ରଖିଛନ୍ତି କର୍ନାଟକର ଜଣେ ଶିକ୍ଷକ। ଉଡୁପି ଜିଲା କୁଣ୍ଡପୁର ଜାତୀୟସ୍ତରୀୟ କାଲ୍‌ମଞ୍ଜୀ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିବା ନାଗରାଜ୍ ଖାର୍‌ଭି ଶୁକ୍ରବାର ଏଭଳି ଏକ ପ୍ରଚେଷ୍ଟାରେ ସଫଳତା ପାଇଛନ୍ତି। ପଦ୍ମାସନ ସ୍ଥିତିରେ ସେ ୨୫ ମିନିଟ ୧୬ ସେକେଣ୍ଡରେ ୧ କି.ମି. ସମୁଦ୍ରପଥ ଅତିକ୍ରମକରି ଲକ୍ଷ୍ୟସ୍ଥଳ ତନ୍ନିର୍‌ଭାଭି କୂଳରେ ପହଞ୍ଚିଥିଲେ। ସକାଳେ ଉତ୍ତରା ପବନ ବହୁଥିଲେ ମଧ ସେ ନିଜ ବଳ ପ୍ରୟୋଗକରି କୂଳରେ ପହଞ୍ଚିଥିଲେ। ଏ ବିଷୟରେ ନାଗରାଜ୍ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଦୀର୍ଘବର୍ଷର ପରିଶ୍ରମର ଫଳ ମିଳିଛି। ସେହିପରି ନାଗରାଜ୍‌ଙ୍କ ସଫଳତାରେ ତାଙ୍କ କୋଚ୍ ବି. କ୍ରିଷ୍ଣା ନାଇକ୍ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଏଥିପୂର୍ବରୁ ନାଗରାଜ୍ ଜାନୁୟାରୀରେ ୨ ସ୍ୱର୍ଣ୍ଣ ଏବଂ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ଏପରିକି ପହଁରା ଏବଂ ଯୋଗର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ମଧ ଯୋଜନା ରଖିଥିବା ସେ କହିଛନ୍ତି। ଏଥିପୂର୍ବରୁ ପଦ୍ମାସନ ସ୍ଥିତିରେ ପହଁରିବାରେ ଏଯାବତ୍ କୌଣସି ରେକର୍ଡ ସ୍ଥାପନ ହୋଇନାହିଁ। ତେଣୁ ତାଙ୍କର ଏହି ସଫଳତାର ଏକ ଭିଡିଓ ଦୁଇ ଗେଜେଟେଡ୍ ଅଧିକାରୀଙ୍କ ଦସ୍ତଖତ ସହ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଲିମ୍‌କା ବୁକ୍ ଅଫ୍ ରେକର୍ଡକୁ ପଠାଯିବ ବୋଲି ନାଗରାଜ୍ କହିଛନ୍ତି।

**୨୫ ମିନିଟ୍‌ରେ ପହଁରିଲେ ୧ କି.ମି.**



## ମହିଳାଙ୍କୁ ଚାକିରି ଦେଇ ଅଡୁଆରେ

**ନୂଆଦିଲ୍ଲୀ:** ମହିଳାମାନଙ୍କୁ ନିଯୁକ୍ତି ଦେଇଥିବାରୁ ଏବେ ଅଡୁଆରେ ପଡିଛନ୍ତି ଫ୍ରାନ୍ସ ସରକାର। ପ୍ରକୃତ କଥା ହେଉଛି ଏଠାରେ ପ୍ୟାରିସ ସିଟି ହଲଠାରେ ଥିବା ଏକ ଅଫିସରେ ଅତ୍ୟଧିକ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ସ୍ଥାନୀୟ ପ୍ରଶାସନକୁ ନୋଟିସ୍ ଦିଆଯାଇଛି। ରିପୋର୍ଟ ଅନୁସାରେ ଫ୍ରାନ୍ସ ପବ୍ଲିକ ସର୍ଭିସ ମିନିଷ୍ଟ୍ରି ପ୍ୟାରିସର ସ୍ଥାନୀୟ ପ୍ରଶାସନ ଉପରେ ଜରିମାନା ନିମନ୍ତେ ନୋଟିସ୍ ଦେଇଛି। ଏଠାରେ ଲିଙ୍ଗ ସମାନତା ଆଇନ ଅନୁସାରେ ୨୦୧୩ ମସିହାରେ କୌଣସି ପଦବୀରେ ୬୦ ପ୍ରତିଶତରୁ ଅଧିକ ମହିଳାଙ୍କୁ ନିଯୁକ୍ତି ଦିଆଯିବା କଥା ନୁହେଁ। କିନ୍ତୁ ୨୦୧୮ରେ ପ୍ୟାରିସରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ଅଫିସରେ ଏହି ନିୟମ ପାଳନ କରାଯାଇ ନାହିଁ। ତେଣୁ ପ୍ୟାରିସ ସିଟି ହଲ ଉପରେ ୯୦ ହଜାର ୟୁରୋ ଅର୍ଥାତ୍ ୮୦ ଲକ୍ଷ ୪୫ ହଜାର ଟଙ୍କାର ଜରିମାନା ଲଗାଯାଇଛି। ଅବଶ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହାକୁ ଭିତ୍ତିହୀନ ବୋଲି କୁହାଯାଇଛି।





















**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୬୨,୯୧,୫୧୭ | ୧୬,୮୬,୫୨୭ | ୫,୩୫,୨୩,୦୯୪ |
| ଭାରତ | ୧,୦୦,୨୫,୧୩୩ | ୧,୪୫,୩୯୦ | ୯୫,୭୩,୧୩୦ |
| ଓଡ଼ିଶା | ୩,୨୫,୮୬୧ | ୧୮୩୨(+୫୩) | ୩,୨୧,୩୦୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଆଜିଠୁ ଭାଜପାର ୫ ଦିନିଆ ପଦଯାତ୍ରା

## ଯୋଗଦେବେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଭନିତା ଶ୍ରୀନିବାସନ

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

**ପରୀକୁ ନ୍ୟାୟ**

ଚଳିତ ମାସ ୫ ତାରିଖରୁ 'ପରୀ'କୁ ନ୍ୟାୟ ପାଇଁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ଗଣଧାରଣା କରୁଛି। ୧୪୭ ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ପଦଯାତ୍ରା କରାଯାଉଛି। ପରୀ ସମେତ ରାଜ୍ୟରେ ନିଖୋଜ ୫ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ନ୍ୟାୟ ପାଇଁ ରବିବାର ୫ ଦିନିଆ 'ପରୀକୁ ନ୍ୟାୟ ପାଇଁ ପଦଯାତ୍ରା' ଆରମ୍ଭ ହେବ। ସକାଳ ୯ଟାରେ ଭୁବନେଶ୍ୱରରୁ ଏକ ପଦଯାତ୍ରା ପରୀ ଗାଁ ନୟାଗଡ଼ ଜିଲା ଯଦୁପୁର ଅଭିମୁଖେ ଯାତ୍ରା କରିବ। ଏହି ପଦଯାତ୍ରା ଲିଙ୍ଗରାଜ ମନ୍ଦିରରୁ ଆରମ୍ଭ ହୋଇ ଆଗାମୀ ୫ ଦିନରେ ୯୮କି.ମି. ଯାତ୍ରା କରି ଯଦୁପୁରରେ ପହଞ୍ଚିବ ବୋଲି ରାଜ୍ୟ ମୁଖପାତ୍ର ଯତୀନ ମହାନ୍ତି ଜଣାଇଛନ୍ତି।

ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଏହି ପଦଯାତ୍ରା ଦିନକୁ ପାଖାପାଖି ୨୦କି.ମି. ହେବ ଏବଂ ଏଥିରେ ଭାଜପାର ସମସ୍ତ ଶୀର୍ଷ ନେତୃତ୍ୱ ବିଭିନ୍ନ ପର୍ଯ୍ୟାୟରେ ଭାଗ ନେବେ। ପ୍ରଥମଦିନ ଏହି ପଦଯାତ୍ରା ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭ ହୋଇ ଯାଆଁଳା ପର୍ଯ୍ୟନ୍ତ ଯିବ। ସେହିପରି ଦ୍ୱିତୀୟ ଦିନରେ ଯାଆଁଳାରୁ ସାରୁଅ, ତୃତୀୟ ଦିନରେ ସାରୁଅରୁ ବୋଲଗଡ, ଚତୁର୍ଥ ଦିନରେ ବୋଲଗଡରୁ ଇଟାମାଟି ଏବଂ ଶେଷ ଦିନରେ ଇଟାମାଟିରୁ ପରୀର ଗାଁ ଯଦୁପୁରଠାରେ ପହଞ୍ଚିବ। ଏହି ଯାତ୍ରାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ତଥା ଜାତୀୟସ୍ତରୀୟ ନେତୃବୃନ୍ଦ ଭାଗ ନେବେ। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ରବିବାର ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଭନିତା ଶ୍ରୀନିବାସନ ସାମିଲ ହେବେ। ରାଜ୍ୟ ନେତୃତ୍ୱ ଏବଂ ରାଷ୍ଟ୍ରନେତୃତ୍ୱ ପର୍ଯ୍ୟାୟକ୍ରମେ ଏହି ପଦଯାତ୍ରାରେ ଭାଗନେବେ ବୋଲି ସେ ସୂଚନା ଦେଇଛନ୍ତି।

# ଏଟିଏଜିଏସ୍‌ର ବ୍ୟବହାରିକ ପରୀକ୍ଷଣ



**ବାଲେଶ୍ୱର ଅଫିସ, ୧୯।୧୨**

ବାଲେଶ୍ୱର ଜିଲା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ପିଏକ୍ସଇ ପରିସରରୁ ଶନିବାର ପୂର୍ବାହ୍ନରେ ଏଟିଏଜିଏସ୍ (ଆଡଭାନ୍ସଡ଼ ଟୋୱେଡ଼ ଆର୍ଟିଲେରୀ ଗନ୍ ସିଷ୍ଟମ୍) ବ୍ୟବହାରିକ ପରୀକ୍ଷଣ କରାଯାଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ଡିଆର୍‌ଡିଓ (ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ) ଏହି ଗନ୍ ସିଷ୍ଟମକୁ ବିକଶିତ କରିଛି। ଏଥିରୁ ଶତ୍ରୁ ଉପରେ ମାତ୍ର ୧୫ ସେକେଣ୍ଡ ମଧ୍ୟରେ ୩ ରାଉଣ୍ଡ ଗୋଳା ବର୍ଷଣ କରାଯାଇପାରିବ। ୧୮ଟନ ଓଜନ ବିଶିଷ୍ଟ ଏଟିଏଜିଏସ୍‌ର ଲକ୍ଷ୍ୟଭେଦ କ୍ଷମତା ୪୦କିଲୋମିଟର ରହିଛି।

ସେପ୍ଟେମ୍ବରରେ ଏହି ପରୀକ୍ଷଣ ଆରମ୍ଭ ହୋଇଥିଲା। ସେତେବେଳେ ବନ୍ଧୁକ ବ୍ୟାରେଲ ଫାଟିଯିବା ଯୋଗୁ ପରୀକ୍ଷଣ ସ୍ଥଗିତ ରଖାଯାଇଥିଲା। ତେବେ ଏହି ପରୀକ୍ଷଣ ସଫଳତାର ସହ ଶେଷ ହୋଇଥିବା ବିଭାଗ ପକ୍ଷରୁ ସୂଚୀତ କରାଯାଇଛି। ଭାରତୀୟ ସେନାରେ ଆଗାମୀ ଦିନରେ ଅଧିକରୁ ଅଧିକ ଏଟିଏଜିଏସ୍ ଆବଶ୍ୟକ ଥିବାରୁ ଏହାକୁ ବିକଶିତ କରିବା ଲାଗି ପରୀକ୍ଷଣ ଜାରି ରହିଛି। ପ୍ରତିରକ୍ଷା କ୍ଷେତ୍ରରେ ଏହି ଗନ୍ ସିଷ୍ଟମ ଏକ ମାଇଲ୍‌ଖୁଣ୍ଟ ବୋଲି କୁହାଯାଉଛି। ବିଶ୍ୱରେ ଏହିଭଳି ଅତ୍ୟାଧୁନିକ ମାରଣାସ୍ତ୍ର କେବଳ ଭାରତ ବିକଶିତ କରିବାରେ ସକ୍ଷମ ହୋଇଛି ବୋଲି ଏଟିଏଜିଏସ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର ଭି. ଗଡ଼େ କହିଛନ୍ତି।

# ଏନ୍‌ଟିଏର ସହମତିକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ପରୀକ୍ଷା–୨୦୨୧ ଫେବୃଆରୀରୁ ଆରମ୍ଭ ହେବ। ପ୍ରଥମ ଥର ପାଇଁ ଜେଇଇ ମେନ୍ ୪ଟି ପର୍ଯ୍ୟାୟରେ ହେବ। ଜେଇଇ ମେନ୍ ପରୀକ୍ଷା ଓଡ଼ିଆ ଭାଷା ସମେତ ୧୩ଟି ଭାଷାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଛାତ୍ରୀଛାତ୍ରଙ୍କ ହିତକୁ ଅଗ୍ରାଧିକାର ଦେଇ ଜେଇଇ ପରୀକ୍ଷା ଓଡ଼ିଆ ଭାଷାରେ କରାଇବାକୁ ଏନ୍‌ଟିଏକୁ ଅନୁରୋଧ କରିଥିଲେ। ଏଥିରେ ଏନ୍‌ଟିଏର ମହାନିର୍ଦ୍ଦେଶକ ସହମତି ପ୍ରକାଶ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷଠାରୁ ଜେଇଇ ପରୀକ୍ଷା ପ୍ରଶ୍ନପତ୍ର ଓଡ଼ିଆ ସମେତ ବିଭିନ୍ନ ଭାଷାରେ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

# ୬ ଦିନ ହେଲା ଛାତ୍ରୀ ନିଖୋଜ

**ମାଲକାନଗିରି,୧୯।୧୨(ଡି.ଏନ୍.ଏ.):** ରାଜ୍ୟରେ ଶିଶୁ ଅପହରଣ ଏବଂ ହତ୍ୟାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ମାଲକାନଗିରି ଜିଲାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ୬ଦିନ ହେଲା ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ପରିବାର ଲୋକେ ଶନିବାର କାଲିମେଳା ଥାନାରେ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା କାଲିମେଳା ଥାନା ଚିତ୍ରାଙ୍ଗପାଲି ପଞ୍ଚାୟତ ମୁଦାଖାଲ ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ କେହି ଅନ୍ୟତ୍ର ନେଇଯାଇଥିବା ସନ୍ଦେହ କରାଯାଉଛି। ଏହାକୁ ଭିତ୍ତିକରି ଏକ ନିଖୋଜ ଓ ଅପହରଣ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ନାବାଳିକା ଜଣକ କନ୍ୟାଶ୍ରମ ବିଦ୍ୟାଳୟରେ ପଢୁଛନ୍ତି। କରୋନା ଯୋଗୁ ବିଦ୍ୟାଳୟ ବନ୍ଦ ଥିବାରୁ ସେ ଘରକୁ ଆସିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆନିଶା
ପରିବାରବର୍ଗ


ଲିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବେହେଲା ବାଜେ କେଁ
କବାଟ ଡାକେ କେଁ
କବାଟ କଣରେ ଡାକଇ ଗୋରୀ
ପାନ ଖଣ୍ଡେ ନେ ନେ।**

ବ୍ୟକ୍ତି ନିଜ ମନର ଭାବ ବ୍ୟକ୍ତ କରିବାକୁ ଭିନ୍ନ ଭିନ୍ନ ତରିକା ଆପଣେଇ ନେଉଥିବାର ଦେଖିବାକୁ ମିଳିଥାଏ। ଏପରିସ୍ଥଳେ ଗୌରବର୍ଣ୍ଣା ତରୁଣୀ କବାଟ କଣରେ ମୁହଁ ଲୁଚାଇ ପାନ ଜରିଆରେ ନିଜ ମନର ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାର ଘଇତାରେ ଘର
କାହାକୁ କରିବି ପର।**

ବ୍ୟକ୍ତିର ବହୁ ଆପଣାର ଲୋକ ଥିଲେ ସେ କାହାକୁ ସନ୍ତୁଷ୍ଟ କରିବ ସେନେଇ କିଛି ବୁଦ୍ଧିବାଟ ପାଇ ନ ଥାଏ। କାହାକୁ ପର ବା ଆପଣାର କରିବା ନେଇ ମନରେ ଦ୍ୱନ୍ଦ୍ୱ ଉପିଜିବା ସହ ହରଡ଼ଘଣାରେ ପଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ଇ-ଯାନକୁ ...

କର୍ନାଟକ, ଦିଲ୍ଲୀ, ତାମିଲନାଡୁ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟ ସରକାର ବୈଦ୍ୟୁତିକ ଯାନବାହନ ନୀତି କାର୍ଯ୍ୟ କରିଥିବାବେଳେ ଓଡ଼ିଶା ସରକାର ସହରାଞ୍ଚଳର ପ୍ରଦୂଷଣ ହ୍ରାସ କରିବାକୁ ଇଲେକ୍ଟ୍ରିକ ଯାନବାହନ ନୀତି(ଇ-ଭେହିକଲ ପଲିସି)-୨୦୨୦ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଇ- ଭେହିକଲ ଚିଠା ନୀତି- ୨୦୨୦ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ଚଳାଚଳ କରୁଥିବା ଯାନବାହନ ମଧ୍ୟରୁ ୮୨% ଦୁଇଚକିଆ ଯାନ ଥିବା ବେଳେ ହାଲୁକା ଯାନ ୭ %, ୩ ଚକିଆ ୩.୦୬%, ମାଲ୍ ପରିବହନ ଯାନ ୨.୮୫%, ଟ୍ରାକ୍ଟର ୨.୨୮%, ଟ୍ରେଲର ୧.୭୮%, ବସ୍ ୦.୧୯ % ଏବଂ ଅନ୍ୟାନ୍ୟ ଯାନ ୦.୯୪ ପ୍ରତିଶତ ଚଳାଚଳ କରୁଛି। ବ୍ୟାଟେରି ଚାଳିତ ଇଲେକ୍ଟ୍ରିକ୍ ଯାନବାହନକୁ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ଉକ୍ତ ପଲିସି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ୨୦୨୫ ସୁଦ୍ଧା ରାଜ୍ୟରେ ସମୁଦାୟ ଯାନବାହନ ମଧ୍ୟରୁ ୨୦ ପ୍ରତିଶତ ଇଲେକ୍ଟ୍ରିକ୍ ଯାନବାହନ ପଞ୍ଜୀକୃତ କରିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଛି। ଏହି ନୂତନ ନୀତିରେ ଇଲେକ୍ଟ୍ରିକ୍ ଯାନବାହନ ନିର୍ମାତା ଏବଂ ବ୍ୟାଟେରି ନିର୍ମାଣକାରୀ କମ୍ପାନୀକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏ କ୍ଷେତ୍ରରେ ଗବେଷଣା, ଡ୍ରାଇଭିଂ, ବିକ୍ରି, ଆର୍ଥିକ ସହାୟତା, ସର୍ଭିସିଂ, ମାନୁଫାକ୍ଚରିଂ ଏବଂ ଚାର୍ଜିଂ ଇତ୍ୟାଦିକୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ଚୂଡ଼ାନ୍ତ ପଲିସି ପ୍ରକାଶ ପାଇବାଠାରୁ ୪ ବର୍ଷ ଯାଏ ଏହା କାର୍ଯ୍ୟକାରୀ ହେବ । କେନ୍ଦ୍ର ସରକାରଙ୍କ ଫେମ୍ ଇଣ୍ଡିଆ ଫେଜ୍-୨ ଯୋଜନା ଅନୁଯାୟୀ ଆର୍ଥିକ ରିହାତି ପ୍ରଦାନ କରାଯିବ। ଏଥିରେ ରୋଡ୍ ଟ୍ୟାକ୍ସ ଏବଂ ପଞ୍ଜୀକରଣ ଟିକସ ଛାଡ଼ କରିବା ବ୍ୟବସ୍ଥା ରହିବ। ଇ-ଭେହିକଲ ନୀତି-୨୦୨୦ କାର୍ଯ୍ୟକାରୀ କରିବାକୁ ରାଜ୍ୟସ୍ତରରେ ଏକ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କ ଫୋର୍ସରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ରହିବା ବେଳେ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ, ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ମେମ୍ବର କନଭେନର, ଶିଳ୍ପ, ଅର୍ଥ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଦକ୍ଷତା ବିକାଶ, ଶକ୍ତି ବିଭାଗ ସଚିବ ସଦସ୍ୟ ରହିବେ। ଏହି ଟାସ୍କ ଫୋର୍ସ ପଲିସିକୁ ତଦାରଖ କରିବା ସହିତ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସମୀକ୍ଷା କରିବେ। ଟାସ୍କ ଫୋର୍ସ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ ଷ୍ଟିୟରିଂ କମିଟି ଗଠନ କରାଯିବ। ଇ- ଭେହିକଲଗୁଡିକୁ ରାଜ୍ୟ ସରକାର ଇନ୍ସେନଟିଭ ପ୍ରଦାନ କରିବେ। ଦୁଇଚକିଆ ଯାନ ପାଇଁ ୧୫ ହଜାର, ତିନିଚକିଆ ପାଇଁ ୧୨ ହଜାର ଏବଂ ଚାରି ଚକିଆ ଯାନ ଲାଗି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳିବ। ସରକାରୀ କର୍ମଚାରୀ ଇ-ଭେହିକଲ କିଣିଲେ ରାଜ୍ୟ ସରକାର ସୁଧ ବିହୀନ ଋଣ ଯୋଗାଇ ଦେବେ। ସେହିପରି ବସ୍‌ଗୁଡିକୁ ୧୦ ପ୍ରତିଶତ ସବ୍‌ସିଡି, ୪ ବର୍ଷ ପର୍ଯ୍ୟନ୍ତ ରୋଡ ଟ୍ୟାକ୍ସ ଓ ପଞ୍ଜୀକରଣ ଫି' ଛାଡ଼ କରାଯିବ। ଚିଠା ପ୍ରସ୍ତାବରେ ଇ- ଭେହିକଲକୁ ପ୍ରୋତ୍ସାହନ କରିବାକୁ ପଲିସିରେ ଅନେକ ବ୍ୟବସ୍ଥା କରାଯାଇଛି।

ଆସନ୍ତା ୨୨ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ଜଙ୍ଗଲ ଓ ପରିବେଶ ବିଭାଗ, ଅର୍ଥ, ଗୃହ ନିର୍ମାଣ ନଗର ଓ ଉନ୍ନୟନ, ଶକ୍ତି, ଶିଳ୍ପ , ବିଜ୍ଞାନ ଓ କାରିଗରି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବଙ୍କ ସମେତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରି ଯୋଗ ଦେବେ। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ବୈଠକରେ ଇଲେକ୍ଟ୍ରିକ୍ ଭେହିକଲ ଚିଠା ନୀତି ଉପରେ ଆଲୋଚନା ହୋଇ ଜନସାଧାରଣଙ୍କ ମତାମତ ଲୋଡାଯିବ। ଚୂଡ଼ାନ୍ତ ନୀତି ପ୍ରସ୍ତୁତ ହେବା ପରେ ୨୦୨୧ ମାର୍ଚ୍ଚରୁ ଆସନ୍ତା ୪ ବର୍ଷ ପାଇଁ ଏହା ରାଜ୍ୟରେ କାର୍ଯ୍ୟକାରୀ ହେବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କେନ୍ଦ୍ରସ୍ଥାନରେ ଗୁରୁ ଓ ଶନିଙ୍କ ପ୍ରଭାବରୁ ସବୁ କାମ ସହଜରେ ସାଧନ ହେବ। ଗତକାଲିର ଟେନ୍‌ସନ କିଛି ମାତ୍ରାରେ କମିଯିବ ଏବଂ ଅଫିସ୍‌ରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାହୁଙ୍କ କୁପ୍ରଭାବରୁ ବ୍ୟବହାରରେ ସଂଯମତା ନ ରଖିଲେ କଳହର ସମ୍ଭାବନା ରହିଛି। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେଲେ ମନୋବଳ ବୃଦ୍ଧି ପାଇବ।

**ବୃଷ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ମନର ଦୁଃଖ ଲୁଚାଇ ହସି ହସି କଥା କହିବା ପାଇଁ ବାଧ୍ୟ ହେବେ। ଗତକାଲିଠାରୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ**
ଆଜି ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ପରିଲକ୍ଷିତ ହେବ। ପ୍ରତିଟି କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡିବ । ଅଫିସ୍‌ରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ବାରମ୍ବାର ସ୍ଥାନ ପରିବର୍ତ୍ତନ ଓ ଭ୍ରମଣଜନିତ ପରିଶ୍ରମ ଲାଗି ସ୍ୱାସ୍ଥ୍ୟହାନି ଘଟିପାରେ । ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟିକ ସ୍ଥିତି ଭଲ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ**
ଆଜିର ବୁଧାଦିତ୍ୟ ଯୋଗ ଆପଣଙ୍କ ସ୍ଥିର ନିଷ୍ପତ୍ତି ନେବାରେ ସହାୟକ ହୋଇପାରିବ। ଆର୍ଥିକ ସ୍ୱଚ୍ଛଳତା କାରଣରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବ।

**କନ୍ୟା**
ସମସ୍ୟା ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ କେତେକ କାରଣରୁ ମନରେ ସରସତା ରହିବ ନାହିଁ। ନିକଟସ୍ଥ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ ତାହା କଥାରେ ହିଁ ସୀମିତ ରହିଯାଇପାରେ । ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ସଭାସମିତିରେ ଯୋଗଦେଲେ କିମ୍ବା ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିପାରିବେ। ଅନିଚ୍ଛା ସତ୍ତ୍ୱେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। ପରିବହନ, ବ୍ୟବସାୟ ତଥା ରପ୍ତାନିରେ ଉନ୍ନତି ଘଟିବ।

**ବିଛା**
ବାକ୍ ସଂଯମତା ନ ରଖିଲେ ସବୁ ପ୍ରକାରର ସୁବିଧା ଥାଇ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯିବ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସାମ୍ନା କରିବେ। ନୀଚ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ**
ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରି ସଫଳ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ ଏବଂ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
ପଡୋଶୀଙ୍କ ମୁହଁରୁ କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିବ। ଛାଟ କଥାକୁ କେନ୍ଦ୍ରକରି ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇ ପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**
ଆଜିର କର୍ମକ୍ଷେତ୍ରରେ ଦୃଢ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଅଫିସ୍ କାମରେ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଖଳ ଲୋକମାନଙ୍କ କାନକୁହା କଥାକୁ ବିଶ୍ୱାସ କରି ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ପ୍ରାବରଣ/ଓଢ଼ଣ ଷଷ୍ଠୀ, ରବିବାର, ଶ୍ରୀମନ୍ଦିରରେ ଘୋଡଲାଗି ବେଶ ଆରମ୍ଭ, (ଆଜିଠାରୁ ଶ୍ରୀଜୀଉମାନେ ବାର ଅନୁସାରେ ବିଭିନ୍ନ ରଙ୍ଗର ଘୋଡ ମାଘଶୁକ୍ଳ ଚତୁର୍ଥୀ ପର୍ଯ୍ୟନ୍ତ ଲାଗିହେବେ), ଡିସେମ୍ବର ୨୦ ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭.୦୩ମି. ଗତେ ଘ.୦୯.୧୩ମି. ମଧ୍ୟେ, ଘ.୧୨.୦୬ମି. ଗତେ ଘ.୦୨.୫୮ମି. ମଧ୍ୟେ ଅମୃତବେଳା। ଦିବା ଘ.୦୩.୪୨ମି. ଗତେ ଘ.୦୪.୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଘ.୦୩.୪୭ମି. ଗତେ ଘ.୦୫.୦୮ମି. ମଧ୍ୟେ ରାହୁକାଳ।

# classifieds

**Everyday**
**0674-2580101, 2549302**




### BRIDE WANTED

Brahmin boy, 29 B.Tech MBA, Nationalised Bank officer Metrocity. 7377203805. D-19291

### GROOM WANTED

Brahmin bride 29y/ 5'5", M.S. (Comp.Sc) working at Texas USA package $ 90000 seeking suitable proposal. Visit OD150406115/ Y- 893898. Contact: 7894261428/ 001-682-414-9087. D-46550




### SALE

Riverside gharabari plots (50'X36') beside Government road at Balianta. 9437277532. D-19290

**Bhubaneswar Sum Hospital Gurukul ପାଖରେ yellowzone gharabari plot ବିକ୍ରି କରାଯାଉଅଛି। 9439206202.** D-70128

4350sqft of land with 4000sqft of two floor commercial/ residential building infront of NH-316 near Malatipatapur bus stand, Puri for sale, price 1.4crore, Contact 8280715218. D-19275

**Immediate construction with** ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। **7978998868.** D-70126

**Ready to move 2BHK flat [1st floor] @25 Lakh near Mountlitera Zeeschool Kateni Bhubaneswar for sale. 9937162220Ate.** D-19277

**Book a 3BHK flat near Sum Hospital. Contact: 8114860043.** D-67772

**Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999.** D-69945

Prime property at Khandagiri (Land & building) 2 storyed with underground cost Rs. 1.20/ crore (negotiable) Pho. No.- 9338579645. D-67773

**Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952.** D-70132

Puri Sukala 50 acre, Khajuria 46 acre, Bhubaneswar 2acre. 8018702198. D-69033

**Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766.** D-19150

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/- ଫ୍ଲାଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/- ଦିଆଯାଉଛି। 9938016295. D-70127

**ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2kms ମଧ୍ୟରେ gharabari boundary plot କିଣନ୍ତୁ। 7008492511.** D-69356

**100**ଫୁଟିଆ ପିଚୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ **commercial** ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ- ୬,୫୦,୦୦୦/- **direct Owner. 9437033320.** D-70124

Semi furnished 2BHK flat available for sale at Jaydev Vihar, Bhubaneswar. Contact: 7978751719. D-67581

**Pahala Jagannath ମନ୍ଦିର ନିକଟରେ developed demarcated gharabari plot କିଣନ୍ତୁ। 9937166932.** D-69357

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19208

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

**Fully developed gated society gharabari boundary wall plot sale Gudiapokhari (near KEC College. Puri road) 30' road, Electricity. 8763887357, 9238902929.** D-70118

**Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339.** D-70122

ଭୁବନେଶ୍ୱର ଗୋଠପାଟଣା **IIIT, Birla Global University** ପାଖରେ ଘରବାରି **yellowzone, 30' road,** ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **1st possession/ registration. 9937819395.** D-70125

**2Beded furnished flat near Kuha School, 7km from DAV Pokhariput. Cost- 20 lakhs. Contact: 9438061163, 9437864827, 6371759667.** D-69948

**Expression of interest is invited from reputed company to develop about 15,000sqft. of land on jv at prime location (SCS College road) in Puri. Contact: 9371076688.** D-70065

**BDA Southcity** ଅନ୍ତର୍ଭୁକ୍ତ **IIT** ଭୁବନେଶ୍ୱର ନିକଟରେ ପିଚୁ ରାସ୍ତାକୁ ଲାଗିକରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ନିଜର ସ୍ୱପ୍ନ ସାକାର କରନ୍ତୁ। **8847825690.** D-70130

**Plot for sale nearest Railway Station, Bhawanipatna, Kalahandi. Contact No. 9437738769.** D-19282

### PURCHASE

From Ganjam Dist, purchase 200 acre land. 8018702198. D-69034

Land requires for plotting project in around Bhubaneswar, 9937816565, 9937568585. D-70123




**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70044




**One room with Toilet & Balcony in Deepak Nursing Home, Saheed Nagar, Bhubaneswar for bachelor accommodation, Contact: Dr. (Capt.) R.S. Agrawala. Tel- 9338247620, 9437096720.** D-19289

Laxmi Sagar, Plot No.-236 (p), Sarala Nagar, Jayaguru Bhawan, 2rooms with Kitchen room, 1Bathroom & Dining room etc. of the 2nd floor. 9438505751, 9583164951. D-19288

**500sqft. shop at 1st Floor Deendayal Bhawan, Ashok Nagar, for Office, Clinic and Others. Contact: 9937173917, 9861122710.** D-70202

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Shivam logistic packers movers. Household/ car relocation countrywide. 9777044177, 9338461133. D-19148




Ayurvedic full body massage at Rs.300/- for ladies & gents. 9583808247. D-19269

Get refreshment body massage by expert therapist contact for 7205084157. D-70058

Swarna SPA newly open positively health benefits with expert therapist. 9556978408. D-70059

Rejuvenate and Ayurvedic full body massage by smart therapist. 9348123330. D-70060

Panchakarma Clinic requirements ladies, therapist all therapy start-800, 8763725072. D-19287

Revitalize your self with our ayurvedic massage and refreshment, Call: 7381239385. D-70055

Experience full body massage with expert therapists. Call: 7377048581. D-70056

Refreshing your mind & body with best therapy at Lotus Spa. 8018234866 D-69595

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**




4G high speed hotspot Dongle all SIM support JIO, Airtel, Idea, Vodafone, BSNL with one year warranty. Contact: 9853580814. D-69947

Offering long term Tailoring contract for Bedsheets, Pillowcovers Stitching and Packing works for Experienced Tailoring Professionals. 8260052422, 9438804164. D-19292

### AFFIDAVIT

By virtue of an affidavit sworn before the Notary Public, Jharsuguda I, Abhisek Kumar Singh, S/o. Lalit Singh, At. Housing Board Colony, PO. Ekatali, Dist. Jharsuguda declared that in my all Educational Certificates my father's name has been written as Lalit Kumar Singh. But in my Aadhaar card and my father's Voter id/ Aadhaar card, the name of my father has been written as Lalit Singh. That the names Lalit Singh and Lalit Kumar Singh is one and same person. D-69827

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ରୟାଲ୍‌ଟି ଅନିୟମିତତା: ୩ ଖଣିକୁ ନୋଟିସ

ଯୋଡ଼ା, ୧୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ୩ ଖଣିକୁ ଷ୍ଟାକ୍(ମାନ ନିର୍ଦ୍ଧାରଣ କରାଯାଇଥିବା ଗଚ୍ଛିତ ଖଣିଜ)ରେ ରୟାଲ୍‌ଟି ଅନିୟମିତତା ଅଭିଯୋଗରେ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜରିବାହାଲସ୍ଥିତ କାଶ୍ଭି ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ, ଦେଓଝରସ୍ଥିତ ତାରିଣୀ ମିନେରାଲ ଓ ମୁର୍ଗାବେଡା ଆଇରନ ଓର ମାଇନ୍ସକୁ ଶୁକ୍ରବାର ଏହି ନୋଟିସ୍ ଜାରି କରାଯାଇଛି। ଉକ୍ତ ୩ ଖଣିରେ ଖଣିଜର ମାନ (ଗ୍ରେଡ୍)ରେ ଅନିୟମିତତା ହୋଇଥିବା ଖଣି ବିଭାଗ ଜାଣିବା ପରେ ଖଣିକାର୍ଯ୍ୟ ଉପରେ ଅଙ୍କୁଶ ଲଗାଇ ସାମୟିକ ନିଲମ୍ବନ କରାଯାଇଛି।


ଯୋଡ଼ା ଖଣି

ପ୍ରକାଶ ଯେ, ଲିଜ୍‌ଧାରୀମାନେ ପରିବହନ ନିମନ୍ତେ ଖଣିଜର ମାନ ନିର୍ଦ୍ଧାରଣ କରି ଏହାକୁ ନିର୍ଦ୍ଦିଷ୍ଟ ଷ୍ଟାକରେ ଗଚ୍ଛିତ ରଖିଥାନ୍ତି। ଖଣିଜର ମାନ ଅନୁଯାୟୀ ଖଣି ବିଭାଗ ପକ୍ଷରୁ ରାଜସ୍ୱ(ରୟାଲଟି) ଧାର୍ଯ୍ୟ କରାଯାଇଥାଏ। ରାଜସ୍ୱ ପ୍ରାପ୍ତିପରେ ଏହି ଖଣିଜକୁ ପରିବହନ ଅନୁମୋଦନ ଖଣିବିଭାଗ ପକ୍ଷରୁ ଦିଆଯାଇଥାଏ। ତେବେ ଲିଜ୍‌ଧାରୀମାନେ ସମୟ ସମୟରେ ଷ୍ଟାକ୍‌ରେ ଗଚ୍ଛିତ ଥିବା ନିର୍ଦ୍ଦିଷ୍ଟ ଖଣିଜ ପରିବର୍ତ୍ତେ ଉନ୍ନତମାନ ଥିବା ଖଣିଜକୁ ପରିବହନ କରିଥାନ୍ତି। ଅର୍ଥାତ୍ ନିମ୍ନମାନର ଖଣିଜ ପାଇଁ ରୟାଲ୍‌ଟି ଦେଇ ଉନ୍ନତମାନର ଲୁହାପଥରକୁ ବିକ୍ରୟ କରିଥାନ୍ତି। ଫଳରେ ସରକାର ବିପୁଳ ରାଜସ୍ୱ ହରାଇଥାନ୍ତି। ଗତ ଅକ୍ଟୋବରରେ ଯୋଡ଼ା ଖଣିମଣ୍ଡଳସ୍ଥିତ ଏକ ଖଣିରେ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ପରେ ସେଠାରେ ଖଣିଜ ଷ୍ଟାକ୍‌ରେ ଅନିୟମିତତା ହୋଇଥିବା ଜଣାପଡିଥିଲା। ଉକ୍ତ ଖଣିକୁ ସାମୟିକ ଭାବେ ବନ୍ଦ ନୋଟିସ୍ କରାଯାଇଥିଲା ଏବଂ ଏଥିରେ ଅବହେଳା ପାଇଁ ଯୋଡା ଖଣି ଯୁଗ୍ମ ନିର୍ଦ୍ଦେଶାଳୟର ୨ ଖଣି ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟର ବରିଷ୍ଠ ଖଣି ଯୁଗ୍ମ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା କହିଛନ୍ତି, ଯୋଡ଼ା ଖଣିମଣ୍ଡଳର ୩ଟି ଖଣିକୁ ଷ୍ଟାକ୍‌ରେ ଅନିୟମିତତା କରିଥିବା ଯୋଗୁ ନୋଟିସ୍ ଜାରି କରାଯାଇଛି। ରାଜସ୍ୱ ଫାଙ୍କି, ଟିକସ ଫାଙ୍କି ଏବଂ ବେଆଇନ ଖଣି ଖନନ ଉପରେ ସରକାରଙ୍କ କଡ଼ା ଆଭିମୁଖ୍ୟ ରହିଛି। ଖଣିଜ ପଦାର୍ଥ ସମ୍ପର୍କିତ ଅନିୟମିତତାକୁ ଦୃଢ଼ହସ୍ତରେ ଦମନ କରାଯିବା ସହ ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି ଜେନା କହିଛନ୍ତି।

## ପ୍ରକାଶିତ ଖବରକୁ ଖଣ୍ଡନ

୧୯।୧୨।୨୦୨୦ ଧରିତ୍ରୀର ୫ମ ପୃଷ୍ଠାରେ ପ୍ରକାଶିତ 'ଗୀତା ମେହେଟାଙ୍କ ପରାମର୍ଶରେ ଚାଲିଛି କରୋନା ମୁକାବିଲା: ବିକ୍ରମ ଆରୁଖ' ଶୀର୍ଷକ ଖବରକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସୂଚନା ଅଧିକାରୀ ମାନସ ଖୁଣ୍ଟିଆ ଲିଖିତ ଆକାରରେ ଖଣ୍ଡନ କରିଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଦଦରାଲୁଣ୍ଡା ପଞ୍ଚାୟତରେ ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ୧୮।୧୨।୨୦ରେ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର କରୋନା ମୁକାବିଲାରେ ସଫଳ ହୋଇଥିବା ମନ୍ତ୍ରୀ କହିଥିବା ମାନସ ଖୁଣ୍ଟିଆ ଉଲ୍ଲେଖ କରିଛନ୍ତି। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରାଜ୍ୟରେ ଦିନକୁଦିନ କମୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ଓ ସମୁଚିତ ନିଷ୍ପତ୍ତି ବଳରେ ରାଜ୍ୟ ସରକାର କରୋନାର ସଫଳ ମୁକାବିଲା କରୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଦେଶ ବିଦେଶର ବିଭିନ୍ନ ଅନୁଷ୍ଠାନ ରାଜ୍ୟ ସରକାରଙ୍କୁ ପ୍ରଶଂସା କରୁଛନ୍ତି ବୋଲି ମନ୍ତ୍ରୀ ଆରୁଖ ପ୍ରକାଶ କରିଥିଲେ। ତେଣୁ ଗୀତା ମେହେଟାଙ୍କ ପରାମର୍ଶରେ ଚାଲିଛି କରୋନା ମୁକାବିଲା ଶୀର୍ଷକ ଖବରକୁ ମନ୍ତ୍ରୀ ଆରୁଖ ଅସ୍ୱୀକାର କରିଥିବା ବିଷୟ ବିଭାଗୀୟ ସୂଚନା ଅଧିକାରୀ ଖୁଣ୍ଟିଆ ସୂଚାଇଛନ୍ତି।

**ଆମ ଭଞ୍ଜନଗର ଖବରଦାତା କହନ୍ତି**

ଆମ ଖବରଦାତା ପଠାଇଥିବା ଭିଡିଓରେ, ଭାଷଣର ୨ ମିନିଟ୍ ୧୫ ସେକେଣ୍ଡରେ ମନ୍ତ୍ରୀ ଆରୁଖ ମୁଖ୍ୟମନ୍ତ୍ରୀଙ୍କ ଭଉଣୀ ଗୀତା ମେହେଟାଙ୍କ ନାମ ଉଚ୍ଚାରଣ କରିଛନ୍ତି। ତେଣୁ ପ୍ରକାଶିତ ଖବର ସତ୍ୟ।

## ସଂକ୍ଷେପରେ

### ମା' କୋଳକୁ ଫେରିଲା ନିଖୋଜ ପୁଅ

ବାରଙ୍ଗ,୧୯।୧୨(ଡି.ଏନ୍.ଏ): ଗତ ୧୫ତାରିଖରୁ ନିଖୋଜ ଥିବା ନାବାଳକ ସିପୁ ବିଶ୍ରାଙ୍କୁ ବାରଙ୍ଗ ଥାନା ପୋଲିସ ଶନିବାର ଶିଖରଚଣ୍ଡୀ ନଗରରୁ ଉଦ୍ଧାର କରିଛି। ଗତ ୧ବର୍ଷ ତଳେ ମୟୂରଭଞ୍ଜର ମାଳତି ବିଶ୍ରା ନାମ୍ନୀ ମହିଳା ତାଙ୍କ ୧୧ବର୍ଷର ପୁଅକୁ ସାଙ୍ଗରେ ଆଣି ଗୋଡିସାହିଫାଣ୍ଡି ଅଧୀନସ୍ଥ ଗୁଆକୁଲିମୁଣ୍ଡିଆରେ ଜଣଙ୍କ ଘରେ ରହି କାମ କରୁଥିଲେ। ଗତ ମଙ୍ଗଳବାର ଦ୍ୱିପ୍ରହରରେ ବାପାଙ୍କ ପାଖକୁ ଯିବାକୁ ପୁଅ ସିପୁ ଜିଦ୍ ଧରିବା ସହ ରାଗିକରି ଘରୁ ପଳାଇଆସିଥିଲା। କିନ୍ତୁ ଏହାକୁ ହାଲ୍‌କା ଭାବେ ନେଇଥିଲେ ମାଳତି। ପୁଅ ନ ଫେରିବାରୁ ବହୁ ଖୋଜାଖୋଜି କରି ନିରାଶ ହେବାପରେ ମାଳତି ଗୋଡିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ। ଗୋଡିସାହି ଫାଣ୍ଡି ପୋଲିସ ଖୋଜିଥିଲେ ମଧ ସିପୁର ପତ୍ତା ପାଇପାରି ନ ଥିଲା। ଶନିବାର ସକାଳେ ଶିଖରଚଣ୍ଡୀ ନଗରରେ ସିପୁ ଥିବାର ମାଳତି ପାଖକୁ ଫୋନ ଆସିବାପରେ ମାଳତି ପୋଲିସକୁ ଜଣାଇଥିଲେ। ପରେ ପୋଲିସ ଇନ୍‌ଫୋସିସ୍ ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ନଗରରୁ ସିପୁକୁ ଉଦ୍ଧାର କରି ମାଳତିକୁ ହସ୍ତାନ୍ତର କରିଛନ୍ତି।

### ୬ ପାକିସ୍ତାନୀଙ୍କ ନାଁରେ ଚାର୍ଜଶିଟ୍

ନୂଆଦିଲ୍ଲୀ, ୧୯।୧୨: ଗୁଜରାଟରେ ୨୩୭ କିଗ୍ରା ନିଶା ସାମଗ୍ରୀ ଜବତ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୭ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ସେମାନଙ୍କ ମଧ୍ୟରେ ୬ ଜଣ ପାକିସ୍ତାନ ନାଗରିକ ଥିବାବେଳେ ଜଣେ ଭାରତୀୟ ବୋଲି ଜଣାପଡ଼ିଛି। ଅହମ୍ମଦାବାଦର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ଶୁକ୍ରବାର ଚାର୍ଜଶିଟ୍ ଦାଖଲ କରାଯାଇଛି। ୨୦୧୯ ମେ'ରେ ଗୁଜରାଟରେ ଜଖାଉ ବନ୍ଦର ନିକଟରୁ ଭାରତୀୟ ତଟରକ୍ଷା ବାହିନୀ ଏହି ନିଶା ସାମଗ୍ରୀ ଜବତ କରିଥିଲା।

### ଆମେରିକାରେ ପ୍ରତି ୫ କଏଦୀରୁ ଜଣେ ସଂକ୍ରମିତ

ୱାଶିଂଟନ, ୧୯।୧୨: ଆମେରିକା ଜେଲରେ ବନ୍ଦୀ ଥିବା ପ୍ରତି ୫ କଏଦୀଙ୍କ ମଧ୍ୟରୁ ଜଣେ କରୋନାରେ ସଂକ୍ରମିତ। ଏପରିକି ଅନେକ ରାଜ୍ୟରେ ମୋଟ କଏଦୀଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଏହି ଭୂତାଣୁ କବଳରେ ବୋଲି ଦି ଆସୋସିଏଟେଡ ପ୍ରେସ ଆଣ୍ଡ ଦି ମାର୍ସଲ ପ୍ରୋଜେକ୍ଟ ତଥ୍ୟରୁ ଏହା ସାମ୍ନାକୁ ଆସିଛି। ଗତ ୧୦ ମାସ ମଧ୍ୟରେ ଅତି କମ୍‌ରେ ୨ ଲକ୍ଷ ୭୫ ହଜାର କଏଦୀ କରୋନରେ ସଂକ୍ରମିତ ହୋଇଥିବାବେଳେ ୧୭ଶହରୁ ଅଧିକଙ୍କ ମୃତ୍ୟୁ ଘଟିଲାଣି। ସଂକ୍ରମଣ ମାତ୍ରା ମଧ ଦିନକୁ ଦିନ ବୃଦ୍ଧି ପାଉଥିବା ଏହି ଡାଟାରୁ ଜଣାପଡିଛି। ନ୍ୟୁୟର୍କ ରାଇକର୍ସ ଦ୍ୱୀପ ଜେଲ କମ୍ପ୍ଲେକ୍ସର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ହୋମର ଭେଣ୍ଟର୍ସ କହିଛନ୍ତି ଯେ, କୋର୍ଟଙ୍କ ନିର୍ଦ୍ଦେଶିତ ସମଗ୍ର ଦେଶରେ ଏକ ଡଜନରୁ ଅଧିକ ଜେଲ ଯାଞ୍ଚବେଳେ ଏହା ପଦାକୁ ଆସିଛି। ଅନେକ କଏଦୀଙ୍କ ପରୀକ୍ଷା କରାଯାଉ ନ ଥିବାରୁ କିମ୍ବା ସେମାନଙ୍କ ଯତ୍ନ ନିଆଯାଉ ନ ଥିବାରୁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି।

### ପାକିସ୍ତାନୀ ଟ୍ରୋଲ୍‌କୁ ଅଦନାନ୍‌ଙ୍କ ଜବାବ



ମୁମ୍ବାଇ, ୧୯।୧୨: ସୋସିଆଲ ମିଡିଆରେ ସବୁବେଳେ ସକ୍ରିୟ ରହୁଥିବା ବଲିଉଡ୍ ଗାୟକ ଅଦନାନ୍ ସାମି ଏବେ ଟ୍ରୋଲ୍‌ର ଜବାବ ଦେଇ ଚର୍ଚ୍ଚାରେ। ପାକିସ୍ତାନର ଜଣେ ନାଗରିକ ସାମିଙ୍କ ୨ ଦିନ ତଳର ଏକ ଟୁଇଟ୍‌ରେ କମେଣ୍ଟ କରି ଲେଖିଥିଲେ ଯେ, 'ଭଲପାଇବା ବାଣ୍ଟିବାକୁ ଚେଷ୍ଟା କର'। ଏହାର ଉତ୍ତର ଦେଇ ସାମି ଲେଖିଛନ୍ତି, 'ମୁଁ ସବୁବେଳେ ଭଲପାଇବା ବାଣ୍ଟେ। କ'ଣ ଆପଣ ମୋ ଗୀତ ଶୁଣି ନାହାନ୍ତି? ଏହା ବଦଳରେ ଆପଣ ମଧ ଶାନ୍ତି ପ୍ରସାର କରିବା ଉଚିତ୍, ଆତଙ୍କ ନୁହେଁ। କିଛି ବର୍ଷ ପୂର୍ବରୁ ଅଦନାନ୍ ଭାରତୀୟ ନାଗରିକତ୍ୱ ହାସଲ କରିଛନ୍ତି। ଏହାକୁ ନେଇ ଅନେକ ସମୟରେ ପାକିସ୍ତାନୀମାନେ ତାଙ୍କୁ ସମାଲୋଚନା କରୁଥିବା ଦେଖିବାକୁ ମିଳେ।

# ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ସମୀକ୍ଷା କଲେ ୫-ଟି ସଚିବ


୫-ଟି ସଚିବ ଭି.କେ. ପାଣ୍ଡିଆନ ପୁରୀ ଜିଲାପାଳ ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ପୁରୀ ଅଫିସ,୧୯।୧୨

୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଶନିବାର ଭୋରରୁ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଚାରିପଟେ ବୁଲିବା ସହ ଦର୍ଶନ ବ୍ୟବସ୍ଥା ଓ ହେରିଟେଜ୍ କରିଡର ସ୍ଥିତିର ସମୀକ୍ଷା କରିଛନ୍ତି। ବଡଦେଉଳ ଚତୁଃପାର୍ଶ୍ୱର ୭୫ ମିଟର ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ ପାଇଁ ଉଚ୍ଛେଦ ଓ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଥିବାବେଳେ ଏହା କେତେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେଉଛି ସେନେଇ ଜିଲାପାଳ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ୫-ଟି ସଚିବ ଆଲୋଚନା କରିଥିଲେ। ସେହିପରି କରୋନା ଯୋଗୁ ପ୍ରାୟ ୯ ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ଆସନ୍ତା ୨୩ ତାରିଖରୁ ଖୋଲିବାକୁ ଯାଉଛି। ଏଭଳି ସ୍ଥିତିରେ ଉଭୟ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଏସ୍‌ଓପି ଜାରି ସହ ବ୍ୟାପକ ବ୍ୟବସ୍ଥା ଲାଗି ପ୍ରସ୍ତୁତି ଚଳାଇଛି। କିଭଳି ବ୍ୟବସ୍ଥିତ ଭାବେ ଏସବୁର ପ୍ରସ୍ତୁତି ଚାଲିଛି ସେନେଇ ୫-ଟି ସଚିବ। ସମୀକ୍ଷା କରିଛନ୍ତି। ଲୋକନାଥ ମନ୍ଦିର ଦର୍ଶନ ବ୍ୟବସ୍ଥା ନେଇ ମଧ ସମୀକ୍ଷା କରାଯାଇଛି।

ଜମି ଅଧିଗ୍ରହଣ କାର୍ଯ୍ୟ ୩ ମାସ ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅକ୍ଟୋବରରେ ଶେଷ ପୁରୀ ଗସ୍ତ ସମୟରେ କହିଥିଲେ। ତେଣୁ ଜିଲା ପ୍ରଶାସନ କାର୍ଯ୍ୟକୁ ଦ୍ରୁତ ଗତିରେ ଚାଲୁ ରଖିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ୨ମାସ ବିତି ଯାଇଥିବା ବେଳେ ଆଉ ଏକ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ୫-ଟି ସଚିବ ଶନିବାର ଶ୍ରୀମନ୍ଦିରର ଚାରିପାଖ ବୁଲି ଜମି ଉଚ୍ଛେଦ କାର୍ଯ୍ୟର ସ୍ଥିତି ପରଖିଛନ୍ତି। ୭୫ ମିଟର ପର୍ଯ୍ୟନ୍ତ ଜମି ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ ଏହା ଭିତରେ ମନ୍ଦିର ଚତୁଃପାର୍ଶ୍ୱର ୨୦ ମିଟର ରାସ୍ତା ନିର୍ମାଣ (ଆଉଟର ରିଂ ରୋଡ୍) କାମକୁ ଏବେ ପ୍ରାଥମିକତା ଦିଆଯାଉଛି। ଶ୍ରୀମନ୍ଦିର ଖୋଲିଲେ ଗହଳି ଜୋରସୋରରେ ହେବ। ଏଣୁ ଏହା ପୂର୍ବରୁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ କରିବାକୁ ପଡ଼ିବ ବୋଲି ୫-ଟି ସଚିବ କହିଛନ୍ତି। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ୭୫ ମିଟର ପରିସୀମା ମଧ୍ୟରେ ଆସୁଥିବା ଏହି ରାସ୍ତାକୁ ସାଧାରଣ ଲୋକଙ୍କ ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ରୂପେ ଖୋଲା ଛାଡ଼ିବାର ଆବଶ୍ୟକତା ରହିଛି। ତେଣୁ ପ୍ରାଥମିକତା ଦୃଷ୍ଟିକୋଣରୁ ପ୍ରଥମେ ଏହି ରାସ୍ତାକୁ ଚଉଡ଼ା କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିଭଳି ମନ୍ଦିର ଚାରିପାଖକୁ ସଫାସୁତୁରା କରିବା ଉପରେ ମଧ ଧ୍ୟାନ ଦିଆଯାଇଛି। ସାଧାରଣ ଦର୍ଶନ ପୂର୍ବରୁ ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନ କାର୍ଯ୍ୟ କିଭଳି ଚାଲିଛି ସେନେଇ ଜିଲା ପ୍ରଶାସନ ପକ୍ଷରୁ ୫-ଟି ସଚିବଙ୍କୁ ସବିଶେଷ ତଥ୍ୟ ଦିଆଯାଇଥିଲା। ଏହି ଅବସରରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ପୁରୀ ଜିଲାପାଳ ବଲୱନ୍ତ ସିଂ ଏବଂ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁରେ ପଡ଼ି ଯୁବତୀ ଗୁରୁତର

**ମୋବାଇଲ ସାଜିଲା ବିପଦ**


ଗୁରୁତର ସୁମିତ୍ରା

ପଦ୍ମପୁର,୧୯।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ନୂଆଗଡ଼ ପଞ୍ଚାୟତର ପାଙ୍ଗୁଡ଼ା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୀତ ପ୍ରକୋପରୁ ରକ୍ଷା ପାଇଁ କେତେଜଣ ଗ୍ରାମବାସୀ ନିଆଁଳଗାଇ ବସିଥିଲେ। ଏହି ସମୟରେ ଗାଁର ନବୀନ ଶବରଙ୍କ ଝିଅ ସୁମିତ୍ରା(୨୨) ନିଆଁ ପୁଇଁବାକୁ ଯାଇଥିଲେ। ହେଲେ ସେ ମୋବାଇଲରେ କଥା ହୋଇ ସେଠାରେ ଠିଆ ହୋଇଥିବା ସମୟରେ ଅନ୍ୟ ମନସ୍କରେ ପଛପଟେ ଲାଗିଥିବା ନିଆଁରେ ପଡ଼ିଯାଇଥିଲେ। ନିକଟରେ ଥିବା ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପଦ୍ମପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁଣପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୫୫ ପ୍ରତିଶତ ପୋଡ଼ିଯାଇଥିବା ଜଣାପଡ଼ିଛି।

## ସିଟିସି ସମ୍ପ୍ରସାରଣ କେନ୍ଦ୍ର ଉଦ୍‌ଘାଟିତ

**ଏହା ବିକାଶର ମାର୍ଗ ହେବ: ପ୍ରତାପ ଷଡ଼ଙ୍ଗୀ**




ବ୍ରହ୍ମପୁର ଅଫିସ/ଆର୍.ଉଦୟଗିରି/ଦିଗପହଣ୍ଡି,୧୯।୧୨

ବ୍ରହ୍ମପୁର ଅଲକାପୁରୀରେ ଶନିବାର ସେଣ୍ଟ୍ରାଲ ଟୁଲ୍‌ସ ଟ୍ରେନିଂ ସେଣ୍ଟର (ସିଟିସି)ର ତୃତୀୟ ସମ୍ପ୍ରସାରଣ କେନ୍ଦ୍ରକୁ କେନ୍ଦ୍ର ପଶୁପାଳନ,ଦୁଗ୍ଧ ଏବଂ ମତ୍ସ୍ୟ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହା ବିକାଶର ମାର୍ଗ ହେବା ସହିତ ଆତ୍ମନିର୍ଭର ଭାରତର ମୁକସାକ୍ଷୀ ହେବ। ଏଠାରୁ ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ କିପରି ଉପଯୁକ୍ତ କର୍ମସଂସ୍ଥାନ ମିଳିପାରିବ ସେ ଉପରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ଷଡଙ୍ଗୀ କହିଥିଲେ। ୨୦କୋଟିରେ ନିର୍ମିତ ଏହି କେନ୍ଦ୍ର ଦ୍ୱାରା ପିଲାମାନଙ୍କର ଗୁଣାତ୍ମକ ଜ୍ଞାନର ବିକାଶ ହେବା ସହ ସେମାନେ ନିଜକୁ କିଭଳି ଭାବେ ସୁପ୍ରତିଷ୍ଠିତ କରିପାରିବେ ସେ ବିଷୟରେ ପ୍ରଶିକ୍ଷଣ ଦିଆଯିବ ବୋଲି ସ୍ୱାଗତ ଭାଷଣରେ ବରିଷ୍ଠ ପରିଚାଳକ ଡ.ଏସ୍.କେ. କର କହିଥିଲେ।

ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ସର୍କିଟ ହାଉସ୍‌ରେ ଗଞ୍ଜାମ ଜିଲା ଭାଜପା କର୍ମକର୍ତ୍ତାଙ୍କୁ ଭେଟି ଦଳକୁ କିପରି ସୁସଙ୍ଗଠିତ କରିହେବ ସେ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏସ୍.କେ. ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ସରକାରୀ ଆଇଟିଆଇ ପରିସରରେ ଥିବା ସ୍କ୍ରାପ୍ ପାର୍କ ବୁଲ ଦେଖିଥିଲେ।

ସେହିପରି ଆର୍.ଉଦୟଗିରି ବ୍ଲକ ଲୁବ୍ରୁସିଂ ଗ୍ରାମରେ ଥିବା ତାଳଗୁଡ଼ କାର୍ଯ୍ୟାଳୟ ପରିଦର୍ଶନ କରି ଗୁଡ ପ୍ରସ୍ତୁତ କରୁଥିବା କେତେଜଣଙ୍କୁ କିଟ୍ ବଣ୍ଟନ କରିଥିଲେ। ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ତାଳଗୁଡ ପ୍ରକଳ୍ପ ପାଇଁ କିଛି ଟଙ୍କା ପ୍ରଦାନ କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ରଇତଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇ ନଥିବାରୁ ସେ ମନ୍ତ୍ରୀଙ୍କୁ ଭେଟି କ୍ଷୋଭ ପ୍ରକାଶ କରିଥିଲେ। ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଅନିତାରାଣୀ ବେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ୟାମ୍‌ରୁ ମିଳିଲା ଛୁଆହାତୀ ମୃତଦେହ

କଣ୍ଟାବାଞ୍ଜି, ୧୯।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଉପକଣ୍ଠ ଡୁମେରଚୁଆଁ ଏମଆଇ(କ୍ଷୁଦ୍ର ଜଳସେଚନ) ଡ୍ୟାମରୁ ଶନିବାର ମିଳିଛି ଏକ ଛୁଆ ହାତୀର ମୃତଦେହ। ଏହାର ବୟସ ୬ମାସରୁ ଏକବର୍ଷ ମଧ୍ୟରେ ହେବ। ବନ ବିଭାଗ ଟିମ୍ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲା। କଣ୍ଟାବାଞ୍ଜି ପ୍ରାଣୀଧନ ଚିକିତ୍ସକ ସିଦ୍ଧାର୍ଥ କୁମାର ସେଠ୍ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଥିଲା। ଏହି ସମୟରେ ଫରେଷ୍ଟ ରେଞ୍ଜ ଅଧିକାରୀ ଶ୍ରଦ୍ଧାଦେବ ବଡମାଲି, ଡେପୁଟି ରେଞ୍ଜର ସାଧୁ ଚରଣ ପ୍ରଧାନ, ଫରେଷ୍ଟର ଘନଶ୍ୟାମ ପଶାୟତଙ୍କ ସହ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ଥାନା ଅଧିକାରୀ ସତ୍ୟଜିତ କନ୍ଦନକେଲ, ଏସଆଇ ହୀରା ଖାଲକୋ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ଏକ ମାମଲା (ନଂ.୨୦/୨୦) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ରାତିରେ ଖଗସା ଓ ହିଆଲ ପଞ୍ଚାୟତ ଅଞ୍ଚଳରେ ୨୯ ଟିକିଆ ହାତୀପଲ ପଶି ଆସି କ୍ଷେତରେ ଥିବା ଧାନ, ହରଡ, କୋଳଥ, ବିରି, ଆଖୁ କିଆରିରେ ପଶି ଖାଇବା ସହ ଦଳି ଚକଟି ନଷ୍ଟ କରିଥିଲେ। ଖବର ପାଇ ବନ ବିଭାଗ ଉକ୍ତ ହାତୀପଲକୁ ରାତିରେ ବାଣ, ବାଦ୍ୟ ବଜାଇ ଘଉଡାଇଥିଲେ। ଫଳରେ ହାତୀପଲ ଡୁମରଚୁଆଁ ଡ୍ୟାମ ଆଡକୁ ଚାଲି ଯାଇଥିଲେ। ହରଡ କିଆରିରେ ପଶି ଖାଇବା ସହ ନିକଟରେ ଥିବା ଡ୍ୟାମ୍‌କୁ ପାଣି ପିଇବାକୁ ଯାଇଥିବା ବେଳେ ଛୁଆହାତୀଟି କାଦୁଅରୁ ବାହାରି ନ ପାରି ମରି ଯାଇଥିବା ଅନୁମାନ କରାଯାଉଛି।


ଡ୍ୟାମ୍‌ରେ ମରି ପଡ଼ିଥିବା ଛୁଆହାତୀ

## ଜୁଆ ଆଡ୍ଡାରେ ଚଢ଼ାଉ: ୧୨ ଗିରଫ

ରାଉରକେଲା ଅଫିସ, ୧୯।୧୨

ଷ୍ଟିଲ ସିଟିରେ ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜୁଆ ଆଡ୍ଡାରୁ ପୋଲିସ ନଗଦ ୧୨ଲକ୍ଷ ୨୭ ହଜାର ୫ଶହ ଟଙ୍କା, ୭ମୁଠା ତାସପତି, କାର, ବାଇକ୍ ଆଦି ଜବତ କରିଛି।

ସହରର ଗୁରୁଦ୍ୱାର ରୋଡଠାରେ ଥିବା ଏକ ହୋଟେଲରେ ବଡ଼ଧରଣର ଜୁଆଖେଳ ଚାଲିଥିବା ଖବର ପାଇ ପ୍ଲାଣ୍ଟସାଇଟ ଥାନା ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୧୨ଜଣଙ୍କୁ ଗିରଫ କରିଥିଲା। ଏମାନେ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ବି-ଟେକ୍ ଛାତ୍ର ଶୁଭକାନ୍ତ ବେହେରା(୩୦), କଟେରି ରୋଡ ବାସିନ୍ଦା ସରୋଜ ଅଗ୍ରୱାଲ(୩୬), ସିଭିଲ ଟାଉନଶିପର ରାଜୁ ଅଗ୍ରୱାଲ(୩୮), ବୀରମିତ୍ରପୁର ଅଞ୍ଚଳର ପିଟର ଖେସ(୪୯), କାଂଶବାହାଲ ଅଞ୍ଚଳର ଲଖନ ମିଞ୍ଜ(୪୦), ପାୱାର ହାଉସ ରୋଡ ବାସିନ୍ଦା ଦିନେଶ ଜୟସ୍ୱାଲ (୩୮), ଡେଲି ମାର୍କେଟ ବାସିନ୍ଦା ପରବେଶ ସାହୁ (୩୮), ସିଭିଲ ଟାଉନଶିପର ସୁଧୀର କେଡିଆ(୫୨), ଦେଓଗାଁ ଅଞ୍ଚଳର ଶଙ୍କରଲାଲା ସାହୁ (୫୧), ବନ୍ଧମୁଣ୍ଡାର ଧର୍ମେନ୍ଦ୍ର ଶର୍ମା (୨୮), ପ୍ଲାଣ୍ଟସାଇଟ ଜନତା ନିବାସ ଗଳିର ନାଗରମଲ ଅଗ୍ରୱାଲ (୬୦) ଓ ଡେଲି ମାର୍କେଟ ବାସିନ୍ଦା ବିଜୟ ବେହେରା(୪୧)। ପୋଲିସ ଏକ ମାମଲା (ନଂ.୪୨୭/୨୦୨୦) ରୁଜୁ କରିଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ଡିଏସ୍‌ପି ଅସୀମ ପଣ୍ଡା ସୂଚନା ଦେଇଛନ୍ତି।

# ଗଡୁଛି ଶତାଧିକ ସେଟଲମେଣ୍ଟ ରିଭିଜନ ପିଟିଶନ

ବୈପାରିଗୁଡା,୧୯।୧୨ (ଡି.ଏନ୍.ଏ.)

- ଜମି ପଟ୍ଟା ନ ପାଇ ଲୋକେ ହଇରାଣ
- ଜାଗା କିଣି ମଧ କରିପାରୁ ନାହାନ୍ତି ଘର

କୋରାପୁଟସ୍ଥିତ ଲ୍ୟାଣ୍ଡ କମିଶନଙ୍କ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ସେଟଲମେଣ୍ଟ ରିଭିଜନ ପିଟିଶନ୍ (ଏସ୍‌ଆର୍‌ପି) ଫାଇଲ୍ ପଡିରହିଛି। ଏଗୁଡିକର ଫଇସଲା ହୋଇପାରୁ ନ ଥିବାରୁ ସାଧାରଣ ଲୋକେ ଜମି ପଟ୍ଟା ପାଇବାରେ ସମସ୍ୟା ହେଉଛି। ସେମାନେ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ନିରାଶ ହେଉଛନ୍ତି।

ଖବର ନେବାରୁ ଜଣାପଡିଛି ୨୦୦୩ରେ ଜମିବାଡି ବନ୍ଦୋବସ୍ତକୁ ନେଇ ଚୂଡାନ୍ତ ନୋଟିଫିକେସନ୍ ପରେ ଲୋକଙ୍କୁ ସେଟଲ୍‌ମେଣ୍ଟ ପଟ୍ଟା ପ୍ରଦାନ କରାଯାଇଥିଲା। ତେବେ ବ୍ଲକର ବୈପାରିଗୁଡା,ଗାଗୁଡା,ବାଲିଗାଁ ଆଦି କେତେକ ମୌଜା ପରିସୀମାକୁ ନେଇ ବିବାଦ ଉପଜିବାରୁ ସେସବୁ ଜାଗାରେ ସେଟଲମେଣ୍ଟ ପଟ୍ଟା ପ୍ରଦାନ କରାଯାଇ ନ ଥିଲା। ପୂର୍ବ ପଟ୍ଟାକୁ ନେଇ ଜମିବାଡି କିଣାବିକା ଜାରି ରହିଛି। ଅନେକ ପୁରୁଣା ଜମି ପଟ୍ଟାକୁ ଆଧାରରେ ରେଜିଷ୍ଟ୍ରେଶନ୍ ଡକୁମେଣ୍ଟକୁ ନେଇ ତହସିଲରେ ମ୍ୟୁଟେସନ କରି ନୂଆପଟ୍ଟା ପାଇଥିଲେ। ତେବେ ଦୀର୍ଘ ବର୍ଷ ପରେ ୨୦୧୩ରେ ସେଟଲମେଣ୍ଟ ବିଭାଗ ଉପରୋକ୍ତ ୩ ମୌଜାରେ ଲୋକଙ୍କୁ ନୂଆ ପଟ୍ଟା ଦେଇଥିଲା। ପୁରୁଣା ପଟ୍ଟାରେ ଥିବା ଖାତା ନଂ. ଓ ପ୍ଲଟ ନଂ. ବଦଳିଯାଇଥିଲା। ଫଳରେ ପୂର୍ବରୁ ତହସିଲରୁ ମିଳିଥିବା ଜମିପଟ୍ଟା ଲୋକେ ଖଜଣା ପୈଠ କରିଥିଲେ ସୁଦ୍ଧା ତାହା ଅକାମୀ ହୋଇଗଲା। ତେବେ ଏହି ସମୟ ମଧ୍ୟରେ ଜମି ବିକ୍ରି କରିଥିବା ଜମିମାଲିକଙ୍କ ନାମରେ ସେଟଲମେଣ୍ଟ ପଟ୍ଟା ଆସିଥିବାରୁ ସେମାନଙ୍କ ଠାରୁ ଜମି କିଣଥିବା ଲୋକଙ୍କ ପାଇଁ ସମସ୍ୟା ଦେଖାଯାଇଛି। ନିୟମ ଅନୁସାରେ ପଟ୍ଟା ସଂଶୋଧନ କ୍ଷମତା ତହସିଲଦାରଙ୍କର ନାହିଁ। ଲ୍ୟାଣ୍ଡ କମିଶନ ହିଁ ତାହା କରିପାରିବେ। ସେତେବେଳେ ଲ୍ୟାଣ୍ଡ କମିଶନରଙ୍କ କାର୍ଯ୍ୟାଳୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ବ୍ରହ୍ମପରରେ ଥିବାରୁ ଲୋକେ ଖର୍ଚ୍ଚାନ୍ତ ହୋଇ ସେଠାରେ ଏସ୍‌ଆରପି ଦାଖଲ କରିଥିଲେ। ଦୀର୍ଘ ବର୍ଷ ପର୍ଯ୍ୟନ୍ତ କୌଣସି ପିଟିଶନ ଫଇସଲା ନ ହେବାରୁ ସେଠାରେ ପିଟିଶନ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଲା। ପରବର୍ତ୍ତୀ ସମୟରେ ଏହାକୁ କୋରାପୁଟ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ଲ୍ୟାଣ୍ଡ କମିଶନର ପଦବୀରେ କାହାକୁ ନିଯୁକ୍ତି ମିଳିଲା ନାହିଁ। ଏବେ ଫେବୃୟାରୀରେ ଜିଲାପାଳଙ୍କୁ ଏହି କ୍ଷମତା ପ୍ରଦାନ କରାଯାଇଛି। ଗୋଟିଏ ପଟେ କରୋନା କଟକଣା ଅନ୍ୟପଟେ ଜିଲାପାଳଙ୍କ ଗୁରୁଦାୟିତ୍ୱ କାରଣରୁ କମିଶନରଙ୍କ କୋର୍ଟ ନିୟମିତ ହୋଇପାରୁନାହିଁ। ବୈପାରିଗୁଡା ବ୍ଲକର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଏବଂ କୋରାପୁଟ ଜିଲାର ପ୍ରାୟ ୩ ଶହର ଊର୍ଦ୍ଧ୍ୱ ଏସ୍‌ଆରପିର ଫଇସଲା ନ ହୋଇ ପଡିରହିଛି। ତେବେ ଜମି ପଟ୍ଟା ନ ମିଳିବା କାରଣରୁ ଜାଗା କିଣି ମଧ ଜାଗା ମାଲିକମାନେ ଜାଗା ଉପରେ ସେମାନଙ୍କ ମାଲିକାନା ଜାହିର କରିପାରିନାହାନ୍ତି। ନିଜ ନାମରେ ପଟ୍ଟା କରିବାକୁ ହେଲେ ପୁରୁଣା ଜମି ମାଲିକଙ୍କ ସହମତିରେ ପୁଣି ଥରେ ନୂଆପଟ୍ଟାକୁ ଆଧାର କରି ଚଢା ଦର୍‌ରେ ରେଜିଷ୍ଟ୍ରେଶନ କରିବାକୁ ହେଉଛି। ଏଥିରେ ମଧ ଅନେକ ସମସ୍ୟା ରହିଛି। ଯେଉଁ ପୁରୁଣା ଜମିମାଲିକଙ୍କ ନାମରେ ପଟ୍ଟା ଆସିଛି ସେମାନଙ୍କ ମଧ୍ୟରୁ ଅନେକ ଜାଗା ବିକି ଅନ୍ୟତ୍ର ଚାଲି ଯାଇଛନ୍ତି। କେତେକ ଜଣ ମଧ ମୃତ୍ୟୁବରଣ କରିସାରିଲେଣି। ଅନେକ ପୁରୁଣା ଜମି ମାଲିକ ସୁଯୋଗର ହାତଛଡା ନ କରି ପୁଣି ଥରେ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ପଟ୍ଟା ମିଳି ନ ଥିବାରୁ ଲୋକେ ଜାଗା ବିକି ପାରିନାହାନ୍ତି କିମ୍ବା ଘର ନିର୍ମାଣ ପାଇଁ ବ୍ୟାଙ୍କ ଲୋନ କରିପାରୁନାହାନ୍ତି। ବୈପାରିଗୁଡା ବଜାରରେ ଏକ ଠେଲା ଗାଡିରେ ଚାଟ ଦୋକାନ କରି ପରିବାର ଚଳାଉଥିବା ରାଜ ସିଂ ୨ ବର୍ଷ ତଳେ ଲ୍ୟାଣ୍ଡ କମିଶନରଙ୍କ କାର୍ଯ୍ୟାଳୟରେ ପିଟଶନ ଫାଇଲ୍ କରି ଏପର୍ଯ୍ୟନ୍ତ ଧାଉଁଛନ୍ତି। ପଟ୍ଟା ନ ଥିବାରୁ ନିଜ ଜାଗାରେ ଘର କରି ନ ପାରି ଭଡା ଘରେ ଅଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ମତାମତ ପାଇଁ ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ କମିଶନରଙ୍କ କାର୍ଯ୍ୟାଳୟର ଜଣେ ଜଣେ କର୍ମଚାରୀଙ୍କୁ ପଚାରିବାରୁ ନୂଆବର୍ଷ ପରଠାରୁ ଏହି କାର୍ଯ୍ୟ ତ୍ୱରାନିତ ହେବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ରବିବାର, ୨୦ ଡିସେମ୍ବର, ୨୦୨୦

> ବସ୍ତୁତଃ ଚାରିଆଡ଼େ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି– ସେତେବେଳେ ଦରକାର ହେଉଛି– ବିଶ୍ୱସ୍ତ ହେବା ଏବଂ ଝଡ଼ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା। –ଶ୍ରୀମା



# ଆଇନ କାହା ପାଇଁ



ଆକାର ପଟେଲ

ଇଣ୍ଟରଫେଥ୍ (ଆନ୍ତଃଧର୍ମ)ବିବାହ ଉପରେ ଆଇନତଃ ପ୍ରତିବନ୍ଧକ ଲଗାଇବାରେ ଉତ୍ତରପ୍ରଦେଶର ଆଇନ ଏବକାର ଭାରତୀୟ ଲିଗାଲ ସିଷ୍ଟମର ପ୍ରବର୍ତ୍ତନଶୀଳ ବିଶେଷତାକୁ ସାମ୍ନାକୁ ଆଣିଛି। ବର୍ଡନ ଅଫ୍ ପ୍ରୁଫ୍ ବା ପ୍ରମାଣ କରିବାର ବୋଝ ସରକାରରୁ ଅଭିଯୁକ୍ତ ପାଖକୁ ଶିଫ୍ଟ କରିବାର ଏହା ଏକ ପ୍ରମାଣ। ଏହି ବୋଝ ବା ଦାୟିତ୍ୱ ଅଭିଯୁକ୍ତର ମୁଣ୍ଡ ଉପରେ ରହିବ ଏବଂ ଆଇନ ଅଧୀନରେ ସରକାରଙ୍କ ନିକଟରେ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ହେବ। କୌଣସି ସଭ୍ୟ ଦେଶ ତା'ନ୍ୟାୟିକ ବ୍ୟବସ୍ଥାକୁ ଏଭଳି ଢଙ୍ଗରେ ଚଳାଏ ନାହିଁ। ଯେତେବେଳେ ପ୍ରମାଣ କରିବାର ଦାୟିତ୍ୱ ବିପରୀତ ହୋଇଯିବ ଓ ସରକାର କୌଣସି ଅଭିଯୋଗ ଆଣିବେ ସେଠି ବ୍ୟକ୍ତିଙ୍କୁ ନିର୍ଦ୍ଦୋଶ ପ୍ରମାଣ କରିବା ଦାୟିତ୍ୱ ତାଙ୍କ ନିଜ ଉପରେ ରହିବ। ଯଦି ସେମାନେ ନିଜକୁ ନିର୍ଦ୍ଦୋଶ ପ୍ରମାଣ କରି ପାରିବେ ନାହିଁ ତେବେ ସେମାନଙ୍କୁ ଜାମିନ ମିଳେନି ଓ ସେମାନଙ୍କ ବିରୋଧରେ ମକଦ୍ଦମା ଚାଲେ। ଉତ୍ତରପ୍ରଦେଶ ପ୍ରୋହିବିଶନ ଅଫ୍ ଅନ୍‌ଲଫୁଲ କନ୍‌ଭର୍ସନ ଅଫ୍ ରିଲିଜିଓନ ଅର୍ଡିନାନ୍ସ, ୨୦୨୦ ବା ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ପରିବର୍ତ୍ତନ ପ୍ରତିଶେଧ ଅଧ୍ୟାଦେଶ, ୨୦୨୦, ବିବାହ ପରେ ଧର୍ମ ପରିବର୍ତ୍ତନ କରିଥିବା ଜଣେ ବୟସ୍କା ମହିଳାଙ୍କ ବୟାନ ପ୍ରମାଣ ଭାବେ ଗ୍ରହଣ କରିବ ନାହିଁ। କୌଣସି ଅପରାଧ ହୋଇନାହିଁ ବୋଲି ଏହା ଗ୍ରହଣ କରିବ। ଏହା କେବଳ ସେହି ମହିଳା ବିବାହ କରିଥିବା ପରିବାରର ପୁରୁଷ ସଦସ୍ୟ ମହିଳାଙ୍କ ଧର୍ମ ପରିବର୍ତ୍ତନର ଉଦ୍ଦେଶ୍ୟ କ'ଣ ଥିଲା ତାହା ବର୍ଣ୍ଣନା କରିବାକୁ ପଡିବ( ଧାରା ୧୨)। ଯଦି ଏହି ସ୍ପଷ୍ଟୀକରଣରେ ପୋଲିସ କିମ୍ବା ପ୍ରଶାସନ ସନ୍ତୁଷ୍ଟ ନ ହୁଅନ୍ତି ତେବେ ତାଙ୍କ ବିରୋଧରେ ଅଭିଯୋଗ ବଳବତ୍ତର ରହିବ ଓ ନ୍ୟାୟିକ ବିଚାର ଚାଲିବ। ଏଥିରୁ ସମ୍ଭାବ୍ୟ ଦୁର୍ନୀତି ଓ ଉତ୍ପୀଡନ କଥା ଚିନ୍ତା କରାଯାଇପାରେ।

ଆସାମରେ ଜାତୀୟ ନାଗରିକତ୍ୱ ପଞ୍ଜିକା (ଏନ୍‌ଆର୍‌ସି) କ୍ଷେତ୍ରରେ ପ୍ରମାଣ କରିବାର ଦାୟିତ୍ୱ ବା ଭାର ଓଲଟିଯାଇଥିଲା। ନାଗରିକ ସମ୍ବନ୍ଧିତ କାଗଜପତ୍ର ନ ଥିବା ପ୍ରବାସୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଦେଶାନ୍ତର କରିବା ଦାୟିତ୍ୱ ପୋଲିସ କି ପ୍ରଶାସନ ଉପରେ ନ ଥିଲା। ଏହା ସେହି ଲୋକମାନଙ୍କର ଦାୟିତ୍ୱ ଥିଲା। ସେମାନଙ୍କର ପଜିଟିଭ ସିଟିଜେନ ତାଲିକାରେ ନାମ ନ ଥିଲେ ସେମାନଙ୍କୁ କାଗଜପତ୍ର ଧରି ଲାଇନ୍‌ରେ ଠିଆ ହୋଇ ସେମାନଙ୍କ ପୂର୍ବପୁରୁଷ ସେଠାରେ ରହିଥିଲେ ବୋଲି ପ୍ରମାଣ କରିବାକୁ ପଡିଥିଲା। କିମ୍ବା ଅନ୍ୟ ସରକାରଙ୍କଠାରୁ ପାଇଥିବା କାଗଜପତ୍ର ଦେଖାଇଥିଲେ। ଯଦି ନାମରେ ତ୍ରୁଟି,ମଧ୍ୟ ନାମ ନ ଥିବ କିମ୍ବା ବିବାହ ଯୋଗୁ ସାଙ୍ଗିଆ ପରିବର୍ତ୍ତନ ହୋଇଥିବ ତେବେ ଏହି ସବୁ କାରଣକୁ ଆଧାର କରି ସେମାନଙ୍କୁ ନାଗରିକତ୍ୱ ଏବଂ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଇଥିଲା। ଏହାର ଦୁର୍ନୀତି ଓ ଉତ୍ପୀଡନର ସବୁ ରେକର୍ଡ ହୋଇଥିଲା, କିନ୍ତୁ ଯାହା ଆଶା କରାଯାଉଥିଲା ସେଭଳି ଏହା ଦୃଷ୍ଟି ଆକର୍ଷଣ କରିପାରିଲା ନାହିଁ। ଭାଜପା ସରକାର କଙ୍ଗାରୁ କୋର୍ଟରେ ଠିକା କର୍ମଚାରୀମାନଙ୍କୁ 'ଜଜ୍' ଭାବେ ଦୁଇ ବର୍ଷ ଲାଗି ନିଯୁକ୍ତ କଲା ଓ ଲୋକମାନେ ସେମାନଙ୍କ କାଗଜପତ୍ର ସେଠାରେ ଉପସ୍ଥାପନ କଲେ। ଯେଉଁ ଜଜ୍‌ମାନେ ଅଧିକ ଲୋକଙ୍କୁ ବିଦେଶୀ ଭାବେ ଚିହ୍ନଟ କଲେ ସେମାନଙ୍କ ଠିକା ନିଯୁକ୍ତିକୁ ବଢାଇଦିଆଗଲା। ସରକାର ଏହା ଗୁଆହାଟୀ ଉଚ୍ଚନ୍ୟାୟାଳରେ ସତ୍ୟପାଠ ଜରିଆରେ ପ୍ରକାଶ କରିଥିଲେ, ଯାହା ଆମକୁ ଏ ବିଷୟରେ ଜଣାପଡିଲା। ଯେଉଁମାନଙ୍କ ଚୁକ୍ତି ବଢାଯାଇ ନ ଥିଲା ସେମାନେ କୋର୍ଟର ଦ୍ୱାରସ୍ଥ ହେଲେ ଓ ସେମାନଙ୍କ କାର୍ଯ୍ୟର କୌଣସି ମୂଲ୍ୟାଙ୍କନ ନ କରି ସେମାନଙ୍କୁ ତଡି ଦିଆଗଲା ବୋଲି ପ୍ରକାଶ କଲେ। ସରକାର ଏମାନଙ୍କର ପ୍ରଦର୍ଶନର ମୂଲ୍ୟାଙ୍କନ ରେକର୍ଡ ଦାଖଲ କରି କୋର୍ଟରେ ବିରୋଧ କଲେ। କେବଳ ଯେଉଁମାନେ ଅଧିକ ସଂଖ୍ୟକ ବିଦେଶୀଙ୍କୁ ଚିହ୍ନଟ କରିପାରି ନ ଥିଲେ ସେମାନଙ୍କୁ ବିଦା କରିଦିଆଗଲା।

ଗତବର୍ଷ ଏହି ସରକାର ପାସ୍ କରିଥିବା ୟୁଏପିଏ ଆଇନର ସଂଶୋଧନ ସମ୍ପର୍କରେ ପାଠକେ ଅବଗତ ଥିବେ। କିଛି ବିଚାର ନ କରି କୌଣସି ନାଗରିକ ବା ସମାଜସେବୀଙ୍କୁ ଟେରରିଷ୍ଟ ମୋହର ଲଗାଇବା ଲାଗି ସରକାରଙ୍କୁ ଏହା ଅଖଣ୍ଡ କ୍ଷମତା ଦେଇଛି। ଥରେ ସରକାର ତୁମଠାରେ ଟେରରିଷ୍ଟ ମୋହର ଲଗାଇଦେଲେ ତୁମକୁ ୟୁଏପିଏରେ ନିର୍ଦ୍ଦୋଶ ପ୍ରମାଣ କରିବା କିମ୍ବା ଜାମିନ ପାଇବାର ଆବଶ୍ୟକ ପଡିବ। ଏହି କାରଣରୁ ସୁଧା ଭରଦ୍ୱାଜ,ଷ୍ଟାନ ସ୍ୱାମୀ, ବାର୍‌ବରା ରାଓ,ଉମର ଖଲିଦ ଏବଂ ଭେର୍ନନ୍ ଗନସାଲଭେଜ୍‌ଙ୍କୁ ବିନା ଦୋଷରେ ବହୁ ବର୍ଷ ଜେଲରେ ରହିବାକୁ ହେବ। ତାଙ୍କୁ ହିଁ ନିର୍ଦ୍ଦୋଶ ପ୍ରମାଣ କରିବାକୁ ହେବ। ଅପର ପକ୍ଷରେ ସେମାନଙ୍କ ବେଲ୍‌କୁ କୋର୍ଟରେ ସରକାର ବିରୋଧ କରୁଛନ୍ତି।

ଗୁଜରାଟ ଆନିମଲ ପ୍ରିଭେନଶନ (ଆମେଣ୍ଡମେଣ୍ଟ) ଆକ୍ଟ,୨୦୧୭ରେ ଗୋହତ୍ୟାକାରୀକୁ ଆଜୀବନ ଜେଲ ଦଣ୍ଡ ଦେବାର ପ୍ରାବଧାନ ରହିଛି। ଏହି ଆଇନ ବଳରେ ଜଣେ ଲୋକଙ୍କୁ ତାଙ୍କ ଝିଅ ବାହାଘରରେ ଗୋମାଂସ ପରଷିବା ଅଭିଯୋଗରେ ୨୦୧୮ରେ ଦୋଷୀ କରାଯାଇଥିଲା। ବିଚାର ସମୟରେ ସେ ବାହାଘରରେ ମଟନ ବିରିୟାନୀ ପରଷିଥିବା ଜଣାଇଥିଲେ। ବିଚାରପତି ଏହାକୁ ଗ୍ରହଣ କରି ନ ଥିଲେ ଏବଂ ମାସେ ତଳେ ଖାଇଥିବା ମାଂସ ଗୋମାଂସ ନ ଥିଲା ବୋଲି ପ୍ରମାଣ କରିବାକୁ କହିଥିଲେ। ଯେତେବେଳେ ସେ ତାହା କରି ପାରିଲେନି ସେତେବେଳେ ତାଙ୍କୁ ଦୋଷୀ କରାଯାଇଥିଲା। ଅବଶ୍ୟ ସେ ଜଣକ ଥିଲେ ମୁସଲମାନ। ଏଣୁ ଏଥିରୁ ସହଜରେ ସବୁକିଛି ବୁଝି ହେଉଛି। ଭାରତରେ ଏଭଳି ଏକ ଆଇନ ଏକ ଗୋଷ୍ଠୀକୁ ନିର୍ଯାତନା ଦେଉଛି। ଭାରତରେ ପୋଲିସ, ଜଜ୍ ଏବଂ ପ୍ରଶାସକମାନେ ସରକାରଙ୍କ ଖେଳନା ପାଲଟିଛନ୍ତି। ସେମାନେ ରାଜନୈତିକ ନେତାମାନଙ୍କ କଥା ଶୁଣୁଛନ୍ତି, ମାନିବାକୁ ବି ବାଧ୍ୟ। ଯେଉଁମାନେ ରାଜନୈତିକ ବ୍ୟକ୍ତିଙ୍କ କଥାରେ ନ ରହିବେ ସେମାନଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏମିତି ଏକ ଘଟଣା ଗୁଜରାଟରେ ହିଂସା ଘଟାଉଥିବା ଲୋକମାନଙ୍କୁ ବିରୋଧ କରିଥିବା ଆଇପିଏସ ଅଧିକାରୀମାନଙ୍କ କ୍ଷେତ୍ରରେ ଘଟିଥିବା ଆମେ ଦେଖିଛେ। ଗୋ, ଲଭ୍ ଜିହାଦ,ବିରୋଧ ଏବଂ ନାଗରିକତ୍ୱ ଉପରେ ରିଭର୍ଶାଲ ଅଫ ବର୍ଡନ ଅଫ୍ ପ୍ରୁଫ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉଦ୍ଦେଶ୍ୟରେ ରହିଛି। ଏହା ଆମକୁ ଓ ବିଶ୍ୱକୁ ଆମମାନଙ୍କ ସମ୍ପର୍କରେ ଅନେକ କିଛି ସୂଚାଇ ଦେଉଛି।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | 7 | 2 | | 0 | | | | | 5 | | | | |
| | | | | 4 | 1 | | D | | | | | 9 | 3 | |
| | | 5 | | | | | E | | D | | 3 | 1 | | |
| | | | 9 | D | 6 | | | | 0 | | A | | | |
| 2 | A | 1 | B | | | | | 4 | 8 | | | C | 0 | |
| | | B | | | | | | | | | 9 | | | |
| | 3 | 9 | 4 | E | 7 | | A | | 5 | C | | | | 2 |
| C | | 6 | | | | | | | A | 8 | 2 | | | |
| | | | | 8 | | | 2 | C | | | | 5 | 9 | |
| 7 | | | | | | 8 | | B | | 3 | | 0 | | |
| | 2 | | 6 | 7 | | | 4 | 8 | | | | | | |
| | | 8 | C | | 4 | 9 | 1 | | | | E | 2 | | |
| | | | D | | 9 | 0 | B | E | | | | | | |
| 4 | | | | | E | | C | D | 3 | 7 | | A | | |
| | E | | | | | | | | 1 | 9 | B | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 9 | 3 | 2 | 7 | D | 5 | 6 | B | E | 1 | C | A | 8 | 0 |
| 1 | D | 6 | 0 | 8 | 9 | E | 7 | 2 | 4 | A | 3 | C | 5 | B |
| C | 5 | B | E | A | 4 | D | 1 | 9 | 6 | 0 | 8 | 7 | 2 | 3 |
| E | 8 | 0 | 5 | C | 1 | 4 | A | 3 | B | 7 | 2 | D | 9 | 6 |
| 7 | 2 | A | 3 | B | 6 | 8 | 0 | C | 5 | D | 9 | 4 | 1 | E |
| A | C | 5 | 7 | D | 2 | 3 | E | 6 | 1 | 9 | 0 | B | 4 | 8 |
| B | 4 | 2 | 9 | E | A | C | 5 | 0 | 3 | 8 | 7 | 1 | 6 | D |
| 9 | 0 | D | 6 | 3 | B | 1 | 8 | A | 2 | 4 | E | 5 | 7 | C |
| 3 | 6 | 1 | 8 | 4 | 0 | B | D | 7 | A | C | 5 | 2 | E | 9 |
| 8 | E | 7 | 1 | 5 | C | 2 | 9 | 4 | D | B | 6 | 0 | 3 | A |
| 5 | A | E | C | 2 | 7 | 9 | 4 | 8 | 0 | 6 | D | 3 | B | 1 |
| 2 | 1 | 8 | 4 | 6 | E | A | 3 | D | C | 5 | B | 9 | 0 | 7 |
| D | 3 | 9 | B | 0 | 5 | 7 | C | E | 8 | 2 | 1 | 6 | A | 4 |
| 0 | B | 4 | D | 9 | 3 | 6 | 2 | 1 | 7 | E | A | 8 | C | 5 |
| 6 | 7 | C | A | 1 | 8 | 0 | B | 5 | 9 | 3 | 4 | E | D | 2 |

ଗତକାଲିର ଉତ୍ତର

# ନଷ୍ଟ ସମୟର ଚିତ୍ରପଟ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନଷ୍ଟ ସମୟର ପ୍ରଥମ ଚିତ୍ର। ଗୋଟିଏ ଗାଁର ଜଣେ ବୁଢ଼ାଙ୍କର ଚାରି ପୁଅ। ଅନ୍ୟ ବହୁ ପରିବାର ଭଳି ଏକାନ୍ନବର୍ତ୍ତିତାରେ ବିଶ୍ୱାସ ନ ଥିବାରୁ ସମସ୍ତେ ପରସ୍ପରଠାରୁ ପୃଥକ୍। ଚାରି ଭାଇଙ୍କ ମଧ୍ୟରେ ଭାଗବଣ୍ଟା ହୋଇଯାଇଛନ୍ତି ବାପା ମା'। ପ୍ରତ୍ୟେକ ପୁଅ ପାଖରେ ତିନିମାସ, ତାହା ପୁଣି ମିଳିତ ଭାବେ ନୁହେଁ। ଯା ପାଖରେ ବାପା ତ ତା' ପାଖରେ ମାଆ। ଅସହାୟ ବାର୍ଦ୍ଧକ୍ୟର ବିକଳ ଅବସ୍ଥାକୁ ବାଧ ହୋଇ ସହି ନେଉଥିଲେ ବୃଦ୍ଧ ଦମ୍ପତି। ମାତ୍ର ଦିନକୁ ଦିନ ବଢୁଥିବା ପୁଅବୋହୂଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଏକ ନିଷ୍ଠୁର ନିଷ୍ପତ୍ତିରେ ପହଞ୍ଚିଛନ୍ତି ବାପା। ସେ ନିଜ ସମ୍ପତ୍ତିରୁ ପୁଅମାନଙ୍କୁ ବେଦଖଲ କରିବାର ପ୍ରାର୍ଥନା ନେଇ କୋର୍ଟକୁ ଯିବେ ଓ ପୁଅମାନଙ୍କ ବିରୋଧରେ ମକଦ୍ଦମା ଲଢ଼ିବେ ବୋଲି ସ୍ଥିର କରିଛନ୍ତି।

ପରିଣତ ବୟସରେ ପୁତ୍ରମାନଙ୍କ ନିର୍ଯାତନା ବିରୋଧରେ ସଂଗ୍ରାମ କରିବାକୁ ଜଣେ ଗାଉଁଲି ବୃଦ୍ଧଙ୍କ ଅପୂର୍ବ ସାହସ ବାସ୍ତବରେ ପ୍ରଶଂସାଯୋଗ୍ୟ। ମାତ୍ର ତାଙ୍କର ଦୁର୍ଭାଗ୍ୟ ନିଜ ନିଜର ନିମ୍ନତମ ସଂସ୍କାରଠୁ ଦୂରେଇ ଯାଇ ଯେ କୌଣସି ମୁହୂର୍ତ୍ତରେ ପରସ୍ପର ସହ ଲଢ଼ିବାକୁ ତିଆର ଥିବା ପୁଅ ଚାରିହେଁ ବାପାଙ୍କ ବିରୋଧରେ କିନ୍ତୁ ଅସମ୍ଭବ ଭାବେ ଏକଜୁଟ ହୋଇ ଯାଇଛନ୍ତି ଓ ତାଙ୍କୁ ପାଗଳ ବୋଲି ଘୋଷଣା କରି ଖବରକାଗଜରେ ବିଜ୍ଞାପନ ପ୍ରକାଶିଛନ୍ତି। ଏ ପରିପ୍ରେକ୍ଷୀରେ କୋର୍ଟରୁ ନ୍ୟାୟ ମିଳିବ କି ନାହିଁ ବୋଲି ପ୍ରଶ୍ନ ପଚାରି ବୃଦ୍ଧ ମହୋଦୟ ଏ ଲେଖକର ପରାମର୍ଶ ଲୋଡ଼ିଲା ବେଳେ ତାଙ୍କ ଦୁର୍ଭାଗ୍ୟ ପାଇଁ ତା'ର ସମବେଦନା ଅଜାଡ଼ି ପଡ଼ିଛି ସିନା, କୋର୍ଟ ଯିବା ପାଇଁ ସେ ତାଙ୍କୁ ପରାମର୍ଶ ଦେଇପାରିନାହିଁ। ନିଜ ଆତ୍ମଜମାନଙ୍କ ବିରୋଧରେ ଆଇନଗତ ଲଢ଼େଇ କରିବାର ବ୍ୟବସ୍ଥା ଏତେ ଦୀର୍ଘକାଳୀନ କସରତ ଯେ ନ୍ୟାୟ ମିଳିବା ପୂର୍ବରୁ ସଂସାର ଛାଡ଼ିବା କିଛି ଅସ୍ୱାଭାବିକ ନୁହେଁ ବୋଲି ସେ ବୁଝିଥିଲା।

ସତ୍ୟ ସଦାଚାର ଉପରେ ଅସତ୍ୟ ଅନାଚାରର ଆସୁରିକ ଆକ୍ରମଣ ସତ୍ତ୍ୱେ ନ୍ୟାୟପାଳିକା ଉପରୁ ଅସହାୟ ମଣିଷର ଆସ୍ଥା ତଥାପି ହ୍ରାସ ପାଇନାହିଁ। ବିଜ୍ଞ ବିଚାରପତିଙ୍କ କଲମର ବଜ୍ରଶକ୍ତି ତାକୁ ବାରମ୍ବାର ସୁରକ୍ଷା ଯୋଗାଇ ଆସିଛି। ତଥାପି ବେଳେବେଳେ ତା' ଆଖି ସାମନାରେ ଏମିତି କିଛି ଘଟୁଛି, ଯାହାକୁ ସେ ସହଜ ମନରେ ଗ୍ରହଣ କରିପାରୁନାହିଁ। ନ୍ୟାୟ ଓ ନୀତି ଯେ ଏକାକଥା ନୁହେଁ, ଦୁଇଟି ଭିନ୍ନ ପ୍ରସଙ୍ଗ ; ଏହା ବିଶ୍ୱାସ କରିବାକୁ ତା' ମନ ମାନୁନାହିଁ। ଗୋଟିଏ କଥା ଅନୈତିକ ହୋଇପାରେ, ମାତ୍ର ଅନ୍ୟାୟ ନୁହେଁ, ଏମିତି ଏକ ବିଚିତ୍ର ସିଦ୍ଧାନ୍ତ ସହ ସେ ସାଲିସ କରିପାରୁନାହିଁ। ନୈତିକତାର ପରିଭାଷା ଯେଉଁଠି ନ୍ୟାୟର ପରିସୀମା ଠୁଁ ବହୁ ଦୂରରେ, ସେଠି କେଉଁ ଭରସାରେ ବୁଢ଼ାବାପା ଜଣେ ନ୍ୟାୟାଳୟରେ ଆଶ୍ରୟ ନେବ ନିଜ ପୁଅମାନଙ୍କ ବିରୋଧରେ ଫେରାଦ ହେବାକୁ। ନ୍ୟାୟ ପ୍ରକ୍ରିୟାର ପ୍ରହେଳିକା ମଧ୍ୟରେ ସଂସ୍କାର ଯେଉଁଠି ଗୁରୁତର ସଙ୍କଟଗ୍ରସ୍ତ, ବାପା ପୁଅ, ସ୍ୱାମୀ ସ୍ତ୍ରୀ ଆଦି ପାରମ୍ପରିକ ସମ୍ପର୍କ ଯେଉଁଠି ନଷ୍ଟ ସମୟ ମଧ୍ୟ ଦେଇ ତୀବ୍ର ଗତିରେ ଧାବମାନ ; ସେଠି କିଏ ବା କେମିତି ଆଗେଇ ଆସିବ ଚାରିପୁଅଙ୍କ କ୍ୟାଲେଣ୍ଡର ପୃଷ୍ଠା ମଧ୍ୟରେ ନିଜକୁ ଭାଗ କରୁଥିବା ବିଚରା ବାପା ଜଣକ ଆଖିରୁ ଲୁହ ପୋଛିବାକୁ।

ନଷ୍ଟ ସମୟର ଦ୍ୱିତୀୟ ଚିତ୍ର। ସହବାସୀ ସମ୍ପର୍କ ବା 'ଲିଭ-ଇନ-ରିଲେଶନଶିପ।' ଏମିତି ଏକ ସମାଜଛଡ଼ା ସମ୍ପର୍କ କେବେ କେଉଁଠି ଆରମ୍ଭ ହୋଇଥିଲା କେଜାଣି, ସଂସ୍କାର ଓ ପରମ୍ପରା ରକ୍ଷା ଦିଗରେ ସମଗ୍ର ବିଶ୍ୱରେ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରି ଆସିଥିବା ଆମ ଭାରତବର୍ଷର ଛୋଟ ବଡ଼ ନଗରାଞ୍ଚଳରେ ଏମିତି ସମ୍ପର୍କ ଏବେ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଛି। ବଡ଼ ଅଦ୍ଭୁତ ଏ ସମ୍ପର୍କ। ନା ବୈଦିକ ବିଚାରର ସମର୍ଥନ ଅଛି ନା ସାମାଜିକ ସ୍ୱୀକୃତି। ଏକା ଘରେ ରହୁଥିବେ ଦୁଇଜଣ ପ୍ରାପ୍ତ ବୟସ୍କ ପୁରୁଷ ଓ ନାରୀ। ବିବାହ ପୂର୍ବରୁ ଯାହା କିଛି ଅକରଣୀୟ ସବୁକିଛି କରୁଥିବେ। ଅଥଚ ସେ ଦୁହେଁ ବିବାହ କରି ନ ଥିବେ କି ପତ୍ନୀପତି ହୋଇ ନ ଥିବେ। ଆଃ, ପଶ୍ଚାତ୍ ଗତିରେ ମଣିଷ ପଶୁ ହୋଇଯାଇଛି ଯେମିତି!

ଏମିତି ଏକ ସମ୍ପର୍କକୁ ନେଇ କେଇ ବର୍ଷ ତଳେ ଆଲ୍ଲାହାବାଦ ହାଇକୋର୍ଟର ଏକ ରାୟ ପ୍ରକାଶ ପାଇ ଭାରତୀୟ ସଂସ୍କାରର ଇତିହାସକୁ ଏକ ଭିନ୍ନ ମୋଡ଼ ଦେଇଛି। ପାୟଲ ଶର୍ମା ନାମ୍ନୀ ଜଣେ ଅବିବାହିତ ଝିଅ ନିଜ ବାପାମା'ଙ୍କ ବାରଣ ନ ମାନି ପ୍ରେମ କରୁଥିଲେ ଜଣେ ନଷ୍ଟ ଚରିତ୍ର ଯୁବକଙ୍କୁ। ବାପା ମା'ଙ୍କ ଆକଟକୁ ପ୍ରତ୍ୟାଖ୍ୟାନ କରି ସେ ଦିନେ ଘର ଛାଡ଼ିଲେ ଓ ସେଇ ଯୁବକଙ୍କ ସହ ସହବାସୀ ସମ୍ପର୍କରେ ରହିବାକୁ ଲାଗିଲେ। କଥା ଗଲା ଅଦାଲତକୁ। ବହୁଦିନର ଲୁଚକାଳି ଖେଳ ପରେ ଆଇନର ସ୍ୱରୂପ ପ୍ରକଟିତ ହେଲା। ଆଇନର ବିଚାର ବିଶ୍ଳେଷଣ କରି ବିଚାରପତି ରାୟ ଶୁଣାଇଲେ, ''ଝିଅଟି ସାବାଳିକା ହୋଇଥିଲେ ବାପାମାଆଙ୍କ ଇଚ୍ଛାରେ ପରିଚାଳିତ ହେବାକୁ ବାଧ୍ୟ ନୁହେଁ। ନିଜ ସମ୍ପର୍କରେ ସେ ନିଜେ ନିଷ୍ପତ୍ତି ନେଇପାରିବେ, ଯେଉଁଠି ଚାହିଁବେ ସେଠି ରହିପାରିବେ। ଅତଏବ ବିବାହ ନ କରି ମଧ୍ୟ ଦୁଇଜଣ ସାବାଳକ ତରୁଣ ତରୁଣୀ ସ୍ୱାମୀ ସ୍ତ୍ରୀ ଭାବେ ଏକାଠି ରହିବା ଆଇନ ଦୃଷ୍ଟିରୁ ଅସଙ୍ଗତ ନୁହେଁ। ହୋଇପାରେ, ଆମ ସଂସ୍କାର ଓ ପରମ୍ପରା ଦୃଷ୍ଟିରୁ ଏହା ଅନୈତିକ, ମାତ୍ର ଆଇନ ଦୃଷ୍ଟିରୁ ଏହା ଅନ୍ୟାୟ, ଅବୈଧ ବା ଅସଙ୍ଗତ ନୁହେଁ। ବିଚରା ବାପା! ଝିଅଟିକୁ ଅଠର ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲେ ସେ ଯେ ଆଉ ଝିଅ ହୋଇ ରହେ ନାହିଁ, ଏକଥା ପାୟଲ ବୋଲି ସେଇ ଝିଅଟିକୁ ଜନ୍ମ ଦେଇ ନ ଥିଲେ ସେ ଜାଣିପାରି ନ ଥାନ୍ତେ।

ଅଥଚ ଆମ ସଂସ୍କାର ପୂର୍ବରୁ କେବେ ଏମିତି ନୈତିକ ସଙ୍କଟର ସମ୍ମୁଖୀନ ହୋଇ ନ ଥିଲା। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହି ବିବାହବିହୀନ ସହବାସୀ ସମ୍ପର୍କ ଅତି ସାଧାରଣ କଥା ଥିଲା ବେଳେ ଆମ ଭାରତ ଭୂଖଣ୍ଡ ଥିଲା ଏହାର ସମ୍ପୂର୍ଣ୍ଣ ବିରୋଧୀ। ମାତ୍ର ମୁକ୍ତ ଚେତନା ନାମରେ ଏହା ଏବେ ଆଧୁନିକ ହୋଇ ନିଜ ମୂଳ ସଂସ୍କାରକୁ ପରିହାର କରି ଅନ୍ୟ ଦେଶର ଆଚାର ବିଚାରକୁ ଆପଣେଇ ନେବା ଭଳି ବିଲକ୍ଷଣ ବହୁଳ ଭାବେ ପରିଲକ୍ଷିତ ହେଲାଣି। ତାହା ହୋଇ ନ ଥିଲେ ଯେଉଁ ମାଟିରେ ଦାମ୍ପତ୍ୟ କେବଳ ଦୁଇଟି ବିପରିତଲିଙ୍ଗୀ ମଣିଷଙ୍କର ଆଦିମ ମିଳନ ନୁହେଁ, ବରଂ ଏକ ଦିବ୍ୟ ଚେତନାର ସ୍ୱର୍ଗୀୟ ଅନୁଭବ, ସେହି ମାଟିରେ ପୁଣି ଏଇ ବିବାହବିହୀନ ଦାମ୍ପତ୍ୟ ବିରୋଧରେ ସାମାଜିକ ପ୍ରତିବାଦ ଉଠି ନ ଥାଆନ୍ତା। ଉଚ୍ଚତମ ନ୍ୟାୟାଳୟର ସିଦ୍ଧାନ୍ତ ବିରୋଧରେ ପୁନର୍ବିଚାର ପାଇଁ ପିଟିଶନ ପଡ଼ି ନ ଥାଆନ୍ତା।

ନଷ୍ଟ ସମୟର ଉଗ୍ର ଆବାହନ ମଧ୍ୟରେ ସଂସ୍କାରଗତ ସମ୍ପର୍କ ଆଜି ମୂଲ୍ୟହୀନ ହୋଇପଡ଼ିଛି। କେଇବର୍ଷ ତଳେ କର୍ମଜୀବୀ ଅବିବାହିତା ମାଆମାନେ ବିବାହିତ କର୍ମଜୀବୀମାନଙ୍କ ପରି ପ୍ରସବକାଳୀନ ଛୁଟି ପାଇବାକୁ ସମାନ ଭାବେ ହକ୍‌ଦାର ବୋଲି ଦାବି ଉପସ୍ଥାପିତ କରିଥିଲେ। ମାତ୍ର ଧନ୍ୟ କହିବ, ମହନୀୟ ସଂସ୍କାରରେ ସଦା ଉଜ୍ଜ୍ୱଳ ଭାରତବର୍ଷର ଶାସନ ବ୍ୟବସ୍ଥାକୁ, ଏ ଦେଶର ସ୍ୱରାଷ୍ଟ୍ର ବିଭାଗ ଏ ପ୍ରକାର ଦାବିକୁ 'ଅସ୍ପୃହଣୀୟ ସ୍ଖଳନ' ଓ 'ନୈତିକ ବିଚ୍ୟୁତି' ବୋଲି ଟିପଣୀ ଦେଇ ପ୍ରତ୍ୟାଖ୍ୟାନ କରି ଦେଇଥିଲା। ଅଥଚ ଆଜି କୋର୍ଟ ରାୟରେ ବଳିୟାନ ହୋଇ ବିନା ବିବାହରେ ପାୟଲ ଶର୍ମାମାନେ(ଛଦ୍ମନାମ) ମାଆ ହେଉଛନ୍ତି ଓ ସେଇ ସବୁ ପ୍ରକାର ସୁବିଧା ହାସଲ କରୁଛନ୍ତି, ଯାହା ବିବାହିତା ମାଆମାନଙ୍କର ପ୍ରାପ୍ୟ।

ଭାରତରେ ଖଣ୍ଡିଏ ପିଠାକୁ ଏକ ସମୟରେ ଖାଇବା ଓ ସଞ୍ଚିବା ଏତେ ସହଜ ନୁହେଁ। ଆମେରିକାରେ ଜଣେ ଯୁବତୀ ବିଧବା ହେଲେ ବିଧବା ଭତ୍ତା ତ ପାଇବ, ପୁଣି ବିବାହ ନ କରି ମଧ୍ୟ ସହବାସୀ ସମ୍ପର୍କରେ ଅନ୍ୟ କେହି ଯୁବକଙ୍କ ସହ ଏକାଠି ରହି ବିବାହ ସୁଖ ବି ପାଇବ। ମାତ୍ର କାଲି ପର୍ଯ୍ୟନ୍ତ ଭାରତରେ ଏହା ସମ୍ଭବ ନ ଥିଲା। ଏବେ କିନ୍ତୁ ତାହା ଆଉ ସମ୍ଭବ ହୋଇ ରହିନାହିଁ। ନଷ୍ଟ ସମୟର ଏହି ତୃତୀୟ ଚିତ୍ରଟି ଉପରେ ନଜର ପକାନ୍ତୁ, ଯାହା ପ୍ରାୟ ବର୍ଷକ ତଳେ କୋଲକାତାରୁ ପ୍ରକାଶିତ ଏକ ଖବରକାଗଜରେ ପ୍ରକାଶ ପାଇଥିଲା। କଥିତ ବିଧବାଙ୍କ ରଙ୍ଗିନ ଜୀବନର ଗୋପନ କଥା ଘରର ଚାରିକାନ୍ଥ ଡେଇଁ ଖବରକାଗଜରେ ପହଞ୍ଚାଇ ଥିଲା ବିଧବାଙ୍କ ସାତବର୍ଷ ବୟସର ଶିଶୁପୁତ୍ର। ଅତୀତରେ ଭାରତବର୍ଷର ସଂସ୍କାରକୁ ପିଠି କରି ଆଗେଇ ଯାଇଥିବା ଜଣେ କୁନ୍ତୀଙ୍କ ଆଚରଣ ପାଇଁ କର୍ଣ୍ଣଙ୍କ କପାଳରେ ଅଙ୍କିତ ହୋଇ ଯାଇଥିଲା ସୂତପୁତ୍ରର କଳଙ୍କ। ଜୀବନଯାକ ଏହି କଳଙ୍କର ବୋଝ ମୁଣ୍ଡାଇ ଢେର କଲବଲ ହୋଇ ବଞ୍ଚିଥିଲେ ହତଭାଗ୍ୟ କର୍ଣ୍ଣ। ମାତ୍ର ଏହି କୋଲକାତାର ଅନ୍ୟ ଜଣେ ଶିଶୁ କର୍ଣ୍ଣ ନିଜ ମାଆଙ୍କ କୃତକର୍ମ ବିରୋଧରେ ପ୍ରତିବାଦ କରିଥିଲେ।

କଥା ହେଲା କୋଲକାତାର ଏକ କମ୍ପାନୀ ଅଫିସରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀଙ୍କୁ ସେହି ଅଫିସରେ ଅନୁକମ୍ପାଭିତ୍ତିରେ ଚାକିରିଟିଏ ମିଳିଲା। ଚାକିରି ଆର୍ଥିକ ଦୁଃସ୍ଥିତିର ଦୁଃଖ ଲାଘବ କଲା ସିନା, କିନ୍ତୁ ବଢାଇ ଚାଲିଲା ସଦ୍ୟ ବୈଧବ୍ୟର ବିରହ ବେଦନା। କିଛିଦିନ ମଧ୍ୟରେ ସେଇ ଅଫିସରେ କାର୍ଯ୍ୟ କରୁଥିବା ଜଣେ ଯୁବ ସହକର୍ମୀଙ୍କ ପ୍ରତି ଆକର୍ଷିତ ହେଲେ ସେହି ବିଧବା। ଯୁବକ ଅବିବାହିତ ଥିଲେ। ସୁତରାଂ ବିବାହ ପାଇଁ ଅସୁବିଧା ନ ଥିଲା। ମାତ୍ର ଯେଉଁ ନିୟମ ଭିତ୍ତିରେ ମହିଳାଙ୍କୁ ଚାକିରି ମିଳିଥିଲା, ବିବାହ କଲେ ଚାକିରି ଚାଲିଯିବାର ଭୟ ଥିଲା। ବଡ଼ ବିଚିତ୍ର ଥିଲା ସେଇ ଜୀବନ ଓ ଜୀବିକାର ଚକ୍ର। ମହିଳା ଜଣକ ବିଧବା ହୋଇ ନ ଥିଲେ ଚାକିରି ପାଇ ନ ଥାନ୍ତେ। ଚାକିରି ପାଇ ନ ଥିଲେ ସେଇ ଯୁବ ସହକର୍ମୀଙ୍କ ପ୍ରେମରେ ପଡି ନ ଥାନ୍ତେ ଓ ସେଇ ଦୃଷ୍ଟିରୁ ଆଉ ଥରେ ସଧବା ଜୀବନ ଜିଇବାର ସ୍ୱପ୍ନ ଦେଖି ନ ଥାନ୍ତେ। ତେବେ ଚାକିରି ସୁଖ ଓ ଦାମ୍ପତ୍ୟ ସୁଖ ଏକ ସଙ୍ଗେ ପାଇବା ସମ୍ଭବ ହେଉ ନ ଥିବାରୁ ଯୁବକଙ୍କ ସହଧର୍ମିଣୀ ନ ହୋଇ ସହବାସିନୀ ହୋଇ ରହିଛନ୍ତି ସେଇ ମହିଳା। ଶିଶୁ ପୁତ୍ରଟିକୁ ଆବାସିକ ବିଦ୍ୟାଳୟରେ ଛାଡ଼ି ନିଜ ପ୍ରେମୀ ପୁରୁଷଙ୍କ ସହ ସହବାସୀ ସମ୍ପର୍କରେ ଅଛନ୍ତି।

ସ୍ୱାମୀ ରାମତୀର୍ଥ ଆମେରିକା ପର୍ଯ୍ୟଟନ କାଳରେ ଥରେ ଜଣେ ସୁନ୍ଦରୀ ମହିଳାଙ୍କୁ ଏକ କବର ସ୍ଥାନରେ ପଙ୍ଖା ହଲାଉଥିବାର ଦେଖି ପରମ ଆଶ୍ଚର୍ଯ୍ୟରେ ପଚାରିଲେ, 'କ'ଣ କରୁଛ ?' ଉତ୍ତର ମିଳିଲା ''ମୋ ସ୍ୱାମୀଙ୍କର କବର ଯେ। ମରିବା ଆଗରୁ ସେ ମୋ ପାଖରୁ କଥା ନେଇଥିଲେ ଯେ, ତାଙ୍କ କବର ନ ଶୁଖିବା ଯାଏ ମୁଁ ଦ୍ୱିତୀୟ ପୁରୁଷଙ୍କ ସଙ୍ଗ ଲୋଡ଼ିବି ନାହିଁ। ମୁଁ ବିଞ୍ଚି ଚାଲିଛି। ଶୀଘ୍ର ଶୁଖିଗଲେ ମୁଁ ମୋ ପୁରୁଷ ସାଥୀ ସହ ସହବାସୀ ହୋଇ ରହିବି।'' ଏହା ଆମେରିକାର କଥା। ମାତ୍ର ନ୍ୟାୟାଳୟର ସିଦ୍ଧାନ୍ତ ବଳରେ ବଳୀୟାନ ହୋଇ ଭାରତୀୟ ସଂସ୍କାର ଓ ସଂସ୍କୃତିକୁ ପଛକୁ ଠେଲି ଦେଇ ଯଦି କେହି ଏମିତି କିଛି ଏଠାରେ ଘଟାନ୍ତି, ତେବେ ପୁଣ୍ୟଭୂମି ଭାରତବର୍ଷକୁ ଚିହ୍ନି ଚିହ୍ନାଇବାରେ କଷ୍ଟ ହେବନି ତ! ବିଜ୍ଞ ଜନେ ବିଚାର କରନ୍ତୁ।

–ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ–୯୭୭୬୭୭୭୧୫୦

# କୃଷକମାନେ କାହିଁକି ରାସ୍ତାରେ



ଗୋକୁଳ ପଟ୍ଟନାୟକ

ନୂଆ କୃଷି ଆଇନଗୁଡ଼ିକ ପ୍ରବର୍ତ୍ତନବାଦୀ ଏବଂ ଏହା କୃଷକଙ୍କୁ ସ୍ୱାଧୀନତା, ସୁରକ୍ଷା ଓ ଅଧିକ ଆୟ ଦେବା ପାଇଁ ସଂକଳ୍ପବଦ୍ଧ ବୋଲି ସରକାର କହିଛନ୍ତି। ସେମାନେ ମଧ୍ୟ ନିଶ୍ଚିତ କରିଛନ୍ତି ଯେ, କୃଷକମାନେ ସେମାନଙ୍କ କୃଷି ଉତ୍ପାଦଗୁଡ଼ିକୁ ଯାହାକୁ ଯେଉଁଠି ବିକ୍ରି କରିପାରିବେ। ଏପିଏମ୍‌ସି ମଣ୍ଡିଗୁଡ଼ିକ ପୂର୍ବରୁ ଯେମିତି କାମ କରୁଥିଲା ସେମିତି କରିବ। ଏଗୁଡ଼ିକ ବନ୍ଦ ହେବ ନାହିଁ। ଚୁକ୍ତିଭିତ୍ତିକ କୃଷି ଆଇନରେ କୃଷକ ଓ କମ୍ପାନୀଗୁଡ଼ିକ ମଧ୍ୟରେ ଚୁକ୍ତି ହେଉଥିବାରୁ ଏଥିରେ କୃଷକଙ୍କର ଆୟ ସୁରକ୍ଷିତ ରହିବ। ତେବେ ଏତେ ପରେ କାହିଁକି କୃଷକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି।

ସରକାର ଦେଇଥିବା ଆଶ୍ୱାସନା ଉପରେ କୃଷକଙ୍କ ଅବିଶ୍ୱାସ ବଢ଼ିବା ଏବଂ ତରବରିଆ ଭାବେ ଲାଗୁ କରାଯାଇଥିବା ଆଇନଗୁଡ଼ିକରେ ରହିଥିବା କିଛି ତ୍ରୁଟି ହିଁ କୃଷକ ଅଶାନ୍ତିର ମୁଖ୍ୟ କାରଣ। କ୍ଷମତାକୁ ଆସିବା ପୂର୍ବରୁ ଏବର ଶାସକ ଦଳ ୨୦୧୪ର ଇସ୍ତାହାରରେ ଡ. ଏମ୍.ଏସ୍. ସ୍ୱାମୀନାଥନ ଅଧ୍ୟକ୍ଷତାରେ ଗଠିତ ନ୍ୟାଶନାଲ କମିଶନ ଅଫ୍ ଫାର୍ମର୍ସ ୨୦୦୬ ରିପୋର୍ଟ ଲାଗୁ କରିବା ଲାଗି କଥା ଦେଇଥିଲେ। ଏମ୍‌ଏସ୍‌ପି କୃଷି ଉତ୍ପାଦନର ହାରାହାରି ମୂଲ୍ୟଠାରୁ ଅତି କମ୍‌ରେ ୫୦% ଅଧିକ ହେବା ଉଚିତ ବୋଲି ଏହି ରିପୋର୍ଟରେ ସୁପାରିସ କରାଯାଇଥିଲା। ଏହି ସୁପାରିସକୁ କାର୍ଯ୍ୟକାରୀ କରା ନ ଯିବା ଉପରେ ବହୁ ପୂର୍ବରୁ କୃଷକମାନେ ଅଭିଯୋଗ କରିଆସୁଥିଲେ। ରବି ଋତୁରେ ଉତ୍ପାଦିତ ଗହମ ଉପରେ ଅତି କମ୍ ଅର୍ଥାତ୍ ୨.୬% ଏମ୍‌ଏସ୍‌ପି ବୃଦ୍ଧି କରାଯିବା କୃଷକଙ୍କ ଅଶାନ୍ତିକୁ ଆହୁରି ବଢାଇଦେଲା। ୨୦୨୨ ସୁଦ୍ଧା ୫ ବର୍ଷ ମଧ୍ୟରେ କୃଷକଙ୍କ ଆୟ ଦୁଇଗୁଣ କରିବା ଲାଗି ୨୦୧୭ରେ ମୋଦି ସରକାର ମଧ୍ୟ ଏକ ବଡ଼ ଘୋଷଣା କରିଥିଲେ। ଘୋଷଣାର ୩ ବର୍ଷ ପରେ ଏହା ଏକ ଧୂଆଁବାଣ ଭଳି ଲାଗୁଛି। କୃଷକଙ୍କ ମଧ୍ୟରେ ଆଉ ଏକ ଭୟ ସଞ୍ଚାର ହୋଇଛି। ସରକାର ଯେଉଁ ବଜାର ସଂସ୍କାର ପଦ୍ଧତି ଆରମ୍ଭ କରିଛନ୍ତି ତାହା ପିଡିଏସ୍ ସିଷ୍ଟମକୁ ନିମ୍ନଗାମୀ କରିବ ଏବଂ ଶାନ୍ତାକୁମାର କମିଟି ଦ୍ୱାରା ସୁପାରିସ କରାଯାଇଥିବା ଏମ୍‌ଏସ୍‌ପି ନୀତିର ପୁନଃପ୍ରଚଳନ କରିବାରେ ସହାୟକ ହେବ ବୋଲି କୃଷକଙ୍କ ମଧ୍ୟରେ ଭୟ ରହିଛି। ସରକାର ଏମ୍‌ଏସ୍‌ପି ରହିବ ବୋଲି ବାରମ୍ବାର ଭରସା ଦେଲେ ମଧ୍ୟ ଏବେ କୃଷକମାନେ ଏହାକୁ ଆଇନରେ ଉଲ୍ଲେଖ କରିବା ଲାଗି ଦାବି କରିଛନ୍ତି। ତେବେ ୨୦୧୧ରେ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ନେତୃତ୍ୱରେ ଗଠିତ ଏକ କମିଟି ଏମ୍‌ଏସ୍‌ପି ଏକ ଆଇନଗତ ଅଧିକାର ହେବା ଉଚିତ ବୋଲି ସୁପାରିସ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ତିନୋଟି କୃଷି ଆଇନ ମଧ୍ୟରୁ କୌଣସି ଗୋଟିକରେ ଏମ୍‌ଏସ୍‌ପି ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ।

ଯେଉଁ ଉପାୟରେ ତରବରିଆ ଏବଂ ଲୁଚାଛପାରେ ଏହି ଆଇନଗୁଡ଼ିକୁ ଲାଗୁ କରାଗଲା ତାହାକୁ କେନ୍ଦ୍ରକରି ଚାଷୀଙ୍କ ମନରେ ଅବିଶ୍ୱାସ ବଢ଼ିଛି। ଏହିସବୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବା ପୂର୍ବରୁ ସରକାର ରାଜ୍ୟଗୁଡ଼ିକ ସହ କିଛି ଆଲୋଚନା ମଧ୍ୟ କରି ନ ଥିଲେ। ଆଇନଗୁଡ଼ିକର ଡ୍ରାଫ୍ଟିଙ୍ଗ୍ କରିବାରେ ଏକ ବଡ଼ ବ୍ୟବଧାନ ରହିବା ଦ୍ୱାରା ଏହାର କାର୍ଯ୍ୟାନ୍ୱୟନ ତ୍ରୁଟିପୂର୍ଣ୍ଣ ହୋଇଛି। କୃଷି ଉତ୍ପାଦଗୁଡ଼ିକର କିଣାବିକା ସୁଗମ କରିବା ମାର୍କେଟର ମୂଳ କାମ। ବିଶେଷ କରି ଖୋଲା ନିଲାମ, ଉତ୍ପାଦର ଓଜନ ପ୍ରକ୍ରିୟା ଏବଂ ନିର୍ଦ୍ଦିଷ୍ଟ ଦେୟ ଉପରେ ସୁନିଶ୍ଚିତ କରି ଏହା ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ଯୋଗାଇଦେବା ଉଚିତ। କିନ୍ତୁ ଏହା ସମ୍ପୂର୍ଣ୍ଣ ନିୟମ ବାହାରେ ରହିବା ଦ୍ୱାରା ମାର୍କେଟଗୁଡ଼ିକର କାର୍ଯ୍ୟ ଉପରେ ସରକାର ତାଙ୍କ ନିୟନ୍ତ୍ରଣ ହରାଇବେ। ସବୁ ଛାଡ଼–ଏହି ନୀତି ମାର୍କେଟର କାର୍ଯ୍ୟଧାରାକୁ ଆହୁରି ଖରାପ କରିବା ସହ ଅରାଜକତା ବ୍ୟାପିବ। ଏହା ଫଳରେ ଆଇନ ସ୍ୱୀକୃତ ବ୍ୟବସାୟୀମାନେ ମାର୍କେଟରୁ ଦୂରେଇ ଯିବେ।

ନିୟନ୍ତ୍ରିତ ବଜାରଗୁଡ଼ିକ ମୂଲ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ଓ ମାର୍କେଟ ଇଣ୍ଟେଲିଜେନ୍ସ ଉପରେ ଏକ ପ୍ରମୁଖ ଭୂମିକା ନିର୍ବାହ କରନ୍ତି। ଏପିଏମ୍‌ସି ମାର୍କେଟରେ ପ୍ରଚଳିତ ମୂଲ୍ୟ ଏପରି କି ପ୍ରାଇଭେଟ ବ୍ୟବସାୟୀ ଓ ବାହାରେ କାରବାର କରୁଥିବା ବିକ୍ରେତାମାନଙ୍କୁ ଏକ ନ୍ୟୂନତମ ମାନଦଣ୍ଡ ପ୍ରଦାନ କରେ। ଏଣେତେଣେ ସ୍ୱାଧୀନ ଭାବେ ଅଧିକ ମାର୍କେଟ ଚାଲିଲେ ଏହା କୌଣସି ସୂଚନା ଯୋଗାଇ ଦେବାକୁ ସକ୍ଷମ ହେବ ନାହିଁ। ମୋଟ ଉପରେ ଯଦି ଏକ ଏକକ ଜାତୀୟ ମାର୍କେଟ ଗଠନ କରିବା ଲକ୍ଷ୍ୟ ରହିଛି ତେବେ ଏବେ ଲାଗୁ କରାଯାଇଥିବା ନୂଆ କୃଷି ଆଇନ ଏହା ହାସଲ କରିବାରେ କିଛି କାମ ଦେବ ନାହିଁ।

କୁହାଯାଉଛି, କିଛି ବ୍ୟବସାୟୀ ଗୋଷ୍ଠୀଙ୍କର ଏପିଏମ୍‌ସି ମାର୍କେଟରେ ମନମୁଖି କାରବାର ଯୋଗୁ ମଣ୍ଡିଗୁଡ଼ିରେ ମୂଲ୍ୟ କମ୍ ରହିବ। କୌଣସି କଟକଣା ନ ରହିଲେ ମଣ୍ଡି ମଧ୍ୟରେ ଥିବା ବ୍ୟବସାୟୀମାନେ ମଣ୍ଡି ବାହାରେ ସେମାନଙ୍କ ପ୍ରଭାବ ବିସ୍ତାର କରି ମାର୍କେଟ ଖୋଲିପାରିବେ। କୃଷକମାନେ ଅନୁଭବ କରୁଛନ୍ତି ଯେ,ଏଭଳି ଅନେକ ହୋଇପାରେ ଏବଂ କିଛି ବ୍ୟବସାୟିକ ସଂସ୍ଥା ବା ବ୍ୟବସାୟୀ ଜାତୀୟ ମାର୍କେଟ ଉପରେ ପ୍ରଭାବ ବିସ୍ତାର କରିବା ସହ ତାହାକୁ ଦଖଲ କରିନେବେ। କୃଷିରେ ଏଭଳି ସଂସ୍କାର ବୃହତ୍ କର୍ପୋରେଟ ହାଉସ୍‌ଗୁଡ଼ିକୁ ସାହାଯ୍ୟ କରିବା ଲାଗି ଅଭିପ୍ରେତ ବୋଲି ସେମାନଙ୍କ ମନରେ ଆଶଙ୍କା ରହିଛି।

ପଞ୍ଜାବ ଓ ହରିୟାଣା କୃଷକମାନେ ଯେଉଁମାନେ କି ଏମ୍‌ଏସ୍‌ପିରୁ ଅଧିକ ଲାଭ ପାଇଛନ୍ତି ମୁଖ୍ୟତଃ ସେମାନଙ୍କ ଦ୍ୱାରା ଏହି ଆନ୍ଦୋଳନ କରାଯାଉଥିବା କୁହାଯାଉଛି। ବଡ଼ଚାଷୀ ଏବଂ ମଧ୍ୟସ୍ଥମାନେ ଏହିଆନ୍ଦୋଳନକୁ ତେଜୁଥିବା ଅଭିଯୋଗ ହେଉଛି। କିନ୍ତୁ ପ୍ରଥମରୁ ଏହି ଆନ୍ଦୋଳନ ଆଗରେ ପଞ୍ଜାବୀମାନେ ରହିଥିଲେ ଓ ଏବେ ଭାରତର ସବୁ ଅଞ୍ଚଳର କୃଷକଙ୍କର ଏହା ସମର୍ଥନ ହାସଲ କରିଛି। ଏଥିରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଯୋଗଦେଇଛନ୍ତି। ଅକାଳୀ ଦଳ ଏବଂ ବିଜେଡି ଯେଉଁମାନେ ପ୍ରଥମରୁ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ ଓ ଏବେ ଏଥିରୁ ଓହରି ଯାଇଛନ୍ତି। ଏହାଦ୍ୱାରା କୃଷକଙ୍କ ହିତ ହୋଇପାରିବ ନାହିଁ ବୋଲି ଏମାନେ ଅନୁଭବ କରିଛନ୍ତି। ଭାରତ ସରକାର ଏବେ ନରମିଛନ୍ତି ଓ ଏମ୍‌ଏସ୍‌ପି ଉପରେ ଏକ ଲିଖିତ ଆଶ୍ୱାସନା ଦେବା ସହ କୃଷକଙ୍କର ଅନେକ ଦାବିକୁ ମାନି ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ କୃଷକମାନେ ତିନୋଟି ଯାକ ଆଇନକୁ ରଦ୍ଦ କରିବା ଉପରେ ଜୋର ଦେଇଛନ୍ତି। ଆମେ ଅପେକ୍ଷା କରିବା, ଦେଖିବା କେଉଁଟି ପ୍ରଥମେ ଓ ଶୀଘ୍ର ହେଉଛି। (କ୍ରମଶଃ)

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ,
ପୂର୍ବତନ ଚେୟାରମ୍ୟାନ, ଏଗ୍ରିକଲଚରାଲ୍
ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ ଏକ୍ସପୋର୍ଟ
ଡେଭେଲପ୍‌ମେଣ୍ଟ ଅଥରିଟି

## ଏଇ ଭାରତରେ

ଷଡ଼େଇରୁ ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି ମହାରାଷ୍ଟ୍ରର ବିଜୟାନନ୍ଦ ଶେମ୍ୱେକର। ବିଜୟାନନ୍ଦଙ୍କୁ ବୟସ ୫୯। ସେ ଦିନବେଳା ଅଫିସ୍ ଯାଆନ୍ତି ଓ ରାତିରେ ବାହାରି ଯାଆନ୍ତି ଷଡ଼େଇ ଗୋଟାଇବାକୁ। ଏମିତିକି ଷଡେଇ ଗୋଟାଇବାବେଳେ ସେ ପ୍ରଶାସନ ସନ୍ଦେହର ଶିକାର ହୋଇଛନ୍ତି। ଏ ସମ୍ପର୍କରେ ବି ତାଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡିଛି। ହେଲେ ସେ ତାଙ୍କ ନିଶାରୁ ଓହରିନାହାନ୍ତି। ଷଡେଇଗୁଡ଼ିକୁ ସଂଗ୍ରହ କରିବା ପରେ ବିଜୟାନନ୍ଦ ବିଭିନ୍ନ ପ୍ରକାର ଜିନିଷ ତିଆରି କରିବାରେ ଲାଗିଛନ୍ତି ଯାହାର ଚାହିଦା ଏବେ କାହିଁରେ କ'ଣ। ଏହାକୁ ସେ ରାଜ୍ୟରେ ଅନୁଷ୍ଠିତ ଆର୍ଟ ଗ୍ୟାଲେରିରେ ପ୍ରଦର୍ଶନ କରୁଛନ୍ତି। ଏହି କାର୍ଯ୍ୟ ସେ ୧୨ ବର୍ଷ ତଳେ ଆରମ୍ଭ କରିଥିଲେ। ସେ ଛୋଟ ଗାଡ଼ିଠାରୁ ଆରମ୍ଭ କରି ମନ୍ଦିର, ପଶୁ ତଥା ଗୃହ ସଜ୍ଜା ଉପକରଣର ପାଖାପାଖି ୪୦୦ଟି ଜିନିଷ ତିଆରି କରିଛନ୍ତି। କେବଳ ଷଡ଼େଇ ନୁହେଁ ସେ ନଡିଆ କତା, ପତ୍ର ଓ ଗଣ୍ଡି ମଧ୍ୟ ଉପଯୋଗ କରିଛନ୍ତି। ସେ ସ୍କୁଲପିଲା ଓ ବୟସ୍କମାନଙ୍କୁ ଏହି କଳା ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ଡିସେମ୍ବର ୧୯୯୫**

- ଚୀନ୍ ସମ୍ପର୍କରେ ଚୀନ୍‌ବାସୀଙ୍କୁ ସମ୍ପୂର୍ଣ୍ଣ ଓଲଟା ତଥ୍ୟ ପ୍ରଦାନ କରୁଥିବା ଅଭିଯୋଗରେ ଜର୍ମାନ ସାମ୍ବାଦିକ ହେନରିକ ବୋର୍କ ବହିଷ୍କୃତ।
- ତାମିଲନାଡୁକୁ ୧୧ଟି ଏମ୍‌ସି ଜଳ ଯୋଗାଇ ଦେବାକୁ କାବେରୀ ଜଳବିବାଦ ଟ୍ରିବ୍ୟୁନାଲ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ଆକାଶର ଶଶୀ ସମ ଦୂରେ
କେତେ ରୂପ ପରଶିଲା ପ୍ରାଣେ
ଆକାଶର ଶଶୀ ସମ ମୋର
କେତେ ରୂପ ହେଲା ପ୍ରିୟତର
ଯଉବନ ଉଦ୍ଦାମ ଗାନେ
କେତେ ରୂପ ପରଶିଲା ପ୍ରାଣେ।
(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଏ ସମସ୍ୟା ସମାଧାନ କରାଯାଉ

ମହାଶୟ,

ବିଦ୍ୟାଧରପୁର ୱାର୍ଡ ନଂ ୮ର ଦ୍ୱାରଦେଶ ବିଦ୍ୟୁତ୍ ଖୁଣ୍ଟରେ ଏକ ଏଲ୍‌ଇଡି ଆଲୁଅ ଲାଗିଥିଲା। ଏହା ଦଶ ମାସ ତଳର ଘଟଣା। ଏହି ଏଲ୍‌ଇଡି ଆଲୁଅ ଲାଗିବା ଦିନଠାରୁ ଅକାମୀ ରହିବା କର୍ମକର୍ତ୍ତା, ମିସ୍ତ୍ରି ତଥା ସରପଞ୍ଚ ଜାଣି ମଧ୍ୟ ଯେତେ କହିଲେ ବି ଆଲୁଅ ଜଳିପାରିଲା ନାହିଁ। ସାହି ଲୋକେ ଅନ୍ଧକାରରେ ରହିବାନେଇ ସରପଞ୍ଚଙ୍କୁ ଏବଂ ବିଦ୍ୟୁତ୍ କର୍ମଚାରୀଙ୍କୁ ଜଣାଇ ଦିଆଗଲା। ଏବେ ପନ୍ଦର ଦିନ ତଳେ ଏହା ଖୋଲି ଦିଆଗଲା। ଏହା ବ୍ଲକ୍ ଅଧୀନରେ ହେବ ବୋଲି ସରପଞ୍ଚ କହି ଦଶ ମାସ ଗଡ଼ିଗଲାଣି। ଅନେକ ଆଲୁଅ ମଧ୍ୟ ଜଳୁନାହିଁ। ଦ୍ୱିତୀୟତଃ ଚନ୍ଦନପୁର ବ୍ରାଞ୍ଚ କେନାଲ ପିଡବ୍ଲୁଡି ରାସ୍ତାରୁ ପିଚୁ ଉଠି ମରଣଯନ୍ତା ହେବା ଖବର ଅନେକ ଥର ଖବରକାଗଜରେ ପ୍ରକାଶ ପାଇ ମଧ୍ୟ ଗୁଆଲିଗୋରଡାଠାରୁ କଳାପାହାଡ଼ ଓ ବଳପୁରଠାରୁ ସାରଙ୍ଗଯୋଡି ପର୍ଯ୍ୟନ୍ତ ମେନ୍ କେନାଲ ରାସ୍ତା ସେହିପରି ରହିଅଛି। ରାସ୍ତା ପ୍ରଶସ୍ତୀକରଣ ହେବା ଲକ୍ଷ୍ୟରେ କେନାଲ ବନ୍ଧରେ ଯେଉଁ ମାଟି ଲଦା ହୋଇଥିଲା ତାହା ଧୋଇଗଲାଣି। ତୃତୀୟତଃ ବିଦ୍ୟାଧରପୁର ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ପମ୍ପଘର ଟ୍ରାନ୍ସଫର୍ମର ଫନୀ ବାତ୍ୟାରେ ବିଧ୍ୱସ୍ତ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଅନୁରୋଧ।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## କରୋନା ମୃତ୍ୟୁ ୧,୮୩୨ ଛୁଇଁଲା

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ତଳମୁହାଁ ହେବାରେ ଲାଗିଛି। ଦୈନିକ ସଂକ୍ରମିତ ସଂଖ୍ୟା କମିବା ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଜଗତ୍‌ସିଂହପୁର, ପୁରୀ ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ କରୋନାଜନିତ ମୋଟ ମୃତ୍ୟୁ ସଂଖ୍ୟା ୧,୮୩୨ ଛୁଇଁଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରେ ସର୍ବାଧିକ ୩୧୨ଜଣ ଥିବାବେଳେ ଗଞ୍ଜାମରେ ୨୪୬, ସୁନ୍ଦରଗଡ଼ରେ ୧୫୮, କଟକରେ ୧୩୮, ପୁରୀରେ ୧୧୩ ରହିଛନ୍ତି। ଅନ୍ୟ ସବୁ ଜିଲାରେ ମୃତ୍ୟୁ ସଂଖ୍ୟା ଏକଶହ ତଳକୁ ରହିଥିବା ବେଳେ ଦେବଗଡ଼ରେ ସର୍ବନିମ୍ନ ୫ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ରାଜ୍ୟରେ ଗତ ୨୪ଘଣ୍ଟାରେ ଆଉ ୩୫୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରର ୧୯୯ଜଣ ଥିବାବେଳେ ୧୫୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଥିବା ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୧ଜଣ ରହିଥିବାବେଳେ ଢେଙ୍କାନାଳ, କନ୍ଧମାଳ ଓ ସୋନପୁରରୁ ଜଣେ ଲେଖାଏ ରହିଛନ୍ତି। ବର୍ତ୍ତମାନ ମୋଟ ସଂକ୍ରମିତ ସଂଖ୍ୟା ୩, ୨୫, ୮୬୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଶନିବାର ଆଉ ୩୬୨ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୩, ୨୧, ୩୦୯କୁ ବୃଦ୍ଧି ପାଇଛି।



# ୪ ହଜାର ଟଙ୍କାର ବାଲି ଏବେ ୫୦ ହଜାର

## ସଇରାତ ହାତେଇବା ପାଇଁ ପ୍ରତିଯୋଗିତା

**ଜଗତ୍‌ସିଂହପୁର ଅଫିସ୍, ୧୯।୧୨**

ଜଗତ୍‌ସିଂହପୁର ଜିଲାରେ ବାଲି ସଇରାତ ହାତେଇବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ସଦ୍ୟ କେତୋଟି ସଇରାତ ନିଲାମ ଫଳାଫଳରୁ ଏହା ସ୍ପଷ୍ଟ ହୋଇଛି। ବଡ଼ କଥା ହେଲା ଗତବର୍ଷ ଯେଉଁ ସଇରାତରୁ ବାଲି ଉଠାଇବା ପାଇଁ ଘନମିଟର ପ୍ରତି ୨୬୭ ଟଙ୍କା ଥିଲା ତାହା ଏବେ ୩,୫୨୫ ଟଙ୍କାରେ ପହଞ୍ଚିଛି। ଗୋଟିଏ ହାଇୱା ପ୍ରାୟ ୧୪ ଘନମିଟର ବାଲି ବୋଝେଇ କରି ନିଏ। ଏହାକୁ ହିସାବ କଲେ ପୂର୍ବରୁ ହାଇୱା ପ୍ରତି ଦର ପାଖାପାଖି ୪,୦୦୦ ଟଙ୍କା ଥିବାବେଳେ ଏଣିକି ତାହା ପ୍ରାୟ ୫୦,୦୦୦ ଟଙ୍କା ହୋଇଯାଉଛି। ଏହାଦ୍ୱାରା ସରକାର ଭଲ ରାଜସ୍ୱ ପାଇବା ଆଶା କରାଯାଉଛି। କିନ୍ତୁ ଦିବାଲୋକରେ ସଇରାତରୁ ବାଲି ଚୋରାଚାଲାଣ ହେବା ଏବଂ ସରକାର ଏନେଇ ବିପୁଳ ରାଜସ୍ୱ କ୍ଷତି ସହିବା ଆଶଙ୍କା ରହିଥିବା ନେଇ ଚର୍ଚ୍ଚା ହେଉଛି। ଏପରି କି ସରକାରୀ ଅଧିକାରୀମାନେ ଏ ବିଷୟରେ ଭଲ ଭାବେ ଅବଗତ ଥାଇ ମଧ୍ୟ ସରକାରୀ ବ୍ୟବସ୍ଥାର ଆଳ ଦେଖାଇ ଚୁପ୍ ରହୁଥିବା ଆଲୋଚନା ହେଉଛି।

ସୂଚନା ଅନୁଯାୟୀ ନାଉଗାଁ ତହସିଲ ଅନ୍ତର୍ଗତ ଦେବୀ ନଦୀର ଏରଡ଼ା, ଶିଖର, ବଛାଲୋ, ଅରଖକୁଦ, ଗଳଧାରୀ ଓ ଅଲଣା-୨ ବାଲି ସଇରାତ ନିଲାମ ନିକଟରେ ଶେଷ ହୋଇଛି। କେତେକ କାରଣରୁ ପୋକାମୂଳା ଦେବୀ ନଦୀ ବାଲି ସଇରାତ ନିଲାମକୁ ବାତିଲ କରିଦିଆଯାଇଛି। ଏରଡ଼ା ବାଲି ସଇରାତ ନିଲାମ ନେଇଛନ୍ତି ଦେବୀଦତ୍ତ ମହାନ୍ତି। ସେ ଏହି ସଇରାତରୁ ବାଲି ଉତ୍ତୋଳନ ପାଇଁ ଘନମିଟର ପ୍ରତି ସର୍ବାଧିକ ୩,୫୨୫ ଟଙ୍କା ଟେଣ୍ଡର ପକାଇଥିଲେ। ସିକ୍ୟୁରିଟି, ଆଇଟି, ଇଏମ୍‌ଏଫ୍, ଡିଏମ୍‌ଏଫ୍ ଓ ଅତିରିକ୍ତ ଚାର୍ଜ ବାବଦ ଟଙ୍କା ଜମା କରିସାରିଲେ ସଇରାତ ଚଳାଇବା ପାଇଁ ସେ ଅନୁମତି ପାଇବେ। ୨୦୧୫-୧୬ରେ ଏହି ସଇରାତରୁ ବାର୍ଷିକ ୩,୦୦୦ ଘନମିଟର ବାଲି ଉଠାଇବା ପାଇଁ ଅନୁମତି ଥିବାବେଳେ ପ୍ରତି ଘନମିଟର ଦର ୨୬୭ ଟଙ୍କା ଥିଲା। ୨୦୨୦-୨୧ ନିଲାମରେ ବାର୍ଷିକ ୧୪,୫୬୯ ଘନମିଟର ବାଲି ଉଠାଇବା ଅନୁମତି ଥିବାବେଳେ ପ୍ରତି ଘନମିଟର ଦର ୩,୫୨୫ ଟଙ୍କା ଚୂଡାନ୍ତ ହୋଇଛି। ସଇରାତରୁ ଗୋଟିଏ ୪୦୭ ଗାଡ଼ିରେ ୪, ହାଇୱାରେ ୧୪, ଟ୍ରକ୍‌ରେ ୬ ଓ ଟ୍ରାକ୍ଟରରେ ୨.୫ ଘନମିଟର ବାଲି ଯିବା ବ୍ୟବସ୍ଥା ରହିଛି। ଏହାକୁ ହିସାବ କଲେ ଉକ୍ତ ସଇରାତରୁ ବାଲି ଉଠିଲେ ହାଇୱା ପ୍ରତି ସର୍ବନିମ୍ନ ୪୯,୩୫୦ ଟଙ୍କା ସହ ଅନ୍ୟାନ୍ୟ ଦେୟ ମିଶିଲେ ପାଖାପାଖି ୫୦ ହଜାର ଟଙ୍କା ପଡିବ। ସେହିପରି ୪୦୭ ପ୍ରତି ସର୍ବନିମ୍ନ ୧୪,୧୦୦, ଟ୍ରକ୍ ପ୍ରତି ୨୧,୧୫୦ ଓ ଟ୍ରାକ୍ଟର ପ୍ରତି ୮,୮୧୨ ଟଙ୍କା ସହ ଅନ୍ୟାନ୍ୟ ଦେୟ ଦେବାକୁ ହେବ। ଏହି ପ୍ରସଙ୍ଗ ଏବେ ସାଧାରଣରେ ଆଲୋଚନାର ବିଷୟ ହୋଇଛି। କାରଣ କେହି ଘର ନିର୍ମାଣ ପାଇଁ ଏହି ସଇରାତରୁ ବାଲି କିଣିବାକୁ ଚାହିଁଲେ ହାଇୱା ପ୍ରତି ୫୦,୦୦୦ ଟଙ୍କା ଦେବା ଏକପ୍ରକାର ଅସମ୍ଭବ ହୋଇପଡିଛି। ତେଣୁ ଦୂର ହେଉ ବରଂ କମ୍ ଦାମରେ ଯେଉଁଠୁ ବାଲି ମିଳିବ ସେଠାରୁ କିଣିବାକୁ ଚାହିଁବେ। ଅନ୍ୟପକ୍ଷରେ ବାଲି ଦର ଯୋଗୁ ସରକାରୀ କାମ ମଧ୍ୟ ଅନେକାଂଶରେ ନିମ୍ନମାନର ହେବା ଆଶଙ୍କା ସୃଷ୍ଟି ହୋଇଛି।

ନାଉଗାଁ ତହସିଲ ଅନ୍ତର୍ଗତ ଅନ୍ୟ ସଇରାତ କଥା ଆଲୋଚନା ଭିତରକୁ ଅଣାଗଲେ ବାଲି ଦରରେ ବହୁ ପ୍ରାର୍ଥକ୍ୟ ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଶିଖର ବାଲି ସଇରାତକୁ ନିଲାମ ନେଇଛନ୍ତି ତ୍ରିନୟନ ରଥ। ସେ ଏହି ସଇରାତରୁ ପ୍ରତି ଘନମିଟର ବାଲି ଉତ୍ତୋଳନ ପାଇଁ ସର୍ବାଧିକ ୧୩୦୦ ଟଙ୍କାରେ ଟେଣ୍ଡର ପକାଇ ସଫଳ ହୋଇଛନ୍ତି। ୨୦୧୫-୧୬ରେ ଏହି ସଇରାତରୁ ବାର୍ଷିକ ୧୩,୫୦୦ ଘନମିଟର ବାଲି ଉଠାଇବା ପାଇଁ ଅନୁମତି ଥିବାବେଳେ ପ୍ରତି ଘନମିଟର ଦର ୯୦ ଟଙ୍କା ଥିଲା। ସେହିପରି ବଛାଲୋ ସଇରାତରୁ ୧ ଘନମିଟର ବାଲି ଉଠାଇବା ପାଇଁ ୨୫୫୫ ଟଙ୍କା ଦରରେ ଦେବାଶିଷ ମହାରଣା ନିଲାମ ପାଇଛନ୍ତି। ଗଳଧାରୀ ସଇରାତରୁ ବାଲି ଉଠାଇବା ପାଇଁ ଘନମିଟର ପ୍ରତି ୨୫୨୫ ଟଙ୍କାରେ ଅକ୍ଷୟ କୁମାର ମହାନ୍ତି ନିଲାମ ପାଇଛନ୍ତି। ଅରଖକୁଦ ବାଲି ସଇରାତକୁ ଶକୁନ୍ତଳା କାବୁ ଘନମିଟର ପିଛା ୮୩୩ ଟଙ୍କା ଦରରେ ନିଲାମ ନେଇଛନ୍ତି। ଅଲଣା-୨ ସଇରାତକୁ ଦେବୀ ପ୍ରସାଦ ତ୍ରିପାଠୀ ୧ ଘନମିଟର ବାଲି ପିଛା ୮୬୫ ଟଙ୍କା ମୂଲ୍ୟରେ ନିଲାମ ନେଇଥିବା ଜଣାପଡ଼ିଛି।

ତିର୍ତ୍ତୋଲ ତହସିଲ ଅଧୀନ ୧୦ ବାଲି ସଇରାତ ମଧ୍ୟରୁ ୩ଟିର ନିଲାମ ସରିଛି। ସେଥିମଧ୍ୟରୁ ମହାନଦୀର ଓଲଗଦା ଓ ପୋସ୍ତଳ ବାଲି ସଇରାତ ନିଲାମ ପ୍ରକ୍ରିୟା ଚାଲିଥିବାବେଳେ ୫ଟିର ଅବଧି ସରିନି। ପ୍ରତି ଘନମିଟର ପିଛା ବାଲି ମୂଲ୍ୟ ଆଧାରରେ ନୂଆ କୃଷ୍ଣାନନ୍ଦପୁର-ପାଇକା ନଦୀ ସଇରାତ ୩୯୪ ଟଙ୍କାରେ, ଆଢାପତି-ପାଇକା ନଦୀ ସଇରାତକୁ ୧୫୯ ଟଙ୍କାରେ ଓ କୃଷ୍ଣାନନ୍ଦପୁର ମହାନଦୀ ସଇରାତ ୧୬୧ ଟଙ୍କାରେ ନିଲାମ ହୋଇଛି। ରଘୁନାଥପୁର ତହସିଲର ୨, ବିରିଡ଼ିର ୫ ଓ ଜଗତ୍‌ସିଂହପୁରର ୩ ଓ କୁଜଙ୍ଗର ୨ଟି ବାଲି ସଇରାତ ନିଲାମ ହୋଇନି।

ଅଧିକ ମୂଲ୍ୟରେ ସଇରାତ ନିଲାମ ସମ୍ପର୍କରେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଯିଏ ଅଧିକ ଦରରେ ଟେଣ୍ଡର ନେଇଛନ୍ତି ସେ କିପରି ସଇରାତ ଚଳାଇବେ ତାହା ତାଙ୍କର ଦାୟିତ୍ୱ। ସରକାରଙ୍କ ରାଜସ୍ୱ ହାନି ହେଉନି। ରାଜସ୍ୱ ଦେଇ ନ ପାରିଲେ ସଇରାତ ବନ୍ଦ କରି ଦିଆଯିବ। କିଏ କାହିଁକି ଅଧିକ ଦରରେ ନେଇଛନ୍ତି ତାହା ସେ ଜାଣିଥିବେ ବୋଲି ଜିଲାପାଳ କହିଥିଲେ।



# ସ୍ତ୍ରୀ ସମ୍ମୁଖରେ ସ୍ୱାମୀଙ୍କୁ ହତ୍ୟା



ଦୁର୍ବୃତ୍ତମାନେ ସାବେରୀ ନଦୀ କୂଳରେ ପୋଡ଼ି ଦେଇଥିବା ମୁଣ୍ଡ।

## ଗଣ୍ଡିରୁ ମୁଣ୍ଡ ଅଲଗା କରି ସାବେରୀ ନଦୀ କୂଳରେ ପୋତିଦେଲେ

**ପଡିଆ, ୧୯।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ପଡିଆ ପଞ୍ଚାୟତ କମାରଗୁଡା ନିକଟସ୍ଥ ନନ୍ଦାଗୁଡା ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କେତେକ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କୁ ଘରୁ ଉଠାଇ ନେଇ ତାଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କରି ହତ୍ୟା କରିଛନ୍ତି। ତାଙ୍କ ନାମ କାରାମ କାନା (୫୦)। ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ସାବେରି ନଦୀ କୂଳରେ ତାଙ୍କ ମୁଣ୍ଡଟି ପୋଡିଦେଇଥିବା ବେଳେ ଗଣ୍ଡିଟି ପୋତି ଦେଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇଦେଇଛି।

ଖବରରୁ ଜଣାପଡିଛି ଶୁକ୍ରବାର ରାତିରେ କାରାମ ଓ ସ୍ତ୍ରୀ କାରାମ କାନି ଖାଇସାରି ଶୋଇଥିଲେ। ରାତିରେ କେତେକ ଦୁର୍ବୃତ୍ତ ଆସି କାରାମଙ୍କୁ ଘରୁ ଉଠାଇ ନେଇ ସ୍ତ୍ରୀ କାନିଙ୍କ ସମ୍ମୁଖରେ ତାଙ୍କୁ ହାଣି ଦେଇଥିଲେ। ଫଳରେ ମୁଣ୍ଡରୁ ଗଣ୍ଡି ଅଲଗା ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଭୟଭୀତ ହୋଇ କାନି ଦୌଡି ପଳାଇଥିଲେ। ଶନିବାର ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୬୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ କାରାମଙ୍କ ମୁଣ୍ଡ ଗଣ୍ଡି ମଧ୍ୟରୁ ସାବେରି ନଦୀ କୂଳରେ ମୁଣ୍ଡଟି ପୋଡିଦେଇଥିବା ବେଳେ ଗଣ୍ଡିଟି ପୋତି ଦେଇଥିଲେ। ଶନିବାର ସନ୍ଧ୍ୟାରେ ପୋଲିସ ମୁଣ୍ଡଗଣ୍ଡି ଜବତ କରିଛି। ଗୁଣିଗାରେଡିକୁ ନେଇ ଏପରି ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି କହିଛନ୍ତି।

# ସାତଭାୟା କାହାଣୀ କହିବ 'କାଳିର ଅତୀତ'

## ଗୋଆ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବ



**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ଗୋଆ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପାନୋରମାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ଓଡ଼ିଆ ଫିଲ୍ମ 'କାଳିର ଅତୀତ' ପ୍ରଦର୍ଶନ ହେବାକୁ ମନୋନୀତ ହୋଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଏନେଇ ସୂଚନା ଦେଇଛନ୍ତି। ପୂର୍ବରୁ ହିନ୍ଦୀ ଓ ଇଂଲିଶ ଭାଷାରେ ଅନେକ ଫିଲ୍ମ ନିର୍ମାଣ କରିଥିବା ନୀଳମାଧବ ପ୍ରଥମ ଥର ଲାଗି ଓଡ଼ିଆରେ ସମ୍ପୂର୍ଣ୍ଣ ଭିନ୍ନସ୍ୱାଦ ଓ ଶୈଳୀର ଏହି ସିନେମା ତିଆରି କରିଛନ୍ତି। ସମୁଦ୍ର ଗର୍ଭରେ କ୍ରମେ ହଜି ଯାଉଥିବା ସାତଭାୟା ଅଞ୍ଚଳକୁ ନେଇ ଏହି ସିନେମା ନିର୍ମିତ ହୋଇଛି। ଓଡ଼ିଶାର ଜନ ଜୀବନରେ ପ୍ରକୃତି ସହିତ ସଙ୍ଘର୍ଷ ଏକ ନିତିଦିନିଆ କଥା। ଶହ ଶହ ବର୍ଷ ଧରି ବନ୍ୟା, ବାତ୍ୟା ଓ ମହାମାରୀ ସହିତ ସଂଘର୍ଷ କରି ଓଡ଼ିଆ ଜାତି ନିଜର ଅସ୍ତିତ୍ୱ ବଜାୟ ରଖିଛି। ପ୍ରକୃତି ସହିତ ଆମ ସଙ୍ଘର୍ଷର ପ୍ରତିଫଳନ ମାଳିକା ସାହିତ୍ୟରେ ଆମେ ଦେଖିଛୁ। ପ୍ରକୃତି ସହିତ ଆମର ଯଦି ସମ୍ପର୍କ ବିଗିଡ଼ିଯାଏ, ତାହେଲେ ପ୍ରଳୟ ଆସିବା ସ୍ୱାଭାବିକ। ବାଇଶି ପାହାଚେ ଖେଳିବ ମୀନ- ଏହା ମାଳିକାର କଳ୍ପନା ନୁହେଁ, ଏହା ଆମ ପାଇଁ ଏକ ସତର୍କ ବାଣୀ। ବର୍ତ୍ତମାନ ସମୟରେ ଜଳବାୟୁର ପରିବର୍ତ୍ତନ ସହିତ ପରିବେଶର ବିପର୍ଯ୍ୟୟ ଆମକୁ ଅଧିକ ବିପଦଗ୍ରସ୍ତ କରୁଛି। ଜଳବାୟୁ ପରିବର୍ତ୍ତନ କେବଳ ଏକ ଭବିଷ୍ୟବାଣୀ ନୁହେଁ, ଏହା ଆଜିର ସବୁଠୁ ବଡ ସଙ୍କଟ। ଏହି ପୃଷ୍ଠଭୂମିକୁ ଆଧାର କରି ତିଆରି ହୋଇଛି 'କାଳିର ଅତୀତ'। ଫିଲ୍ମରେ ଓଡ଼ିଆ ମାଳିକା ପରମ୍ପରା ସହିତ ଆଜିର ସାମାଜିକ ଜୀବନକୁ ଯୋଡ଼ି ନୀଳମାଧବ ଚମତ୍କାର କାହାଣୀ କହିଛନ୍ତି। ୨୦୦୫ ମସିହାରୁ ପ୍ରାୟ ୧୫ ବର୍ଷ ଧରି ବିଭିନ୍ନ ପର୍ଯ୍ୟାୟରେ ଏହି ସିନେମା ନିର୍ମିତ ହୋଇଛି। 'କାଳିର ଅତୀତ' ହେଉଛି ଅତୀତର ଦର୍ପଣରେ ମଣିଷ ସମାଜର ଭବିଷ୍ୟତ କାହାଣୀ ବୋଲି ଫିଲ୍ମ ବିଷୟରେ ସୂଚନା ଦେଇ ନୀଳମାଧବ କହିଛନ୍ତି। ପୂର୍ବରୁ 'ଆଇ ଆମ୍ କଲାମ', 'ଜଲ୍ ପରୀ', 'କୌନ କିତ୍‌ନେ ପାନି ମେଁ', 'ବବଲୁ ହାପି ହେଁ', 'କଡୱି ହାୱା' ଏବଂ 'ହଲ୍‌କା' ପରି ଉତ୍ତମ ମାନର ଚଳଚ୍ଚିତ୍ର ନିର୍ମାଣ କରି ନୀଳମାଧବ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ସାଧାରଣ ମଣିଷର ସଂଘର୍ଷ ଓ ସ୍ମୃତିର ଚିତ୍ରକୁ ଫିଲ୍ମ ମାଧ୍ୟମରେ ଉପସ୍ଥାପନ କରି ସେ ପ୍ରଶଂସିତ ହୋଇପାରିଛନ୍ତି।

ବନୀକରଣରେ ଅନିୟମିତତା

## ଫରେଷ୍ଟଗାର୍ଡ ନିଲମ୍ବିତ, ଫରେଷ୍ଟରଙ୍କୁ ବଦଳି

**କେନ୍ଦୁଝର, ୧୯।୧୨ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘଟଗାଁ ରେଞ୍ଜରେ ବନୀକରଣରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଶନିବାର କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଫରେଷ୍ଟର ଶ୍ରୀମନ୍ତ ବେହେରାଙ୍କୁ ବଦଳି କରିଛନ୍ତି। ଏହାସହ ଫରେଷ୍ଟଗାର୍ଡ ନୀଳମଣି ଜେନାଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଅନ୍ୟ ଜଣେ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯-୨୦ରେ ଏମ୍‌ଜିଏନଆରଇଜିଏସ୍‌ରେ ହୋଇଥିବା ବନୀକରଣରେ ଅନିୟମିତତା ଅଭିଯୋଗ ହୋଇଥିଲା। ଯାଞ୍ଚ ବେଳେ ଅବହେଳା ସହ କମ ଗଛ ବଞ୍ଚିଥିବା ଦେଖିବାକୁ ମିଳିଥିଲା।

## ଆଜି ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ):** ବିଜେଡିର ନବ ଗଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ପୂର୍ବାହ୍ନ ୧୦ଟାରେ ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ଦଳର ସମସ୍ତ ବିଧାୟକ, ଏମ୍‌ପି ଏବଂ ରାଜ୍ୟ ପରିଷଦ ସଦସ୍ୟ ଯୋଗଦେବେ। ବୈଠକରେ ବହୁ ପ୍ରସଙ୍ଗ ଉପରେ ରାଜନୈତିକ ଚିଠା ପ୍ରସ୍ତାବ ଗ୍ରହଣ ସହ ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ରୂପରେଖ ପ୍ରସ୍ତୁତି ଓ ପ୍ରସ୍ତାବ ଗ୍ରହଣ କରାଯିବ।

**SPOT ADMISSION IN GOVERNMENT UNIVERSITY & COLLEGES FOR 1st YEAR B.TECH AND INTEGRATED M.Sc.**

**Spot admission of 1st year for the academic session 2020-21 in Government University and Colleges of Odisha** will be conducted for filling up of vacant seats arising after final round of OJEE Counseling and completion of the reporting and internal sliding process at the college as per Government Notice vide No. SDTE-HTE-HTE-I-0003-2017/4553/SDTE Dated.26/11/2020. The spot admission process will be conducted online. **The date of registration and choice filling is 22/12/2020 to 23/12/2020 upto 5.00 PM.** For all details, visit the concerned university, college websites.

**Sd/-**
**Vice Chancellor, VSSUT, Director, IGIT, Sarang and Principals of GCE, Keonjhar, GCE, Kalahandi & PMEC, Berhampur, CET, Bhubaneswar**

**ଓଡ଼ିଶା ସରକାର**
**ଜଳନିଧି-୨ ଯୋଜନା**
**ଅନ୍ତର୍ଗତ କ୍ଷୁଦ୍ର ଉଠା ଜଳସେଚନ କାର୍ଯ୍ୟକ୍ରମ ୨୦୨୦-୨୧**
**(Cluster Micro River Lift Projects)**
**On-line ରେ ଚାଷୀମାନଙ୍କଠାରୁ ଆବେଦନ ପତ୍ର ଦାଖଲ ପାଇଁ ସୂଚନା**

- ଓଡ଼ିଶା ସରକାର, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଥିବା ବିଭିନ୍ନ ଜଳ ଉତ୍ସ ଯଥା- ନଦୀ, ନାଳ, ଆଡ଼ିବନ୍ଧ **(Check Dam)**ର ଉପର ମୁଣ୍ଡ ଇତ୍ୟାଦିରେ ଏକ କ୍ଷୁଦ୍ର ଉଠା ଜଳ ସେଚନ ପ୍ରକଳ୍ପ **(Micro River Lift)** କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । ଏହି ଯୋଜନାରେ ଚାଷୀମାନଙ୍କୁ ଏକକ ମାଲିକାନା ଭିତିରେ ଗୋଟିଏ ଗୋଟିଏ ପମ୍ପ, ପମ୍ପ ପିଣ୍ଡି, ପ୍ୟାନେଲ, ପାଇପ ଓ ବିଦ୍ୟୁତ ସଂଯୋଗ ସ୍ୱତନ୍ତ୍ର ସବ୍‌ଷ୍ଟେସନ ମାଧ୍ୟମରେ ଦିଆଯାଇ ସମ୍ପୂର୍ଣ୍ଣ ପ୍ରକଳ୍ପ ଗଠିତ ହେବ ।
- ଆବେଦନକାରୀ ଚାଷୀ ଶତକଡ଼ା ୧୦ ପ୍ରତିଶତ ଖର୍ଚ୍ଚ ବହନ କରିବେ ଯାହାର ସର୍ବୋଚ୍ଚ ରାଶି ୨୦,୦୦୦/- ଟଙ୍କା ମାତ୍ର **(BPL/NFS,** ଆଦିବାସୀ ଓ ହରିଜନ ଆବେଦନକାରୀ କ୍ଷେତ୍ରରେ ଏହି ରାଶି ସର୍ବୋଚ୍ଚ ୧୦,୦୦୦/- ଟଙ୍କା ମାତ୍ର) ଅଟେ । ହସ୍ତାନ୍ତର ପରେ ପ୍ରକଳ୍ପଟିର ସମସ୍ତ ଦାୟିତ୍ୱ ସମ୍ପୃକ୍ତ ଚାଷୀ ବହନ କରିବେ ।
- କ୍ଷୁଦ୍ର ଉଠାସେଚ ପ୍ରକଳ୍ପଗୁଡ଼ିକ ଗ୍ରୁପ ବା **Cluster** ଭିତ୍ତିରେ ଚୟନ କରାଯିବ । ଏଣୁ ଗୋଟିଏ ଗୋଟିଏ ଗ୍ରୁପ୍‌ରେ ତିନୋଟି ବା ତତୋଃଧିକ ସେଚ ପ୍ରକଳ୍ପ ପାଇଁ ଆବେଦନ କରାଯିବା ବାଞ୍ଛନୀୟ ।
- ସେଚ ପ୍ରକଳ୍ପପାଇଁ ଉଦ୍ଦିଷ୍ଟ ଜମିର ଦୂରତା ଜଳଉତ୍ସଠାରୁ ଅତି ବେଶୀରେ ୫୦୦ ଫୁଟ ହେବା ଉଚିତ । ଆବେଦନକାରୀ ଚାଷୀଙ୍କର ଅଣଜଳସେଚିତ ଜମି ସମ୍ପୃକ୍ତ ଉଠା ସେଚ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ଜରୁରୀ ।
- ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ **Cluster** ନିକଟସ୍ଥ ୧୧ କେ.ଭି. ଲାଇନ୍ ଠାରୁ ଅତି ବେଶୀରେ ୪୦୦ ମିଟର ଦୂର ମଧ୍ୟରେ ରହିଥିବା ଆବଶ୍ୟକ ।
- ପ୍ରତି ଉଠା ସେଚ ପ୍ରକଳ୍ପର ଜଳ ସେଚନ କ୍ଷମତା ଦୁଇ ହେକ୍ଟର ବା ତଦୁର୍ଦ୍ଧ ହେବା ଆବଶ୍ୟକ । ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ନିମିତ ଆବଶ୍ୟକୀୟ ରାଜିନାମା ସମ୍ପୃକ୍ତ ଚାଷୀ ବିଦ୍ୟୁତ ବିତରଣକାରୀ କମ୍ପାନୀ ସହିତ କରିବେ ।
- ପ୍ରତ୍ୟେକ ପ୍ରକଳ୍ପକୁ **MAIN** ପାଇପ ସହ **Srinkler** କିମ୍ବା **Pump House** ଯୋଗାଇ ଦିଆଯିବ ।
- ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ଚାଷୀମାନଙ୍କୁ ଅନୁରୋଧ କରାଯାଉଛି କି, ଚାଷୀମାନେ ନିଜର **Farmer ID** ରେ ଆବଶ୍ୟକୀୟ ଫର୍ମ **On-line (www.odishaagro.nic.in)** ରେ ଆବେଦନ କରନ୍ତୁ କିମ୍ବା ନିକଟସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ ଜିଲ୍ଲା କାର୍ଯ୍ୟାଳୟ ସହ ସାକ୍ଷାତ କରନ୍ତୁ ।

# ଓଟିପିସିଏଲ୍ କ୍ୟାମ୍ପ୍‌ରେ ଲଙ୍କାକାଣ୍ଡ

- ପେଟ୍ରୋଲ ଢାଳି ୬ ଏକ୍ସାଭେଟର ଜାଳିଦେଲେ ଦୁର୍ବୃତ୍ତ
- ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯାଇଥିବା ଅଭିଯୋଗ




ନିଆଁରେ ପୋଡ଼ିଯାଇଥିବା ଏକ ଏକ୍ସାଭେଟର।

**କାମାକ୍ଷାନଗର, ୧୯।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଂହା ଥାନା ଅଁଳାବେରେଣୀ ନିକଟ ଓଟିପିସିଏଲ୍ ସିଭିଲ ଟାଉନଶିପ୍ ନିର୍ମାଣସ୍ଥଳ କ୍ୟାମ୍ପରେ ଶନିବାର ଲଙ୍କାକାଣ୍ଡ ଘଟାଇଛନ୍ତି ଦୁର୍ବୃତ୍ତ। ଉଦ୍ଦେଶ୍ୟମୂଳକ ଭାବେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଫଳରେ ୬ ଏକ୍ସାଭେଟର ଜଳିଯାଇଛି। କ୍ୟାମ୍ପରେ ଠିକାସଂସ୍ଥାର ସୁରକ୍ଷାକର୍ମୀଙ୍କ ଉପସ୍ଥିତି ସତ୍ତ୍ୱେ ଏପରି କାରନାମା ଭିନ୍ନଦିଗକୁ ଦର୍ଶାଉଛି। ଖବର ଲେଖାଯିବା ଯାଏ ଠିକାସଂସ୍ଥା ପକ୍ଷରୁ ମାମଲା ରୁଜୁ ନ ହେବା ଘଟଣାକୁ ଆହୁରି ରହସ୍ୟାବୃତ କରିଛି।

ସୂଚନାଯୋଗ୍ୟ, ଅଁଳାବେରେଣୀର ଭୀମପାଳ ନିକଟରେ ଓଟିପିସିଏଲ୍ ବିସ୍ଥାପିତଙ୍କ ଥଇଥାନ ଲାଗି କଲୋନୀ ନିର୍ମାଣ କାର୍ଯ୍ୟ ଚାଲିଛି। ଠିକାସଂସ୍ଥା ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ କରାଯାଉଛି। ପାଚେରି ନିର୍ମାଣ, ଭୂମି ସମତଳ କରିବାକୁ ପ୍ରାଇଭେଟ୍ ମାଲିକଙ୍କଠାରୁ ଭଡ଼ାସୂତ୍ରରେ ଅଣାଯାଇ ୧୧ଟି ଏକ୍ସାଭେଟର ନିୟୋଜିତ କରାଯାଇଥିଲା। ଶନିବାର ଭୋର୍ ପ୍ରାୟ ୪ଟାରେ ୬ଟି ଏକ୍ସାଭେଟରରେ ନିଆଁ ଲାଗିଥିବା ସୂଚନା ପାଇ ଠିକାସଂସ୍ଥାର କେତେଜଣ କର୍ମଚାରୀ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ୬ ଏକ୍ସାଭେଟର ପୋଡ଼ିଯାଇଥିଲା। ପାରିପାର୍ଶ୍ୱିକ ଅବସ୍ଥାରୁ ଏକ୍ସାଭେଟରଗୁଡ଼ିକୁ ବାଛି ବାଛି ପୋଡ଼ାଯାଇଥିବା ଜଣାପଡୁଛି। କ୍ୟାମ୍ପରେ ସୁରକ୍ଷାକର୍ମୀ ମୁତୟନ ସତ୍ତ୍ୱେ ଏଭଳି କାଣ୍ଡ ଘଟିବା ଘଟଣାକୁ ରହସ୍ୟମୟ କରିଛି। କ୍ଷତିଗ୍ରସ୍ତ ଏକ୍ସାଭେଟର ମାଲିକଙ୍କ ମଧ୍ୟରେ ହିମାଂଶୁ ଶେଖର ଦାସ, ବନମାଳୀ ରାଉତ, ଲକ୍ଷ୍ମୀଧର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା ଏବଂ ଗୀତାଞ୍ଜଳି ସାହୁ ଅଛନ୍ତି। ଅନ୍ୟ ଜଣେ ମାଲିକଙ୍କ ଘର ପରଜଙ୍ଗ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଉଦ୍ଦେଶ୍ୟମୂଳକ ଭାବେ କେହି ଏପରି କାଣ୍ଡ ଘଟାଇଥିବା ଗୀତାଞ୍ଜଳିଙ୍କ ପୁଅ ସ୍ମୃତିରଞ୍ଜନ ସାହୁ ଅଭିଯୋଗ କରିଛନ୍ତି।

ସୂଚନାପାଇ ଏସ୍‌ଡିପିଓ ସୁପ୍ରସନ୍ନ ମଲିକ ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ତୁମୁସିଙ୍ଗା ଥାନାଧିକାରୀ ଆନନ୍ଦ ଚନ୍ଦ୍ର ଡୁଙ୍ଗ୍‌ଡୁଙ୍ଗ୍ କୁହନ୍ତି, ଅଦ୍ୟାବଧି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ। ଘଟଣାକୁ ୧୨ଘଣ୍ଟା ପୂରିଥିବା ବେଳେ ଥାନାରେ ଏତଲା ଦିଆ ନ ଯିବା ପ୍ରଶ୍ନବାଚୀ ଛିଡ଼ା କରାଇଛି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବସ୍

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ରାସୋଳ ରେଲୱେ ଅଣ୍ଡରବ୍ରିଜ ନିକଟରେ କୋଇଡାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଶାନ୍ତିଲତା ନାମକ ଯାତ୍ରୀବାହୀ ବସ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ବେଳେ ସେମାନଙ୍କୁ ଅନ୍ୟ ବସ୍ ଯୋଗେ ନିଆଯାଇଛି। ଖବର ପାଇ ଦୈତାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ, ଜଣେ କୋର୍ଟଚାଲାଣ

ଖଇରା, ୧୯।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସିଂହପୁର ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଶରତ ନାୟକ ନାମକ ବ୍ୟକ୍ତିଙ୍କ ଆକ୍ରମଣରେ ସେହି ଗ୍ରାମର ଉମାକାନ୍ତ ନାୟକ ଗୁରୁତର ଆହତ ହୋଇଛନ୍ତି। ଖଇରା ପୋଲିସ ଏନେଇ ଏକ ମାମଲା(ନଂ.୨୮୦/୨୦) ରୁଜୁ କରି ଅଭିଯୁକ୍ତ ଶରତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଶୁକ୍ରବାର ରାତିରେ ଗ୍ରାମର ତଳସାହିରେ ଥିବା ମଦ ଦୋକାନରୁ ଉଭୟ ମଦ ପିଇବା ପରେ ପୂର୍ବ ଘଟଣାକୁ ନେଇ ମାରପିଟ୍ ଲାଗିଥିଲେ। ପରେ ଶରତ ଉତ୍ତ୍ୟକ୍ତ ହୋଇ ଉମାକାନ୍ତଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

ଚମ୍ପୁଆ, ୧୯।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ କୋର୍ଟ ପରିସରରେ ରାଷ୍ଟ୍ରୀୟ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନୁଷ୍ଠିତ ଏହି ଲୋକ ଅଦାଲତର ଅତିରିକ୍ତ ଜିଲା ଦୌରାଜର୍ଜ ତଥା ତାଲୁକା ଆଇନ କମିଟି ଅଧକ୍ଷ ଦୋଳ ଗୋବିନ୍ଦ ବାରିକ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବଜଜ୍ ବିନୟ କୁମାର ପାତ୍ର, ଏସଡିଜିଏମ ଶ୍ରଧା ମାଣ୍ଡାଠିଆ, ଜେଏମଏସସି ସମିକ୍ଷା ମହାନ୍ତ ଏବଂ ଏପିପିପି ମଧୁସୂଦନ ପତି ଉପସ୍ଥିତ ହୋଇଥିଲେ। ୧୨୫ ଗୋଟି ପ୍ରାକ୍ ମକଦମାରୁ ୪ରି ଗୋଟି ମାମଲାର ଫଇସଲା କରାଯାଇ ୧ଲକ୍ଷ ୫୨ ହଜାର ଟଙ୍କାରେ ସ୍ଥିରୀକୃତ କରାଯାଇଛି। କୋର୍ଟର ବିଚାରାଧିନ ଥିବା ୮୬ ଟି ମାମଲାରୁ ୧୫ର ଗୋଟିର ଫଇସଲା କରାଯାଇ ଟ ୧୩,୯୦,୦୩୫.୯୯ ପଇସା ଆଦୟ କରାଯାଇଛି।

### ଗାଡ଼ି ଧକ୍କାରେ ବୃଦ୍ଧା ମୃତ

ଝୁମ୍ପୁରା, ୧୯।୧୨ (ଡି.ଏନ.ଏ.): କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ କାଶିପାଳ ଗ୍ରାମ୍ୟ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ବୃଦ୍ଧାଙ୍କର ପରିଚୟ ମିଳିପାରି ନାହିଁ। ଶନିବାର ସକାଳେ ଗ୍ରାମବାସୀଙ୍କର ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ ୧୪୦/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ବୋଲେରୋ-ବାଇକ୍ ଧକ୍କା, ଜଣେ ଗୁରୁତର

ପଦ୍ମପୁର,୧୯।୧୨(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କମାରଗାଁ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ୍ ଓ ବୋଲେରୋ ଧକ୍କା ହୋଇଛି। ସୂଚନା ଅନୁଯାୟୀ, ବାସୁଦେବପୁର ନ୍ୟୁଇଣ୍ଡିଆ ସାହିର ଜ୍ୟୋତିପ୍ରକାଶ ଅଧିକାରୀ ବାଇକ୍‌ରେ ଭୁବନେଶ୍ୱର ଯାଉଥିବା ବେଳେ ବୋଲେରୋ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ କଟକ ସ୍ଥାନାନ୍ତର କରାଯାଇଛି। ବାସୁଦେବପୁର ଥାନା ପୋଲିସ ଶନିବାର ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛି।

# 'ଅନ୍‌ଲାଇନରେ ପରୀକ୍ଷା ହେଉ'

## ଦାବିପତ୍ର ଦେଲେ ବିଏଡ୍ ଛାତ୍ରୀଛାତ୍ର

ବାଲେଶ୍ୱର ଅଫିସ, ୧୯।୧୨

ବାଲେଶ୍ୱର ଓ ଭଦ୍ରକରେ ଥିବା ଦୁଇ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଥମବର୍ଷ ପରୀକ୍ଷା ଅଫ୍‌ଲାଇନ୍ ମାଧ୍ୟମରେ କରାଇବା ଲାଗି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଛାତ୍ରୀଛାତ୍ର ଜୋରଦାର ବିରୋଧ କରିଛନ୍ତି। ବର୍ତ୍ତମାନର କୋଭିଡ୍-୧୯ କଟକଣା ସମୟରେ ସମସ୍ତ ବିଶ୍ୱବିଦ୍ୟାଳୟ ଅନଲାଇନ୍ ମାଧ୍ୟମରେ ପରୀକ୍ଷା କରୁଥିବା ବେଳେ ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରି ଛାତ୍ରୀଛାତ୍ର ବାରମ୍ବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଓ ମୌଖିକ ଭାବେ ଜଣାଇଛନ୍ତି। ଶୁକ୍ରବାର ପୁନଶ୍ଚ ଲିଖିତ ଭାବେ ନିଷ୍ପତ୍ତିକୁ ବିରୋଧ କରିବା ପରେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ପରେ ବିସିଜେଡି ଜିଲା ସଭାପତି ସିମନ ଦାସମହାପାତ୍ର ଓ ଛାତ୍ରନେତା ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଶନିବାର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଓ ସଦର ବିଧାୟକ ସ୍ୱରୂପ ଦାସଙ୍କୁ ଭେଟିଥିଲେ। ସମସ୍ୟାର ସମାଧାନ ପାଇଁ ପୂର୍ବତନ ଏମ୍‌ପି ଇଂ. ଜେନା ଓ ବିଧାୟକ ଦାସ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଛନ୍ତି। ତେବେ ସୋମବାର ସୁଦ୍ଧା କର୍ତ୍ତୃପକ୍ଷ ଯଦି ଏ ଦିଗରେ ଧ୍ୟାନ ନ ଦିଅନ୍ତି, ତେବେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ସାମ୍ନାରେ ଆନ୍ଦୋଳନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଛାତ୍ରୀଛାତ୍ରମାନେ ଦର୍ଶାଇଛନ୍ତି ଯେ, କୋଭିଡ୍-୧୯ ସମୟରେ ଅଫଲାଇନ୍ ପରୀକ୍ଷା ପାଇଁ ଅଧିକ ପିଲା ଏକାଠି ହେଲେ ସଂକ୍ରମଣ ଭୟ ରହିଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରମାନେ ଏଠାରେ ପଢୁଥିବାରୁ ସେମାନଙ୍କର ରହିବା ପାଇଁ ସୁବିଧା ନାହିଁ। କଲେଜରେ ଛାତ୍ରାନିବାସ ନ ଥିବାବେଳେ ସମସ୍ତ ଘରୋଇ ମେସ୍ ମଧ୍ୟ ବନ୍ଦ ରହିଛି। ଅନ୍ୟପକ୍ଷରେ ୟୁଜିସି ଗାଇଡଲାଇନ୍ ଅନୁସାରେ ପରୀକ୍ଷା ଫଳ ଡିସେମ୍ବର ୩୧ ସୁଦ୍ଧା ପ୍ରକାଶ କରିବାକୁ ନିର୍ଦ୍ଦେଶ ରହିଥିବାବେଳେ ଜାନୁୟାରୀରେ ପରୀକ୍ଷା କରିବାକୁ ବିଶ୍ୱବିଦ୍ୟାଳୟ ନିଷ୍ପତ୍ତି ନେଇଛି। ଛାତ୍ରବୃତ୍ତି ପାଇଁ ଜାନୁଆରୀ ୧୫ଶେଷ ତାରିଖ ରହିଥିବା ବେଳେ ଏବେ ପର୍ଯ୍ୟନ୍ତ ପରୀକ୍ଷା ହୋଇନି କି ଫଳ ଆସିନି। ସମସ୍ୟାର ସମାଧାନ ନିମନ୍ତେ ଛାତ୍ରୀଛାତ୍ରମାନେ ଅନୁରୋଧ କରିଛନ୍ତି। ଦୁଇ ବିଏଡ୍ କଲେଜରୁ ଛାତ୍ରୀଛାତ୍ର ଏବଂ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ରାଉତ, ବିକ୍ରମ କେଶରୀ ପାଳ, ଅଶୋକ କୁମାର ସାମଲ, ଅନିତା ବେହେରା, ଗୋବିନ୍ଦ ସାହୁ, ଉମେଶ ତ୍ରିପାଠୀ, ପ୍ରତୀକ କୁମାର ଖୁଣ୍ଟିଆ, ଆଶିଷ କୁମାର ମଣ୍ଡଳ, ତନ୍ମୟ କୁମାର ପ୍ରଧାନ, ସୁଦୀପ୍ତ ଦାସ, ରତିକାନ୍ତ ବାରିକ, ଦେବାଶିଷ ଓଝା, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ ଦାବିପତ୍ର ଦେଇ ଛାତ୍ରୀଛାତ୍ର ଆଲୋଚନା କରୁଛନ୍ତି।

# ବୃତ୍ତି ପରୀକ୍ଷା ଦେଲେ ୨୮୬

ବନ୍ତ,୧୯।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ୬ଟି ପରୀକ୍ଷାକେନ୍ଦ୍ରରେ ୨୮୬ ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ବନ୍ତ ସ୍ଥିତ ମହତାବ ଏମ୍ଇ ସ୍କୁଲରେ ୪୯, ଟିଲୋ ନୋଡାଲ ହାଇସ୍କୁଲରେ ୪୫, ଗଣିଜାଙ୍ଗସ୍ଥିତ ନେହେରୁ ନୋଡାଲ ହାଇସ୍କୁଲରେ ୪୭, ଗୋବିନ୍ଦପୁର ପି ଏସ୍ ନୋଡାଲ ହାଇସ୍କୁଲରେ ୪୪, ତୋଫାବିବି ପ୍ରାଥମିକ ବିଦ୍ୟାଳୟରେ ୫୧ ଓ କାଦବରାଙ୍ଗ ନୋଡାଲ ହାଇସ୍କୁଲରେ ୫୦ ଜଣ ପରୀକ୍ଷା ଦେଇଥିଲେ। ଗଣିଜାଙ୍ଗ ନେହେରୁ ନୋଡାଲ ହାଇସ୍କୁଲରେ ୨ ଓ ଟିଲୋ ନୋଡାଲ ହାଇସ୍କୁଲରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି। ଅବଜରଭର ଭାବେ ସିଆର୍‌ସିସି ରାମଚନ୍ଦ୍ର ଜେନା, ଭରତ ଚନ୍ଦ୍ର ଓଝା, ପ୍ରଫୁଲ୍ଲ କୁମାର ନାୟକ, ଜଗତ ଜୀବନ ଜେନା, ଦେବବ୍ରତ ଦାଶ ଓ ପରେଶ ଚନ୍ଦ୍ର ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତ୍ୱ ବଜାୟ ରଖିଥିବା ଦେଖାଯାଇଥିଲା।

# ରାସ୍ତା ଉନ୍ନତୀକରଣ ଲାଗି ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

ସଜନାଗଡ଼,୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ବାଇପାସ୍ ଛକଠାରେ ୧୯ନଂ. ରାଜ୍ୟ ରାଜପଥକୁ ସହର ଅଭିମୁଖେ ଯାଇଥିବା ରାସ୍ତା ପ୍ରଶସ୍ତୀକରଣ ଲାଗି ଶନିବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଉଚ୍ଛେଦ ସମୟରେ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ପିଡବ୍ଲ୍ୟୁଡି ଏସ୍‌ଡ଼ିଓ ପ୍ରଫୁଲ୍ଲ କୁମାର ଦାସ, ତହସିଲଦାର ଅଶେଷ କୁମାର ନାୟକ, ନୀଳଗିରି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ, ନୀଳଗିରି ଏସ୍‌ଡ଼ିପିଓ ରିତେଶ ମହାପାତ୍ର, ନୀଳଗିରି ଆଇଆଇସି ପ୍ରଭଞ୍ଜନ ବେହେରା ଓ ଫୋର୍ସ ସହ ପ୍ରଶାସନ ଉପସ୍ଥିତ ରହିଥିଲେ।

ରାସ୍ତା ଉନ୍ନତୀକରଣ ଲାଗି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ୧୯ନଂ. ରାଜ୍ୟ ରାଜପଥରୁ ବଜାର ଭିତରକୁ ଯାଉଥିବା ରାସ୍ତା ମରଣଯନ୍ତା ହୋଇଥିବା ବେଳେ ବହୁ ସମୟରେ ଦୁର୍ଘଟଣା ଘଟିଥାଏ।

# ଆପ୍ରୋଚ୍ ରୋଡ୍ ପାଇଁ ଜମି ଚିହ୍ନଟ



ଅଧିକାରୀମାନେ ଜମି ଚିହ୍ନଟ କରୁଛନ୍ତି।

ବନ୍ତ,୧୯।୧୨(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ସାଳନ୍ଦୀ ବିଜୁ ସେତୁକୁ ସଂଯୋଗ କରୁଥିବା ଟିକିରା ଆପ୍ରୋଚ୍ ରୋଡ ପାଇଁ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ଇନ୍ଦିରା ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ କାଳନ୍ଦୀ ଚରଣ ବେହେରା, କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତିଙ୍କ ଉପସ୍ଥିତିରେ ଅମିନ ଅଜାତଶତ୍ରୁ ଦାସ, ଗଜେନ୍ଦ୍ର ଦାସଙ୍କ ଦ୍ୱାରା ଜମି ଚିହ୍ନଟ ହୋଇଥିଲା।

ସୂଚନାଯୋଗ୍ୟ ଯେ, ବଡ଼ମହିଷଗୋଠ ପଞ୍ଚାୟତ ଟିକିରା ଗ୍ରାମ ଓ ଗୋପିନାଥପୁର ପଞ୍ଚାୟତ ଶ୍ରୀରାମପୁର ଗ୍ରାମକୁ ସଂଯୋଗ କରିବା ପାଇଁ ୨୦୧୬ରେ ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କା ବ୍ୟୟ ଅଟକଳରେ ସାଳନ୍ଦୀ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଜୁ ସେତୁର ଉଦ୍‌ଘାଟନ ହୋଇଥିଲା। ଏହି ସେତୁର ନିର୍ମାଣ କାର୍ଯ୍ୟ ୨୦୧୭ରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ୪ ବର୍ଷ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ସ୍ଥାନୀୟ ଲୋକେ ପାଣିରେ ପଶି ଯିବାଆସିବା କରୁଛନ୍ତି। ଏହି ସେତୁ ନିର୍ମାଣ ହେଲେ ବନ୍ତ, ଭଦ୍ରକ ଓ ଖଇରା ବ୍ଲକର ୧୮ ପଞ୍ଚାୟତର ଲୋକ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଜମି ଦ୍ୱନ୍ଦ୍ୱ ଓ ଅନ୍ୟାନ୍ୟ କାରଣ ଯୋଗୁ ଆପ୍ରୋଚ୍ ରୋଡ୍ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଦେଖାଯାଇଥିଲା। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି।

# କ୍ଲଷ୍ଟରସ୍ତରୀୟ 'ମୋ ସ୍କୁଲ ଅଭିଯାନ'

ରସାଲପୁର, ୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ପଳାଶପୁର କ୍ଲଷ୍ଟରସ୍ତରୀୟ 'ମୋ ସ୍କୁଲ ଅଭିଯାନ' ସମୀକ୍ଷା ବୈଠକ ବାଙ୍ଗରା ସରକାରୀ ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଙ୍ଗରା ସରକାରୀ ନୋଡ଼ାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାତ୍ର ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଦର ଗୋଷ୍ଠୀ ଶିକ୍ଷାଧିକାରିଣୀ କବିତା ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କ୍ଲଷ୍ଟର ସିଆରସିସି ତଥା କୋର କମିଟିର ସଦସ୍ୟ ସନ୍ନ୍ୟାସୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ସଙ୍ଗୀତା ରଥ, ବିଥିକା ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ 'ମୋ ସ୍କୁଲ ଅଭିଯାନ' ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋ ସ୍କୁଲର ଆଲୁମିନି ସଦସ୍ୟ ମନ୍ମଥ ମହାନ୍ତି, ଲକ୍ଷ୍ମୀଧର ସ୍ୱାଇଁ, ଗୋପୀନାଥ ସ, ଶରତ ସାମଲ, ଘନଶ୍ୟାମ ପାତ୍ର, ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସରକାରଙ୍କ ମୋ ସ୍କୁଲ ଅଭିଯାନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ବଦାନ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ଏକ ଆଲୁମିନି କମିଟି କରି ଜଣଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏବଂ ଆଲୁମିନି କମିଟି ସଭାପତିଙ୍କ ନାମରେ ଏକ ବ୍ୟାଙ୍କ ପାସବୁକ୍ ଖୋଲି ବଦାନ୍ୟ ବ୍ୟକ୍ତିଙ୍କଠାରୁ ମିଳିଥିବା ଅର୍ଥକୁ ଉକ୍ତ ପାସବୁକ୍‌ରେ ଜମା କରିବାର ବ୍ୟବସ୍ଥା ରହିଛି। ଉକ୍ତ ପାସ୍‌ବୁକ୍‌ରେ ଯେତେ ଅର୍ଥ ସଞ୍ଚୟ ରଖିବ ତା' ଦୁଇଗୁଣା ଅର୍ଥ ସରକାର ଦେବାର ବ୍ୟବସ୍ଥା ରହିଛି। ଉକ୍ତ ଅର୍ଥକୁ ସ୍କୁଲ ସୌନ୍ଦର୍ଯ୍ୟକରଣ ଲାଗି ବ୍ୟବହାର କରାଯିବ ବୋଲି ମୁଖ୍ୟଅତିଥି ଉପସ୍ଥିତ ସଦସ୍ୟାସଦସ୍ୟଙ୍କୁ ଅବଗତ କରିଥିଲେ।

# କଂଗ୍ରେସକୁ ଦୃଢ଼ କରିବାକୁ ନେତାଙ୍କ ଆହ୍ୱାନ



କଂଗ୍ରେସ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ପାଟଣା,୧୯।୧୨ (ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ଦେଇ ପ୍ରବାହିତ ବୈତରଣୀ ନଦୀ କୂଳରେ ଶନିବାର ଅପରାହ୍ନରେ ପାଟଣା ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମୀ ସମ୍ମିଳନୀରେ ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଇଂ ବିଦ୍ୟାଧର ଦାଶଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ତଳସରା ବିଧାୟକ ପ୍ରଫୁଲ୍ଲ କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ମିଶ୍ର, ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଗୌରହରି ନାଏକ ଓ ବରିଷ୍ଠ ନେତା ଲକ୍ଷ୍ମଣ କୁମାର ଦାଶ ପ୍ରମୁଖ ଯୋଗ ଦେଇ ତୃଣମୂଳ ସ୍ତରରୁ କଂଗ୍ରେସକୁ ମଜଭୁତ କରିବା ସହ ମୋଦି ସରକାରଙ୍କ ଜନ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଶତ୍ରୁଘ୍ନ ସିଂ, ବସନ୍ତ ମିଶ୍ର, ଲକ୍ଷ୍ମୀଧର ପଟ୍ଟନାୟକ, ଗୌତମ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# କୃଷି ଆଇନକୁ ନେଇ ପ୍ରତିବାଦ ସଭା

ଝାରପୋଖରିଆ, ୧୯।୧୨ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଜଗବନ୍ଧୁ ମିଶ୍ରଙ୍କ ଆହ୍ୱାନ କ୍ରମେ ସାରସକଣା ବ୍ଲକ ଶାଖା ପକ୍ଷରୁ ସମ୍ପାଦକ କମ୍ରେଡ୍ ବଳରାମ ମୁର୍ମୁଙ୍କ ତତ୍ତ୍ୱାବଧାନରେ ନୂତନ କୃଷି ଆଇନକୁ ବିରୋଧ କରି ପ୍ରତିବାଦ ସଭା ଧାନଘେରୀଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କମ୍ୟୁନିଷ୍ଟ ଦଳ କୃଷକ ସଭାର ସାଧାରଣ ସମ୍ପାଦକ ତ୍ରିନାଥ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଭାକୁ ଉଦ୍‌ଘାଟନ କରିଥିଲେ ରାଜ୍ୟ ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର। ବ୍ଲକର ବିଭିନ୍ନ ଅଞ୍ଚଳର ଶତାଧିକ ମହିଳା, ପୁରୁଷ କର୍ମୀ ସଭାରେ ଯୋଗଦେଇ ନୂତନ କୃଷି ଆଇନ ବିରୋଧରେ ସ୍ଲୋଗାନ ଦେଇଥିଲେ। ନେତାମାନେ ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ସରକାର ଏହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ରାଜ୍ୟ ଦଳର କାର୍ଯ୍ୟକାରିଣୀ ସଦସ୍ୟ କମ୍ରେଡ୍ ଜୟନ୍ତ ଦାଶ ଏହି ଆଇନ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ସାରା ରାଜ୍ୟରେ ଜିଲା ଓ ବ୍ଲକ ଅଞ୍ଚଳରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ସାରସକଣା ବ୍ଲକ ଜୋନାଲ ସମ୍ପାଦକ ହୃଷିକେଶ ସାହୁ, ପରମେଶ୍ୱର ମହାନ୍ତ, ବଳରାମ ମହାନ୍ତ, ରଥ ସିଂ, ପ୍ରତାପ ନାଏକ, ଶତ୍ରୁଘ୍ନ ନାଏକ, ଅଜିତ୍ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ପେନ୍‌ସନ ଦିବସ

ବାଲେଶ୍ୱର ଅଫିସ, ୧୯।୧୨

ବାଲେଶ୍ୱର ଜିଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘଗୃହରେ ୩୯ତମ ଜାତୀୟ ପେନସନ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କୋଷାଗାର ଅଧିକାରୀ ଶଶାଙ୍କଭୂଷଣ ମହାପାତ୍ର ଯୋଗଦେଇ ପେନସନ ପାଉଥିବା ଓ ପାଇବାକୁ ଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସମସ୍ୟା ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯାଉଛି। କୋଭିଡ-୧୯ ପରିପ୍ରେକ୍ଷୀରେ 'ଜୀବନ ପ୍ରମାଣପତ୍ର' ପ୍ରଦାନର ଅବଧି ମାର୍ଚ୍ଚ-୨୦୨୧ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଥିବା ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା କୋଷାଗାର ଅଧିକାରୀ ବିଶ୍ୱନାଥ ମାଝି ଯୋଗଦେଇ ପେନସନପ୍ରାପ୍ତ କର୍ମଚାରୀମାନଙ୍କ ସମସ୍ୟା ନେଇ ବିଭିନ୍ନ ଉପକୋଷାଗାର ସହ ସମନ୍ୱୟ ରକ୍ଷା କରାଯାଇ ଅଗ୍ରାଧିକାର ଭିତ୍ତିରେ ସମାଧାନ ନିମିତ୍ତ କାର୍ଯ୍ୟ କରାଯାଉଥିବା ପ୍ରକାଶ କରିଥିଲେ। ସଂଘ ସାଧାରଣ ସମ୍ପାଦକ ବନମାଳୀ ନାୟକ ଜାତୀୟ ପେନ୍‌ସନ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ସଦସ୍ୟମାନଙ୍କଠାରୁ ପେନସନ ସମସ୍ୟା ସମ୍ବନ୍ଧିତ ବିଭିନ୍ନ ପ୍ରଶ୍ନର ସମାଧାନ କରାଯାଇଥିଲା। ଉପସଭାପତି ଅରୁଣା ରାୟ, ବସନ୍ତ କୁମାର ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ୍ ଆଲ୍ଲାଉଦ୍ଦିନ୍, ଦାମୋଦର ନାୟକ, ଶଶାଙ୍କ ଶେଖର ଦତ୍ତ, ରେମୁଣା ଶାଖାର ଅଜୟ ନାୟକ, ଯୋଗେନ୍ଦ୍ର ନାଥ ସିଂହ, ଲକ୍ଷ୍ମୀକାନ୍ତ ସରକାର, ବସ୍ତାର କୁମୁଦ ରଞ୍ଜନ ଗିରି, ଶଚୀନ୍ଦ୍ର ଦାସ, ଡା. ତାରାକାନ୍ତ ନନ୍ଦ, ଦୀନବନ୍ଧୁ ଲେଙ୍କା, ପ୍ରଶାନ୍ତ କୁମାର ଦାସ, ଉମେଶ ଚନ୍ଦ୍ର ଗୋଛାୟତ, କେଶବ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରସାଦ ନାୟକ, ଇଂ. ଗୌରାଙ୍ଗ ସାହୁ, ଦେବେନ୍ଦ୍ର ଚୌଧୁରୀ, ଆଶିଷ ଚନ୍ଦ୍ର ରାୟ, ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗନେବା ସହିତ ସହଯୋଗ କରିଥିଲେ।



ପେନ୍‌ସନ ଦିବସ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

# ଅନ୍ଧାରରେ ୭ ଗାଁ

## ଦୁର୍ଘଟଣାରେ ଭାଙ୍ଗିଲା ବିଦ୍ୟୁତଖୁଣ୍ଟ

ଝୁମ୍ପୁରା, ୧୯।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ୨୦ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପଳାଶପଙ୍ଗାଠାରୁ ବାମେବାରୀ ପର୍ଯ୍ୟନ୍ତ ୩୦କି.ମି ରାସ୍ତା କିଡ୍‌କୋ ଅଧୀନରେ ରହିଛି। ଯୋଡା ଖଣି ମଣ୍ଡଳକୁ ଖଣିଜ ବୋଝେଇ ଟ୍ରକ ଗୁଡିକ ଏହି କିଡ୍‌କୋ ରାସ୍ତାରେ ଯାତାୟତ କରୁଥିବାରୁ ରାସ୍ତା ସବୁ ସମୟରେ ଟ୍ରାଫିକ ଜାମ ରହେ ଏବଂ ପ୍ରତ୍ୟେହ ଦୁର୍ଘଟଣା ଘଟୁଥାଏ। ଉକ୍ତ କିଡ୍‌କୋ ରାସ୍ତା ଉପରେ ହମ୍ପସ ନିର୍ମାଣ ପାଇଁ ଦାବି ଜଣାଉ ଥିଲେ ହେଁ, କିଡ୍‌କୋ କର୍ତ୍ତୃପକ୍ଷ କିଛି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଶୁକ୍ରବାର ରାତିରେ ଏକ କମ୍ପାନୀ ବସ ଶ୍ରମିକ ମାନଙ୍କୁ ନେଇ ଯାଉଥିବାବେଳେ କଣ୍ଡରାପଶି ଗ୍ରାମ୍ୟ ରାସ୍ତା ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସର ଶ୍ରମିକ ମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଏହି ଦୁର୍ଘଟଣାରେ ନେସ୍କୋ ରାସ୍ତା ପାର୍ଶ୍ୱରେ ଥିବା ୨ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିବାରୁ କଣ୍ଡରାପଶି, ଧନୁର୍ଜୟପୁର, ତୁଳସୀପୁର, ରେଙ୍ଗାଳବେଡା, ସତୀକୁଦର ସମେତ ୭ଟି ଗାଁ ଅନ୍ଧାରରେ ରହିଛି। ଏନେଇ ଗ୍ରାମବାସୀ ଶନିବାର କିଡକୋ ରାସ୍ତା ଅବରୋଧ କରିଥିଲେ। କଣ୍ଡରାପଶି ପଞ୍ଚାୟତର ଗ୍ରାମ ଗୁଡିକୁ ଝୁମ୍ପୁରା ନେସ୍କୋ ଷ୍ଟକଚରରୁ ବିଦ୍ୟୁତ ସରବରାହ ହୋଇଥାଏ। ଦୁର୍ଘଟଣା ପରେ ଗ୍ରାମବାସୀ ଏନେଇ ସୂଚନା ଦେଇଥିଲେ ମଧ୍ୟ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ରାତି ସାରା ବିଦ୍ୟୁତ ତାର କିଡ୍‌କୋ ରାସ୍ତାରେ ବିଛାଇ ହୋଇ ପଡିଥିବାଦେଖି ଉତ୍ତେଜନା ପ୍ରକାଶ ପାଇଥିଲା। ପଳାଶପଙ୍ଗା ବିଟ୍ ହାଉସ ଅଧିକାରୀ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିଥିବା ଗ୍ରାମବାସୀ କହିଥିଲେ। ତେବେ ବୁଝାସୁଝା ପରେ ୧୨ଘଣ୍ଟା ଧରି ଚାଲିଥିବା ରାସ୍ତା ଅବରୋଧ ହଟିଥିଲା। ଏସମ୍ପର୍କରେ ପଚାରିବାରୁ ଝୁମ୍ପୁରାସ୍ଥିତ ନେସ୍କୋ ଯନ୍ତ୍ରୀ ଲମ୍ବୋଦର ବାରିକ କହିଛନ୍ତି କର୍ମଚାରୀ ଅଭାବରୁ କଣ୍ଟ୍ରାକ୍ଟରକୁ ଡକା ଯାଇଛି। ଆସିଲେ କାମହେବ। କିଡକୋ କର୍ତ୍ତୃପକ୍ଷ ହିମାଂଶୁ କୁଅଁର ଉକ୍ତ ସ୍ଥାନରେ ୬ଟି ହମ୍ପସ ନିର୍ମାଣ ପାଇଁ ରାସ୍ତା କାମ କରୁଥିବା ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।



ଦୁର୍ଘଟଣାଗ୍ରସ୍ତ ବସ୍।

## ରାସ୍ତା ଅବରୋଧ କଲେ ଗ୍ରାମବାସୀ

ଧରିତ୍ରୀ
DHARITRI
ରବିବାର, ୨୦ ଡିସେମ୍ବର ୨୦୨୦

## ଦନ୍ତା ନେଲା ଜୀବନ

**କେନ୍ଦୁଝର, (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାମେବାରୀ ସେକ୍ସନରେ ଶନିବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀକାନ୍ତ ନାୟକ(୪୭)। ସେ ଶୌଚ ପାଇଁ ଗାଁ ପାଖ ଅଣ୍ଡିଆମରା ନାଳକୁ ସନ୍ଧ୍ୟାରେ ଯାଇଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। କେନ୍ଦୁଝର ଡିଭିଜନ ଡିଏଫ୍ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଚମ୍ପୁଆ ରେଞ୍ଜ ଅଫିସର ଯାଇଥିବା କହିଛନ୍ତି।



## ସଂକ୍ଷେପରେ

### କଣ୍ଠଶିଳ୍ପୀ ମହେଶ କୁମାରଙ୍କ ଅକାଳ ମୃତ୍ୟୁ

**ରସାଳପୁର, ୧୯।୧୨(ଡି.ଏନ.ଏ.):** ଯାତ୍ରା ଜଗତର କଣ୍ଠଶିଳ୍ପୀ ମହେଶ କୁମାର(୫୩)ଙ୍କ ଶୁକ୍ରବାର ସନ୍ଧ୍ୟାରେ ଅକାଳ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ଜିଲା ସଦର ବ୍ଲକ ଖାନନଗର ପଞ୍ଚାୟତ କୁରୁକୁରା ଗ୍ରାମରେ।

କରୋନା ସମୟରେ ମହେଶ କୁରୁଡ଼ା ବଜାରରେ ଘର ଭଡ଼ା ନେଇ ଭେରାଇଟି ଷ୍ଟୋର କରି ପରିବାର ପ୍ରତିପୋଷଣ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ନିମନ୍ତେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଯାତ୍ରା କଳାକାର ଦୈତାରୀ ପଣ୍ଡା, ବାପି ପଣ୍ଡାଙ୍କ ସମେତ ବହୁ କଳାକାର ତାଙ୍କ ବାସଭବନରେ ପହଞ୍ଚି ମହେଶଙ୍କ ଶେଷଦର୍ଶନ କରି ଅମର ଆତ୍ମାର ସଦ୍‌ଗତି କାମନା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ଟ୍ରାକ୍ଟର ସହ କାଠ ଜବତ

**ଢେଙ୍କିକୋଟ, ୧୯।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ଅଧୀନ ବଡ଼ମସିଣାବିଲା ଗ୍ରାମରେ ଢେଙ୍କିକୋଟ ଘଟଗାଁ ବନବିଭାଗ ଏକ ନମ୍ବର ବିହୀନ ଟ୍ରାକ୍ଟର ସହ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ଗମ୍ଭାରି କାଠଗଡ଼ ଜବତ କରିଛନ୍ତି। ଗତ ଶୁକ୍ରବାର ରାତି ଘଟଗାଁ ରେଞ୍ଜର ପ୍ରଭାତ କୁମାର କୁଅଁର ବିଶେଷସୂତ୍ରରୁ ଖବରପାଇ ଯୋଜନାବଦ୍ଧ ଭାବେ ଢେଙ୍କିକୋଟ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଫରେଷ୍ଟଗାର୍ଡ ଯୋଗେଶ୍ୱର ମାଝୀ, ଖଗେଶ୍ୱର ରାଉତ ଏହି ଚଢ଼ାଉରେ ସାମିଲ ଥିଲେ। ରେଞ୍ଜର ପ୍ରଭାତ କୁଅଁର ଘଟଗାଁ ରେଞ୍ଜ ଅଫିସକୁ ଉକ୍ତ ଟ୍ରାକ୍ଟରକୁ ନେଇ ଯାଇଥିବା ବେଳେ ଏନେଇ ବନ ବିଭାଗ ତରଫରୁ ଏକ ମାମଲା (ନଂ.୧୯/୨୦) ରୁଜୁ ହୋଇଛି।

### ରାଷ୍ଟ୍ରୀୟ ଲୋକ ଅଦାଲତ

**ରାଇରଙ୍ଗପୁର, ୧୯।୧୨ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସ୍ଥିତ ସିଭିଲ୍ କୋର୍ଟ ପରିସରରେ ଶନିବାର ସ୍ଥାନୀୟ ତାଲୁକ ଆଇନସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ରାଇରଙ୍ଗପୁର ସିନିୟର ସିଭିଲ୍ ଜଜ୍ ଜୀବନ କୁମାର ପଟ୍ଟନାୟକ, ସବଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସତ୍ୟବ୍ରତ ରଣା, ଜେଏମ୍ଏଫସି ଝିଲିଲୀନା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୪୪ଟି କେଶ୍ ମଧ୍ୟରୁ ୧୦ଟିର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ଏସଡିଜେଏମ୍ କୋର୍ଟରେ ୫ଟି ଏନଆଇଟି ଆକ୍ଟ ଏବଂ ସିଏମ୍‌ସି ଗୋଟିଏ କେଶ୍ ସମେତ ସିନିୟର ସିଭିଲ୍ ଜଜ୍ କୋର୍ଟରେ ବ୍ୟାଙ୍କିଙ୍ଗ୍ ମାମଲା ୪ଟିର ଫଇସଲା କରାଯାଇଥିଲା। ମୋଟ ୨ ଲକ୍ଷ ୪୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା।

### ୨ ଚୋରା ମଦ ବେପାରୀ ଗିରଫ

**ବାରିପଦା ଅଫିସ,୧୯।୧୨:** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କୁମ୍ଭାରମୁଣ୍ଡାକଟା ଅଞ୍ଚଳର ଏକ ଢାବାରେ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଶନିବାର ମିଳିତ ଚଢାଉ କରି ବିପୁଳ ପରିମାଣର ମଦ ଜବତ ହୋଇଛି। ସେଠାରୁ ୧୦୦ରୁ ଉର୍ଦ୍ଧ୍ୱ ମଦ ବୋତଲ ଜବତ କରିଥିବା ବେଳେ ବେଆଇନ ମଦ କାରବାର କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବୁଢାମରା ଗ୍ରାମର ବୁଲୁ ସରଘରିଆ ଓ ବିମ୍ବାଧର ନାୟକ।

# ଜଙ୍ଗଲ ଜମି ବିବାଦକୁ ନେଇ ଉତ୍ତେଜନା

**ପାଟଣା,୧୯।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ରିଜର୍ଭ ଫରେଷ୍ଟରେ ସୀମା ନିରୂପଣ ନେଇ ସଦର ବ୍ଲକ ଧନୁର୍ଜୟପୁର ଓ ଘଟଗାଁ ବ୍ଲକ ଭରାଣ୍ଡିଆ ଗ୍ରାମ ବିବାଦ ଲାଗି ରହିଛି। ଏହାକୁ ନେଇ ଶନିବାର ଉତ୍ତେଜନା ସୃଷ୍ଟି ହୋଇଥିଲା। ଧନୁର୍ଜୟପୁରର ଶତାଧିକ ଗ୍ରାମବାସୀ ପାଟଣା ରେଞ୍ଜର ପବିତ୍ର ମୋହନ ନାଏକ, ୪ ଫରେଷ୍ଟଗାର୍ଡ ସମେତ ୧୨ ପାରାଷ୍ଟାଫଙ୍କୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ୫ ଘଣ୍ଟାରୁ ଅଧିକ ସମୟ ଅଟକ ରଖିଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ୧୭ ବନ କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଥିଲେ। ପାଟଣା ଥାନା ଅଧିକାରୀ ସୋମନାଥ ଜେନା ସଦଳବଳେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ବନକର୍ମଚାରୀଙ୍କୁ ଉଦ୍ଧାର କରିଛନ୍ତି।



ପୋଲିସ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

ସୂଚନା ଅନୁଯାୟୀ, ପାଟଣା ରିଜର୍ଭ ଫରେଷ୍ଟ ମଧ୍ୟରେ ସଦର ବ୍ଲକ ଧନୁର୍ଜୟପୁର ଓ ଘଟଗାଁ ବ୍ଲକ ଭରାଣ୍ଡିଆ ଗ୍ରାମ ଅବସ୍ଥିତ। ଆଜକୁ ୭ବର୍ଷ ପୂର୍ବରୁ ଧନୁର୍ଜୟପୁର ଓ ଭରାଣ୍ଡିଆ ମଧ୍ୟରେ ଜଙ୍ଗଲର ସୀମା ନିରୂପଣ ସକାଶେ ବିବାଦ ଲାଗିରହିଛି। ଉଭୟ ଗ୍ରାମବାସୀ ନିଜ ନିଜ ସୀମାରେଖା ନେଇ ଜିଦ୍‌ରେ ଅଟଳ ରହିଥିବାବେଳେ ଧନୁର୍ଜୟପୁର ଗ୍ରାମବାସୀ ଏନେଇ ବିଭିନ୍ନ ସମୟରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ ସୀମା ବିବାଦ ତୁଟି ପାରି ନ ଥିଲା। ଦୀର୍ଘ ଦିନର ସୀମା ବିବାଦର ସମାଧାନ ନ ହେବାରୁ ଗ୍ରାମବାସୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜାଣିଶୁଣି ପ୍ରଶାସନ ତାଙ୍କ ନିକଟରେ ପହଞ୍ଚିବା ପାଇଁ ୨ମାସ ହେବ ଉକ୍ତ ବିବାଦୀୟ ସ୍ଥାନରେ କୁକୁଡ଼ା ଲଢେଇ ଆରମ୍ଭ କରିଥିଲେ। ବନବିଭାଗ ଖବରପାଇ ସେଠାରେ ଚଢ଼ାଉ କରିବା ବେଳେ ବନ ବିଭାଗର ରେଞ୍ଜର ପବିତ୍ର ମୋହନ ନାଏକଙ୍କ ସହ ୧୬କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପାଟଣା ପୋଲିସ ପକ୍ଷରୁ ଥାନା ଅଧିକାରୀ ସୋମବାର ଜଙ୍ଗଲଜମି ଚିହ୍ନଟ ହେବାର ପ୍ରତିଶ୍ରୁତି ଦେବା ପରେ ସମସ୍ତ ବନ କର୍ମଚାରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି।

**ରେଞ୍ଜରଙ୍କ ସହ ୧୬ବନ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ**

# ଖାଲି ପଦବୀ ପୂରଣ ଲାଗି ବିଧାୟକଙ୍କୁ ଦାବିପତ୍ର

**ଜଳେଶ୍ୱର, ୧୯।୧୨(ସ୍ୱ.ପ୍ର)**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ଜୋନ୍ ପକ୍ଷରୁ ବ୍ଲକର ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ଶୂନ୍ୟ ପଡ଼ିଥିବା ପଦବୀ ପୂରଣ ଲାଗି ବିଧାୟକ ଅଶ୍ୱନୀ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

୧୯୯୪ରୁ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦବୀ ଶୂନ୍ୟ ପଡିଥିବାରୁ ସେଠାରେ ଗୁଣାତ୍ମକ ଶିକ୍ଷାଦାନ ସମ୍ଭବ ହୋଇପାରୁନାହିଁ । ତେଣୁ ଯଥାଶୀଘ୍ର ଏହି ପଦବୀ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘର ଜଳେଶ୍ୱର ଜୋନ୍ ସମ୍ପାଦକ ଡ. ଅଜିତ୍ କୁମାର ମହାନ୍ତି ଓ ସଭାପତି ସୁନୀଲ କୁମାର ନାୟକ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସାହିତ୍ୟ ଆସରରେ ଶୀତ କବିତାର ମୂର୍ଚ୍ଛନା



ସାହିତ୍ୟ ଆସରରେ ଉପସ୍ଥିତ କବି ଓ ସାହିତ୍ୟିକ।

**ଖଇରା, ୧୯।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଦୁର୍ଗା ମଣ୍ଡପଠାରେ ଶନିବାର ଖଇରା ସାହିତ୍ୟ ସଂସଦର ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ମାୟାଧର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଦିବଂଗତ ସଦସ୍ୟ ରମେଶ ସାହୁଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାପତି ନାୟକ ପ୍ରବନ୍ଧ ଲିଖନ ଉପରେ ଆୟୋଜିତ କର୍ମଶାଳାରେ ଲେଖାଶୈଳୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ । ପରେ କବିତାପାଠ ଉତ୍ସବରେ ଉପସ୍ଥିତ କବି ଶଶିକାନ୍ତ ଦାସ, ଅନନ୍ତ କିଶୋର ଉପାଧ୍ୟାୟ, ଚିନ୍ତାମଣି ସାହାଣି, ବୁଦ୍ଧିରାମ ପାଣିଗ୍ରାହୀ, କୈଳାସ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ପଣ୍ଡା, ରଘୁନାଥ ପତ୍ରୀ, ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖଙ୍କର ଶୀତ ଉପରେ ଆଧାରିତ କବିତାର ଝଙ୍କାରରେ ଶ୍ରୋତାଗଣ ଝୁମି ଉଠିଥିଲେ। ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ ଓ ରତ୍ନାକର ପତି କବିତା ଉପରେ ନିଜର ମତ ଉପସ୍ଥାପନ କରିଥିଲେ । ଶଶିକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରେ ଆରମ୍ଭ ହେଲା ଧାନକିଣା

**ବାରିପଦା ଅଫିସ,୧୯।୧୨**

ମୟୂରଭଞ୍ଜ ଜିଲାରେ ଖରିଫ ଧାନ କ୍ରୟ ପାଇଁ ମଣ୍ଡି ଖୋଲା ଯାଇଛି। ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲାପାଳ ପି. ଅନ୍ୱେଷା ରେଡ୍ଡି ଯୋଗଦେଇ ବାଙ୍ଗିରିପୋଷିଠାରେ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଧାନ ସଂଗ୍ରହ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସୁବିଧା ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟକ୍ରମ ସୁପରିଚାଳନା କରିବାକୁ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମଣ୍ଡିରେ ଧାନ ବିକ୍ରୟ ପାଇଁ ଉପସ୍ଥିତ ଥିବା ଚାଷୀମାନଙ୍କୁ ଏଫ୍ଏକ୍ୟୁ ମାନର ଧାନ ଆଣିବା ପାଇଁ ପରାମର୍ଶ ଦେଇଛନ୍ତି। ହିମାଂଶୁ ଶେଖର ପୂର୍ତ୍ତି, କମଳାକାନ୍ତ ବାରିକ, ସୁରେନ୍ଦ୍ର ଦିଗାର ୩ ଚାଷୀଙ୍କଠାରୁ ଏଫ୍ଏକ୍ୟୁ ମାନର ମୋଟ୍ ୬୩ କୁଇଣ୍ଟାଲ୍ ୨୯ କିଲୋ ଧାନ କ୍ରୟ ଶୁଭାରମ୍ଭ କରିଥିବା ବେଳେ ଶାମାଖୁଣ୍ଟା ସମବାୟ ସମିତି କାର୍ଯ୍ୟାଳୟରେ ୭ ଚାଷୀଙ୍କଠାରୁ ୨୭୩ କୁଇଣ୍ଟାଲ ଧାନ କିଣା ଯାଇଛି। ଏଥିସହିତ ଜିଲାର ୪ ଉପଖଣ୍ଡର ବ୍ଲକ ଅଞ୍ଚଳରେ ୧୨ଟି ଲ୍ୟାମ୍ପସ୍‌ରେ ଧାନ ମଣ୍ଡି ଖୋଲାଯାଇ ୧୪୦ ଚାଷୀଙ୍କଠାରୁ ପ୍ରଥମ ଦିନରେ ମୋଟ ୪୩୯୦ କୁଇଣ୍ଟାଲ ୩୦ କିଲୋ ଏଫଏକ୍ୟୁ ମାନର ଧାନ କିଣାଯାଇଥିବା ଡିଆରସିଏସ୍ ସୂଚନା ଦେଇଛନ୍ତି। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେନ୍ଦ୍ର ପାଢୀ, ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଡିଆରସିଏସ୍ ଦମୟନ୍ତୀ ସିଂ, ଏସିଏସଓ ସର୍ବେଶ୍ୱର ନାୟକ ଓ କିଶୋର ମହାରଣା, ଏଆର୍‌ସିଏସ୍ ସ୍ୱାତୀ ମହାନ୍ତି ଓ ତୁଷାରକାନ୍ତି ମହାନ୍ତି, ସୁଧାକର ସାହୁ, ଲ୍ୟାମ୍ପସ ଏମ୍‌ଡି ଅମିତ କୁମାର ଗିରିଙ୍କ ସମେତ ସମ୍ପୃକ୍ତ ବିଭାଗ କ୍ଷେତ୍ର ଅଧିକାରୀ ଏବଂ ମିଲରମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଚଳିତ ଖରିଫ ଋତୁରେ ଜିଲାରୁ ୯ ଲକ୍ଷ ୪୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି।



ଉପଜିଲାପାଳ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

# ମାର୍କେଟ୍ କମ୍ପ୍ଲେକ୍ସର ଶିଳାନ୍ୟାସ

**ବାସୁଦେବପୁର, ୧୯।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବେତଡ଼ା ବଜାରରେ ଏକ ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଶିଳାନ୍ୟାସ କରିଥିଲେ। ବିଡିଓ ପ୍ରଣବ କୁମାର ବେହେରା, ବିଧାୟକ ପ୍ରତିନିଧି ଅସିତ୍ ଦାସ, ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ମଲିକ, ସମିତିସଭ୍ୟ କନକଲତା ବିଶ୍ୱାଳ ପାତ୍ର, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ପଢ଼ୁଆଁ ସରପଞ୍ଚ ଦୀନବନ୍ଧୁ ଦାସ, ଆରୁହା ସରପଞ୍ଚଙ୍କ ପ୍ରତିନିଧି ରାଜେନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କ ଆତ୍ମହତ୍ୟା

**କପ୍ତିପଦା,୧୯।୧୨(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଞ୍ଚଳରେ ଜଣେ ନାବାଳିକା ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବାବେଳେ ଶରତ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ପଠାଇଛି।

# ସଚେତନତା କାର୍ଯ୍ୟକ୍ରମ

**ଉଦଳା, ୧୯।୧୨ (ଡିଏନଏ)**

ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ଅଧୀନରେ ଥିବା ବାଲେଶ୍ୱର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ 'କରୋନା ସମୟରେ ଉପଯୁକ୍ତ ବ୍ୟବହାର' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ କରାଯାଉଛି। ଏଥିଲାଗି ସଚେତନତା ରଥ, ଦାସକାଠିଆ, ପାଲା ଓ ସୂଚନାଧର୍ମୀ ପୋଷ୍ଟର ବ୍ୟବସ୍ଥା କରାଯାଇ ସଚେତନତା ବାର୍ତ୍ତା ବଣ୍ଟାଯାଉଛି। ଯେପର୍ଯ୍ୟନ୍ତ ଔଷଧ ବାହାରି ନାହିଁ ସେପର୍ଯ୍ୟନ୍ତ ଅବହେଳା କରିବା ନାହିଁ, କରୋନାଠାରୁ ସୁରକ୍ଷିତ ରହିବା ପାଇଁ ମାସ୍କ ବ୍ୟବହାର, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଆଦି ନିୟମଗୁଡ଼ିକୁ ପାଳନ କରିବା ନେଇ ସଚେତନତା କାର୍ଯ୍ୟକ୍ରମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲା ଉଦଳା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ପଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଧାଗୋବିନ୍ଦ ସଂକୀର୍ତ୍ତନ ପାଲା ମଣ୍ଡଳୀ ଡିହିରାକୁଳ ଦ୍ୱାରା ପାଲା ମାଧ୍ୟମରେ କୁଅଁରପାଳ ଯାତ୍ରା ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପାଲାଗାୟକ ଦୋଳଗୋବିନ୍ଦ ପୃଷ୍ଟି ଏବଂ ତାଙ୍କ ସାଥୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲାର ବାଙ୍ଗିରିପୋଷି, ଖୁଣ୍ଟା, କପ୍ତିପଦା ଓ ଉଦଳା ବ୍ଲକ ଇଲାକାରେ ଏହି କାର୍ଯ୍ୟକ୍ରମ ୬ ଦିନ ବ୍ୟାପୀ ପରିବେଷଣ କରାଯିବ ବୋଲି କ୍ଷେତ୍ର ଅଧିକାରୀ ସୂଚନା ଦେଇଛନ୍ତି।

# ଭାଜପାର ପ୍ରଶିକ୍ଷଣ ଶିବିର ସରିଲା

**ବାଲେଶ୍ୱର ଅଫିସ, ୧୯।୧୨**

ବାଲେଶ୍ୱର ଭାଜପା ନଗର ପକ୍ଷରୁ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଯୋଗଦେଇଥିଲେ। ଦଳର ବିଚାର, ସରକାରକୁ ଆସିବା ପରେ ଦଳ କେଉଁ କାର୍ଯ୍ୟ କରୁଛି, ନୂତନ ଭାବେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତା, ଦଳୀୟ ପଦାଧିକାରୀଙ୍କୁ ଏ ବାବଦରେ ସଚେତନ ଏବଂ ପ୍ରଶିକ୍ଷଣ ଦିଆଯାଇଥିଲା।

ଉଦ୍‌ଯାପନୀ ଶିବିରରେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ପ୍ରଶିକ୍ଷଣ ଶିବିର ସଂଯୋଜକ ସୀତାକାନ୍ତ ସ୍ୱାଇଁ ଏବଂ ସହ ସଂଯୋଜକ ଧୀରଜ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସେହିପରି ସତ୍ୟଜିତ ମିଶ୍ର ବ୍ୟକ୍ତିତ୍ୱ ବିକାଶର କୌଶଳକୁ ବୁଝାଇଥିଲେ। ଆଶିଷ ଘୋଷ ନିର୍ବାଚନ କାର୍ଯ୍ୟପଦ୍ଧତି, ବିଜୟ ପାଣିଗ୍ରାହୀ ସାଧାରଣ ଆଇନର ବିଭିନ୍ନ ଦିଗ, ରାଜାରାମ ମହାପାତ୍ର ସାମାଜିକ ଗଣମାଧ୍ୟମର ପ୍ରଭାବୀ ଉପଯୋଗ, ସୁବଳ ଦାସ ଭାଜପା ଏବଂ ଆମର ଦାୟିତ୍ୱ ଏବଂ ସମରଶଙ୍କର କାନୁନଗୋ ଗତ ୬ ବର୍ଷରେ ହୋଇଥିବା ଅନ୍ତ୍ୟୋଦୟ ପ୍ରୟନ୍ ବିଭିନ୍ନ ଦିଗ ସମ୍ବନ୍ଧରେ ବ୍ୟାପକ ଆଲୋଚନା କରିଥିଲେ। ବାଲେଶ୍ୱର ଭାଜପା ନେତା ମାନସ କୁମାର ଦତ୍ତ ସମସ୍ତ ପ୍ରଶିକ୍ଷକ ଓ ଶିବିରାର୍ଥୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଆଗାମୀ ଦିନରେ ଦଳକୁ ସର୍ବଗ୍ରାହୀ କରିବା ପାଇଁ ଶପଥ କରାଇଥିଲେ। ଶିବିରରେ ପର୍ଶୁରାମ ବେହେରା, ଚନ୍ଦ୍ରଶେଖର ନନ୍ଦ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ଉପେନ୍ଦ୍ର ଶତପଥୀ, ତ୍ରୈଲୋଚନ ଦାସ, ଯୋଗେନ ରଣା, ଲୋକନାଥ ଭୂୟାଁ, ବିନୟ ମହାରଣା, ଭାଗ୍ୟରନ ନାୟକ, ଲକ୍ଷ୍ମୀକାନ୍ତ ବେହେରା, ଶ୍ରୀୟା ଦାସ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ।

# ଚିକିତ୍ସାରେ ଅବହେଳା ଅଭିଯୋଗ

**ସୋର, ୧୯।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଡାକ୍ତରଖାନାରେ ଏକ ନବଜାତକର ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ସିମୁଳିଆ ଥାନା ଅଧୀନ ଭଗବାନ ବେହେରାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଔପଦାସ୍ଥିତ ବାପ ଘରେ ରହୁଥିଲେ। ଶନିବାର ସକାଳେ ସେ ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଆଣୁଥିବା ବେଳେ ବାଟରେ ସେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଡାକ୍ତରଖାନାରେ ପ୍ରସୂତିଙ୍କ ସହ ନବଜାତକର ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ସତ୍ୟନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ନବଜାତକଙ୍କ ସହ ଶୁଭଲକ୍ଷ୍ମୀ ସୁସ୍ଥ ଅଛନ୍ତି। ଚିକିତ୍ସାରେ ଅବହେଳା ଅଭିଯୋଗର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ।

# ସାନଘାଗରା ଜଳପ୍ରପାତର ଭିତ୍ତିଭୂମି ବିକାଶ ପାଇଁ ପ୍ରଶାସନିକ ଅନୁମୋଦନ

**କେନ୍ଦୁଝର, ୧୯।୧୨ (ସ୍ୱ.ପ୍ର.)**

ରାଜ୍ୟ ପ୍ରସିଦ୍ଧ କେନ୍ଦୁଝର ଜିଲାର ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ପଯ୍ୟଟନ ବିଭାଗ ପଦକ୍ଷେପ ଗ୍ରହଣ କରିଛନ୍ତି। ପର୍ଯ୍ୟଟନ ବିଭାଗ ଏହାର ଭିତ୍ତିଭୂମିର ବିକାଶ ପାଇଁ ୪କୋଟି ୨୬ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟଅଟକଳ ପ୍ରସ୍ତୁତ କରିଛି। ଏହି ବ୍ୟୟ ଅଟକଳର ପ୍ରଶାସନିକ ଅନୁମୋଦନ ରାଜ୍ୟ ସରକାର କରିଥିବା ପର୍ଯ୍ୟଟନ ବିଭାଗ ଚିଠି ନମ୍ବର (୯୯୪୨/୧୭।୧୨।୨୦୨୦)ରେ ଓଟିଡିସି ଲି. ର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିବା ଜଣାପଡିଛି। ଟଏଲେଟ ବ୍ଲକ ପାଇଁ ୪୦ଲକ୍ଷ ୪୮ ହଜାର, ଚାରିପାଖରେ ପାଚେରୀ ନିର୍ମାଣ ପାଇଁ ୧୬ ଲକ୍ଷ ୯୬ ହଜାର ୯୯୬ ଟଙ୍କା, ପ୍ରବେଶ ଗେଟ ନିର୍ମାଣ ପାଇଁ ୭ ଲକ୍ଷ ୨୮ ହଜାର ୫୯୦ ଟଙ୍କା, ପାର୍କିଂ ବ୍ୟବସ୍ଥା ପାଇଁ ୪୫,୩୩,୬୧୫, ପାଥ ୱେ ପାଇଁ ୧୯,୩୪,୭୮୩ ଟଙ୍କା ଖର୍ଚ୍ଚ ରଖାଯାଇଛି। ପାରିପାର୍ଶ୍ୱିକ ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପାଇଁ ୪୦ ଲକ୍ଷ ୪୮ ହଜାର ୮୨୨ ଟଙ୍କା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୮ ଲକ୍ଷ ୨୦ ହଜାର ଟଙ୍କା, କାଫେଟେରିଆ ପାଇଁ ୪୧ ଲକ୍ଷ ଟଙ୍କା, ସିଗନେଜରସ ବାବଦକୁ ୪ ଲକ୍ଷ ୪ ହଜାର ୯୦୦ ଟଙ୍କା, ଫଟୋଗ୍ରାଫି ଜୋନ ପାଇଁ ୮ ଲକ୍ଷ ୯ ହଜାର ୬୦୦ ଟଙ୍କା, ପାନୀୟ ଜଳ ବ୍ୟବସ୍ଥା ପାଇଁ ୮ ଲକ୍ଷ ୯ ହଜାର ୧୬୬ ଟଙ୍କା ଆଦି ଖର୍ଚ୍ଚ କରିବାକୁ ବ୍ୟୟଅଟକଳ କରାଯାଇଛି। ଏନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି ଯେ ସନାଘାଗରା ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି । ସେହିପରି ଜିଲାର ଅନ୍ୟ କେନ୍ଦ୍ର ଗୁଡିକର ବିକାଶ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ।



ସାନଘାଗରା ଜଳପ୍ରପାତ।

# ଜିକେଭଟ୍ଟର ହସ୍‌ପିଟାଲରେ ଡାକ୍ତର ଅଭାବ

**ଜଳେଶ୍ୱର, ୧୯।୧୨(ସ୍ୱ.ପ୍ର.)**

ଜଳେଶ୍ୱରଠାରେ ଏକମାତ୍ର ରେଫେରାଲ ହସ୍‌ପିଟାଲ ଭାବେ ପରିଚିତ ଜିକେଭଟ୍ଟର ଉପରେ ପ୍ରାୟ ୨ଲକ୍ଷ ଲୋକ ନିର୍ଭର କରନ୍ତି। ଖାଲି ଓଡ଼ିଶା ନୁହେଁ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲାର ବହୁ ଅଞ୍ଚଳ ଏହା ଉପରେ ନିର୍ଭର କରନ୍ତି। ଏହା ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ୬୦ନମ୍ବର ଜାତୀୟ ରାଜପଥର ଅନତି ଦୂରରେ ରହିଥିବାରୁ ବହୁ ସମୟରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନେ ଏଠାକୁ ଆସିଥାନ୍ତି। ପ୍ରତ୍ୟହ ୫ଶହରୁ ଉର୍ଦ୍ଧ୍ୱ ଆଉଟ୍‌ଡୋର ରୋଗୀ ଏଠାକୁ ଆସୁଥିବା ବେଳେ ଡାକ୍ତର ନ ଥିବାରୁ ରୋଗୀମାନେ ବାଧ ହୋଇ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ଯାଉଛନ୍ତି। ଏଠାରେ ୪ ସ୍ପେଶାଲିଷ୍ଟ ଡାକ୍ତର, ୨ଜଣ ଏମ୍‌ବିବିଏସ୍ ଡାକ୍ତର ଓ ଜଣେ ନିଶ୍ଚେତକ ଡାକ୍ତର ଆବଶ୍ୟକ ଥିବା ବେଳେ ମାତ୍ର ୨ଜଣ ଏମ୍‌ବିବିଏସ୍ ଡାକ୍ତର, ଜଣେ ଶିଶୁ ବିଶେଷଜ୍ଞ ରହିଛନ୍ତି। ପ୍ରସୂତି ବିଭାଗ ଡାକ୍ତର ହସ୍‌ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହୁଥିବାରୁ ରୋଗୀ ଚିକିତ୍ସା କରିବା ସମ୍ଭବ ହୋଇପାରୁନାହିଁ। କୋଭିଡ୍-୧୯ ଆଳରେ ଏଠାରେ ଥିବା ମେଡିସିନ ବିଶେଷଜ୍ଞ ରତ୍ନାକର ଦାସଙ୍କୁ ଅନ୍ୟତ୍ର ବଦଳିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅତିଶୀଘ୍ର ଏଠାରେ ମେଡିସିନ୍, ଶଲ୍ୟ, ପ୍ରସୂତି ବିଭାଗର ଡାକ୍ତର ନିଯୁକ୍ତି ଦାବିରେ ଜଳେଶ୍ୱର ଭାଜପା ପକ୍ଷରୁ ସିଡିଏମ୍‌ଓ, ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୨୩ତାରିଖ ମଧ୍ୟରେ ଡାକ୍ତର ନିଯୁକ୍ତି ନ ହେଲେ ବିକ୍ଷୋଭ କରାଯିବା ସହିତ ଆନ୍ଦୋଳନ କରାଯିବ ବୋଲି ଭାଜପା ଟାଉନ ସଭାପତି ଫାଲଗୁନୀ ପାଣିଗ୍ରାହୀ, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ରବୀନ୍ଦ୍ର କୁମାର ପାତ୍ର, ତନ୍ମୟ କୁମାର ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ଦେ, ରାଧାକୃଷ୍ଣ ଦାସ, ମନୋଜ ସାସମଲ, ଅକ୍ଷୟ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ରଞ୍ଜିତ କୁମାର ସିଂ, ରୂପକ କୁମାର ଦାସ, ବ୍ରଜକିଶୋର ଗିରି, ସୁଶାନ୍ତ ପ୍ରଧାନ ଓ ପ୍ରତାପ ସେନାପତି ପ୍ରମୁଖ ବହୁ କର୍ମୀ ଚେତାବନୀ ଦେଇଛନ୍ତି।

**୨୩ରେ ଆନ୍ଦୋଳନ ଚେତାବନୀ**





ଜିକେଭଟ୍ଟର ହସ୍‌ପିଟାଲ।

# କୁମ୍ଭୀର ଆଁରେ ଉପାନ୍ତ ଗାଁ

କେନ୍ଦ୍ରାପଡା ଅଫିସ, ୧୯।୧୨

ଆଳି ଓ ରାଜନଗର ସୀମାନ୍ତ ନଳଦିଆ ଗ୍ରାମ ପୋଖରୀରୁ ୬ ଫୁଟ୍ ଲମ୍ବର ଏକ ବଉଳା କୁମ୍ଭୀରକୁ ଗ୍ରାମବାସୀ ଧରି ବନବିଭାଗକୁ ଶୁକ୍ରବାର ହସ୍ତାନ୍ତର କରିଛନ୍ତି । ଏହାପୂର୍ବରୁ ଏକାଧିକ କୁମ୍ଭୀର ବ୍ରାହ୍ମଣୀ ନଦୀ କୂଳବର୍ତ୍ତୀ ଗାଁରେ ବୁଲୁଥିବା ନଜରକୁ ଆସିଛି । ସେହିପରି ଜିଲାର ୭ ନଦୀ ଓ ୨୭ ଶାଖା ନଦୀ ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଥାଏ । ଉପାନ୍ତ ଅଞ୍ଚଳରେ କୁମ୍ଭୀରଙ୍କ ଉପଦ୍ରବ ଲାଗି ରହିଛି । ହେଲେ ବନବିଭାଗ ଗତ ୧୦ ବର୍ଷ ମଧ୍ୟରେ ମାତ୍ର ୧୪ ଜଣଙ୍କୁ ମୃତ ଦର୍ଶାଇଛି । ହେଲେ ସ୍ଥାନୀୟ ଲୋକେ କୁହନ୍ତି, କୁମ୍ଭୀର ବହୁ ଲୋକଙ୍କୁ ପାଣି ଭିତରକୁ ଟାଣି ନେଇଥାଏ । ମୃତଦେହ ନ ମିଳିବାରୁ ଏହାକୁ ବନ ବିଭାଗ ଗ୍ରହଣ କରେ ନାହିଁ । କେବଳ ନିଖୋଜ ମାମଲାରେ ତାହା ସୀମିତ ରୁହେ ।

ସଂରକ୍ଷିତ ବନ୍ୟଜନ୍ତୁଙ୍କ ଦ୍ୱାରା ମୃତାହତ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସରକାରୀ ବ୍ୟବସ୍ଥା ରହିଛି । ହେଲେ ତାହା ଉପଯୁକ୍ତ ପରିମାଣରେ ମିଳୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି । କୁମ୍ଭୀର ଆତଙ୍କ ଥିବା ନଦୀ ତଟବର୍ତ୍ତୀ ଗାଧୁଆ ତୁଠରେ ତାରବାଡ ଘେରାଇବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ରାଜନଗର ବ୍ଲକ ଭେଙ୍ଗୁ ଗ୍ରାମର ରାମନାଥ ଦାସ କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ଓ ସଂରକ୍ଷଣ କେନ୍ଦ୍ରରେ ୧୭୦୦ରୁ ଉର୍ଦ୍ଧ୍ୱ ଲୁଣା କୁମ୍ଭୀର ରହିଥିବା ବନ ବିଭାଗ ଗଣନା କରିଛି । ହେଲେ ସେମାନଙ୍କ ସଂଖ୍ୟା ଏହି ଗଣନାଠାରୁ ଅଧିକ । ଭିତରକନିକା ସଂଲଗ୍ନ ବିଭିନ୍ନ ନଦୀରେ ବହୁ କୁମ୍ଭୀର ରହିଛନ୍ତି । ଭୟଙ୍କର ଓ ସଂରକ୍ଷିତ ଜୀବ ହୋଇଥିବାରୁ ସେମାନଙ୍କ ନିକଟକୁ କେହି ଯାଆନ୍ତି ନାହିଁ । ତେବେ ଅଧିକାଂଶ ଲୋକ କୁମ୍ଭୀର ହାବୁଡରେ ପଡିବା ଉପାନ୍ତ ଅଞ୍ଚଳରେ ଏକ ନିତିଦିନିଆ ଘଟଣା ହୋଇଛି । ଭାଗ୍ୟ ଭଲ ଥିଲେ କୁମ୍ଭୀର ହାବୁଡରୁ ନିସ୍ତାର ମିଳେ । ୨୦୧୭ରେ ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗ୍ରାମର ମମତା ଦଳାଇ ନିଜ ଭଉଣୀକୁ ଓ କଣ୍ଡିରା ଗ୍ରାମର ଶିତୁ ମଲ୍ଲିକ ୨୦୧୮ରେ ଦାଦାଙ୍କୁ କୁମ୍ଭୀର ମୁହଁରୁ ବଞ୍ଚାଇଥିଲେ । ଏହି ଦୁଇଜଣଙ୍କୁ ଶିଶୁ ସାହସିକତା ପୁରସ୍କାର ମିଳିଥିଲା । ଏ ନେଇ ବୁଦ୍ଧିଜୀବୀ ଦୋଳଗୋବିନ୍ଦ ଜେନା କହିଛନ୍ତି, ସରକାରୀ ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ଭିତରକନିକା ଆଖପାଖ ଅଞ୍ଚଳରେ ମାତ୍ର ୧୪ ଜଣଙ୍କୁ କୁମ୍ଭୀର ମାରିଛି । ତେବେ ଏହି ତଥ୍ୟ ଠିକ୍ ନୁହେଁ । କୁମ୍ଭୀର ଟାଣି ନେଇଥିବା ବ୍ୟକ୍ତିର ମୃତଦେହ ନ ମିଳିଲେ ଥାନାରେ ଏକ ମିସିଂ କେସ୍ ରୁଜୁ ହେଉଛି । ସ୍ଥାନୀୟ ୫ଟି ଥାନାରେ ଏ ସଂକ୍ରାନ୍ତରେ ଅନୁସନ୍ଧାନ କଲେ ଶତାଧିକ ମାମଲା ନଜରକୁ ଆସିବ । ଏଥିସହ କୁମ୍ଭୀର ଆକ୍ରମଣରେ ପ୍ରତିବର୍ଷ ୨୦ରୁ ଉର୍ଦ୍ଧ୍ୱ ଆହତ ହେଉଥିଲେ ମଧ୍ୟ ଗତ ୧୦ ବର୍ଷରେ ମାତ୍ର ୪୮ ଜଣ ଆହତ ହୋଇଥିବା ବନ ବିଭାଗ ଦର୍ଶାଇଛି । ସେହିପରି ଗତ ୫ ବର୍ଷରେ ମାତ୍ର ୩୬ ପଶୁହାନି ହୋଇଥିବା ବନବିଭାଗ ଦର୍ଶାଇଛି ।


ନଳଦିଆ ଗାଁକୁ ପଶି ଆସିଥିବା ଏକ ବଉଳା କୁମ୍ଭୀର ।

- ବନବିଭାଗ ଖାତାରେ ୧୪ ମୃତ
- ନିଖୋଜ ସଂଖ୍ୟା ସର୍ବାଧିକ
- ଉପଯୁକ୍ତ କ୍ଷତିପୂରଣରୁ ବଞ୍ଚିତ ମୃତକଙ୍କ ପରିବାର
- ନଦୀକୂଳ ଗାଁ ଗାଧୁଆ ତୁଠରେ ତାର ବାଡ ଲଗାଇବାକୁ ଦାବି

କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆ ତୁଠ ନିର୍ମାଣ ଦାୟିତ୍ୱ ବନବିଭାଗ ନେଇଛି । ମାତ୍ର ଭିତରକନିକା ନିକଟ ମୋଟ୍ ୪୧୮ ଗ୍ରାମରେ ଗାଧୁଆ ତୁଠ ନିର୍ମାଣ ହୋଇ ପାରିନାହିଁ । ଚଣ୍ଡିଆଗଡି ଗ୍ରାମର କିଶୋର ସରକାର କୁହନ୍ତି, କୁମ୍ଭୀର ଉପଦ୍ରବ କରୁଥିବା ନଦୀକୂଳବାସୀଙ୍କ ପାଇଁ ସୁରକ୍ଷିତ ଗାଧୁଆ ତୁଠର ଆବଶ୍ୟକତା ଅଛି । ନଦୀ କୂଳରେ ବହ୍ଲା ଓ ତାରଜାଲି ଦେଇ ଏହି ତୁଠ ନିର୍ମାଣ ହେବା କଥା । ତେବେ କେତେକ ସ୍ଥାନରେ ନିମ୍ନ ଧରଣର କାର୍ଯ୍ୟ ଯୋଗୁ ଏହି ତାରବାଡ ରହୁନାହିଁ । ଗଡଗଡି, ବାଲକାଟୀ, ପତ୍ରପୁର, ନୂଆଗାଁଠାରୁ ଆରମ୍ଭ କରି ରାଜଗଡ, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ନଦୀ ଘାଟ ଜନଜୀବନ ପାଇଁ ଅସୁରକ୍ଷିତ ହୋଇପଡିଛି ।

ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ଚନ୍ଦ୍ର ଦାଶ କୁହନ୍ତି, ବନାଞ୍ଚଳର ପଶୁପକ୍ଷୀଙ୍କୁ ସୁରକ୍ଷା ଦିଆଯାଉଛି । ଏଥିସହ କୁମ୍ଭୀର ଆକ୍ରମଣରୁ ବର୍ତ୍ତିବା ପାଇଁ ବିଭିନ୍ନ ନଦୀ ତୁଠରେ ସୁରକ୍ଷିତ ଓ ସ୍ୱତନ୍ତ୍ର ଗାଧୁଆ ତୁଠ ନିର୍ମାଣ ହେଉଛି । ସେହିପରି ଜନସଚେତନତା କାର୍ଯ୍ୟକ୍ରମ ସହ ମୃତାହତଙ୍କ ଅଭିଯୋଗକୁ ଭିତ୍ତିକରି କ୍ଷତିପୂରଣ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଭିଡିଓ ଭାଇରାଲ ଘଟଣା
### ପୁରୀଘାଟ ଥାନାରେ ଏତଲା ଦେଲେ ବର୍ଷା

କଟକ ଅଫିସ,୧୯।୧୨: କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନେଇ ଏକ ଭିଡିଓ ଭାଇରାଲ ହେବା ପରେ ପୁଣି ବିବାଦ ବଢ଼ିଛି। ଏ ନେଇ ଶୁକ୍ରବାର ରାତିରେ କଟକ ପୁରୀଘାଟ ଥାନାରେ ବର୍ଷା ଏତଲା ଦେଇଥିଲେ। ସେଥିରେ ସେ ଦର୍ଶାଇଥିଲେ, ମୋତେ ବଦନାମ କରିବା ଓ ମୋ ଭାବମୂର୍ତ୍ତି ଉପରେ ଆଞ୍ଚ ଆଣିବା ପାଇଁ ଚକ୍ରାନ୍ତ କରାଯାଉଛି। ସେହିପରି ଶନିବାର ରାତିରେ ମଧ ବର୍ଷା ପୁରୀଘାଟ ଥାନାରେ ଆଉଏକ ଏତଲା ଦେଇଛନ୍ତି। ଏଥିରେ ସେ ଅନୁଭବ ଓ ତାଙ୍କ ୨ ସହଯୋଗୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ରାତିରେ ତାଙ୍କ ରୁମ୍‌ରେ ଅନୁଭବ ତାଲା ପକାଇ ଦେବାରୁ ସେ ୧ ଘଣ୍ଟା ବାହାରେ ଛିଡା ହୋଇ ରହିଲେ ବୋଲି ବର୍ଷା ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୁରୀଘାଟ ପୋଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପାରିବାରିକ ହିଂସା ନେଇ କିଛିଦିନ ତଳେ ବର୍ଷା କଟକ ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ଦାଏର କରିଥିଲେ। ଏହି ମାମଲାରେ ନିଜ ପକ୍ଷ ରଖିବା ପାଇଁ କୋର୍ଟ ପକ୍ଷରୁ ଅନୁଭବଙ୍କୁ ନୋଟିସ ଜାରି କରାଯାଇଥିଲା। ଶୁକ୍ରବାର ଅନୁଭବ ତାଙ୍କ ଓକିଲଙ୍କ ଜରିଆରେ କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। କିଛିମାସ ଧରି ବର୍ଷା ଓ ଅନୁଭବଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଛି। ଏ ନେଇ କୋର୍ଟରେ ମାମଲାର ବିଚାର ଚାଲିଥିବାବେଳେ ଛାଡ଼ପତ୍ର ଯାଏ କଥା ପହଞ୍ଚିଛି। ବର୍ଷାଙ୍କଠାରୁ ବିବାହ ବିଚ୍ଛେଦ ନିମନ୍ତେ ଅନୁଭବ ଦିଲ୍ଲୀ ପଟିଆଲା କୋର୍ଟରେ ଆବେଦନ କରିଛନ୍ତି। ସେହିପରି ବର୍ଷା ମଧ ନିଜ ଭରଣପୋଷଣ ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛନ୍ତି ।

### ପଥରରେ ଛେଚି ଯୁବକଙ୍କୁ ହତ୍ୟା

ରାଉରକେଲା ଅଫିସ, ୧୯। ୧୨: ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ପ୍ରେମନଗର ନାଳରୁ ଶନିବାର ସକାଳୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ଜିତେନ୍ଦ୍ର ରପ୍ତା(୨୫)। ସେ ସ୍ଥାନୀୟ ରେଳବାଇ କର୍ମଚାରୀ ବୋଲି ଜଣାଯାଇଛି। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି ବୋଲି ପୋଲିସ ଅନୁମାନ କରୁଛି। ବନ୍ଧମୁଣ୍ଡା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଏକ ମାମଲା (ନଂ. ୧୮୨/ ୨୦୨୦) ରୁଜୁ କରାଯାଇଛି। ଶନିବାର ସକାଳେ ଏହି ଅଞ୍ଚଳର ଜଣେ ଯୁବକ ସମ୍ପୃକ୍ତ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ଜିତେନ୍ଦ୍ରଙ୍କ କ୍ଷତବିକ୍ଷତ ମୃତଦେହ ନାଳରେ ପଡିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ମୃତଶରୀର ନିକଟରେ ଏକ ରକ୍ତଭିଜା ପଥର ପଡିଥିବାରୁ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି।

## ଗଞ୍ଜେଇ କାରବାରକୁ ଦମନ ୧୧ମାସରେ ୧,୨୯୨ କୁଇଣ୍ଟାଲ ଜବତ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ରାଜ୍ୟରେ ଗଞ୍ଜେଇ ଚାଷ ଓ ଏହାର ଚୋରା ଚାଲାଣକୁ ଦମନ କରାଯାଉଛି। ଫଳରେ ଗତ ୧୧ମାସରେ କେବଳ ୧,୨୯୨ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି, ଯାହାକି ଗତ ୧୦ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ରାଜ୍ୟ ପୋଲିସ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ କୋରାପୁଟ ଜିଲା ପୋଲିସ ନଭେମ୍ବର ୩୦ତାରିଖ ମଧ୍ୟରେ ସର୍ବାଧିକ ୫୨୮ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବାରୁ ଡିଜିପି ଅଭୟ କୋରାପୁଟ ପୋଲିସ କାର୍ଯ୍ୟକୁ ପ୍ରଶଂସା କରିବା ସହ ମାନପତ୍ର ପ୍ରଦାନ କରିଛନ୍ତି। ସେହିପରି ମାଲକାନଗିରି ଓ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭଲ କାମ ପାଇଁ ପ୍ରଶଂସା କରିବା ସହ ଅନେକ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟରେ ୨୦୧୦ ବର୍ଷରେ ୭୩ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବାବେଳେ ୨୦୧୧ରେ ୨୦୮, ୨୦୧୨ରେ ୧୦୭, ୨୦୧୩ରେ ୩୭୧, ୨୦୧୪ରେ ୨୮୮ ଓ ୨୦୧୫ରେ ୧୯୮ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ସେହିପରି ୨୦୧୬ରେ ୪୨୮, ୨୦୧୭ରେ ୩୦୪, ୨୦୧୮ରେ ୫୨୩ ଏବଂ ୨୦୧୯ରେ ୬୧୮ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ଡିଜି ଅଭୟଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜେଇ ଚୋରା କାରବାରରେ ରୋକ ଦେବାନେଇ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ୱେସ୍କୋକୁ ୧୨ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ

ସମ୍ବଲପୁର,୧୯।୧୨ (ବ୍ୟୁରୋ)

ୱେସ୍କୋ ବସାଇଥିବା ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ସମ୍ବଲପୁର ଜିଲା ଯୁଯୁମୁରା ଥାନା କେଶାପାଲି ଗ୍ରାମର ଅକୁଲ ସେଠୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରକୁ ୧୨ ଲକ୍ଷ ୨୫ ହଜାର ୨୦୦ ଟଙ୍କାର ୬ ପ୍ରତିଶତ ହାରରେ ୫ ବର୍ଷର ସୁଧ ସହିତ କ୍ଷତିପୂରଣ ଦେବାକୁ ସମ୍ବଲପୁର ଦେୱାନୀ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୱେସ୍କୋ ପରିଚାଳନା ନିର୍ଦ୍ଦେଶକଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରି ଅଦାଲତରେ ସିଭିଲ ସୁଟ୍ ନମ୍ବର ୩୮୨/୨୦୧୫ ରୁଜୁ ହୋଇଥିଲା। ଜନବସତି ପାଖରେ ମୁକୁଳା ଟ୍ରାନ୍ସଫର୍ମର ବସାଇବା, ସୁରକ୍ଷା କର୍ମୀ ନିୟୋଜିତ ନ କରିବା, ୨/୩ ଫୁଟ ଉଚ୍ଚତାରେ ଉଚ୍ଚ ପରିବାହୀ ତାର ଝୁଲୁଥିଲେ ମଧ ପ୍ରତିକାର ବ୍ୟବସ୍ଥା କରା ନ ଯିବା ଆଦି କାରଣ ଦର୍ଶାଇ ଅଦାଲତ ୱେସ୍କୋକୁ ଅକୁଲଙ୍କ ମୃତ୍ୟୁ ପାଇଁ ଦାୟୀ କରିଛନ୍ତି। ୱେସ୍କୋ ପାଲଟା ଯୁକ୍ତି କରିଥିଲେ ମଧ ପ୍ରମାଣ ଦାଖଲ କରିବାରେ ବିଫଳ ହେବାରୁ ଅଦାଲତ ଏହାକୁ ଖାରଜ କରି ଅକୁଲ ସପକ୍ଷରେ ନ୍ୟାୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୫ ଜୁନ ୨ରେ ଅକୁଲ ପୋଖରୀକୁ ଗାଧୋଇବା ଯାଇଥିଲେ। ଗାଁ ମୁଣ୍ଡରେ ଥିବା ମୁକୁଳା ଟ୍ରାନ୍ସଫର୍ମର ପାଖରେ ଏକ ଗାଈକୁ ଦୁର୍ଘଟଣାରୁ ବଞ୍ଚାଇବା ପାଇଁ ସେଠାକୁ ଯାଇଥିଲେ। ଗାଈକୁ ଘଉଡାଇ ଆଣିବାକୁ ଚେଷ୍ଟା କରୁଥିଲା ବେଳେ ଟ୍ରାନ୍ସଫର୍ମରୁ ଝୁଲୁଥିବା ତାରରେ ହାତ ଲାଗିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁଯୁମୁରା ଥାନାରେ ଏ ନେଇ ଏକ ମାମଲା (୯/୨୦୧୫) ରୁଜୁ ହୋଇଥିଲା । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ବିଦ୍ୟୁତ୍ ଆଘାତରେ ଅକୁଲଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ଅକୁଲଙ୍କ ମୃତ୍ୟୁରେ ତାଙ୍କ ସ୍ତ୍ରୀ ଗୁରୁବାରୀ (୨୭), ଝିଅ ମନୋରମା (୯) ଓ ପୁଅ ମନୋରଞ୍ଜନ (୫) ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିଲେ। ଅଗଷ୍ଟ ୧୦ରେ ଗୁରୁବାରୀ ସହାୟତା ମାଗି ଦରଖାସ୍ତ କରିଥିଲେ ମଧ ୱେସ୍କୋ ଶୁଣି ନ ଥିଲା। ପରେ ଗୁରୁବାରୀ ୱେସ୍କୋ ନାମରେ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ସିନିୟର ସିଭିଲ ଜଜ୍ ସଙ୍ଗୀତା ପାଣି ୩ମାସ ମଧ୍ୟରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାରୀଙ୍କ ତରଫରୁ ଆଡ୍‌ଭୋକେଟ ରବୀନ୍ଦ୍ରନାଥ ଦେବତା, ବିଦ୍ୟାଧର ସାହୁ ଓ ପ୍ରୀତୀଶ ଦେବତା ମକଦ୍ଦମା ପରିଚାଳନା କରୁଥିଲେ।

## ରାନିବଖରୀରେ ହେବ ରାଜକୀୟ ରେଷ୍ଟୁରାଣ୍ଟ

ସମ୍ବଲପୁର,୧୯।୧୨ (ବ୍ୟୁରୋ)

ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ କରି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ଅନେକ ଯୋଜନା କରୁଛନ୍ତି। ଏଥିରେ ଯୋଡିହୋଇଛି ନିମନ୍ତ୍ରଣ ଯୋଜନା। ଏହି ଯୋଜନାରେ ସମ୍ବଲପୁର, ପୁରୀ ଓ ଭୁବନେଶ୍ୱରରେ ଓଡିଆ ବ୍ୟଞ୍ଜନ ଯୋଗାଇଦେବାର ବ୍ୟବସ୍ଥା କରୁଛନ୍ତି। ସମ୍ବଲପୁର ସହରର ରାନିବଖରୀରେ ରାଜକୀୟ ଢାଞ୍ଚାରେ ରେଷ୍ଟୁରାଣ୍ଟ ନିର୍ମାଣ କରାଯିବ। ଏଥିରେ ପର୍ଯ୍ୟଟକମାନଙ୍କୁ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ପାରମ୍ପରିକ, ନିତିଦିନିଆ ଖାଦ୍ୟ ସହିତ ଓଡ଼ିଆ ବ୍ୟଞ୍ଜନ ପରଷାଯିବ। ଏଥିପାଇଁ ଓଟିଡିସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜିଲା ପର୍ଯ୍ୟଟନ ଅଧିକାରୀ ହେମନ୍ତ ପ୍ରଧାନ କହିଛନ୍ତି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କୀର୍ତ୍ତିରାଜି ସମ୍ପନ୍ନ ରାନିବଖରୀ ସହରର ମୁଖ୍ୟ ସ୍ଥାନରେ ଥିବାବେଳେ ନିକଟରେ ସମଲେଇ ମନ୍ଦିର ଓ ଅନ୍ୟ ମନ୍ଦିର ରହିଥିବାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଢାଞ୍ଚାରେ ନିର୍ମାଣ କରାଯିବ। କୋଭିଡ୍ କଟକଣା ପରେ ଟୁରିଷ୍ଟମାନଙ୍କ ଯିବାଆସିବ ସ୍ୱାଭାବିକ ହୋଇଗଲେ କାମ ଆରମ୍ଭ ହୋଇଯିବ। ଏବେ ମହାନଗର ନିଗମ ପକ୍ଷରୁ ଏହାର ପରିଚାଳନା କରାଯାଉଛି। ପରେ ଏହାକୁ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୦ ସେପ୍ଟେମ୍ବର ୧୯ରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟଟନର ବିକାଶ ସହିତ ପର୍ଯ୍ୟଟକଙ୍କୁ କିଭଳି ସୁରକ୍ଷା ଦିଆଯିବ ସେ ନେଇ ପଦକ୍ଷେପ ନେବାକୁ କହିଥିଲେ। ପ୍ରାୟ ୨ବର୍ଷ ହେବ ରାନିବଖରୀରେ ନିର୍ମାଣ କାମ କରାଯାଇଥିଲା। ଐତିହାସିକ ରାଜପ୍ରାସାଦ ରାନିବଖରୀ ୩ ମହଲା ବିଶିଷ୍ଟ କୋଠାରେ ମୋଟ ୧୫ଟି କୋଠରି ରହିଛି। ତଳେ ୭, ମଝିରେ ୬ ଓ ସବା ଉପରେ ୨ ସୁସଜ୍ଜିତ କୋଠରି ଓ ଗୋଟିଏ ବାରଣ୍ଡା ରହିଛି। ପ୍ରାସାଦ ସମ୍ମୁଖରେ ମୁକ୍ତ ରଙ୍ଗମଞ୍ଚ ସାଙ୍ଗକୁ ଦର୍ଶକମାନଙ୍କ ସକାଶେ ଗ୍ୟାଲେରି ଉପଲବ୍ଧ ଅଛି। ଅତ୍ୟାଧୁନିକ ଆଲୋକୀକରଣରେ ଝଟକୁଛି ପ୍ରାସାଦ। କୋଠରିଗୁଡିକରେ ଝୁମର୍ ଖଞ୍ଜାଯାଇଛି। ସମ୍ପୂର୍ଣ୍ଣ ପ୍ରାସାଦକୁ ଶ୍ୱେତ ରଙ୍ଗରେ ରଙ୍ଗାୟିତ କରାଯାଇଥିବା ବେଳେ ସୂକ୍ଷ୍ମ କାରୁକାର୍ଯ୍ୟରେ ଗେରୁଆ ରଙ୍ଗ ଦିଆଯାଇଛି। ଐତିହାସିକ କୀର୍ତ୍ତିରାଜିର ସଂରକ୍ଷଣ କରିବା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ରାନିବଖରୀକୁ ଚମକାଇଛନ୍ତି। ସମ୍ବଲପୁର ପାଟଣେଶ୍ୱରୀ ମନ୍ଦିର ନିକଟରେ ରାଜସ୍ଥାନୀ ଶୈଳୀରେ ତିନିମହଲା ବିଶିଷ୍ଟ ପ୍ରାସାଦ ରହିଛି। ସମ୍ବଲପୁରର ପଞ୍ଚମ ରାଜା ବଳିୟାର ସିଂହ ୧୬୬୦ରୁ ୧୬୭୦ ମସିହା ମଧ୍ୟରେ ଏହାର ନିର୍ମାଣ କରିଥିଲେ। ଦୀର୍ଘଦିନ ହେଲା ଏହା ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା। ରାନିବଖରୀର ପୁନରୁଦ୍ଧାର କାର୍ଯ୍ୟ ଇନ୍‌ଟାକ୍‌ର ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ କରାଯିବା ସହ ନକ୍ସା ପ୍ରସ୍ତୁତ ହୋଇଥିଲା। ପ୍ରାସାଦର ବାହ୍ୟ ଓ ଆଭ୍ୟନ୍ତରୀଣ ପ୍ଲାଷ୍ଟର ବାହାର କରିଦିଆଯାଇଥିଲା। ସିମେଣ୍ଟ ପରିବର୍ତ୍ତେ ଚୂନ, ବେଲଅଠା, ମେଥି, ଗୁଡ, ବିରି ମିଶ୍ରଣରେ ପ୍ରଲେପ ପ୍ରସ୍ତୁତ କରି କାନ୍ଥ ଓ ଛାତରେ ଦିଆଯାଇଛି।



### ରାଜ୍ୟ ସରକାରଙ୍କ ନିମନ୍ତ୍ରଣ ଯୋଜନା
- ପରଷାଯିବ ଓଡ଼ିଆ ବ୍ୟଞ୍ଜନ
- ଓଟିଡିସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ

## ପ୍ରଥମ ପୃଷ୍ଠାରୁ

### ଆମେରିକା ଉପରେ ...

ରହିଛି ବାଣିଜ୍ୟ ଓ ରାଜକୋଷ ବିଭାଗ, ଆଭ୍ୟନ୍ତରୀଣ ନିରାପତ୍ତା, ଆଣବିକ ପ୍ରୟୋଗଶାଳା ଓ ପେଣ୍ଟାଗନ। ଏହାସହିତ ଆଗଧାଡ଼ିର ଅନେକ କମ୍ପାନୀ। ରୁଷିଆର ଗୁପ୍ତଚରମାନେ ମାସ ମାସ ଧରି ନିଜ ଇଚ୍ଛା ଅନୁସାରେ ବିନା ବାଧାରେ ବିଚରଣ କରିଚାଲିଥିବାବେଳେ ସେମାନେ କେତେ କ୍ଷତି ପହଞ୍ଚାଇଛନ୍ତି ଏବେ ଚକିତ ହୋଇଯାଇଥିବା ଅଧିକାରୀମାନେ କେବଳ ତା'ର ଆକଳନ କରୁଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଓ ତାଙ୍କ ଚାରିପାଖେ ଥିବା କେଜିବି (କମିଟି ଫର୍ ଷ୍ଟେଟ୍ ସିକ୍ୟୁରିଟି) ଏଜେଣ୍ଟମାନେ ବିଶ୍ୱକୁ କିପରି ଦେଖନ୍ତି ଏହି ହ୍ୟାକିଂ ତା'ର ଏକ ନିଷ୍ଠୁର ଚେତାବନୀ। ଆମେରିକାକୁ ସେମାନେ ମୁଖ୍ୟ ଶତ୍ରୁ ବୋଲି ବିବେଚନା କରନ୍ତି। ହ୍ୱାଇଟ୍ ହାଉସ୍‌ରେ ଜଣେ ଟ୍ରମ୍ପ୍ ଥାଆନ୍ତୁ କି ବାଇଡେନ୍, ପୁଟିନ ଓ ତାଙ୍କ ଗୁପ୍ତଚରମାନଙ୍କ ଏଭଳି ଶତ୍ରୁତାପୂର୍ଣ୍ଣ ଶୀତଳଯୁଦ୍ଧ ମାନସିକତା ବଳବତ୍ତର ରହିଥାଏ।

ସଦ୍ୟ ସାଇବର ଆଟାକ୍‌କୁ 'ସନବର୍ଷ୍ଟ' ନାମ ଦିଆଯାଇଛି। ଏଥିରେ ସବୁଠୁ ବେଶି ଶକ୍ତି ବିଭାଗ ପ୍ରଭାବିତ ହୋଇଥିବା କୁହାଯାଉଛି। ସେହିପରି ନ୍ୟୁ ମେକ୍ସିକୋ ଓ ୱାଶିଂଟନର ଫେଡେରାଲ ଏନର୍ଜି ରେଗୁଲେଟୋରି କମିଶନ (ଏଫ୍ଆଇଆରସି), ସେଣ୍ଡିଆ ନ୍ୟାଶନାଲ ଲାବରେଟୋରି ନ୍ୟୁ ମେକ୍ସିକୋ ଓ ଲସ୍ ଅଲାମୋସ୍ ନ୍ୟାଶନାଲ ଲାବରେଟୋରି ୱାଶିଂଟନ, ଜାତୀୟ ପରମାଣୁ ସୁରକ୍ଷା ପ୍ରଶାସନର ସୁରକ୍ଷିତ ପରିବହନ କାର୍ଯ୍ୟାଳୟ ଏବଂ ରିଚ୍‌ଲାଣ୍ଡ ଫିଲ୍ଡ ଅଫିସକୁ ଟାର୍ଗେଟ କରାଯାଇଛି। ଏହି ସମସ୍ତ ବିଭାଗ ଆମେରିକାର ଆଣବିକ ଅସ୍ତ୍ର ଭଣ୍ଡାରଗୁଡ଼ିକୁ ନିୟନ୍ତ୍ରଣ ଓ ଅସ୍ତ୍ରଶସ୍ତ୍ରଗୁଡ଼ିକର ସୁରକ୍ଷିତ ପରିବହନକୁ ସୁନିଶ୍ଚିତ କରିଥାଆନ୍ତି। ଆକ୍ରମଣର ଶିକାର ହୋଇଥିବା ସଂସ୍ଥାଗୁଡ଼ିକର ତାଲିକା ଲମ୍ବିବାରେ ଲାଗିଛି। ଅନେକ ସରକାରୀ ବିଭାଗଠୁ ନେଇ ଘରୋଇ କମ୍ପାନୀ ମଧ ସେମାନଙ୍କ ସିଷ୍ଟମ୍ ଉପରେ ଆକ୍ରମଣ ହୋଇଛି କି ନାହିଁ ଏବଂ ଯଦି ହୋଇଛି କେତେ ତଥ୍ୟ ଚୋରି ହୋଇଛି ତାହା ଯାଞ୍ଚ କରୁଛନ୍ତି। ଏହି ତଦନ୍ତ ଶେଷ ହେବା ପାଇଁ କିଛି ମାସ ଲାଗିଯାଇପାରେ। କାରଣ ଆକ୍ରମଣର ପରିସର ବିସ୍ତୃତ ହୋଇଥାଇପାରେ। ଆମେରିକା ମିଡିଆ ପଲିଟିକୋର ରିପୋର୍ଟ ଅନୁସାରେ ଶକ୍ତି ବିଭାଗ ମୁଖ୍ୟ ସୂଚନା ଅଧିକାରୀ ରୋକି କେମ୍ପିଓନ୍ ଏହି ଘଟଣା ସମ୍ପର୍କରେ ପ୍ରଥମେ ସୂଚନା ଦେଇଥିଲେ। ଏହା ପରେ ଏନ୍ଏନ୍ଏସ୍ଏ ଟିମ୍ ହ୍ୟାକିଂ ସମ୍ପର୍କିତ ସମସ୍ତ ତଥ୍ୟ ଆମେରିକା କଂଗ୍ରେସ ସମିତିକୁ ପଠାଇ ଦେଇଛି। ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଏନେଇ ବିବୃତି ଜାରି କରାଯାଇପାରେ। ମିଳିଥିବା ସୂଚନାନୁସାରେ ପ୍ରାୟ ମାସେ ଧରି ସାଇବର ଆଟାକ୍ ଚାଲିଥିବାବେଳେ ଗତ ରବିବାର ଟ୍ରେଜେରି ଓ ବାଣିଜ୍ୟ ବିଭାଗ ଉପରେ ଆକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଶକ୍ତି ବିଭାଗ ପକ୍ଷରୁ କୁହାଯାଇଛି ଯେ, ମାଲ୍‌ୱେର କେବଳ ବିଜ୍‌ନେସ ନେଟ୍‌ୱର୍କକୁ କ୍ଷତି ପହଞ୍ଚାଇଛି। ଅସ୍ତ୍ରଭଣ୍ଡାର ସୁରକ୍ଷା ଉପରେ ଏହି ହ୍ୟାକ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ଟେକ୍ କମ୍ପାନୀ ମାଇକ୍ରୋସଫ୍ଟ କହିଛି ଯେ, ତା'ର ସିଷ୍ଟମ୍‌ରେ ବିପଜ୍ଜନକ ସଫ୍ଟୱେର ମିଳିଛି। ୱାଶିଂଟନ ପୋଷ୍ଟ ରୁଷିଆର ହ୍ୟାକିଂ ଗ୍ରୁପ୍ କୋଜି ବିୟର ଅଥବା ଏପିଟି ୨୯କୁ ସନ୍ଦେହ କରିଛି। ଏହି ଖବରକାଗଜ ମୁତାବକ କୌଣସି ହ୍ୟାକିଂ ଗ୍ରୁପ୍ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ କାର୍ଯ୍ୟକାଳରେ ହ୍ୱାଇଟ୍ ହାଉସ୍ ଓ ଅନ୍ୟ କେତେକ ବିଭାଗର ଇ-ମେଲ୍‌ଗୁଡ଼ିକୁ ହ୍ୟାକ୍ କରିଥିଲା। ତେବେ ଆମେରିକାସ୍ଥିତ ରୁଷିଆ ଉଚ୍ଚାୟୁକ୍ତ ପକ୍ଷରୁ ସୋମବାର ସୋସିଆଲ ମିଡିଆରେ ବିବୃତି ଜାରି କରି ଏହି ଅଭିଯୋଗକୁ ଖଣ୍ଡନ କରାଯାଇଥିଲା।

ହ୍ୟାକର୍ସ ଅନ୍ୟ ସଂସ୍ଥାଗୁଡ଼ିକ ତୁଳନାରେ ଫେଡେରାଲ ଏଜେନ୍ସି ରେଗୁଲେଟୋରି କମିଶନକୁ ସବୁଠୁ ବେଶି କ୍ଷତି ପହଞ୍ଚାଇଛନ୍ତି। ଏହି ଏଜେନ୍ସିର ନେଟ୍‌ୱର୍କରେ ସର୍ବାଧିକ ଅନୁପ୍ରବେଶର ପ୍ରମାଣ ମିଳିଛି। ଏହି ମାମଲାରେ ସାଇବର ସିକ୍ୟୁରିଟି ଏବଂ ଇନ୍‌ଫ୍ରାଷ୍ଟ୍ରକ୍ଚର ଏଜେନ୍ସି ହ୍ୟାକିଂ ଗତିବିଧି ସହ ଜଡ଼ିତ ଯାଞ୍ଚରେ ଆମେରିକା ଫେଡେରାଲ ସର୍ଭିସେସ୍‌କୁ ସହଯୋଗ କରୁଛନ୍ତି। ତେବେ କେତେ ତଥ୍ୟ ଚୋରି ହୋଇଛି ତାହା ଅଦ୍ୟାବଧି ଜଣାପଡ଼ିନାହିଁ। ହ୍ୟାକର୍ସ କେଉଁ ଗୋପନୀୟ ତଥ୍ୟ ଯାଏ ପହଞ୍ଚି କେତେ କ୍ଷତି କରିଛନ୍ତି, ତଦନ୍ତକାରୀ ଅଧିକାରୀମାନେ ତାହା ଜାଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। କେତେ ମାତ୍ରାରେ ସୂଚନା ଚୋରି ହୋଇଛି ତାହା କିଛିଦିନ ମଧ୍ୟରେ ଜଣାପଡ଼ିଯିବ ବୋଲି ସେମାନେ କହିଛନ୍ତି।

ଆମେରିକାରେ ସାଇବର ସୁରକ୍ଷାର ଦାୟିତ୍ୱ ମୁଖ୍ୟତଃ ସାଇବର ସିକ୍ୟୁରିଟି ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ସିକ୍ୟୁରିଟି ଏଜେନ୍ସି (ସିଆଇଏସ୍ଏ) ପାଖରେ ଥାଏ। କିନ୍ତୁ ଟ୍ରମ୍ପ୍ ପ୍ରଶାସନରେ ଏହି ଏଜେନ୍ସିକୁ ଦୁର୍ବଳ କରି ଦିଆଯାଇଛି। ଏହାର ପୂର୍ବତନ ନିର୍ଦ୍ଦେଶକ କ୍ରିଷ୍ଟୋଫର କ୍ରେବ୍ସଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀଙ୍କୁ ଟ୍ରମ୍ପ୍ ପ୍ରଶାସନ ବାହାର କରିଦେଇଛି। ନିକଟରେ ଅନେକେ ଇସ୍ତଫା ମଧ ଦେଇଛନ୍ତି। ସମ୍ଭବତଃ ଏହି କାରଣରୁ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ସାଇବର ଆଟାକ୍ ସମ୍ପର୍କରେ ପଦୁଟିଏ ମଧ କହିନାହାନ୍ତି। ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ସାଇବର ସୁରକ୍ଷାକୁ ନିଜ ପ୍ରଶାସନର ସବୁଠୁ ବଡ଼ ପ୍ରାଥମିକତା ବୋଲି କହିଛନ୍ତି। ଆକ୍ରମଣକାରୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଆମେ ଆମେରିକାର ସହଯୋଗୀ ଓ ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ସାଙ୍ଗରେ ନେଇ ସାଇବର ଆକ୍ରମଣକୁ ରୋକିବୁ ବୋଲି ବାଇଡେନ୍ ଦୃଢ଼ୋକ୍ତି ବାଢ଼ିଛନ୍ତି। ତାଙ୍କ ମତରେ ବର୍ତ୍ତମାନ ଯାଏ ଅନେକ କଥା ଜଣାପଡ଼ିନାହିଁ। ଯାହା ବି ଜଣାପଡ଼ିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ।

ସିଆଇଏସ୍ଏ ପକ୍ଷରୁ କୁହାଯାଇଛି ଯେ, ୨୦୨୦ ମାର୍ଚ୍ଚରେ ଆରମ୍ଭ ହୋଇଥିବା ଏହି ସାଇବର ଆଟାକ୍‌ର ମୁକାବିଲା କରିବା ଅତି ଜଟିଳ ଓ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। ଆକ୍ରମଣ ଯୋଗୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଢାଞ୍ଚା କ୍ଷତିଗ୍ରସ୍ତ ହୋଇଛି।

### ସରୋଜଙ୍କ ଲାଏ ଡିଟେକ୍‌ଶନ ...

ଭାବେ ଦୋଷ ସ୍ୱୀକାର କରିବା ପାଇଁ ବୋଥ୍ରା ଧମକଚମକ ଦେବା ସହ ୫ ଲକ୍ଷ ଟଙ୍କାର ଲୋଭ ଦେଖାଇଥିଲେ ବୋଲି ସରୋଜ ଗତ ରବିବାର ଅଭିଯୋଗ କରିଥିଲେ। ଏସ୍ଆଇଟି ପକ୍ଷରୁ ଗତ ବୁଧବାର ହାଇକୋର୍ଟରେ ତଦନ୍ତର ଷ୍ଟାଟସ୍ ରିପୋର୍ଟ ବନ୍ଦ ଲଫାପାରେ ଦାଖଲ କରାଯାଇଥିଲା। ପରୀକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏବଂ ହତ୍ୟାକାରୀ ଯଦୁପୁରର ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଥିଲା। ଏପରିସ୍ଥଳେ ଶନିବାର ଭୋରରୁ ଏସ୍ଆଇଟି ଅଧିକାରୀମାନେ ସରୋଜଙ୍କ ପରିବାରର ୩ଜଣଙ୍କୁ ଉଠାଇନେବା ପରେ ସେମାନେ ପରୀ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଚାଲିଛି। କିନ୍ତୁ ଏସ୍ଆଇଟି ପକ୍ଷରୁ କିଛି କୁହାଯାଇନି। ଗାଁ ସଭାପତି ଜୟକୃଷ୍ଣ ପରିଡ଼ା କହିଛନ୍ତି, ପରୀ ହତ୍ୟାକାରୀ ଧରାପଡୁ। ତାକୁ ଫାଶୀ ଦିଆଯାଉ। କିନ୍ତୁ ଏସ୍ଆଇଟି ପ୍ରମାଣ ଆଧାରରେ ହତ୍ୟାକାରୀକୁ ଚିହ୍ନଟ କରୁ। ପ୍ରମାଣ ନ ଥାଇ କେବଳ କହିଦେଲେ ଆମେ ମାନିବୁ ନାହିଁ। ସରୋଜ ଦୋଷୀ ଏକଥା ଜଣାପଡୁ ନାହାନ୍ତି। କାରଣ ତାଙ୍କର ବ୍ୟବହାର ଭଲ ଥିଲା। ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, ପରୀ ହତ୍ୟାକାଣ୍ଡ ପରି ସମ୍ବେଦନଶୀଳ ଘଟଣାରେ ଏସ୍ଆଇଟି ନିରପେକ୍ଷ ହୋଇ କାମ କରିବା ଦରକାର। ଅଟକ ବ୍ୟକ୍ତିମାନେ ଯେ ଦୋଷୀ କହିହେବ ନାହିଁ। ଏସ୍ଆଇଟି ପ୍ରକୃତ ହତ୍ୟାକାରୀଙ୍କୁ ଧରିବା ପାଇଁ ଅଟକ ନାଟକ ଯେ ରଚୁ ନ ଥିବ ତାହା କହି ହେବ ନାହିଁ। ପ୍ରକୃତ ହତ୍ୟାକାରୀକୁ ଚିହ୍ନଟ କରାଯିବା ଦରକାର। ନଚେତ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

### ସୁଲଭ ମୂଲ୍ୟରେ ...

ସ୍ଥାନୀୟ ବାସେଳି ସାହି ଥାନା ନିକଟ ଏକ ଜମିରେ ଏହି ଭକ୍ତ ନିବାସ ନିର୍ମାଣ କରିବା ପାଇଁ ଜିଲା ଓ ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରୁଛି। ଅନ୍ୟପକ୍ଷରେ ପାର୍କିଂ ସମସ୍ୟା ଦୂର କରିବା ପାଇଁ ଜିଲା ପ୍ରଶାସନ ଜେଲ ରୋଡ୍ ପାର୍କିଂସ୍ଥଳୀ କାର୍ଯ୍ୟକୁ ଧାର୍ଯ୍ୟ ସମୟରେ ସାରିବା ଲାଗି ଜୋର ଦେଇଛି। ଜେଲ୍ ରୋଡଠାରେ ୧୨ଶହ କାର୍ ପାର୍କିଂ କରିବା ନେଇ ବ୍ୟବସ୍ଥା ହେଉଛି। ଏହାବ୍ୟତୀତ ଅନ୍ୟ କେତେକ ସ୍ଥାନରେ ମଧ ପାର୍କିଂସ୍ଥଳୀ ନିର୍ମାଣ କରାଯାଉଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ହେରିଟେଜ ଭାବେ ବିକଶିତ କରିବାକୁ ହେଲେ ପାର୍କିଂକୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ବୋଲି ଜିଲା ପ୍ରଶାସନ ସ୍ପଷ୍ଟ କରିଛି। ବୈଠକରେ ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାର ବିକାଶ ଓ ନବୀକରଣ ପ୍ରକଳ୍ପ, ଲୋକନାଥ ମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟ, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଓ ପୁଷ୍କରିଣୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭାଜପାରେ ...


ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହେଉଛନ୍ତି ଶୁଭେନ୍ଦୁ ଅଧିକାରୀ।

ଯୋଗଦେଇଛନ୍ତି। ଗୈରିକ ଦଳରେ ଯୋଗଦେଇଥିବା ଅନ୍ୟ ଟିଏମ୍‌ସି ବିଧାୟକ ହେଲେ ବନଶ୍ରୀ ମାଇତି, ଶୀଳଭଦ୍ର ଦତ୍ତ, ବିଶ୍ୱଜିତ୍ କୁଣ୍ଡୁ, ଶୁକ୍ର ମୁଣ୍ଡା ଏବଂ ସୈକତ୍ ପଞ୍ଜା। ଅନ୍ୟମାନଙ୍କ ମଧ୍ୟରେ ୨୦୧୬ରେ ସିପିଆଇ(ଏମ୍) ଟିକେଟରେ ବିଧାନସଭାକୁ ଜିତି ପରେ ଟିଏମ୍‌ସିରେ ଯୋଗ ଦେଇଥିବା ଦୀପାଳୀ ବିଶ୍ୱାସ ମଧ ଶନିବାର ପଦ୍ମ ଧରିଛନ୍ତି। ତେବେ ସେ ଏପର୍ଯ୍ୟନ୍ତ ସିପିଆଇ(ଏମ୍) ବିଧାୟକ ପଦରୁ ଇସ୍ତଫା ଦେଇନାହାନ୍ତି। ସେହିପରି ହଳଦିଆର ସିପିଆଇ(ଏମ୍) ବିଧାୟକ ତାପସୀ ମଣ୍ଡଳ, ତମଲୁକ୍‌ର ସିପିଆଇ ଏମ୍ଏଲ୍ଏ ଅଶୋକ ଦିଣ୍ଡା ଏବଂ ପୁରୁଲିଆର କଂଗ୍ରେସ ବିଧାୟକ ସୁଦୀପ ମୁଖାର୍ଜୀ ଶାହାଙ୍କ ରାଲିରେ ଭାଜପାରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସମେତ ଟିଏମ୍‌ସିର ପୂର୍ବତନ ଏମ୍‌ପି ଦଶରଥ ତିର୍କୀ, କେତେଜଣ ଜିଲାସ୍ତରୀୟ ତୃଣମୂଳ କଂଗ୍ରେସ,ବାମଦଳ ଓ କଂଗ୍ରେସ ନେତା ମଧ ଗୈରିକ ଦଳରେ ସାମିଲ ହୋଇଛନ୍ତି।

ଭାଜପାରେ ମିଶିବା ପରେ ଶୁଭେନ୍ଦୁ ମମତା ବାନାର୍ଜୀ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ସେ ମମତା ସରକାରକୁ ଗାଦିରୁ ହଟାଇବା ପାଇଁ ପ୍ରତିଜ୍ଞା କରିଥିଲେ। ଆଗାମୀ ସରକାର ଭାଜପା ଗଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭାଜପା ଜାତୀୟତାବାଦ ଓ ବହୁଳବାଦରେ ବିଶ୍ୱାସ କରେ। ଅନ୍ୟପକ୍ଷରେ ଭିତର ଲୋକ ଓ ବାହାର ଲୋକ ନାମରେ ଟିଏମ୍‌ସି ରାଜ୍ୟକୁ ଭାଗ ଭାଗ କରିବାକୁ ଚାହୁଁଥିବା ଶୁଭେନ୍ଦୁ ଅଭିଯୋଗ କରିଥିଲେ।

**ଜିଓର ଦମ୍‌ଦାର ଅଫର**

ମୁମ୍ବାଇ: ଟେଲିକମ୍ କମ୍ପାନୀ ଜିଓ ନିଜ ଗ୍ରାହକଙ୍କୁ ଏକ ଆକର୍ଷଣୀୟ ଅଫର ପ୍ରଦାନ କରିଛି। ଗ୍ରାହକମାନେ ବିଭିନ୍ନ ଡାଟା-କଲିଂ ଓ ଭାଲିଡିଟି ଦେଖି ପ୍ଲାନ୍ କ୍ରୟ କରିଥାନ୍ତି। ବର୍ତ୍ତମାନ ଜିଓ ଯେଉଁ ପ୍ଲାନ୍ ଲଞ୍ଚ କରିଛି ସେଥିରେ ପ୍ରତିଦିନ ୧.୫ ଜିବି ଡାଟା ପ୍ରଦାନ କରୁଛି। ସେହିଭଳି ଅନ୍ୟ ସମସ୍ତ ସୁବିଧା ମଧ୍ୟ ଗ୍ରାହକମାନେ ଏଥିରୁ ପାଇପାରିବେ। ଏହି ପ୍ଲାନ୍‌ର ବୈଧତା ରହିଛି ୩୩୬ ଦିନ। ଏଥିରେ ଦୈନିକ ୧.୫ ଜିବି ଡାଟା, ଫ୍ରି ଅନ୍‌ନେଟ୍ କଲିଂ ଓ ୧୨ହଜାର ମିନିଟ୍ ଅନ୍ୟ ନେଟ୍‌ୱର୍କକୁ କଲ୍ ପାଇଁ ଫ୍ରି ରହିଛି। ଏହା ସହ ଦୈନିକ ୧୦୦ ଏସ୍‌ଏମ୍‌ଏସ୍ ମଧ୍ୟ ଗ୍ରାହକଙ୍କୁ ମିଳୁଛି ବୋଲି ସୂଚନା ରହିଛି। ସେହିପରି ଜିଓ ଆପ୍ସର ଫ୍ରି ସବ୍‌ସ୍କ୍ରିପସନ ଗ୍ରାହକ ପାଇପାରିବେ। ଏହାର ଦାମ୍ ରହିଛି ୨୧୨୧ ଟଙ୍କା। ୫୫୫ ଟଙ୍କାରେ କମ୍ପାନୀ ଆଉ ଏକ ପ୍ଲାନ୍ ଲଞ୍ଚ କରିଛି। ଏହାର ବୈଧତା ରହିଛି ୮୪ ଦିନ।

## ସଂକ୍ଷେପରେ

### ବେଦାନ୍ତ ଲାଞ୍ଜିଗଡ଼କୁ ସିଆଇଆଇ ପୁରସ୍କାର

ଭୁବନେଶ୍ୱର,୧୯।୧୨: ବେଦାନ୍ତ ଲାଞ୍ଜିଗଡ଼କୁ ଜଳ ପରିଚାଳନାରେ ଉତ୍କର୍ଷ ପାଇଁ ସିଆଇଆଇ ପକ୍ଷରୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଭାଗନେଇଥିବା ଶହେ ପ୍ରତିଭାଗୀଙ୍କ ମଧ୍ୟରେ କମ୍ପାନୀକୁ 'ବିୟିନ ଦି ଫେନ୍ସ ବର୍ଗ'ରେ ଉଲ୍ଲେଖନୀୟ ଜଳ ପରିଚାଳକ ୟୁନିଟ୍ ଭାବେ ଏହି ପୁରସ୍କାର ମିଳିଛି। ଚଳିତ ମାସ ୧୬ ତାରିଖରେ ସିଆଇଆଇ ପକ୍ଷରୁ ଆୟୋଜିତ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ କମ୍ପାନୀ ପକ୍ଷରୁ ପରିବେଶ ବିଭାଗର ମୁଖ୍ୟ ସନ୍ତୋଷ କୁମାର ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। ପ୍ରଭାବଶାଳୀ ଭାବେ ଜଳ ଭଳି ସାଧନର ପରିଚାଳନା ନିମନ୍ତେ ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଗ୍ରହଣ କରାଯାଉଥିବା ଉଲ୍ଲେଖନୀୟ ପଦକ୍ଷେପ ତଥା ଏ ଦିଗରେ କମ୍ପାନୀର ନେତୃତ୍ୱ ଏବଂ ପ୍ରଚେଷ୍ଟା ପାଇଁ ଏହି ପୁରସ୍କାର ଏକ ବିଶେଷ ସ୍ୱୀକୃତି ପ୍ରଦାନ କରିବ। ସେହିଭଳି ନିୟମିତ ଜଳର ପର୍ଯ୍ୟବେକ୍ଷଣ ପାଇଁ ମଧ୍ୟ କମ୍ପାନୀ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଜଳ ପରିଚାଳନା କ୍ଷେତ୍ରରେ ଅନ୍ୟତମ ଉଲ୍ଲେଖନୀୟ ସଫଳତା ଭାବେ ବେଦାନ୍ତ ଲାଞ୍ଜିଗଡ଼ ଏହାର ସ୍ପେସିଫିକ ୱାଟର କଞ୍ଜପସନକୁ ୨୦୧୫-୧୬ ଆର୍ଥିକ ବର୍ଷର ଟନ ପ୍ରତି ୩.୦୩ ଏମ ଥ୍ରି ରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଟନ ପ୍ରତି ୧.୯୬ ଏମ ଥ୍ରି କୁ ହ୍ରାସ କରିପାରିଛି। ରେନ୍ ୱାଟର ହାରଭେଷ୍ଟିଂ ପାଇଁ ମଧ୍ୟ କମ୍ପାନୀ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ର ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ କହିଛନ୍ତି,ବେଦାନ୍ତ ଲାଞ୍ଜିଗଡ଼ରେ ସମସ୍ତ କାର୍ଯ୍ୟ ଓ ପ୍ରକ୍ରିୟାରେ 'ସାଧନର ମିତବ୍ୟୟିତା,ପୁନଃ ବ୍ୟବହାର ଓ ପୁନଃ ଚକ୍ରଣ' ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ।

### ଏକ ଡଲାରରେ ଫିନାବ୍ଲରକୁ କିଣିଲା ଇସ୍ରାଏଲ-ୟୁଏଇ ଗ୍ରୁପ୍

ମୁମ୍ବାଇ,୧୯।୧୨: ବିଦେଶରେ ବ୍ୟବସାୟିକ କ୍ଷତି ଓ ଠକେଇ ଭଳି ଅଭିଯୋଗ ଲାଗି ଜଣେ ପ୍ରବାସୀ ଭାରତୀୟ ଉଦ୍ୟୋଗପତି ବି.ଆର୍. ସେଟ୍ଟୀ ମାତ୍ର ୧ ଡଲାରରେ ତାଙ୍କ କମ୍ପାନୀକୁ ବିକିଛନ୍ତି। ଗତବର୍ଷ ପର୍ଯ୍ୟନ୍ତ ତାଙ୍କ କମ୍ପାନୀର ମୂଲ୍ୟ ୧.୫ ରୁ ୨ ବିଲିୟନ ଡଲାର ମୂଲ୍ୟାୟନ ହେଉଥିଲା। ୟୁଏଇରେ ଥିବା ତାଙ୍କ ଫିନାବ୍ଲର ପିଏଲ୍‌ସିକୁ ମାତ୍ର ୧ ଡଲାର ବିନିମୟରେ ଇସ୍ରାଏଲ-ୟୁଏଇ ସଂଘକୁ ବିକିଦେଇଥିବା ସୂଚନା ମିଳିଛି।

# ବିଟ୍‌କଏନ ଭାଲ୍ୟୁ ୫୦ଲକ୍ଷ ଟପିବ

ମୁମ୍ବାଇ,୧୯।୧୨

କମ୍ ସମୟରେ ଧନୀ ହେବା ଏବଂ ଆବଶ୍ୟକଠାରୁ ଅଧିକ ଧନ କମାଇବାର ନିଶା ସାରା ବିଶ୍ୱବାସୀଙ୍କୁ ଏକ ପ୍ରକାର ମାୟାରେ ଛନ୍ଦିଦେଇଛି। ବର୍ତ୍ତମାନ ଏହି ଧନ ଅର୍ଜନ ଲୋଭରେ ସାରା ବିଶ୍ୱର ସବୁବର୍ଗର ଲୋକ ବିଟ୍ କଏନ ନିବେଶରେ ଲାଗିପଡିଛନ୍ତି। ବର୍ତ୍ତମାନ ସମୟରେ ବିଟ୍ କଏନର ଭାଲ୍ୟୁ ମଧ୍ୟ ପ୍ରଥମ ଥର ପାଇଁ ୨୦ ହଜାର ଟପି ୨୩ ହଜାର ଡଲାର ଉପରେ ରହିଛି। ଏହି ମୁଦ୍ରାର ଚାହିଦା ବୃଦ୍ଧିକୁ ଲକ୍ଷ୍ୟକରି କୋ ଫାଉଣ୍ଡର ଅଫ୍ କଏନ ଡିସିଏକ୍ସର ସିଇଓ ସୁମିତ ଗୁପ୍ତା କହିଛନ୍ତି, ୨୦୨୧ ବେଳକୁ ଏହାର ଚାହିଦା ଆକାଶଛୁଆଁ ହୋଇଯିବ। ଫଳରେ ଏହାର ମୂଲ୍ୟ ୫୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ଅଭିବୃଦ୍ଧି ହୋଇପାରେ ବୋଲି ଆକଳନ କରାଯାଇଥିବା ରଏଟର ତା'ର ଏକ ରିପୋର୍ଟରେ ପ୍ରକାଶ କରିଛି। କ୍ରିପ୍ଟୋ କରେନ୍ସି ବା ବିଟ୍ କଏନକୁ ନେଇ ବର୍ତ୍ତମାନ ସାରା ବିଶ୍ୱରେ ଉତ୍ସାହ ବୃଦ୍ଧି ପାଇଛି। ଫଳରେ ବିଟ୍ କଏନ୍ ଏବେ ନିବେଶର ନୂଆ ମାଧ୍ୟମ ପାଲଟିଛି। ଚଳିତ ବର୍ଷ ମାର୍ଚ୍ଚ ମାସରୁ ଭାରତରେ ବିଟ୍ କଏନ କାରବାରରେ ଅଭିବୃଦ୍ଧି ଦେଖାଦେଇଛି। ମାର୍ଚ୍ଚରୁ ଆଜି ପର୍ଯ୍ୟନ୍ତ ବିଟ୍ କଏନ କାରବାରରେ ପ୍ରାୟ ୮୦୦% ରୁ ଉର୍ଦ୍ଧ୍ୱ କାରବାର ଅଭିବୃଦ୍ଧି ହୋଇଥିବା ଜଣାପଡିଛି। ଏଥିରୁ କ୍ରିପ୍ଟୋ କରେନ୍ସି ନିବେଶର



ମାଧ୍ୟମ ହେବ ନା ନିବେଶକଙ୍କୁ ନିବେଶ ଲାଗି ନୂଆ ବିକଳ୍ପ ସନ୍ଧାନ କରିବାକୁ ପଡିବ। ଗତ ଗୁରୁବାର ବିଟ୍ କଏନ୍ ୯% ଅଭିବୃଦ୍ଧି ହାସଲ କରିଥିଲା। ଫଳରେ ବିଟ୍ କଏନ ମୂଲ୍ୟ ୨୩ ହଜାର ୨୫୬.୯୨ ଡଲାରରେ ପହଞ୍ଚିଥିଲା। ଗତ ନଭେମ୍ବରରେ ବିଟ୍ କଏନ ୧୮ହଜାର ଡଲାର ସ୍ତର ପାରକରିଥିଲା। ସାଧାରଣରେ ଏହାକୁ ଡିଜିଟାଲ କରେନ୍ସି ମଧ୍ୟ କୁହାଯାଏ। ଏହା ସମ୍ପୂର୍ଣ୍ଣ ବୈଦ୍ୟୁତିକ ବ୍ୟବସ୍ଥା। ଏହାଦ୍ୱାରା ସରକାର ଅଥବା ବ୍ୟାଙ୍କ ବିନାନୁମତିରେ ମଧ୍ୟ ନେଣଦେଣ ହୋଇପାରେ। କୋଡିଂ ମାଧ୍ୟମରେ ଏପରି ମୁଦ୍ରାର କାରବାର ହୋଇଥାଏ। ତେବେ ଏହାକୁ ହ୍ୟାକ୍ କରିବା ଏତେ ସହଜ ନୁହେଁ। ଏହି କାରବାରରେ ଠକେଇର ସମ୍ଭାବନା କମ୍ ରହିଥିବାରୁ ଗ୍ରାହକଙ୍କ ଚାହିଦା ବୃଦ୍ଧି ପାଉଛି। ଏହା ଉପରେ ସରକାରଙ୍କ

### ଭାରତରେ ଲାଗିପାରେ ପ୍ରତିବନ୍ଧକ

ନଜର ରହିଛି। ଫଳରେ ଭାରତରେ ଏପରି ମୁଦ୍ରାର କାରବାର ପ୍ରତି ମଧ୍ୟ ପ୍ରତିବନ୍ଧକ ରହିଛି। ଗତ ୪ ମାର୍ଚ୍ଚ ୨୦୨୦ରେ ସୁପ୍ରିମକୋର୍ଟ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଙ୍କ ୨୦୧୮ ମସିହାର ଏକ ସର୍କୁଲାରକୁ ଚାଲେଞ୍ଜକରି ରୁଜୁ ହୋଇଥିବା ମକଦ୍ଦମାକୁ ଶୁଣାଣି ଲାଗି ଗ୍ରହଣ କରିଥିଲେ, ଯେଉଁଥିରେ ବ୍ୟାଙ୍କଗୁଡ଼ିକର କ୍ରିପ୍ଟୋ କରେନ୍ସି ସମ୍ପର୍କିତ ସେବାକୁ ମଧ୍ୟ ପ୍ରତିବନ୍ଧିତ କରାଯାଇଥିଲା। ୬ ଏପ୍ରିଲ ୨୦୧୮ରେ ଆର୍‌ବିଆଇଙ୍କ ସର୍କୁଲାର ଅନୁସାରେ ଆଭାସୀ ମୁଦ୍ରାର କୌଣସି ପ୍ରକାର ସେବା ଦେଶରେ ପ୍ରଚଳନ କରା ନ ଯିବା ଉପରେ ରୋକ୍ ଲାଗିଛି। ଯେହେତୁ ଏହି କ୍ରିପ୍ଟୋ କରେନ୍ସି ଡିଜିଟାଲ ମୁଦ୍ରା ଓ ଫଣ୍ଡ ନେଣଦେଣ ଲାଗି ଏନ୍‌କ୍ରିପସନ ଟେକ୍ନୋଲୋଜିର ଉପଯୋଗ ହୁଏ ସେଥିପାଇଁ ଏଭଳି ବ୍ୟବସ୍ଥାରୁ କେନ୍ଦ୍ରୀୟ ବ୍ୟାଙ୍କ ପୃଥକ ରହି କାରବାର କରୁଛନ୍ତି। ବିଭିନ୍ନ ସମୟରେ ଏହି ଘଟଣାକୁ ନେଇ ଗଣମାଧ୍ୟମରେ ଆସୁଥିବା ନାନା ରିପୋର୍ଟକୁ ଅନୁଧ୍ୟାନକରି କେନ୍ଦ୍ର ସରକାର ଦେଶରେ ଏପରି କରେନ୍ସି କାରବାର ଉପରେ ରୋକ ଲଗାଇବା ପାଇଁ ଖୁବ୍‌ଶୀଘ୍ର ଆଇନ ଆଣିବେ ବୋଲି ସୂଚନା ମିଳିଛି।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଏଣ୍ଡ ଅଫ୍ ସିଜିନ ସେଲ୍




ଭୁବନେଶ୍ୱର,୧୯।୧୨

- ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ୭୦% ରିହାତି
- ହୀରା ଉପରେ ୨୫% ପର୍ଯ୍ୟନ୍ତ ରିହାତି

ଅଗ୍ରଣୀ ଜୁଏଲର୍ସ ବ୍ରାଣ୍ଡ ଖିମ୍‌ଜୀର ବହୁ ପ୍ରତୀକ୍ଷିତ ଏଣ୍ଡ ଅଫ୍ ସିଜିନ ସେଲ୍-୨୦୨୦ ଆରମ୍ଭ ହୋଇଯାଇଛି। ଏହି ସେଲ୍‌ସ ଜରିଆରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଳଙ୍କାର ଏବଂ ବିଳାସପୂର୍ଣ୍ଣ ହାତଘଣ୍ଟା ଉପରେ ଅନେକ ଲୋଭନୀୟ ଅଫର ପ୍ରଦାନ କରାଯାଉଛି। ଚଳିତ ମାସ ୧୮ତାରିଖରୁ ୨୦୨୧ ଜାନୁୟାରୀ ୧୦ ପର୍ଯ୍ୟନ୍ତ ଏହି ଅଫର ବୈଧ । ଏହି ଏଣ୍ଡ ଅଫ୍ ସିଜିନ ସେଲ୍‌ରେ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଥିବା ବେଳେ ହୀରା ଗହଣା ଉପରେ ୨୫% ପର୍ଯ୍ୟନ୍ତ ରିହାତି ରହିଛି। ସେହିଭଳି ବିଳାସପୂର୍ଣ୍ଣ ହାତଘଣ୍ଟା ଉପରେ ୬୦% ପର୍ଯ୍ୟନ୍ତ ରିହାତିରେ ରାଜ୍ୟର ସମସ୍ତ ଖିମଜୀ ଷ୍ଟୋରରେ ଉପଲବ୍ଧ ହେଉଛି। ଏହା ବ୍ୟତୀତ ଏହି ଅଫରରେ ରୁପାର ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୧୦% ଏବଂ ଗଢ଼ା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ଦିଆଯାଉଛି ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଖିମଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ମିତେଶ୍ ଖିମଜୀ କହିଛନ୍ତି, ଆମେ ଆମର ଗ୍ରାହକଙ୍କ ଆବଶ୍ୟକତା ଏବଂ ମହାମାରୀ ପରବର୍ତ୍ତୀ ସମୟରେ ବଜାରର ପରିସ୍ଥିତିକୁ ଠିକ୍ ଭାବରେ ବୁଝିପାରିଛୁ। ଏହି ଅଫର ବିଭିନ୍ନ ମୂଲ୍ୟବାନ୍ ଧାତୁ ଉପରେ ବିନିଯୋଗ ପଛରେ ଗ୍ରାହକମାନଙ୍କର ଥିବା ମୂଳ ଉଦ୍ଦେଶ୍ୟକୁ ନିଶ୍ଚିତ ପୂରଣ କରିବ ବୋଲି ମୁଁ ଆଶା କରୁଛି। ଏହି ଅଫର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ କଟକଠାରେ ଥିବା ଖିମ୍‌ଜୀର ନିଜ ଷ୍ଟୋରଗୁଡ଼ିକରେ ବ୍ରାଣ୍ଡ ସୁନା, ହୀରା, ପ୍ଲାଟିନମ୍, ରୁପା ଇତ୍ୟାଦି ପାଇପାରିବେ ବୋଲି ସୂଚନା ମିଳିଛି।

# ଗ୍ରାମାଞ୍ଚଳକୁ ଗୁରୁତ୍ୱ ଦେଉଛି ଓରିଏଣ୍ଟ ଇଲେକ୍‌ଟ୍ରିକ

ଭୁବନେଶ୍ୱର,୧୯।୧୨:

ସି.କେ.ବିର୍ଲା ଗ୍ରୁପ୍‌ର ଅଂଶ ବିଶେଷ ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍ ଦେଶର ଟିୟର ୩ ଓ ୪ ବଜାର ଏବଂ ଗ୍ରାମାଞ୍ଚଳରୁ ମିଳୁଥିବା ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ନୂତନ ଭାରିଆଣ୍ଟ ସହ ଏହାର ଫ୍ୟାନ୍ ରେଞ୍ଜର ସମ୍ପ୍ରସାରଣ କରିଛି। ଫଳରେ କମ୍ପାନୀ ପକ୍ଷରୁ ସମର ବ୍ରିଜ୍ ପ୍ରୋ ଏବଂ ରାପିଡ ଏୟାର ନାମରେ ୨ଟି ଫ୍ୟାନ୍‌ର ଶୁଭାରମ୍ଭ କରାଯାଇଛି। ଟ୍ୱିଷ୍ଟର ନାମକ ବିଦ୍ୟମାନ ଫ୍ୟାନ୍‌କୁ ଅପ୍‌ଗ୍ରେଡ୍ କରିବା ସହିତ ଆସନ୍ତା ମାସଗୁଡିକରେ ଏହି ରେଞ୍ଜକୁ ବେସ୍ ଇକୋନୋମି ଓ ଡେକୋରେଟିଭ ସେଗ୍‌ମେଣ୍ଟରେ ପରିସର ବୃଦ୍ଧି ଯୋଜନା



ରଖିଛି। ଆସନ୍ତା ବର୍ଷକ ମଧ୍ୟରେ ନିଜ ଫ୍ୟାନ୍‌ଗୁଡିକର ବଜାର ଅଂଶ ବୃଦ୍ଧି କରିବା ପାଇଁ ଏହି ଶୁଭାରମ୍ଭ ସହ କମ୍ପାନୀର ସକାରାତ୍ମକ ଗ୍ରାମାଞ୍ଚଳ ଭାବନାରୁ ବେଶ୍ ଫାଇଦା ଉଠାଇବା ପ୍ରୟାସର ଅଂଶ ବିଶେଷ ବୋଲି କୁହାଯାଉଛି।

# ସ୍କାମ୍ କଲ୍‌ରେ ଭାରତର ସ୍ଥାନ ନବମ

ଭୁବନେଶ୍ୱର,୧୯।୧୨

ଚଳିତ ବର୍ଷ ବିଶ୍ୱବ୍ୟାପୀ ରାଷ୍ଟ୍ରଗୁଡିକ ସ୍କାମ୍ କଲ୍ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହି ବିଷୟରେ ପ୍ରସ୍ତୁତ କରାଯାଇଥିବା ଏକ ତାଲିକାରେ ୨୦ଟି ପ୍ରମୁଖ ଦେଶକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଭାରତ ଏଥିରେ ୯ମ ସ୍ଥାନକୁ ଖସିଆସିଥିବା ସୂଚନା ମିଳିଛି। ଟ୍ରୁ କଲ୍‌ର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏହି ତାଲିକାରେ ସୂଚନା ଦିଆଯାଇଛି ଯେ, ସ୍କାମ୍ କଲ୍ ସର୍ବାଧିକ ଆସୁଥିବା ରାଷ୍ଟ୍ରଗୁଡିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଏହି ତାଲିକା ଅନୁସାରେ ବିଶ୍ୱବ୍ୟାପୀ ସ୍କାମ୍ କଲ୍ ଗ୍ରହଣ କରିଥିବା ଗ୍ରାହକଙ୍କ କ୍ଷେତ୍ରରେ ଭାରତ ନବମ ସ୍ଥାନରେ ରହିଥିବା ବେଳେ ବ୍ରାଜିଲ ପ୍ରଥମ ସ୍ଥାନରେ ରହିଛି ବୋଲି ସୂଚନା ମିଳିଛି।

# ଗ୍ରେଟର ନଏଡା ୟୁନିଟ ବନ୍ଦ କରିବ ହୋଣ୍ଡା

ନୂଆଦିଲ୍ଲୀ,୧୯।୧୨

ଦେଶର ଅଗ୍ରଣୀ କାର୍ ନିର୍ମାତା ହୋଣ୍ଡା କାରସ୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ତା'ର ଗ୍ରେଟର ନଏଡା କାରଖାନାକୁ ବନ୍ଦ କରିବ ବୋଲି ଜଣାପଡିଛି। ଏହା ଜାପାନୀ ହୋଣ୍ଡା ମୋଟର କୋଙ୍କର ସମ୍ପୂର୍ଣ୍ଣ ସହାୟକ ମାଲିକାନା କମ୍ପାନୀ । ୧୯୯୭ ମସିହାରୁ କମ୍ପାନୀ ଏଠାରେ କାର ଉତ୍ପାଦନ କରିଆସୁଥିଲା। ବର୍ତ୍ତମାନ ଏହି ୟୁନିଟରୁ ଉତ୍ପାଦନ ବନ୍ଦ ହେଲେ ବି ଏହା କାର୍ଯ୍ୟାଳୟ ଭାବେ ବ୍ୟବହାର ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ମତ ଦେଇଛନ୍ତି। ଏହା କମ୍ପାନୀର କର୍ପୋରେଟ ମୁଖ୍ୟାଳୟ ସହ କମ୍ପାନୀର ଆର୍ ଏଣ୍ଡ ଡି ସେଣ୍ଟର ଓ ଯନ୍ତ୍ରାଂଶ ବିଭାଗ ଭାବରେ ପୂର୍ବପରି କାର୍ଯ୍ୟ କରିବ। ତେବେ ଏଠାରେ କାର ନିର୍ମାଣ କାହିଁକି ବନ୍ଦ ରହିବ ବୋଲି ତା'ର କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ତେବେ ନୂଆ କାର ନିର୍ମାଣ ଲାଗି କମ୍ପାନୀ ରାଜସ୍ଥାନର ଟାପୁକରା ୟୁନିଟ ଉପରେ ନିର୍ଭର କରିବ। ତେବେ ନଏଡାରୁ ଉତ୍ପାଦନ ବନ୍ଦ ପୂର୍ବରୁ କମ୍ପାନୀ କର୍ମଚାରୀଙ୍କ ଲାଗି ସ୍ୱେଚ୍ଛାକୃତ ଅବସର ଯୋଜନା (ଭିଆର୍‌ଏସ୍) ଆଣିଥିଲା। ଫଳରେ ଉତ୍ପାଦନ ସହ ଜଡିତ ଲୋକଙ୍କ ଲାଗି ଏହି ଯୋଜନା ଥିବା ବେଳେ ଦକ୍ଷତା ଓ ଉତ୍ପାଦନ ବୃଦ୍ଧି ଲାଗି କମ୍ପାନୀ ଏପରି ପଦକ୍ଷେପ ନେଉଥିବା ସେତେବେଳେ କହିଥିଲା।


## MUNICIPAL OFFICE, KENDRAPARA

'e' Procurement Notice No.4978 / KM, Dt.18.12.2020

**Bid Identification No. KM_02-2020/21**

| | | |
|---|---|---|
| 1 | Procurement Officer - Publisher/Officer Inviting the Tender / Bids (OIT) | Executive Officer, Kendrapara Municipality, Kendrapara |
| 2 | Name of the work | 1 No. of Civil Work |
| 3 | Estimated cost (Approx.) of the works | Rs.9996539.00 lakhs |
| 4 | Date & time of availability of bid document in the portal | From 5 P.M. of Dt.21.12.2020 to 5 P.M. of Dt.01.01.2021 |
| 5 | Date & time of bid opening | 11 A.M. of 02.01.2021 |

(1) Other details can be seen from Detailed Notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd./- Executive Officer
Kendrapara Municipality



## OFFICE OF THE OTELP PLUS-KORAPUT, DIST.-KORAPUT

No.1690 Date:14.12.2020

**QUOTATION CALL NOTICE**

Sealed quotation is invited from CAG Empanelled Chartered Accountant Firms for audit of ITDA, FNGOs & VDCs under OTELP Plus, ITDA, Koraput. The detail in formations of which are made available in Koraput Dist. Website i.e. www.koraput.nic.in. The last date of receipt of quotation is 29.12.20 by 3.00 P.M.

Sd./- Programme Administrator
OTELP Plus, ITDA, Koraput



## GOVERNMENT OF ODISHA
## RURAL WATER SUPPLY & SANITATION ORGANISATION
## OFFICE OF THE EXECUTIVE ENGINEER
## RWS&S DIVISION, ANGUL :AT: TALCHER

At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)

**National Competitive Bidding through e-procurement**
**Bid Identification No. 05/EE/RWSS/ANGUL/2020-21**
**Dt. 15.12.2020 (JJM)**

No.O-755:- The Executive Engineer, RWS&S Division, Angul:At:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

**Nature of Work : Rural Piped Water Supply Schemes.**

1. No. of Tenders : 7 Nos.
2. Tender Paper Cost : Rs. 6,000.00 to Rs. 10,000.00
3. Value of work : Rs. 46.31 lakhs to Rs. 197.78 lakhs
4. Class of Contractor : "B" & "A" Class
5. Date & time of availability of bid document in portal : 22.12.2020 at 13.00 hours to 30.12.2020 upto 17.00 hours
6. Date & time of seeking tender clarification : 28.12.2020 upto 17.00 hours
7. Date & time of opening of tender & verification of original document : 31.12.2020 at 15.00 hours in the Office of the Executive Engineer, RWS&S Division, Angul:at:Talcher
8. Time of completion : 5 (Five) to 8 (Eight) Calendar Months
9. The bidders have to participate in online bidding only. Further details can be seen from the website https://www.tendersodisha.gov.in.
10. Corrigendum if any shall be published in the above website only.

Sd./- Executive Engineer,
RWS&S Division, Angul, at Talcher
OIPR-25019/11/0013/2021



## OFFICE OF THE EXECUTIVE ENGINEER
## RWS&S DIVISION, BALASORE

Tel.: 06782-262249, Fax: 262931, email: eerwss_bls@nic.in,
No.O-730:- eerwssbls@gmail.com

**NATIONAL COMPETITIVE BIDDING THROUGH e-Tendering**
**Identification No.18 Dt.14.12.2020**

1. Nos. of work : 18 Nos. RPWS schemes in Balasore district.
2. Estimated cost : Rs.12.97 lakhs to Rs.102.19 lakhs
3. Period of completion : 180 days to 330 days
4. Availability of bid document in portal : Dt.21.12.2020 at 10.00 hours to 30.12.2020 upto 17.00 hours through online.
5. Seeking of clarification : Dt.21.12.2020 at 10.00 hours to Dt.28.12.2020 upto 15.00 hours
6. Date of opening of bid : Dt.05.01.2021 at 11.00 hours in the O/o EE, RWSS Division, Balasore
7. Name and address of the Officer inviting tender : Executive Engineer, RWS&S Division, Balasore

Bid cost & bid security will be receipt through electronic payment by NEFT/RTGS.

Further details can be seen from the e-Procurement Portal: http://tendersodisha.gov.in

Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0008/2021



## Government of Odisha
## "e" Procurement Notice

No.O-748:-

**Bid Identification No. : Online-AGL-011 of 2020-2021**

1. Name of the Work : Road Works
2. Estimated Cost. : Rs. 74.00 lakhs.
3. Period of Completion : 01(One) Calendar month
4. Date & time of availability of bid document in the portal : From 24.12.2020 to 03.01.2021 upto 5.00 P.M
5. Last Date/time for receipt of bids in the portal : 06.01.2021 up to 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website www.tendersorissa.gov.in

Executive Engineer, R.W.Division,Angul
OIRP-25096/11/0009/2021



## ପୁରୀ ପୌରସଂସ୍ଥା, ପୁରୀ

ସଂଖ୍ୟା 8525 ତାରିଖ 17.12.20

**ବିଜ୍ଞାପନ**

**ଖୋଲା ସ୍ଥାନରେ ମଳ ଏବଂ ମୂତ୍ର ତ୍ୟାଗ ନ କରିବା ସମ୍ପର୍କରେ।**

ଏତଦ୍ୱାରା ପୁରୀ ପୌରାଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପୁରୀ ସହରର ରାସ୍ତାଘାଟ, ସମୁଦ୍ରକୂଳ, ସର୍ବସାଧାରଣ ସ୍ଥାନ, ଜଳାଶୟ ଏବଂ ଖୋଲା ସ୍ଥାନଗୁଡିକରେ ମଳ ଏବଂ ମୂତ୍ର ତ୍ୟାଗ କରିବା ତଥା ଉକ୍ତ ସ୍ଥାନମାନଙ୍କରେ ପାଇଖାନାରୁ ବାହାରୁଥିବା ଫିକାଲ ସ୍ଲଜ୍ (Faecal Sludge) (ପାଇଖାନା ଟାଙ୍କିରୁ ବାହାରୁଥିବା ଦୂଷିତ ମଳ) ପକାଇ ପରିବେଶ ପ୍ରଦୂଷଣ କରିବା ଏକ ଦଣ୍ଡନୀୟ ଅପରାଧ। ଆଗାମୀ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦/୨୧ରେ ପୁରୀ ପୌରପାଳିକାକୁ ODF++ ପ୍ରମାଣିତ କରାଯିବା ନିଶ୍ଚିତ ହୋଇଛି। ଏଣୁ ପୁରୀକୁ ଖୋଲା ମଳମୂତ୍ର ମୁକ୍ତ ସହର ଭାବରେ ଗଢିତୋଳିବା ସକାଶେ ପୁରୀ ପୌରସଂସ୍ଥା ତରଫରୁ ନିଆଯାଉଥିବା ପଦକ୍ଷେପ ଏବଂ ଅଭିଯାନରେ ସାମିଲ ହୋଇ ଉପରୋକ୍ତ କାର୍ଯ୍ୟରେ ସହଯୋଗ କରିବାକୁ ସମସ୍ତଙ୍କୁ ବିନମ୍ର ଅନୁରୋଧ।

ଯଦି କୌଣସି ବ୍ୟକ୍ତି ରାସ୍ତାଘାଟ, ସମୁଦ୍ରକୂଳ, ସର୍ବସାଧାରଣ ସ୍ଥାନ, ଜଳାଶୟ ତଥା ଅନ୍ୟ ଖୋଲା ସ୍ଥାନରେ ମଳ, ମୂତ୍ର ତ୍ୟାଗ କରୁଥିବାର ଦେଖାଯାଏ ଅବା ଉପରୋକ୍ତ ସ୍ଥାନରେ ଫିକାଲ ସ୍ଲଜ୍ ପକାଇବାର ଦେଖାଯାଏ ତାଙ୍କଠାରୁ ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।

(କ) ଖୋଲା ସ୍ଥାନରେ ମଳ ତ୍ୟାଗ – ଟ୫୦୦.୦୦, (ଖ) ଖୋଲା ସ୍ଥାନରେ ମୂତ୍ର ତ୍ୟାଗ– ଟ୧୦୦.୦୦,
(ଗ) ଖୋଲା ସ୍ଥାନରେ ବା ନାଳରେ ଫିକାଲ ସ୍ଲଜ୍ ବିସର୍ଜନ – ଟ୧୦,୦୦୦.୦୦

ସ୍ୱା./- ନିର୍ବାହୀ ଅଧିକାରୀ, ପୁରୀ ପୌରସଂସ୍ଥା, ପୁରୀ



## OFFICE OF THE NOTIFIED AREA COUNCIL, BINKA

Dist.: Subarnapur, PIN - 767019
E-mail id: nacbinka@gmail.com, Phone/Fax: 06654-241113

**E-Tender Call Notice No. 2332/20.12.2020**
**Tender Reference No. BINKA-NAC-05/2020-21**

Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1 | Type of the Work | : | Civil Work |
| 2 | No. of Works | : | 02 Nos. |
| 3 | Estimated Cost | : | As per DTCN |
| 4 | Period of Completion | : | As per DTCN |
| 5 | Date & Time of Bidding from | : | Dtd.20.12.2020 after 10.00 A.M. |
| 6 | Last date & time for receipt Online | : | Dtd.27.12.2020 upto 05.00 P.M. |
| 7 | Document will be received by Post/O/o. Executive Officer on or before | : | Dtd.28.12.2020 upto 05.30 P.M. |
| 8 | Bids received shall be opened on | : | Dtd.29.12.2020 at 11.00 A.M. |
| 9 | Name and address of the Officer Inviting Bid | : | Executive Officer, Binka N.A.C. |

Further details can be seen from the procurement portal i.e. www.tendersorissa.gov.in.

Sd./- Executive Officer
Notified Area Council, Binka



## ନିୟନ୍ତ୍ରିତ ବଜାର କମିଟି, ଅନୁଗୋଳ

ବିଜ୍ଞାପନ ନଂ. ୦୫୩ ତା୧୪।୧୨।୨୦୨୦

**(୨୦୨୦-୨୧ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା)**

ଏତଦ୍ୱାରା ଅନୁଗୋଳ ଜିଲ୍ଲାର ଅନୁଗୋଳ ଉପଖଣ୍ଡ ଅନ୍ତର୍ଗତ ଅନୁଗୋଳ, ବଣ୍ଡରପାଳ ଓ ଛେଣ୍ଡିପଦା ବ୍ଲକର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ଖରିଫ ବିପଣନ ବର୍ଷ ୨୦୨୦-୨୧ରେ ଜିଲ୍ଲା ଯୋଗାଣ ବିଭାଗ ୪୬ଗୋଟି ସମବାୟ ସମିତି ଜରିଆରେ ତା୧୬।୧୨।୨୦୨୦ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଖରିଫ ୨୦୨୦-୨୧ ବର୍ଷ ନିମନ୍ତେ ସାଧାରଣ (ଏଫ୍.ଏ.କ୍ୟୁ.) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୧୮୬୮.୦୦ଙ୍କା ଏବଂ ଉତ୍ତମ (ଗ୍ରେଡ୍-ଏ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୧୮୮୮.୦୦ଙ୍କା ସରକାର ସ୍ଥିର କରିଛନ୍ତି। ସବିଶେଷ ସୂଚନା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନେ ପଞ୍ଜୀକୃତ ସେବା ସମବାୟ ସମିତିରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦ) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇ ନଥିବ) | ୫.୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬.୦% |
| ୬. | ଆଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଧାନକ୍ରୟ କେନ୍ଦ୍ରର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା:**

| କ୍ର.ନଂ. | ଧାନକ୍ରୟ ପାଇଁ ଧାର୍ଯ୍ୟ ଦିବସ | ବ୍ଲକର ନାମ | ଧାନକ୍ରୟ କେନ୍ଦ୍ରର ନାମ (ସେବା ସମବାୟ ସମିତିର ନାମ) |
|---|---|---|---|
| ୧. | ସୋମବାର | ଅନୁଗୋଳ | ଇଙ୍ଗରବନ୍ଧ, ବେଡ଼ାଶାସନ ଓ ବଡ଼କେରା ସେବା ସମବାୟ ସମିତି |
| | | ବଣ୍ଡରପାଳ | ଫୁଲପଡ଼ା, ଜରାସିଂହା, ବୁଢ଼ାପଙ୍କ ଓ ବଡ଼କେରଜାଙ୍ଗ ସେବା ସମବାୟ ସମିତି |
| | | ଛେଣ୍ଡିପଦା | ରାମଚନ୍ଦ୍ରପୁର, ଛେଣ୍ଡିପଦା, ତେଣ୍ଟୁଲୋଇ ଓ କୁଶକିଳା ସେବା ସମବାୟ ସମିତି |
| ୨. | ମଙ୍ଗଳବାର | ଅନୁଗୋଳ | ଖିଣ୍ଡା, ବଡ଼କେରା ଓ ବଡ଼କନ୍ତକ୍ଲକ ସେବା ସମବାୟ ସମିତି |
| | | ବଣ୍ଡରପାଳ | ରଙ୍ଗାସିଂହା ଓ ବଳରାମପ୍ରସାଦ ସେବା ସମବାୟ ସମିତି |
| | | ଛେଣ୍ଡିପଦା | ବାଗେଡ଼ିଆ, ତେଣ୍ଟୁଲୋଇ, କୋଶଳା, ନୂଆଗାଁ, ଡୁକୁଡ଼ା, ଟାଙ୍ଗିରି ଓ ବାଲିପଟା ସେବା ସମବାୟ ସମିତି |
| ୩. | ବୁଧବାର | ଅନୁଗୋଳ | ପୋକତୁଙ୍ଗା, ଜଗନ୍ନାଥପୁର, ଖଲାରୀ ଓ ଗଡ଼ତରାସ ସେବା ସମବାୟ ସମିତି |
| | | ବଣ୍ଡରପାଳ | ନୂଆହତା ସେବା ସମବାୟ ସମିତି |
| | | ଛେଣ୍ଡିପଦା | ବାଗେଡ଼ିଆ, ଛେଣ୍ଡିପଦା, ଦୁର୍ଗାପୁର, ପରଙ୍ଗ, କଙ୍କରେଇ, ଟାଙ୍ଗିରି ଓ ବାଲିପଟା ସେବା ସମବାୟ ସମିତି |
| ୪. | ଗୁରୁବାର | ଅନୁଗୋଳ | ଖାଲଗାଁ ସେବା ସମବାୟ ସମିତି |
| | | ବଣ୍ଡରପାଳ | – |
| | | ଛେଣ୍ଡିପଦା | ପାତ୍ରପଡ଼ା, ବାଗେଡ଼ିଆ ଓ ବ୍ରାହ୍ମଣବିଲ ସେବା ସମବାୟ ସମିତି |
| ୫. | ଶୁକ୍ରବାର | ଅନୁଗୋଳ | ବେନ୍ତପୁର, କରମଙ୍ଗାସାହି, ଟାଇଁସି ଓ ଖାଲଗାଁ ସେବା ସମବାୟ ସମିତି |
| | | ବଣ୍ଡରପାଳ | କୁଇଓ, ରଙ୍ଗାସିଂହା, ଗଡ଼ ତଳମୂଳ, ଗଡ଼ସନ୍ତ୍ରୀ ଓ ବଳରାମପ୍ରସାଦ ସେବା ସମବାୟ ସମିତି |
| | | ଛେଣ୍ଡିପଦା | ପାତ୍ରପଡ଼ା, ପାଟକୁମୁଣ୍ଡା ଓ ବ୍ରାହ୍ମଣବିଲ ସେବା ସମବାୟ ସମିତି |
| ୬. | ଶନିବାର | ଅନୁଗୋଳ | ବେନ୍ତପୁର ଓ କୁମୁରିସିଂହା ସେବା ସମବାୟ ସମିତି |
| | | ବଣ୍ଡରପାଳ | ତୁରଙ୍ଗ, ତୁବେ, ଗଡ଼ ତଳମୂଳ, ଗଡ଼ସନ୍ତ୍ରୀ ଓ ବନ୍ଧା ସେବା ସମବାୟ ସମିତି |
| | | ଛେଣ୍ଡିପଦା | ଡଙ୍ଗାପାଳ, ରାମଚନ୍ଦ୍ରପୁର, ଚାଙ୍ଗୁଡ଼ିଆ, ବରପଦା ଓ ନୂଆଗାଁ ସେବା ସମବାୟ ସମିତି |

ବି.ଦ୍ର.:
୧. କିଷାନ କ୍ରେଡିଟ କାର୍ଡ, ଆଧାର କାର୍ଡ ସହିତ ଟୋକନରେ ଦର୍ଶିତ ତାରିଖରେ ଏଫ୍.ଏ.କ୍ୟୁ.ମାନର ଧାନକୁ ଚାଷୀଭାଇମାନଙ୍କୁ ମଣ୍ଡିକୁ ଆଣିବାକୁ ଅନୁରୋଧ।
୨. ସକାଳ ୮.୦୦ଘଟିକାଠାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ ମଣ୍ଡିକୁ ଆସିଥିବା ଧାନ କ୍ରୟ କରାଯିବ।
୩. Covid-19ର ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମାବଳୀକୁ ପାଳନ ପୂର୍ବକ ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ଓ ଧାନକ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସହଯୋଗ କରିବା ପାଇଁ ଅନୁରୋଧ।
୪. ଚାଷୀମାନଙ୍କ ସୁବିଧା ପାଇଁ ଜିଲ୍ଲା ସ୍ତରରେ ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଯାହାର ଫୋନ ନଂ. ୦୬୭୬୪-୨୩୦୨୮୨ ଅଟେ।

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଅନୁଗୋଳ
ସ୍ୱା./– ଉପଜିଲ୍ଲାପାଳ–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଅନୁଗୋଳ



## ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ବିଜ୍ଞାପନ ସଂଖ୍ୟା: ୧୧୯ ତାରିଖ: ୧୮।୧୨।୨୦୨୦

**୨୦୨୦-୨୧ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କରେ ନାମ ପଞ୍ଜୀକୃତ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଚଳିତ ୨୦୨୦-୨୧ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲାର ୯୮ଗୋଟି ସେବା ସମବାୟ ସମିତି ଓ ୫୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଚଳିତ ଡିସେମ୍ବର ମାସ ୨୦ ତାରିଖଠାରୁ ସିଧାସଳଖ ଧାନ କ୍ରୟ ଆରମ୍ଭ ହେବ। ଚାଷୀଭାଇମାନେ ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତି/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ତଥା ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ନିଜ ନିଜର ବଳକା ଧାନ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିପାରିବେ।

ଚାଷୀଭାଇମାନେ ସେମାନଙ୍କର ବଳକା ଓ ବିକ୍ରୟଯୋଗ୍ୟ ଧାନକୁ ଭଲଭାବରେ ଶୁଖାଇ, ସଫାସୁତୁରା ଓ ବ୍ୟବସାୟ ଉପଯୋଗୀ କରି ଭୋଟର ପରିଚୟପତ୍ର, କିଷାନ କ୍ରେଡିଟ୍ କାର୍ଡ, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡଗୁଡ଼ିକୁ ପରିଚୟପତ୍ର ଭାବରେ ବ୍ୟବହାର କରି ସକାଳ ୮ଘଟିକାଠାରୁ ଅପରାହ୍ନ ୨ଘଟିକା ମଧ୍ୟରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ଧାନ କ୍ରୟ କେନ୍ଦ୍ରକୁ ଧାନ ବିକ୍ରୟ କରିବା ପାଇଁ ଆଣିପାରିବେ। ଧାନ କ୍ରୟ ପୂର୍ବରୁ ଚାଷୀଭାଇ ଓ ଭଉଣୀମାନଙ୍କୁ ସେମାନଙ୍କ ମୋବାଇଲ ଫୋନରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଧାନ ବିକ୍ରୟ ପାଇଁ ଟୋକନ ପ୍ରଦାନ କରାଯିବ। ଧାନକ୍ରୟ କେନ୍ଦ୍ରରେ କୋଭିଡ୍-୧୯ ଗାଇଡଲାଇନ ପାଳନ କରିବା ବାଧ୍ୟତାମୂଳକ ଅଟେ। ବିନା ଟୋକନରେ ମଣ୍ଡିକୁ ଧାନ ନଆଣିବାକୁ ଅନୁରୋଧ, ନଚେତ୍ ଧାନକ୍ରୟ କରାଯିବ ନାହିଁ। ସମସ୍ତ ସରକାରୀ ଛୁଟି ଦିବସରେ ଧାନ କ୍ରୟ କେନ୍ଦ୍ର ବନ୍ଦ ରହିବ।

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

ସରକାରଙ୍କ ଦ୍ୱାରା ଚଳିତ ୨୦୨୦-୨୧ ଖରିଫ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।

| | |
|---|---|
| ସାଧାରଣ କିସମ ଧାନ (ଏଫ୍.ଏ.କ୍ୟୁ.) | କ୍ୱିଣ୍ଟାଲ ପ୍ରତି ଟ.୧୮୬୮/–ଙ୍କା |
| ଗ୍ରେଡ୍ 'ଏ' କିସମ ଧାନ (ଏଫ୍.ଏ.କ୍ୟୁ.) | କ୍ୱିଣ୍ଟାଲ ପ୍ରତି ଟ.୧୮୮୮/–ଙ୍କା |

**ଧାନର ଗୁଣାତ୍ମକ ମାନ**

ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମ ହୋଇଥିବା ଆବଶ୍ୟକ। ଚାଷୀଭାଇମାନେ ଧାନକ୍ରୟ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ଫୋନ ନମ୍ବର ୦୬୭୮୪-୨୫୧୮୮୧ରେ ଯୋଗାଯୋଗ କରିପାରିବେ।

| କ୍ର.ସଂ. | ଧାନରେ ମିଶ୍ରିତ ଓ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | (କ) ବାଲି, ମାଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| | (ଖ) କାଠି, କୁଟା, ଧୂସ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ପଦାର୍ଥ | ୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି (ଖରାପ, ପାଣିଫୁଲା, ପୋକା ଇତ୍ୟାଦି ସର୍ବାଧିକ ୪% ମଧ୍ୟରେ ସୀମିତ ଥିବା ଦରକାର) | ୫% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬% |
| ୫. | ଆଦ୍ରତା ବା ଜଳୀୟ ଅଂଶ | ୧୭% |

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ
ସ୍ୱା./– ଉପଜିଲ୍ଲାପାଳ, ଭଦ୍ରକ–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

# ଆତଙ୍କର ଆଁ



ହାତୀ ପାଇଁ କେଇବର୍ଷ ହେଲା କ୍ଷତି ସହୁଥିବା ଢେଙ୍କାନାଳ ଓ ଅନୁଗୋଳ ଜିଲାବାସୀଙ୍କୁ ୨୦୨୦ରେ କରୋନା ଦେଇଛି ବେଶ୍ କଷଣ। କେଇ ମାସର ଲକ୍‌ଡାଉନ୍ ଶଟ୍‌ଡାଉନ୍ ସତ୍ତ୍ୱେ ଜିଲା ବର୍ତ୍ତିପାରିନି କୋଭିଡ୍ କବଳରୁ। ବିଳମ୍ବରେ ଭୂତାଣୁର ପାଦ ଅନୁଗୋଳରେ ପଡ଼ିଥିଲେ ହେଁ ଢେଙ୍କାନାଳ ଜିଲା କିନ୍ତୁ ସଅଳ ଚାଲିଯାଇଥିଲା ଏହି ମହାମାରୀ କବଳକୁ। ଏପ୍ରିଲ ୯ରେ ସହରର ଜଣେ ସଂଖ୍ୟାଲଘୁ ମହିଳା କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାରେ ଆତଙ୍କର ବାତାବରଣ ଖେଳିଯାଇଥିଲା। ପ୍ରଶାସନ ସୀମା ସିଲ୍ କରିବା ସହ କଟକଣାକୁ ଅଧିକ କଡ଼ାକଡ଼ି କରିବାରୁ ଭୂତାଣୁର ଭୟ ଅଧିକ ଦୂରକୁ ବ୍ୟାପିପାରି ନ ଥିଲା। ଖାସ୍ ଏହି କାରଣରୁ ପଡ଼ୋଶୀ ଜିଲା ଅନୁଗୋଳରେ ସଂକ୍ରମଣ ଚିହ୍ନଟ ପାଇଁ ପାଖାପାଖି ଅଧିକ ମାସେ ସମୟ ଲାଗି ଯାଇଥିଲା। ପୁରୁଣା ଜିଲା ଚିକିତ୍ସାଳୟକୁ କୋଭିଡ୍ ହସ୍ପିଟାଲରେ ପରିଣତ କରି ପ୍ରଶାସନ ମହାମାରୀର ମୁକାବିଲା କରିଥିଲେ ମଧ୍ୟ ଅଗଷ୍ଟ ୭ରେ ଢେଙ୍କାନାଳ ଜିଲାରୁ ପ୍ରଥମ ଓ ବର୍ତ୍ତମାନ ସୁଦ୍ଧା ୨୮ ମୁଣ୍ଡ ନେଇଯାଇଥିଲା ଏହି ଭୟାନକ ଭୂତାଣୁ। ସେହିପରି ଗ୍ରୀନ୍ ଜୋନ୍‌ରେ ଥିବା ଅନୁଗୋଳକୁ ମେ ୧୦ରେ ଛୁଇଁଥିଲା କରୋନା। ଜିଲାରୁ ଏକାବେଳେ ୧୫ ପଜିଟିଭ୍ ଚିହ୍ନଟ ହେବା ପରେ ଏହା ଗ୍ରୀନ୍‌ରୁ ରେଡ୍ ଜୋନ୍‌କୁ ଚାଲିଆସିଥିଲା। ତେବେ ଭୂତାଣୁ ପହଞ୍ଚିବା ପୂର୍ବରୁ ପ୍ରଶାସନ ପକ୍ଷରୁ ମୁକାବିଲା ନିମନ୍ତେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ତାଳଚେରଠାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ବ୍ୟବସ୍ଥା ହୋଇଥିଲା। ଗାଁଠାରୁ ସହର ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ କଟକଣାକୁ କଡ଼ାକଡ଼ି କରାଯାଇଥିଲା। ଜୁନ୍ ୩୦ରେ ଜିଲାରୁ ପ୍ରଥମ ମୁଣ୍ଡ ନେଇଥିଲା ମହାମାରୀ। ପଜିଟିଭ୍ ଚିହ୍ନଟ ହୋଇଥିବା ନାଲ୍‌କୋର ଜଣେ ବରିଷ୍ଠ ଅଧିକାରୀ ତାଳଚେର କୋଭିଡ୍ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ହିଁ ଆଖି ବୁଜି ଦେଇଥିଲେ। ଡିସେମ୍ବର ୧୮ ସୁଦ୍ଧା ଅନୁଗୋଳ ଜିଲାରେ କୋଭିଡ୍‌ରେ ୩୭ ଜଣଙ୍କ ଜୀବନହାନି ହୋଇଛି।

# ଜଙ୍ଗଲରେ ପ୍ରେମର ପରିସମାପ୍ତି



ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିକୁଦିଆ ଜଙ୍ଗଲରୁ ଜୁଲାଇ ୩୦ରେ ପୋଲିସ ଜଣେ ନାବାଳିକା ଓ ୨ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିବା ଚର୍ଚ୍ଚାର ବିଷୟ ହୋଇଥିଲା। ମୃତ ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ପ୍ରେମିକ ହୋଇଥିବାବେଳେ ଅନ୍ୟ ଜଣେ ଥିଲେ ବନ୍ଧୁ। ତେବେ ଏହି ୩ଜଣ କାହିଁକି ଆତ୍ମହତ୍ୟା କଲେ ନା ଏହା ହତ୍ୟାକାଣ୍ଡ ତାହା ଉପରୁ ଏଯାଏ ପରଦା ଉଠାଇପାରି ନାହିଁ ପୋଲିସ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଥିଲା, ଦୁଇଟି ଗଛରେ ଏହି ୩ଟି ମୃତଦେହ ଝୁଲୁଥିଲେ ମଧ୍ୟ ଗୋଟିଏ ଗଛରୁ ପୋଲିସ ନାବାଳିକା ଓ ତାଙ୍କ ବନ୍ଧୁଙ୍କ ମୃତଦେହ ଏବଂ ଅନ୍ୟ ଏକ ଗଛରୁ ପ୍ରେମିକଙ୍କ ମୃତଶରୀର ଜବତ କରିଥିଲା, ଯାହାର ରହସ୍ୟ ଏବେ ବି ବୁଝାପଡୁନି ସାଧାରଣଙ୍କୁ।

# ବୁଡ଼ାଇଦେଲା ବାଡ଼ି ପୋଖରୀ

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବାରବାଙ୍କ ଶବର ସାହିରେ ଜୁନ ୧ ତାରିଖ ମଧ୍ୟାହ୍ନରେ ଘଟିଥିଲା ବଡ଼ ଦୁର୍ଘଟଣା। ଶବରସାହିର ପତିତ ଦେହୁରୀଙ୍କ ଝିଅ ପ୍ରୀତିବାଳା ଦେହୁରୀ(୧୩) ଓ ପୁଅ ରାଜେଶ ଦେହୁରୀ(୯)ଙ୍କ ସହ ପତିତଙ୍କ ଭାଇ ତ୍ରୈଲୋକ୍ୟ ଦେହୁରୀଙ୍କ ଝିଅ ତୃପ୍ତିମୟୀ ଦେହୁରୀ(୧୬) ଏବଂ ପୁତୁରା ଜିତେନ୍ଦ୍ର ଦେହୁରୀଙ୍କ ଏକମାତ୍ର ପୁଅ ନିହାଲ ଦେହୁରୀ(୮) ବାଡ଼ି ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ତୁଠରେ ପୋଷାକସବୁ ପଡିଥିବା ବେଳେ ପାଣି ଭିତରୁ ୪ ପିଲାଙ୍କ ମୃତଦେହ ପରିବାର ଲୋକେ ପାଇବା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।



# ମାରିଦେଲେ ସ୍ତ୍ରୀ, ଝିଅ



ପାରିବାରିକ କଳହ ଯେ ସ୍ତ୍ରୀ ଓ ଝିଅଙ୍କୁ ହତ୍ୟାକାରୀ ସଜାଇପାରେ ତାହା ଦେଖିବାକୁ ମିଳିଥିଲା ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଶିଳିଂ ଗ୍ରାମରେ। ଜୁଲାଇ ୧୫ ତାରିଖ ରାତିରେ ସୁନନ୍ଦ ପ୍ରଧାନ (୪୮)ଙ୍କୁ ତାଙ୍କ ସ୍ତ୍ରୀ ଭାରତୀ ପ୍ରଧାନ, ବଡ ଝିଅ ଚୁନିରାଣୀ ଓ ସାନ ଝିଅ ଲୁନିରାଣୀ କାଠଫାଳିଆରେ ପିଟି ପିଟି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ୩ ଅଭିଯୁକ୍ତା ଥାନାରେ ଆତ୍ମସମର୍ପଣ କରି ଘଟଣା ସମ୍ପର୍କରେ ବୟାନ ଦେବା ପରେ ପୋଲିସ ହତ୍ୟାକାଣ୍ଡ ବିଷୟରେ ଜାଣିବାକୁ ପାଇଥିଲା।

ଦେଶର ପ୍ରଥମ କୋଲ୍ ମ୍ୟୁଜିୟମ 'ବ୍ଲାକ୍ ଡାଇମଣ୍ଡ' ଅନୁଗୋଳରେ ସ୍ଥାପନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଥିବା ନେଇ ନଭେମ୍ବର ୨୩ ତାରିଖରେ ପ୍ରଶାସନ ସୂଚନା ଦେବା ପରେ ଏହା ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳାଇ ଦେଇଥିଲା। ଜିଲାର ସାଢ଼େ ୩ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ବ୍ଲାକ୍ ଡାଇମଣ୍ଡ ପାଇଁ ୨୫ କୋଟି ଟଙ୍କାର ଖର୍ଚ୍ଚ ଏମ୍‌ସିଏଲ୍ ବହନ କରିବ। ୩ ମହଲା ବିଶିଷ୍ଟ ଏହି ଅଟ୍ଟାଳିକାରେ ଡିଜିଟାଲ ବ୍ୟବସ୍ଥା ସହ ଏକ ଅନ୍ତର୍ଜାତୀୟସ୍ତରର ପାଠାଗାର ପ୍ରତିଷ୍ଠା କରାଯିବ। ନବରତ୍ନ କମ୍ପାନୀ, ଜାତୀୟସ୍ତରର ସଂସ୍ଥା ଏହି ଅଟ୍ଟାଳିକା ନିର୍ମାଣ ଦାୟିତ୍ୱ ବହନ କରିବ।

# 'ବ୍ଲାକ୍ ଡାଇମଣ୍ଡ'ର ବ୍ଲୁପ୍ରିଣ୍ଟ



# ଫେରିଲେନି ୩ ଭାଇ



ଖୋର୍ଦ୍ଧାର ଏକ ମଦ କମ୍ପାନୀରୁ ସ୍ପିରିଟ୍ ନେବାକୁ ଢେଙ୍କାନାଳ ଶକ୍ତିସୁଗାର କମ୍ପାନୀକୁ ଆସିଥିଲେ ୩ ବିହାରୀ ଟ୍ରକ୍ ଚାଳକ ରୁବେଲ ଭାରତୀ, ଦିଲୀପ ଭାରତୀ ଏବଂ ହରେରାମ ଭାରତୀ। କାରଖାନା ପାର୍କିଂ ସ୍ଥଳରେ ପ୍ରାୟ ଦେଢ଼ମାସ ଧରି ଟ୍ରକ୍ ରଖି ସେମାନେ ଅପେକ୍ଷା କରିଥିଲେ। ହେଲେ ମେ' ୭ ତାରିଖ ରାତିରେ ଏହି ସମ୍ପର୍କୀୟ ୩ ଭାଇ ଖାଇବା ପରେ ଟ୍ରକ୍ ମଧ୍ୟରେ ଶୋଇଥିବା ବେଳେ ଯନ୍ତ୍ରଣା ଅନୁଭବ କରିଥିଲେ। ଜଣେ ଘଟଣାସ୍ଥଳରେ ଓ ଅନ୍ୟ ୨ଜଣ ମେଡିକାଲରେ ପ୍ରାଣ ହରାଇଥିଲେ।

# ବନ୍ଧାହେଲେ ୪୩



ଲକ୍‌ଡାଉନ୍ ଯୋଗୁ ଅନୁଗୋଳ ସହରର ସମସ୍ତ ମଦ ଦୋକାନ ବନ୍ଦ ଥିଲେ ମଧ୍ୟ ଚଢ଼ା ଦରରେ ଚାଲିଥିଲା ଚୋରା କାରବାର। ଖବରପାଇ ଏପ୍ରିଲ ୨୩ ତାରିଖ ବିଳମ୍ବିତ ରାତିରେ ଅନୁଗୋଳ ପୋଲିସ ସହର ଉପକଣ୍ଠ କରଡାଗାଡିଆରେ ଥିବା ଏକ ମଦ ଭାଟି ଉପରେ ଚଢ଼ାଉ କରି ତାହାକୁ ସିଲ୍ କରିଥିଲା। ଲାଇସେନ୍ସପ୍ରାପ୍ତ ଉକ୍ତ ଭାଟିରେ ବିପୁଳ ପରିମାଣର ମଦ ଗଚ୍ଛିତ ରଖାଯାଇ ଚୋରା କାରବାର କରାଯାଉଥିବା ପ୍ରମାଣ ପାଇବା ପରେ ପୋଲିସ ଆରମ୍ଭ କରିଥିଲା ବର୍ଷର ବଡ଼ ଗିରଫଦାରି। ଭାଟି ମାଲିକ ତଥା ସହରର ଜଣାଶୁଣା ବ୍ୟବସାୟୀ ବିକ୍ରମ କିଶୋର ସାହୁଙ୍କ ସହ ମୋଟ୍ ୪୩ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ଦାମୀ କାର୍, ଅଟୋରିକ୍ସା, ୧୮ ବାଇକ୍ ଓ ୪୪୪୦ ଲିଟର ମଦ ପାଉଚ, ୬ ହଜାର ଲିଟର ପୋଚ ଜବତ କରାଯାଇଥିଲା।

# ଜୀବନ ନେଲା ବିଷାକ୍ତ ମଦ



ଏକ ପକ୍କା ଘରର ଛାତ ପକାଇବା ପରେ ଠିକାଦାର ଦେଇଥିବା ମଦ ପିଇ ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ପଥରଗଡ଼ ଗ୍ରାମର ଅନିଲ ପଧାନ, ଚୁକୁନା ପଧାନ, ଶଶିକାନ୍ତ ଦେହୁରୀ ଓ ପ୍ରମୋଦ ସାହୁଙ୍କ ଅକ୍ଟୋବର ୨୭ରେ ମୃତ୍ୟୁ ହେବା ବର୍ଷର ଅନ୍ୟତମ ଆଲୋଚନାର ବିଷୟ ଥିଲା। ଶ୍ରମିକମାନେ ପିଇଥିବା ମହୁଲି ମଦ କିପରି ଏତେ ବିଷାକ୍ତ ହେଲା ଓ ଏହା ଜୀବନ ନେବା ସହ କେତେଜଣଙ୍କ ଦୃଷ୍ଟିଶକ୍ତି ନେଇଯାଇଥିଲା ତାହାର ତଦନ୍ତ ପୋଲିସ ଏବେ ବି ଜାରି ରଖିଛି।

ଆତଙ୍କର ଆତ୍ମପ୍ରକାଶ ସମ୍ପର୍କରେ ଖବର ନ ଥିଲା। ସେଥିପାଇଁ ସମସ୍ତେ ପାଦ ବଢ଼ାଇଥିଲେ ସ୍ୱପ୍ନ ସାକାର ପଥରେ। ମାତ୍ର ଅଚାନକ ପରିସ୍ଥିତିରେ ଆସିଥିଲା ପରିବର୍ତ୍ତନ। ସବୁ ଅଙ୍କତାର ଘଟିଥିଲା ଅବସାନ। ହଠାତ୍ ଲକ୍‌ଡାଉନ୍ ଘୋଷଣା ଲକ୍ କରିଦେଇଥିଲା ବର୍ଷ ବର୍ଷର ବ୍ୟବସ୍ଥାକୁ। ଭୟାନକ ଭୂତାଣୁର କଷଣ ବେଳେ ଢେଙ୍କାନାଳ-ଅନୁଗୋଳ ଜିଲାରୁ ଆସୁଥିଲା କିଛି ଭଲ-ମନ୍ଦ ଖବର। କରୋନା ଯୋଦ୍ଧା ସାଜି କିଏ ପ୍ରଶଂସା ଅର୍ଜନ କରୁଥିଲେ ତ ଆଉ କିଏ କୋଭିଡ୍ କୋଳରେ ମଥା ରଖି ହେଉଥିଲେ ମଶାଣିମୁହାଁ। କେବଳ ମହାମାରୀରେ ଗଡ଼ୁ ନ ଥିଲା ମୁଣ୍ଡ, ହାତୀ ସହ ମୁହାଁମୁହିଁ, ବାଡ଼ି ପୋଖରୀରେ ବୁଡ଼ିଯିବା, ସ୍ପିରିଟ୍ ନେବାକୁ ଆସି ନ ଫେରିବା, ବିଷାକ୍ତ ମଦ୍ୟପାନ, ସ୍ତ୍ରୀ ସହ ଦୁଇ ଝିଅ ହତ୍ୟାକାରୀ ସାଜିବା, ଜଙ୍ଗଲରେ ପ୍ରେମ ସମ୍ପର୍କର ପରିସମାପ୍ତି ପରି ଅନେକ ଦୁର୍ଘଟଣା ୨୦୨୦ ବିଦାୟୀ ବର୍ଷ ଆଖିରେ ଅଶ୍ରୁ ଭରିଦେଇଛି। ତେବେ ସିଡିଏସ୍-୨ ପରୀକ୍ଷାରେ ଟପ୍ପର ଅଦ୍ୱିତି ଦେଶକୁ ଢେଙ୍କାନାଳର ଚମକ ଦେଖାଇଥିବାବେଳେ ପ୍ରଥମ ଡିଜିଟାଲ କୋଲ୍ ମ୍ୟୁଜିୟମ ପ୍ରସ୍ତାବ ନବବର୍ଷ ୨୦୨୧ରେ ଅନୁଗୋଳ ପାଇଁ ଏକ ସମ୍ଭାବନା ସୃଷ୍ଟି କରିଛି।

# ମଲେ ୮, ମାରିଲେ ୨୦



ହାତୀ-ମଣିଷ ସଂଘର୍ଷକୁ ନେଇ ବର୍ଷତମାମ ଚର୍ଚ୍ଚା ସାଉଁଟିଥିଲା ଢେଙ୍କାନାଳ। ବିଦାୟୀ ବର୍ଷରେ ବିଭିନ୍ନ କାରଣରୁ ଯାଇଥିଲା ୮ ହାତୀଙ୍କ ଜୀବନ। ତନ୍ମଧ୍ୟରେ ନାଳରେ ପଡ଼ି ଏବଂ ଅସୁସ୍ଥ ହୋଇ ୨ ଶାବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୬ ହାତୀ ମଧ୍ୟରୁ ୩ ବିଦ୍ୟୁତ୍ ଆଘାତରେ, ଗୋଟିଏ ଟ୍ରକ୍ ଧକ୍କାରେ, ଗୋଟିଏ ହରପିସ୍ ସଂକ୍ରମଣରେ ଏବଂ ହାତୀ ଲଢ଼େଇରେ ଏକ ଦନ୍ତାର ଜୀବନ ଯାଇଥିଲା। ସେହିପରି ହାତୀ ଆକ୍ରମଣରେ ଜିଲାରେ ୨୦ ଜୀବନହାନି ଘଟିଛି। ହାତୀପ୍ରବଣ ଢେଙ୍କାନାଳରେ ଧନଜୀବନ ହାନି ରୋକିବା ଏବଂ ଫସଲକୁ ସୁରକ୍ଷା ଦେବାକୁ ବନ ବିଭାଗ ପକ୍ଷରୁ ଅକ୍ଟୋବରରେ ପ୍ରଥମ କରି ୨୧ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ଭ୍ୟାନ୍ 'ଐରାବତ୍' ଅଣାଯାଇଛି। ମହାବିରୋଡ ରେଞ୍ଜରେ ହେଉଥିବା ହାତୀଜନିତ ଫସଲ କ୍ଷତି ରୋକିବାରେ ଏହା ବେଶ୍ ସହାୟକ ହୋଇଛି। ସେହିପରି ହାତୀ-ମଣିଷ ମୁହାଁମୁହିଁ ଏଡ଼ାଇବା, ହିଂସ୍ର ବନ୍ୟଜନ୍ତୁଙ୍କ ଉପସ୍ଥିତି ସମ୍ପର୍କରେ ସତର୍କ କରାଇବା ଏବଂ ବନ୍ୟଜନ୍ତୁଙ୍କ କବଳରୁ ଜୀବନ ସୁରକ୍ଷିତ ରଖିବାକୁ ଅନୁଗୋଳ ଜିଲା ବନ ବିଭାଗ ପକ୍ଷରୁ ଆପ୍ ବିକଶିତ କରାଯାଇଥିଲା। ରାଜ୍ୟରେ ପ୍ରଥମ କରି ଅନୁଗୋଳ ବନଖଣ୍ଡରେ ଆରମ୍ଭ ହୋଇଥିବା ଏହି ଆପ୍ ଅଧିକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସହାୟକ ହୋଇଥିବାବେଳେ ବନ ବିଭାଗ ଲୋକଙ୍କ ନିକଟତର ହୋଇପାରିଛି। ଇତିମଧ୍ୟରେ ବହୁ ଜନସାଧାରଣ ଏହି ଆପ୍‌ରେ ଯୋଡ଼ି ହୋଇସାରିଛନ୍ତି। ଆଗାମୀ ଦିନରେ ଯେତିକି ଅଧିକ ଲୋକ ଆପ୍‌ରେ ସାମିଲ ହେବେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଅଭିଯାନ ସେତିକି ଫଳପ୍ରଦ ହୋଇପାରିବ।

# ଉଚ୍ଚ ପ୍ରଶଂସା ଅର୍ଜନ



କରୋନା କାଳରେ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ଉଚ୍ଚ ପ୍ରଶଂସା ଅର୍ଜନ କରିଥିଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନାର ଲେଡି ଏସ୍‌ଆଇ ଦେବଯାନୀ ଛତର। ମିଳିଥିବା ଛୁଟିକୁ ବାତିଲ ସହ ଏପ୍ରିଲ୍ ୨୭ ବିବାହ ତିଥି ଘୁଞ୍ଚାଇ ସେ କରୋନା ଯୋଦ୍ଧା ସାଜି ସେବାରେ ଲାଗିଯାଇଥିଲେ। ତାଙ୍କର ଏପରି ନିଷ୍ପତ୍ତିକୁ ସେତେବେଳେ ଉଚ୍ଚ ପ୍ରଶଂସା କରିଥିଲେ ପୋଲିସ ଡିଜି ଅଭୟ। ନିଜ ଟୁଇଟର ହ୍ୟାଣ୍ଡେଲରେ ଡିଜିପି ଏହି କରୋନା ଯୋଦ୍ଧାଙ୍କ ସମ୍ପର୍କରେ ତଥ୍ୟ ରଖିବା ପରେ ଦେବଯାନୀଙ୍କ ନିକଟକୁ ଛୁଟିଥିଲା ଶୁଭେଚ୍ଛାର ସୁଅ।

# ଅଦ୍ୱିତୀୟ ଅଦିତି



ବିଦାୟୀ ବର୍ଷରେ କରୋନା ଯାତନାକୁ ନେଇ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଜାତୀୟସ୍ତରରେ ଚମକିଥିଲେ ଢେଙ୍କାନାଳ ଜିଲାର ଝିଅ ଅଦିତି ପରିଡ଼ା। ସଂଯୁକ୍ତ ପ୍ରତିରକ୍ଷା ସେବା (ସିଡିଏସ୍)-୨ ପରୀକ୍ଷା (ମହିଳା)ରେ ଟପ୍ପର ହୋଇ ସର୍ବଭାରତୀୟସ୍ତରରେ ଶିଳ୍ପ ସମୃଦ୍ଧ ଜିଲାକୁ ଗୌରବାନ୍ୱିତ କରିଥିଲେ ସେ। ଏଭଳି ସଫଳତା ହାସଲ କରିବାରେ ଅଦିତି ଓଡ଼ିଶାର ପ୍ରଥମ ମହିଳା। ଭାରତୀୟ ସ୍ଥଳ ସେନା ବାହିନୀର ବ୍ରିଗେଡିୟର ଭୂଦେବ ପରିଡ଼ାଙ୍କ ଝିଅ ଅଦିତିଙ୍କ ପୈତୃକ ଘର ଓଡ଼ାପଡ଼ା ବ୍ଲକ ନାଧରାରେ। ଚଳିତବର୍ଷ ପୁଣେର ସିମ୍ବୋସିସ କଲେଜରୁ ସେ ସାମ୍ବାଦିକତାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେ ତାଙ୍କ ବ୍ୟାଚ୍ ୨୦୧୭-୨୦୨୦ର ଟପ୍ପର ମଧ୍ୟ। ପାଠପଢ଼ା ବ୍ୟତୀତ ଶାସ୍ତ୍ରୀୟ ନୃତ୍ୟରେ ପ୍ରବୀଣା ଅଦିତିଙ୍କ ଲକ୍ଷ୍ୟ ସେନାବାହିନୀର ନେତୃତ୍ୱ ନେବା।

# ସର୍ବନିମ୍ନ ସ୍କୋର ସହ ଭାରତ ପରାସ୍ତ

## ଅଢ଼େଇ ଦିନରେ ଅଷ୍ଟ୍ରେଲିଆ ଜିତିଲା ଆଡିଲେଡ୍ ଟେଷ୍ଟ



ଉଇକେଟ ହାସଲ ଅବସରରେ ସାଥୀ ଖେଳାଳିଙ୍କ ସହ ଖୁସି ମୁହୂର୍ତ୍ତରେ ଜୋସ୍ ହାଜେଲଉଡ୍। (ଜର୍ସି ୩୮)

ଆଡିଲେଡ୍,୧୯।୧୨(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳ ଇତିହାସରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଏଠାରେ ଖେଳାଯାଇଥିବା ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଭାରତ ମାତ୍ର ୩୬ ରନରେ ଅଲଆଉଟ୍ ହୋଇ ସର୍ବନିମ୍ନ ସ୍କୋରରେ ସୀମିତ ରହି ଏକ ବିରଳ ରେକର୍ଡ ଅଧିକାରୀ ହୋଇଛି। ମାତ୍ର ଅଢ଼େଇଦିନରେ ଅଷ୍ଟ୍ରେଲିଆ ଶନିବାର ଏହି ଡେ/ନାଇଟ୍ ଟେଷ୍ଟକୁ ୮ ଉଇକେଟରେ ହାତେଇ ନେଇଛି। ଅଷ୍ଟ୍ରେଲୀୟ ଦ୍ରୁତ ବୋଲରଙ୍କ ପ୍ରଦର୍ଶନ ଆଗରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ବେଶ୍ ଅସହାୟ ମନେହେଉଥିଲେ। କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଏହା ମଧ୍ୟ ଏକ ଅଲୋଡ଼ା ରେକର୍ଡ ସାବ୍ୟସ୍ତ ହୋଇଛି। ତାସ୍ ଘର ପରି ଭୁଶୁଡ଼ି ପଡିଥିଲା ଭାରତୀୟ ଦ୍ୱିତୀୟ ଇନିଂସ। ଏହାର ଫାଇଦା ଉଠାଇ ଅଷ୍ଟ୍ରେଲିଆ ଅତି ସହଜରେ ବିଜୟୀ ହୋଇଥିଲା। ଏଥିସହ ଅଷ୍ଟ୍ରେଲିଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ରେ ୩୦ ପଏଣ୍ଟ ହାସଲ କରିଛି। ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପେନ୍ ପ୍ରଥମ ଇନିଂସରେ ୭୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଦ୍ୱିତୀୟ ଇନିଂସରେ ଉଇକେଟ ପଛରେ ରହି ୫ଟି ସୁନ୍ଦର କ୍ୟାଚ ନେଇଥିଲେ।

ଟସ୍‌ଜିତି ଭାରତ ପ୍ରଥମ ଇନିଂସରେ ୨୪୪ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୧୯୧ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ଭାରତ ୫୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଶନିବାର ୨୧.୨ ଓଭରରେ ୩୬ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ମାତ୍ର ୯୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦିବାରାତ୍ର ଟେଷ୍ଟର ସଂକ୍ଷିପ୍ତ ଇତିହାସରେ ଏହା ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ତେବେ ମୋଟ ଉପରେ ଟେଷ୍ଟ ଇତିହାସରେ ଏହା ଯୁଗ୍ମ ପଞ୍ଚମ ସର୍ବନିମ୍ନ ସ୍କୋର ବିବେଚିତ ହୋଇଛି।

ଜବାବରେ ଅଷ୍ଟ୍ରେଲିଆ ୨୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୯୩ ରନକରି ବିଜୟୀ ହୋଇଥିଲା। ଓପନର ଜୋ ବର୍ନ୍ସ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ଷ୍ଟିଭ୍ ସ୍ମିଥ୍ ୧ ରନକରି ଅପରାଜିତ ରହିଥିଲେ। ଅନ୍ୟତମ ଓପନର ମାଥ୍ୟୁ ୱାଡେ ୩୩ ରନ କରି ରନ୍ ଆଉଟ ହୋଇଥିବା ବେଳେ ମାର୍ନସ ଲାବୁସ୍କାନ ୬ ରନ କରିଥିବା ବେଳେ ଅଶ୍ୱିନଙ୍କ ବଲରେ ମିଡ୍‌ଅନ୍‌ରେ ମୟଙ୍କ ଅଗ୍ରୱାଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଭାରତ ପାଇଁ ଅଶ୍ୱିନ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ। ବିଜୟସହ ଅଷ୍ଟ୍ରେଲିଆ ୪ ମ୍ୟାଚବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଡିସେମ୍ବର ୨୬ ତାରିଖ ଅର୍ଥାତ୍ ବକ୍ସିଂ ଡେ'ରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ପିତୃତ୍ୱ ଛୁଟିରେ କୋହଲି ଭାରତ ଫେରିବେ। ଫଳରେ ସେ ବାକି ୩ଟି ମ୍ୟାଚ ଖେଳିପାରିବେ ନାହିଁ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯/୧ରୁ ଭାରତ ଶନିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ ୫ ଓ ନାଇଟ୍ ୱାଚ୍‌ମ୍ୟାନ ଯଶପ୍ରୀତ ବୁମ୍‌ରା ବିନା ସ୍କୋରରୁ ଖେଳ ଆରମ୍ଭ କରି ଯଥାକ୍ରମେ ୯ ଓ ୨ ରନକରି ଜୋଶ ହାଜେଲଉଡ୍ ଓ କୁମିନ୍ସଙ୍କ ଶିକାର ହୋଇଥିଲେ। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଖାତା ଖୋଲିବା ପୂର୍ବରୁ କୁମିନ୍ସଙ୍କ ବଲରେ ଉଇକେଟ କିପର ଟିମ୍ ପେନ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କୋହଲି ୪ ରନ କରିଥିବା ବେଳେ କୁମିନ୍ସଙ୍କ ବଲରେ କାମେରନ ଗ୍ରୀନ୍‌ଙ୍କୁ ଏକ ସହଜ କ୍ୟାଚ ଦେଇଥିଲେ। ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଖାତା ଖୋଲି ନ ପାରି ହାଜେଲଉଡ୍‌ଙ୍କ ବଲରେ ପେନ୍‌ଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଏହାପରେ ହନୁମା ବିହାରୀ ୮, ରିଦ୍ଧିମାନ ଶାହା ୪ ରନକରି ଆଉଟ ହୋଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ବିନା ସ୍କୋରରେ ଆଉଟ ହୋଇଥିଲେ। ଉମେଶ ଯାଦବ ୪ ରନକରି ଅପରାଜିତ ରହିଥିଲେ ଓ ୧ ରନକରି ମହମ୍ମଦ ସାମି ରିଟାୟାର୍ଡ ହର୍ଟ ହୋଇଥିଲେ। ହାଜେଲଉଡ ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ କୁମିନ୍ସ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଭାରତ ଏଥିସହ କ୍ରମାଗତ ୩ଟି ଟେଷ୍ଟରେ ମାତ୍ର ୩ ଦିନ ମଧ୍ୟରେ ପରାସ୍ତ ହୋଇଛି। ପୂର୍ବରୁ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ୨ଟି ଟେଷ୍ଟ ହାରିଥିଲା।

### ଟେଷ୍ଟରେ ଭାରତର ସର୍ବନିମ୍ନ ସ୍କୋର

| | | | |
|---|---|---|---|
| ୩୬ | ବନାମ ଅଷ୍ଟ୍ରେଲିଆ | ଆଡିଲେଡ | ୨୦୨୦* |
| ୪୨ | ବନାମ ଇଂଲଣ୍ଡ | ଲର୍ଡ୍ସ | ୧୯୭୪ |
| ୫୮ | ବନାମ ଅଷ୍ଟ୍ରେଲିଆ | ବ୍ରିସ୍‌ବେନ | ୧୯୪୭ |
| ୫୮ | ବନାମ ଇଂଲଣ୍ଡ | ମାଞ୍ଚେଷ୍ଟର | ୧୯୫୨ |
| ୬୬ | ବନାମ ଦକ୍ଷିଣ ଆଫ୍ରିକା | ଡର୍ବାନ | ୧୯୯୬ |
| ୬୭ | ବନାମ ଅଷ୍ଟ୍ରେଲିଆ | ମେଲବୋର୍ନ | ୧୯୪୮ |

### ଟେଷ୍ଟ କ୍ରିକେଟ ସର୍ବନିମ୍ନ ସ୍କୋର

| | | | |
|---|---|---|---|
| ୨୬ | ନ୍ୟୁଜିଲାଣ୍ଡ ବନାମ ଇଂଲଣ୍ଡ | ଅକ୍‌ଲାଣ୍ଡ | ୧୯୫୫ |
| ୩୦ | ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ | ପୋର୍ଟ ଏଲିଜାବେଥ | ୧୮୯୬ |
| ୩୦ | ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ | ଏଜବାଷ୍ଟନ | ୧୯୨୪ |
| ୩୫ | ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ | କେପ୍‌ଟାଉନ | ୧୮୯୯ |
| ୩୬ | ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ | ଏଜବାଷ୍ଟନ | ୧୯୦୨ |
| ୩୬ | ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ | ମେଲବୋର୍ନ | ୧୯୩୨ |
| ୩୬ | ଭାରତ ବନାମ ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୨୦* |
| ୩୮ | ଆୟର୍ଲାଣ୍ଡ ବନାମ ଇଂଲଣ୍ଡ | ଲର୍ଡ୍ସ | ୨୦୧୯ |

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ: ୨୪୪**
**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୯୧**

**ଭାରତ ଦ୍ୱିତୀୟ ଇନିଂସ**
ପୃଥ୍ୱୀ ଶ'-ବୋ-କୁମିନ୍ସ-୪
ମୟଙ୍କ-କ-ପେନ୍-ବୋ-ହାଜେଲଉଡ-୯
ବୁମ୍‌ରା-କ ଓ ବୋ-କୁମିନ୍ସ-୨
ପୂଜାରା-କ-ପେନ୍-ବୋ-କୁମିନ୍ସ-୦
କୋହଲି-କ-ଗ୍ରୀନ୍-ବୋ-କୁମିନ୍ସ-୪
ରାହାନେ-କ-ପେନ୍-ବୋ-ହାଜେଲଉଡ-୦
ହନୁମା-କ-ପେନ୍-ବୋ-ହାଜେଲଉଡ-୮
ରିଦ୍ଧିମାନ-କ-ଲାବୁସ୍କେନ୍-ହାଜେଲଉଡ-୪
ଅଶ୍ୱିନ-କ-ପେନ୍-ବୋ-ହାଜେଲଉଡ-୦
ଉମେଶ ଯାଦବ-ନଟ୍‌ଆଉଟ-୪
ମହମ୍ମଦ ଶାମି-୧
ଅତିରିକ୍ତ-୦
ମୋଟ: (୨୧.୧ ଓଭର, ୯ ଉଇକେଟ) ୩୬।
ଉଇକେଟ ପତନ: ୧/୭, ୨/୧୫, ୩/୧୫, ୪/୧୫, ୫/୧୫, ୬/୧୯, ୭/୨୬, ୮/୨୬, ୯/୩୧।

**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୬-୩-୭-୦
ପ୍ୟାଟ୍ କୁମିନ୍ସ ୧୦.୨-୪-୨୧-୪
ହାଜେଲଉଡ ୫-୩-୮-୫

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**
ମାଥ୍ୟୁ ୱାଡେ-ରନ ଆଉଟ-୩୩
ଜୋ ବର୍ନ୍ସ-ନଟଆଉଟ-୫୧
ମାର୍ନ୍ସ ଲାବୁସ୍କାନ୍-କ-ଅଗ୍ରୱାଲ-ବୋ-ଅଶ୍ୱିନ-୬
ଷ୍ଟିଭ୍ ସ୍ମିଥ୍-ନଟଆଉଟ-୧
ମୋଟ (୨୧ ଓଭର, ୨ ଉଇକେଟ) ୯୩।
ଉଇକେଟ ପତନ: ୧/୭୦, ୨/୮୨।

**ବୋଲିଂ (ଭାରତ)**
ଉମେଶ ଯାଦବ ୮-୧-୪୯-୦
ଯଶପ୍ରୀତ୍ ବୁମ୍‌ରା ୭-୧-୨୭-୦
ରବିଚନ୍ଦ୍ରନ ଅଶ୍ୱିନ ୬-୧-୧୬-୧
**ପ୍ଲେୟାର ଅଫ୍ ଦି ମ୍ୟାଚ: ଟିମ୍ ପେନ୍**

### କୌଣସି ବ୍ୟାଟ୍ସମ୍ୟାନ ଗୋଟିଏ ଇନିଂସରେ ଦୁଇଅଙ୍କ ଛୁଇଁ ନାହାନ୍ତି

**ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ ,ଏଜ୍‌ବାଷ୍ଟନ ୧୯୨୪**
**(୩୦ ଅଲଆଉଟ, ହେର୍ବି ଟେଲର ସର୍ବାଧିକ ୭ ରନ)**
**ଭାରତ ବନାମ ଅଷ୍ଟ୍ରେଲିଆ, ଆଡିଲେଡ ୨୦୨୦***
**(୩୬ ଅଲଆଉଟ୍, ମୟଙ୍କ ଅଗ୍ରୱାଲ ସର୍ବାଧିକ ୯ ରନ)**

## ମହମ୍ମଦ ସାମି ଆହତ



ଆଡିଲେଡ,୧୯।୧୨(ପି.ଟି.)

ଭାରତୀୟ ଦ୍ରୁତ ବୋଲର ପ୍ରଥମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ମହମ୍ମଦ ସାମି ଆହତ ହୋଇଛନ୍ତି। ପ୍ୟାଟ୍ କୁମିନ୍ସଙ୍କ ଶର୍ଟ ବଲ ତାଙ୍କ ଏଲ୍‌ବୋରେ ବାଜିଥିଲା ଓ ସେ ରିଷ୍ଟ ଇଞ୍ଜୁରିର ଶିକାର ହୋଇଥିଲେ। ଫଳରେ ସେ ବାକି ଥିବା ୩ଟି ଟେଷ୍ଟ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସ୍କାନ ପାଇଁ ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ସେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏପରି କି ସେ ହାତ ଉଠାଇ ପାରୁନାହାନ୍ତି ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ଆହତ ହେବା ପରେ ସାମି ବ୍ୟାଟିଂ କରି ନ ଥିଲେ ଓ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ।

## ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଗାଭାସ୍କରଙ୍କ ସମର୍ଥନ

ଆଡିଲେଡ,୧୯।୧୨(ପି.ଟି.)

ପରାଜୟ ସତ୍ତ୍ୱେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମର୍ଥନ କରିଛନ୍ତି। ଅଷ୍ଟ୍ରେଲୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ କରିଥିଲେ। ତେଣୁ ବିପର୍ଯ୍ୟୟ ପାଇଁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମାଲୋଚନା କରିବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି। ୩ ଦ୍ରୁତ ବୋଲର ଜୋଶ ହାଜେଲଉଡ, ପ୍ୟାଟ୍ କୁମିନ୍ସ ଓ ମିଚେଲ ଷ୍ଟାର୍କ ଦମ୍‌ଦାର ବୋଲିଂ କରିଥିଲେ। ଏଭଳି ବୋଲିଂ ସାମ୍ନାରେ ଯେକୌଣସି ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତା। ୩୬ ନ ହେଲେ ମଧ୍ୟ ୭୨ କିମ୍ବା ୮୦- ୯୦ ରନ ମଧ୍ୟରେ ଅନ୍ୟ ଯେକୌଣସି ଦଳ ଅଲଆଉଟ୍ ହୋଇଥାନ୍ତେ ବୋଲି ସେ କହିଛନ୍ତି।

## ମହମ୍ମଦ ୱାସିମ ମୁଖ୍ୟ ଚୟନକର୍ତ୍ତା

ଇସ୍‌ଲାମାବାଦ, ୧୯।୧୨

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶନିବାର ପୂର୍ବତନ ଟେଷ୍ଟ କ୍ରିକେଟର ମହମ୍ମଦ ୱାସିମଙ୍କୁ ସିଲେକ୍ସନ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି ଦେଇଛି। ସେ ୨୦୨୩ ବିଶ୍ୱକପ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ମିସ୍‌ବା ଉଲ୍ ହକ୍ ଜାତୀୟ ଦଳର ମୁଖ୍ୟ କୋଚ ଦାୟିତ୍ୱ ନେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସୂଚନାଯୋଗ୍ୟ, ଭାରତରେ ଟି୨୦ ବିଶ୍ୱକପ୍ ବ୍ୟତୀତ ୨୦୨୧ରେ ପାକିସ୍ତାନକୁ ଅତିକମ୍‌ରେ ୪ଟି ଅନ୍ତର୍ଜାତୀୟ ଦଳ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଟୁର୍‌ରେ ଆସିବେ। ୱାସିମଙ୍କ ପ୍ରଥମ କାର୍ଯ୍ୟ ହେଲା ଆସନ୍ତାମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ଟେଷ୍ଟ ୩ ଅନ୍ତର୍ଜାତୀୟ ଟି୨୦ ଘରୋଇ ସିରିଜ ପାଇଁ ଦଳ ମନୋନୟନ।



ମହମ୍ମଦ ୱାସିମ୍

ଇଣ୍ଡିଆନ ସୁପର ଲିଗ୍

## ଚେନ୍ନାଇନ ବିଜୟୀ

ମାରଗାଓ,୧୯।୧୨(ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସି ୨-୧ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚେନ୍ନାଇନ୍ ତରଫରୁ ବ୍ରାଜିଲ ଷ୍ଟ୍ରାଇକର ରାଫାଏଲ କ୍ରିଭେଲାରୋ ପଞ୍ଚମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାର ଠିକ୍ ୪ ମିନିଟ୍ ପରେ ଗୋଆ ତରଫରୁ ସ୍ପେନ୍ ରାଇଟ୍ ୱିଙ୍ଗର ଜର୍ଜ ଓର୍ଟିଜ ମେଣ୍ଡୋଜା ନବମ ମିନିଟରେ ଗୋଲ ଦେଇ ମ୍ୟାଚ ୧-୧ ସମାନସ୍ଥିତିକୁ ଆଣିଥିଲେ ଓ ଏହା ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଚେନ୍ନାଇନ୍ ଫରୱାର୍ଡ ରାହିମ ଅଲି ୫୩ ମିନିଟରେ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଇଞ୍ଜୁରି ଟାଇମ ବାବଦରେ ୬ ମିନିଟ ଖେଳ ହୋଇଥିଲେ ମଧ୍ୟ ମ୍ୟାଚରେ ଆଉ ଗୋଲ ସ୍କୋର ହୋଇ ନ ଥିଲା। ଫଳରେ ଚେନ୍ନାଇନ ବିଜୟୀ ହୋଇଥିଲା। କିନ୍ତୁ ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଗୋଆ ଆଗରେ ରହିଥିଲା।

## ରିଅଲ କଶ୍ମୀର ଜିତିଲା ଆଇଏଫ୍ଏ ଶିଲ୍ଡ

କୋଲକାତା,୧୯।୧୨ (ପି.ଟି.)

ରିୟଲ କଶ୍ମୀର ଏଫ୍‌ସି ପ୍ରଥମଥର ଏକ ପ୍ରମୁଖ ଫୁଟ୍‌ବଲ ଟୁର୍ନାମେଣ୍ଟ ଜିତିବାରେ ସଫଳ ହୋଇଛି। ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଜର୍ଜ ଟେଲିଗ୍ରାଫ୍‌କୁ ୨-୧ ଗୋଲରେ ପରାସ୍ତ କରି ଆଇଏଫ୍ଏ ଶିଲ୍ଡ ହାସଲ କରିଛି। ଯଦିଓ ଏହା ୧୨୭ ବର୍ଷର ପୁରୁଣା ଟୁର୍ନାମେଣ୍ଟ। କିଛିବର୍ଷ ହେଲା ଦେଶର କେତେକ ଶକ୍ତିଶାଳୀ ଦଳ ଏଥିରେ ଅଂଶଗ୍ରହଣ କରୁନାହାନ୍ତି। ଏଥର ୪ ଆଇ-ଲିଗ୍ ଦଳ ଏବଂ ୮ କୋଲକାତା ପ୍ରିମିୟର ଲିଗ୍ ଦଳ ଅଂଶଗ୍ରହଣ କରିଥିଲେ। ରିୟଲ କଶ୍ମୀର ଏଫ୍‌ସି ଦଳ ବ୍ୟତୀତ ଆଇ-ଲିଗ୍‌ର ମହମ୍ମଡାନ ସ୍ପୋର୍ଟିଂ, ଗୋକୁଲମ କେରଳ ଏବଂ ଇଣ୍ଡିଆନ ଏରୋଜ ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହମ୍ମଡାନ ସ୍ପୋର୍ଟିଂ ବିପକ୍ଷ ସେମିଫାଇନାଲରେ ହ୍ୟାଟ୍ରିକ୍ କରିଥିବା ନାଇଜେରିଆନ ଫରୱାର୍ଡ ଲୁକ୍‌ମାନ ଆଦେଫେମି ଏକ ପେନାଲ୍ଟି ଜରିଆରେ ୩୮ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ତେବେ ଜର୍ଜ ଟେଲିଗ୍ରାଫ୍ ଦଳର ବଦଳ ଖେଳାଳି ଗୌତମ ଦାସ (୫୦ତମ ମିନିଟ୍ ) ଦ୍ୱିତୀୟାର୍ଦ୍ଧରେ ଏକାକୀ ବଲକୁ କ୍ୟାରିକରି ଏକ ସୁନ୍ଦର ଗୋଲ କରିବା ଦ୍ୱାରା ମ୍ୟାଚ ବରାବର ସ୍ତରକୁ ଚାଲିଆସିଥିଲା। ଏହାର ୧୦ ମିନିଟ୍ ପରେ ଅଧିନାୟକ ମାସନ ରବର୍ଟସନଙ୍କ ହେଡର ଜରିଆରେ ରିୟଲ କଶ୍ମୀର ୨-୧ରେ ମ୍ୟାଚ ଜିତିନେଇଥିଲା।





ଶିଲ୍ଡ ସହ ବିଜୟୀ ଦଳ ରିଅଲ କଶ୍ମୀର ଏଫ୍‌ସି।

# ସୁପର ଲିଗ୍‌ରେ କଟକ- ବି

ଓସିଏ ଆନ୍ତଃ ଜିଲା ସିନିୟର ଟି୨୦

ସୁକେଶଙ୍କ ଶତକ

ଭୁବନେଶ୍ୱର,୧୯।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ ଟି ୨୦ କ୍ରିକେଟ ଲିଗ୍‌ରେ ଶନିବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର, ପାରାଦୀପ, ଢେଙ୍କାନାଳ, କଟକ-ବି, କେନ୍ଦ୍ରାପଡା ବିଜୟୀ ହୋଇଛନ୍ତି। କଟକ- ବି ଦୁଇଟି ମ୍ୟାଚ ଖେଳି ବିଜୟୀ ହୋଇଛି ଓ ପ୍ରଦର୍ଶନ ଭିତ୍ତିରେ ସୁପରଲିଗ୍ ପାଇଁ ଯୋଗ୍ୟତା ହାସଲ କରିଛି। ଏଥିସହିତ ସୁପର ଲିଗ୍‌ର ରୂପରେଖ ସ୍ପଷ୍ଟ ହୋଇଛି ଓ ଏହାର ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚର ନବରଙ୍ଗପୁର ୪୨ ରନରେ ଅନୁଗୋଳକୁ ପରାସ୍ତ କରିଛି। ଟସ୍ ଜିତି ନବରଙ୍ଗପୁର ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁକେଶ କେ. ହୀରା ୧୩୦ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ପୂର୍ଣ୍ଣଚନ୍ଦ୍ର ମାଝି ୬୪ ରନ କରିଥିଲେ। ଜବାବରେ ଅନୁଗୋଳ ୬ ଉଇକେଟ ହରାଇ ୧୭୯ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

ବାରବାଟୀରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ପାରାଦୀପ ୭ ଉଇକେଟରେ ଦେବଗଡ଼କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଦେବଗଡ଼ ୧୮.୫ ଓଭରରେ ୯୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ପାରଦୀପ ୩ ଉଇକେଟ ହରାଇ ୯୫ ରନକରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଅତିଥି ଭାବେ ଓସିଏ ସଦସ୍ୟ ଉପେନ୍ଦ୍ର କୁମାର ବାରିକ ଉପସ୍ଥିତ ଥିଲେ।

ସେହିପରି ରେଭେନ୍ସା ଗ୍ରାଉଣ୍ଡରେ ଢେଙ୍କାନାଳ ୭ ଉଇକେଟରେ ପାରାଦୀପକୁ ପରାସ୍ତ କରିଥିଲା। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରି ପାରାଦୀପ ୯ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ଜବାବରେ ୧୨.୫ ଓଭରରେ ଢେଙ୍କାନାଳ ୩ ଉଇକେଟ ହରାଇ ୧୦୨ ରନକରି ବିଜୟୀ ହୋଇଥିଲା। ଢେଙ୍କାନାଳ ତରଫରୁ ଆରିଫ ବେଗ୍ ୫୭ ରନ କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କଟକ- ବି ୨୫ ରନରେ ଢେଙ୍କାନାଳକୁ ପରାସ୍ତ କରି ସୁପରଲିଗ୍ ପର୍ଯ୍ୟାୟକୁ ଉଠିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି କଟକ ୩ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅବିନାଶ ନାୟକ ୪୬, ଗିରିଜା ଶଙ୍କର ବାରିକ ଅପରାଜିତ ୩୪ ରନ ସଂଗ୍ରହ କରିଥିଲେ। ଜବାବରେ ଢେଙ୍କାନାଳ ୭ ଉଇକେଟ ହରାଇ ୧୩୫ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ଓସିଏ ସଦସ୍ୟ ଉପେନ୍ଦ୍ର କୁମାର ଦାଶ ଅତିଥି ଭାବେ ଉପସ୍ଥିତ ଥିଲେ।

ସେହିପରି ବିଡ଼ାନାସୀ ଗ୍ରାଉଣ୍ଡରେ କଟକ- ବି ତା'ର ଦ୍ୱିତୀୟ ମ୍ୟାଚରେ ୯ ଉଇକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ଟସ୍ ହାରି କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୮୮ ରନକରି ଅଲଆଉଟ ହୋଇଥିଲା। ଜବାବରେ କଟକ ୧୧.୩ ଓଭରରେ ୯୨ ରନକରି ବିଜୟୀ ହୋଇଥିଲା। କଟକ ତରଫରୁ ଅବିନାଶ ନାୟକ ଅପରାଜିତ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡା ୭ ଉଇକେଟରେ ଅନୁଗୋଳକୁ ହରାଇଛି। ଟସ୍‌ଜିତି ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୪୩ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ୧୯.୧ ଓଭରରେ ୩ ଉଇକେଟ ହରାଇ ୧୪୫ ରନକରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଦେବାଶିଷ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଶନିବାର ପାରାଦୀପ ପୋର୍ଟ ଓ ଢେଙ୍କାନାଳ (ବ୍ୟାଟିଂ) ମଧ୍ୟରେ ଅନୁଷ୍ଠିତ ଏକ ଓସିଏ ଟି୨୦ ମ୍ୟାଚ।

# ଖରାପ ଦିନ

ଆଡାମ ଗିଲ୍‌କ୍ରିଷ୍ଟ

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତର ଲଜ୍ଜାଜନକ ପରାଜୟ ଏହାର ପ୍ରଶଂସକଙ୍କୁ ଖୁବ୍ ବାଧିଥିବ ନିଶ୍ଚୟ। ଆଡିଲେଡ୍‌ଠାରେ ଶନିବାର ଥିଲା ମ୍ୟାଚର ତୃତୀୟ ଦିବସ। ଖେଳ ଆରମ୍ଭ ପୂର୍ବରୁ ପ୍ରଥମ ଇନିଂସରେ ଅଗ୍ରଣୀ ସହ ହାତରେ ୯ ଉଇକେଟ ଥାଇ ଭାରତ ଭଲ ପୋଜିଶନରେ ରହିଥିଲା। ବେଳେ ବେଳେ ଖରାପ ଦିନ ଆସେ, ସେତେବେଳେ ସମସ୍ତ ଚେଷ୍ଟା ସତ୍ତ୍ୱେ ଭଲ ଖେଳି ହୁଏନା। ପୁଣି ଏପରି ଦିନ ଥାଏ, ଯେତେବେଳେ ପ୍ରତ୍ୟେକ ବ୍ୟାଟ୍ସମ୍ୟାନ ଭଲ ସ୍କୋର କରିଥାନ୍ତି। ଶନିବାର ଭାରତୀୟଙ୍କ କ୍ଷେତ୍ରରେ ତାହାହିଁ ଘଟିଲା। ଅଷ୍ଟ୍ରେଲୀୟମାନେ ଉଚ୍ଚକୋଟୀର ନିଖୁଣ ଫାଷ୍ଟ ବୋଲିଂ କରିଥିଲେ। ଏହାକୁ ସାମ୍ନା କରିବା ସହଜ ନ ଥିଲା। ପୁନଶ୍ଚ କେତେଜଣ ବ୍ୟାଟ୍ସମ୍ୟାନଙ୍କ ଶଟ୍ ସିଲେକ୍ସନ ଠିକ୍ ନ ଥିଲା। ଯାହାଫଳରେ ଟେଷ୍ଟରେ ଭାରତର ସର୍ବନିମ୍ନ ସ୍କୋର ୩୬/୯ ଦେଖିବାକୁ ମିଳିଥିଲା। ଭାରତୀୟଙ୍କ ମନରେ ଏହା କିଛିଦିନ ବସା ବାନ୍ଧି ରହିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହାକୁ କିପରି ଶୀଘ୍ର ଭୁଲିଯିବାକୁ ହେବ ଭ୍ରମଣକାରୀ ଦଳକୁ ତାହାର ପନ୍ଥା ବାହାର କରିବାକୁ ହେବ। ପ୍ରଥମ ଇନିଂସ୍‌ରେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କଠାରୁ ଧିମା ବ୍ୟାଟିଂ ଦେଖିବାକୁ ମିଳିଥିଲା। ଉଭୟ କିନ୍ତୁ ଚମତ୍କାର ରକ୍ଷଣାତ୍ମକ ବ୍ୟାଟିଂ କରିଥିଲେ। ଦ୍ୱିତୀୟ ଇନିଂସରେ କିନ୍ତୁ ଏହି ପ୍ରଦର୍ଶନ ଦୋହରାଇବାରେ ଭାରତ ବିଫଳ ହୋଇଥିଲା। ଉଭୟ ଇନିଂସରେ ପୃଥ୍ୱୀ ଶ' ପ୍ରାରମ୍ଭରୁ ଆଉଟ ହେବା ଦ୍ୱାରା ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଏହି ଯୁବ ପ୍ରତିଭାବାନ ବ୍ୟାଟ୍ସମ୍ୟାନଙ୍କଠାରୁ ଅନେକ କିଛି ଆଶା କରାଯାଉଥିଲା। ତାଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଚୟନକର୍ତ୍ତାଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବ ନିଶ୍ଚୟ। ହୁଏତ ଆଗକୁ ସେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଭାରତର ଅନ୍ୟତମ ପ୍ରମୁଖ ପେସ୍ ବୋଲର ମହମ୍ମଦ ସାମି ଆହତ ହୋଇଛନ୍ତି। ଦଳକୁ ଶକ୍ତ ଧକ୍କା ଲାଗିଥିବ। ସେ ଶୀଘ୍ର ଫିଟ୍ ହୋଇଯିବେ ବୋଲି ମୋର ଆଶା ରହିଛି। ଭାରତୀୟ ଦଳର ଫିଲ୍ଡରେ କେତୋଟି ତ୍ରୁଟି ପରିଲକ୍ଷିତ ହୋଇଛି। ମୟଙ୍କ ଅଗ୍ରୱାଲ ଯଦି ଟିମ୍ ପେନ୍‌ଙ୍କ କ୍ୟାଚ ମିସ୍ କରି ନ ଥାନ୍ତେ ତେବେ ଏକଦା ୧୧୧/୮ ସ୍କୋରରେ ଥିବା ଅଷ୍ଟ୍ରେଲିଆ ଏହାର ଫାଇନାଲ ସ୍କୋର ୧୯୧ଠାରୁ ହୁଏତ ବହୁ ପଛରେ ରହିଯାଇଥାନ୍ତା। ଟିମ୍ ପେନ୍ ଉଭୟ ଇନିଂସରେ ଚମତ୍କାର କିପିଂ କରିଥିଲେ। ପ୍ରଥମ ଇନିଂସରେ ସେ ପ୍ରଭାବୀ ବ୍ୟାଟିଂ କରିବା ସହ ତାଙ୍କ ପେସ୍ ବୋଲରମାନଙ୍କୁ ଭଲରୂପେ ହାତେଇ ପାରିଥିଲେ। ୯୦ରନ ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲୀୟ ଓପନରମାନେ ଯେପରି ଚେଜ୍ କଲେ ତାହା ପ୍ରଶଂସନୀୟ। ମାଚରେ ଜୋସ୍ ହାଜେଲଉଡ୍, ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସଙ୍କ ବୋଲିଂ ଟେଷ୍ଟ କ୍ରିକେଟରେ ସ୍ମରଣୀୟ ହୋଇ ରହିବ। କୁମିନ୍ସଙ୍କ ଟେଷ୍ଟ ଉଇକେଟ ସଂଖ୍ୟା ୧୫୦ ଅତିକ୍ରମ କରିଛି। ଏହି ସଫଳତା ହାସଲ କରିବାରେ ସେ ଗ୍ଲେନ ମ୍ୟାକ୍‌ଗ୍ରାଙ୍କୁ ପଛରେ ପକାଇ ଦେଇଛନ୍ତି। ଭବିଷ୍ୟତରେ ତାଙ୍କଠାରୁ ଆହୁରି ଅନେକ ଭଲ ପ୍ରଦର୍ଶନ ଆଶା କରାଯାଉଛି। (ଗ୍ଲୋମପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବରିଷ୍ଠ ନେତା ତଥା ପ୍ରଥମ ମୁଖପାତ୍ର ଏମ୍.ଜି. ବୈଦ୍ୟଙ୍କର ଶନିବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ସେ ନିକଟରେ କୋଭିଡ୍‌ରୁ ଆରୋଗ୍ୟ ହୋଇଥିଲେ। ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଥିଲା। ଶନିବାର ଅପରାହ୍ନରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।



## ସଂକ୍ଷେପରେ

### ଜଳିଗଲେ ୮ କରୋନା ରୋଗୀ

**ଅଙ୍କାରା, ୧୯।୧୨:** ତୁର୍କୀର ଏକ ହସ୍ପିଟାଲ ଆଇସିୟୁରେ ଶନିବାର ନିଆଁ ଲାଗିଯିବାରୁ ୮ କରୋନା ରୋଗୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏକ ଅକ୍ସିଜେନ ସିଲିଣ୍ଡର ଫାଟିଯିବାରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଆଇସିୟୁରେ ଚିକିତ୍ସାଧୀନ ଥିବା ଅନ୍ୟ ୧୪ ସଂକ୍ରମିତଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

### ଫାରୁକ୍ ଅବଦୁଲ୍ଲାଙ୍କ ସମ୍ପତ୍ତି ଜବତ

**ନୂଆଦିଲ୍ଲୀ, ୧୯।୧୨(ପି.ଟି.):** ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନ୍‌ରେ ଆର୍ଥିକ ଅନିୟମିତତା ସହ ସମ୍ପୃକ୍ତ ମନିଲଣ୍ଡରିଂର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ଓ ଅନ୍ୟମାନଙ୍କର ୧୧.୮୬ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନର ବ୍ୟବସ୍ଥା ଅନୁଯାୟୀ ଇଡି ସେମାନଙ୍କ ନିକଟକୁ ଅସ୍ଥାୟୀ ବାଜ୍ୟାପ୍ତି ନିର୍ଦ୍ଦେଶନାମା ପଠାଇଛି।

### କରୋନାରେ ହାଇକୋର୍ଟ ଜଜ୍‌ଙ୍କ ମୃତ୍ୟୁ

**ଭୋପାଳ, ୧୯।୧୨:** ମଧ୍ୟପ୍ରଦେଶ ହାଇକୋର୍ଟ ଇନ୍ଦୋର ବେଞ୍ଚର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବନ୍ଦନା କାସରେକର(୬୦)ଙ୍କ କରୋନାରେ ମୃତ୍ୟୁ ଘଟିଛି। କୋଭିଡ୍ ସଂକ୍ରମିତ ହେବା ପରେ ତାଙ୍କୁ ଇନ୍ଦୋରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସଂକ୍ରମଣଜନିତ ଜଟିଳତା ଯୋଗୁ ଗତ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏହା ପୂର୍ବରୁ ଗୁଜୁରାଟ ହାଇକୋର୍ଟ ଜଜ୍ ଜଷ୍ଟିସ୍ ଜିଆର୍ ଉଦଭାନୀଙ୍କ କୋଭିଡ୍ ଯୋଗୁ ମୃତ୍ୟୁ ଘଟିଥିଲା।

### କଂଗ୍ରେସ ଛାଡ଼ିଲେ ରୁଚି ଗୁପ୍ତା



ନୂଆଦିଲ୍ଲୀ, ୧୯।୧୨: କଂଗ୍ରେସରେ ଆଭ୍ୟନ୍ତରୀଣ ମତଭେଦକୁ ନେଇ ଜଣକ ପରେ ଜଣେ ନେତା ଦଳ ଛାଡ଼ିବାରେ ଲାଗିଛନ୍ତି। ଶେଷରେ ରୁଚି ଗୁପ୍ତା ଶନିବାର ଜାତୀୟ ଦଳ ସମେତ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଭାରତର ଜାତୀୟ ଛାତ୍ର ସଂଗଠନର ଭାରପ୍ରାପ୍ତ ଯୁଗ୍ମ ସମ୍ପାଦକ ଥିଲେ। ସାଂଗଠନିକ ପରିବର୍ତ୍ତନରେ ବିଳମ୍ବ ହେଉଥିବାରୁ ସେ ଦଳ ଛାଡ଼ିଲେ ବୋଲି କହିଛନ୍ତି।

### ବସ୍-ଟ୍ରେନ୍ ଧକ୍କା: ୧୨ ମୃତ

**ଢାକା, ୧୯।୧୨:** ବାଂଲାଦେଶର ଜୟପୁରହାଟ ଜିଲାରେ ଶନିବାର ବସ୍‌କୁ ଏକ ଟ୍ରେନ ଧକ୍କା ଦେବାରୁ ୧୨ ବସ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଗୁରୁତର ହୋଇଛନ୍ତି। ବସ୍‌ଟି ରେଲୱେ କ୍ରସିଂ ଅତିକ୍ରମ କରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

# ଟିକା ନେଲେ କୁମ୍ଭୀର ହୋଇଯିବ



ଜାୟର ବୋଲସନାରୋ

**ବ୍ରାସିଲିଆ, ୧୯।୧୨:** ଏକାଧିକ ଦେଶରେ ଫାଇଜର କୋଭିଡ୍ ଭାକ୍ସିନକୁ ସାମୂହିକ ଭାବେ ପ୍ରଦାନ କରାଯାଉଥିବାବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଓ କମ୍ପାନୀର କଣ୍ଟ୍ରାକ୍ଟରେ ଲେଖା ଯାଇଥିବା କଥାର ମଜା ଉଡ଼ାଇଛନ୍ତି ବ୍ରାଜିଲ ରାଷ୍ଟ୍ରପତି। ଫାଇଜର-ବାୟୋଏନ୍‌ଟେକ୍ ଦ୍ୱାରା ପ୍ରସ୍ତୁତ ଏହି ଟିକାର ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ରାଷ୍ଟ୍ରପତି ଜାୟର ବୋଲସନାରୋ ପରିହାସ କରି କହିଛନ୍ତି ଯେ, ଟିକାକରଣର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ କମ୍ପାନୀ ଦାୟୀ ନୁହେଁ ବୋଲି କମ୍ପାନୀ ଏହାର ଚୁକ୍ତିରେ ସ୍ପଷ୍ଟ ଭାବେ ଲେଖିଛି। ଏହି ଚୁକ୍ତିନାମା ଅନୁସାରେ ଯଦି କେହି ଟିକା ନେଇ କୁମ୍ଭୀର କିମ୍ବା ସୁପରମ୍ୟାନ ହୋଇଯାଏ, କୌଣସି ମହିଳାଙ୍କ ଦାଢ଼ି ଉଠିଯାଏ, ତେବେ ଏଥିପାଇଁ କମ୍ପାନୀ ଦାୟୀ ନୁହେଁ। ଏହା କେବଳ ଟିକା ନେଉଥିବା ବ୍ୟକ୍ତିଙ୍କ ସମସ୍ୟା। କରୋନା ମହାମାରୀ ସାରା ବିଶ୍ୱକୁ କବଳିତ କରୁଥିବାବେଳେ ଜାୟର ଏହାକୁ କେବଳ ସାଧାରଣ ଜ୍ୱର ବୋଲି କହି ଚର୍ଚ୍ଚାରେ ରହିଥିଲେ। ଏପରିକି ଭାକ୍ସିନ ନେବାକୁ ଜାୟର ମନା କରିଦେଇଛନ୍ତି। ଗତ ଜୁଲାଇରେ ଜାୟର କୋଭିଡ୍‌ରେ ସଂକ୍ରମିତ ହୋଇ ସୁସ୍ଥ ହୋଇଛନ୍ତି।

# ବାଇଡେନଙ୍କ ଟିମ୍‌ରେ ବେଦାନ୍ତ



ବେଦାନ୍ତ ପଟେଲ

**ୱାଶିଂଟନ୍, ୧୯।୧୨:** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ଶୁକ୍ରବାର ହ୍ୱାଇଟ ହାଉସ୍ କମ୍ୟୁନିକେଶନ ଓ ପ୍ରେସ ଷ୍ଟାଫଙ୍କ ନାଁ ଘୋଷଣା କରିଛନ୍ତି। ଏହି ଟିମ୍‌ରେ ଭାରତୀୟ ବଂଶୋଦ୍ଭବ ବେଦାନ୍ତ ପଟେଲଙ୍କୁ ଆସିଷ୍ଟାଣ୍ଟ ପ୍ରେସ୍ ସେକ୍ରେଟାରୀ ପଦବୀ ମିଳିଛି। ପଟେଲ ବର୍ତ୍ତମାନ ବାଇଡେନଙ୍କ ମୁଖପାତ୍ର ଥିବାବେଳେ ନିର୍ବାଚନୀ କ୍ୟାମ୍ପେନବେଳେ ସେ ରିଜିଓନାଲ କମ୍ୟୁନିକେଶନର ନିର୍ଦ୍ଦେଶକ ରହିଥିଲେ। ଏହାପୂର୍ବରୁ ପଟେଲ ଭାରତୀୟ ମୂଳ ରାଜନେତା ପ୍ରମିଳା ଜୟପାଲଙ୍କ ପାଇଁ କମ୍ୟୁନିକେଶନ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି। ସେ ଡେମୋକ୍ରାଟିକ୍ ନ୍ୟାଶନାଲ କମିଟିରେ ପାଶ୍ଚାତ୍ୟ ଆଞ୍ଚଳିକ ପ୍ରେସ ସଚିବ ତଥା ରାଜନେତା ମାଇକ ହୋଣ୍ଡାଙ୍କ ଯୋଗାଯୋଗ ନିର୍ଦ୍ଦେଶକ ମଧ୍ୟ ରହିଥିଲେ। ବାଇଡେନ ତାଙ୍କ ଏହି ଟିମ୍ ପାଇଁ ୧୬ ଜଣଙ୍କ ନାମ ଘୋଷଣା କରିଛନ୍ତି।

# କୋଟିଏ ଟପିଲା ସଂକ୍ରମଣ

<u>ନୂଆଦିଲ୍ଲୀ, ୧୯।୧୨(ପି.ଟି.)</u>



- ୧.୪୫ ଲକ୍ଷ ମୃତ
- କରୋନା ଆରୋଗ୍ୟ ହାର ୯୫%

କରୋନା ମହାମାରୀରୁ ରକ୍ଷା ପାଇବା ଲାଗି ସାରା ବିଶ୍ୱ ଟିକାକୁ ପ୍ରତୀକ୍ଷା କରିଥିବାବେଳେ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ଶନିବାର ୧ କୋଟି ଟପିଛି। ଏଥିରେ ୧ ଲକ୍ଷ ୪୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଲେଣି। ସାରା ବିଶ୍ୱରେ ୭.୫ କୋଟିରୁ ଅଧିକ ଲୋକ ଏହି ମହାମାରୀ ଦ୍ୱାରା କବଳିତ ହୋଇଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ ଭାରତରେ ପ୍ରଥମ ସଂକ୍ରମଣଠାରୁ ମାମଲା ୧ କୋଟି ଅତିକ୍ରମ କରିବାକୁ ୩୨୫ ଦିନ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୫,୧୫୨ ନୂଆ ପଜିଟିଭ୍ ଚିହ୍ନଟ ହେବା ସହ ଶନିବାର ସକାଳ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୦୦,୦୪,୫୯୯ ହୋଇଛି। ସେହିପରି ଗୋଟିଏ ଦିନରେ ୩୪୭ ଜଣଙ୍କ ମୃତ୍ୟୁ ସହ ମୋଟ ୧,୪୫,୧୩୬ ଜଣଙ୍କ ଜୀବନ ନେଲାଣି ଭୂତାଣୁ। ବର୍ତ୍ତମାନ ସୁଦ୍ଧା ୯୫ ପ୍ରତିଶତ ଆରୋଗ୍ୟ ହୋଇଥିବାବେଳେ ସକ୍ରିୟ ମାମଲା ୩.୧୪ ପ୍ରତିଶତ ରହିଛି। ଭାରତରେ ଏପର୍ଯ୍ୟନ୍ତ ୧୬ କୋଟିରୁ ଅଧିକ ଲୋକଙ୍କର କୋଭିଡ୍ ପରୀକ୍ଷା କରାଗଲାଣି।

ମହାରାଷ୍ଟ୍ରରେ ସର୍ବାଧିକ ୧୮.୮୮ ଲକ୍ଷ ସଂକ୍ରମିତ ହୋଇଥିବାବେଳେ ଏହା ପଛକୁ କର୍ନାଟକ (୯.୦୭ ଲକ୍ଷ), ଆନ୍ଧ୍ରପ୍ରଦେଶ(୮.୭୭ ଲକ୍ଷ), ତାମିଲନାଡୁ (୮.୦୪ ଲକ୍ଷ), କେରଳ (୬.୯୩ ଲକ୍ଷ) ଏବଂ ଦିଲ୍ଲୀ (୬.୧୪ ଲକ୍ଷ) ରହିଛି।

## ୬/୭ ମାସରେ ୩୦ କୋଟିଙ୍କୁ ଟିକା

ଶୀଘ୍ର ଟିକାକରଣ ପ୍ରକ୍ରିୟା ଆରମ୍ଭ କରିବା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଗୁରୁତ୍ୱ ଦେଇଛନ୍ତି। କୋଭିଡ୍-୧୯ ଉପରେ ୨୨ତମ ମନ୍ତ୍ରୀଗୋଷ୍ଠୀ ବୈଠକରେ ଉଦ୍‌ବୋଧନ ଦେଇ ହର୍ଷବର୍ଦ୍ଧନ କହିଥିଲେ, ଦେଶର ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସ୍ୱଦେଶୀ ଟିକାର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି। ଆଗାମୀ ୬/୭ ମାସରେ ୩୦ କୋଟି ଲୋକଙ୍କୁ ଟିକା ଦିଆଯିବ। ବୈଠକରେ କେନ୍ଦ୍ରମନ୍ତ୍ରୀ ଏସ୍. ଜୟଶଙ୍କର, ହରଦୀପ୍ ଏସ୍. ପୁରୀ, ଅଶ୍ୱିନୀ କୁମାର ଚୌବେ, ନିତ୍ୟାନନ୍ଦ ରାଓ ପ୍ରମୁଖ ଯୋଗଦେଇଥିଲେ।

## 'ଦିଲ୍ଲୀରେ ସଂକ୍ରମଣ ନିୟନ୍ତ୍ରଣାଧୀନ'

ଦିଲ୍ଲୀରେ କୋଭିଡ୍ ମହାମାରୀର ତୃତୀୟ ପର୍ଯ୍ୟାୟ ସଂକ୍ରମଣ ଏବେ ନିୟନ୍ତ୍ରଣାଧୀନ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଦିନକରେ ୧,୧୩୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ପଜିଟିଭ୍ ହାର ୧.୫ ପ୍ରତିଶତରୁ କମ୍ ରହିଛି। ନଭେମ୍ବରରେ ଦିଲ୍ଲୀରେ ଦୈନିକ ସଂକ୍ରମଣ ୮,୬୦୦ରେ ପହଞ୍ଚିଥିଲା। ସଂକ୍ରମଣ ରୋକିବା ଦିଗରେ ସମସ୍ତ ସମ୍ଭାବ୍ୟ ଉଦ୍ୟମ ଜାରି ରହିଛି। ଦିଲ୍ଲୀ ଜନସାଧାରଣଙ୍କ ଉଦ୍ୟମ ଯୋଗୁ ଆମେ ସଫଳତାର ସହ ତୃତୀୟ ପର୍ଯ୍ୟାୟ ସଂକ୍ରମଣକୁ ହ୍ରାସ କରିପାରିଛୁ ବୋଲି ଏଏପି ନେତା କହିଛନ୍ତି।

## ରେଲୱେ ହରାଇଛି ୭୦୦ କର୍ମଚାରୀ

<u>ନୂଆଦିଲ୍ଲୀ, ୧୯।୧୨</u>

କରୋନା ଯୋଗୁ ଭାରତୀୟ ରେଲୱେକୁ କେବଳ ବିପୁଳ କ୍ଷତି ସହିବାକୁ ପଡ଼ିନାହିଁ, ୯ ମାସ ମଧ୍ୟରେ ଏହାର ୭୦୦ ଆଗଧାଡ଼ିର କର୍ମଚାରୀ ଏହି ରୋଗରେ ପ୍ରାଣ ହରାଇଛନ୍ତି ଓ ୩୦ ହଜାର ଆକ୍ରାନ୍ତ ହୋଇଛନ୍ତି। ପ୍ରାଣ ହରାଇଥିବା କର୍ମଚାରୀମାନେ କୋଭିଡ୍ ସମୟରେ ଜନସାଧାରଣଙ୍କୁ ଟ୍ରେନ୍‌ରେ ସୁବିଧାରେ ଯାତାୟାତ କରିବା ଲାଗି କାର୍ଯ୍ୟ କରୁଥିଲେ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ବିନୋଦ କୁମାର ଯାଦବ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସଂକ୍ରମିତ କର୍ମଚାରୀମାନଙ୍କୁ ରେଲୱେ ପକ୍ଷରୁ ଚିକିତ୍ସା ଯୋଗାଇଦିଆଯାଇଥିଲା। ଏଥିପାଇଁ ସବୁ ଜୋନ୍‌ରେ କୋଭିଡ୍ କେୟାର ସେଣ୍ଟର ଏବଂ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିଲା। ପ୍ରଥମେ ୫୦ ହସ୍ପିଟାଲକୁ କୋଭିଡ୍ ଚିକିତ୍ସା ଲାଗି ଉତ୍ସର୍ଗୀକୃତ କରାଯାଇଥିବାବେଳେ ଏବେ ଏହି ସଂଖ୍ୟା ୭୪ରେ ପହଞ୍ଚିଥିବା ଯାଦବ କହିଛନ୍ତି।

## ବିବେକ ଡୋଭାଲଙ୍କୁ କ୍ଷମା ମାଗିଲେ ଜୟରାମ



<u>ନୂଆଦିଲ୍ଲୀ, ୧୯।୧୨</u>

ଦିଲ୍ଲୀର ଏକ କୋର୍ଟ ଆଗରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଶନିବାର ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ପୁଅ ବିବେକ ଡୋଭାଲଙ୍କୁ କ୍ଷମା ମାଗିଛନ୍ତି। ବିବେକଙ୍କ ବିରୋଧରେ ଜୟରାମ ଅପମାନଜନକ ମନ୍ତବ୍ୟ ଦେବା ସହ କାରାଭାନ ପତ୍ରିକା 'ଡି କମ୍ପାନିଜ୍' ନାମରେ ଆପତ୍ତିଜନକ ଲେଖା ପ୍ରକାଶ କରିଥିଲା। ଗତବର୍ଷ ଜାନୁୟାରୀରେ ବିବେକ କଂଗ୍ରେସ ନେତା ଜୟରାମ, ଉକ୍ତ ପତ୍ରିକା ଓ ଏହାର ସାମ୍ବାଦିକ କୌଶଲ ଶ୍ରଫ୍‌ଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଜୟରାମଙ୍କ କ୍ଷମାକୁ ବିବେକ ଗ୍ରହଣ କରିଛନ୍ତି। ତେବେ କାରାଭାନ ଓ ଶ୍ରଫ୍‌ଙ୍କ ବିରୋଧରେ ମାମଲା ଚାଲିବ ବୋଲି ଜଣାପଡିଛି।

# ଦଳ ଇଚ୍ଛାରେ କାର୍ଯ୍ୟ କରିବି: ରାହୁଲ

<u>ନୂଆଦିଲ୍ଲୀ, ୧୯।୧୨</u>



- କଂଗ୍ରେସ ନେତାଙ୍କୁ ଭେଟିଲେ ସୋନିଆ
- ରାହୁଲଙ୍କ ଅଧ୍ୟକ୍ଷ ପଦକୁ କେହି ବିରୋଧ କଲେନି
- ଖୁବ୍‌ଶୀଘ୍ର ଚିନ୍ତନ ଶିବିର

ଦଳୀୟ ସଂଗଠନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ପାଇଁ ଚିଠି ଲେଖିଥିବା ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦୀର୍ଘ ମାସ ପରେ ଶନିବାର ଭେଟିଥିଲେ। ରାହୁଲ ଗାନ୍ଧୀ ପୁଣି ଥରେ କଂଗ୍ରେସର ଅଧ୍ୟକ୍ଷ ପଦ ସମ୍ଭାଳିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ କେହି ବିରୋଧ କରି ନ ଥିଲେ। ତେବେ ଖୁବ୍‌ଶୀଘ୍ର ଦଳରେ ଚିନ୍ତନ ଶିବିର ଲାଗି ପ୍ରସ୍ତାବ ଦିଆଯାଇଥିଲା। ଦଳ ପାଇଁ ସମସ୍ତେ ଯାହା ଚାହିଁବେ ସେ କରିବାକୁ ପ୍ରସ୍ତୁତ ବୋଲି ବୈଠକରେ ରାହୁଲ ଗାନ୍ଧୀ କହିଛନ୍ତି। ଦଳ ଏକ ପରିବାର ଭଳି ଏବଂ ସମସ୍ତେ ଏକାଠି କାମ କରିବେ ବୋଲି ସୋନିଆ କହିଥିଲେ।

ସୂଚନାଯୋଗ୍ୟ ଗତ ଅଗଷ୍ଟରେ ୨୩ ଜଣ ଅସନ୍ତୁଷ୍ଟ କଂଗ୍ରେସ ନେତା ସୋନିଆଙ୍କୁ ପତ୍ର ଲେଖି ସାଂଗଠନିକ ସ୍ତରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ଦଳରେ ଏକ କାର୍ଯ୍ୟକାରୀ ଅଧ୍ୟକ୍ଷ ପଦ ସୃଷ୍ଟି ଲାଗି ସେମାନେ ଲେଖିଥିଲେ। ନୂଆ ବର୍ଷରେ ରାହୁଲ ପୁଣି ଥରେ ଦଳର ମଙ୍ଗ ଧରିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଛି। ୪ ମାସ ପରେ ସୋନିଆ ତଥାକଥିତ ବିଦ୍ରୋହୀ ନେତାମାନଙ୍କୁ ଭେଟିଥିଲେ। ଅନ୍ତରୀଣ ଅଧ୍ୟକ୍ଷାଙ୍କ ୧୦ ଜନପଥ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ। ଗତବର୍ଷ ସାଧାରଣ ନିର୍ବାଚନରେ ଦଳର ପରାଜୟ ପାଇଁ ନିଜକୁ ଦାୟୀ କରି ରାହୁଲ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାରୁ ନୂଆ ନେତା ନିର୍ବାଚିତ ହେବା ପର୍ଯ୍ୟନ୍ତ ସୋନିଆ ଅନ୍ତରୀଣ ଅଧ୍ୟକ୍ଷ ପଦ ଗ୍ରହଣ କରିଥିଲେ।

ଦଳରେ ମତଭେଦ ନାହିଁ। ରାହୁଲ ଅଧ୍ୟକ୍ଷ ହେବାରେ କାହାର ସମସ୍ୟା ନାହିଁ ବୋଲି ବୈଠକ ପରେ ବରିଷ୍ଠ ନେତା ପୱନ ବଂଶଲ କହିଛନ୍ତି। ଅନ୍ୟପକ୍ଷରେ ଦଳକୁ ସୁଦୃଢ଼ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ପଷ୍ଟ ହୋଇନାହିଁ। ଶିମ୍‌ଲା ଓ ପଞ୍ଚମଢ଼ିରେ ଚିନ୍ତନ ଶିବିର ଅନୁଷ୍ଠିତ ହେବ ବୋଲି ପୃଥ୍ୱୀରାଜ ଚଭନ କହିଛନ୍ତି।


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ଆଦିତ୍ୟ ବେହେରା (ରୋହନ୍)
ଭୁବନେଶ୍ୱର
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୁଭେଚ୍ଛା ସହ:-
ପିଙ୍କି, ଅଶୋକ, ସ୍ନେହା, ଲକି, ମିଟୁ ଭାଇ, ପିଣ୍ଟୁ, ଲିଟିନା, ଏଲିନା, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୫୯୪

**୧୫ତମ ଜନ୍ମଦିନ ଶୁଭେଚ୍ଛା**



ଲିପ୍ସା ମହାପାତ୍ର (ଲିପ୍ସା)
ଶ୍ରୀରାମ ନଗର, (ନାଚୁଘର) ଓଲ୍‌ଡଟାଉନ୍
ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଆମର ବଡ଼ ଠାକୁରଙ୍କ ପାଖରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ।
ଧ-୬୯୬୬୩

**ଜନ୍ମଦିନ ଶୁଭେଚ୍ଛା**



ସାଇସ୍ୱରୂପ ପ୍ରଧାନ (ସାହିଲ୍)
ୟୁନିଟ୍-୯
ପ୍ରଭୁ ସତ୍ୟସାଇଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
-:ଶୁଭେଚ୍ଛା ସହ:-
ମାମା, ପାପା, ଜେଜେ, ଜେଜେମା', ଅଜା, ଆଈ ଓ ପରିବାରବର୍ଗ।
ଧ-୧୯୨୭୪

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଖେଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୯୨୭୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦେଓ
ଦୁର୍ଲଭରାମ ଲେନ୍, ଦାଣ୍ଡିମାଳ ସାହି, ପୁରୀ
ଆବିର୍ଭାବ: ୩୦।୧୧।୧୯୪୦
ତିରୋଧାନ: ୧୦।୧୨।୨୦୨୦
ଆଜି ଆପଣଙ୍କ ଏକାଦଶାହ ଉପଲକ୍ଷେ ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାରବର୍ଗ:-
ପତ୍ନୀ: ଟିକିନା ଦେଓ, କନ୍ୟା: ଜ୍ୟୋତ୍ସ୍ନାରାଣୀ, ସନ୍ଧ୍ୟାରାଣୀ, ପୁତ୍ର: ଲକ୍ଷ୍ମୀ ନାରାୟଣ, ଶିବ ନାରାୟଣ ଓ ରବି ନାରାୟଣ, ବୋହୂ: ଶୁଭସ୍ମିତା, ତିଳୋତ୍ତମା, କଳ୍ପନା, ନାତୁଣୀ: ସଲୋନୀ, ସୋନି, ସାଇନି, ନାତି: ସିଲୁ, ବିଜୁ, ଅଜୁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୦୩୨


# ଚାଷୀଙ୍କ ଘରେ ଖାଇଲେ ଶାହା

<u>କୋଲକାତା, ୧୯।୧୨</u>



ପଶ୍ଚିମବଙ୍ଗକୁ ଦୁଇଦିନିଆ ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର ପୂର୍ବ ମେଦିନପୁରର ବଲିଜୁରୀ ଗ୍ରାମରେ ଜଣେ ଚାଷୀଙ୍କ ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ତାଙ୍କ ସହ ଭାଜପା ନେତା କୈଳାସ ବିଜୟଭର୍ଗୀୟ, ଦିଲୀପ ଘୋଷ ଏବଂ ଅନ୍ୟ ନେତାମାନେ ମଧ୍ୟ ମଧ୍ୟାହ୍ନଭୋଜନରେ ସାମିଲ ହୋଇଥିଲେ। ବିବାଦୀୟ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନ ଜୋର୍ ଧରିଥିବାବେଳେ ଚାଷୀମାନଙ୍କ ନିକଟତର ହେବା ଲାଗି ଭାଜପା ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଚାଷୀଙ୍କ ଘରେ ଭୋଜନ କରିବା ଏହାର ଏକ ଅଂଶବିଶେଷ। ଭାଜପା ନେତାମାନଙ୍କୁ ଭୋଜନରେ ଆପ୍ୟାୟିତ କରିଥିବା ସନାତନ ସିଂ ଖୁବ୍ ଖୁସି ବ୍ୟକ୍ତ କରିଛନ୍ତି।

## 'ମୃତକଙ୍କ ପରିବାରକୁ କୋଟିଏ ଦିଅ'

<u>ନୂଆଦିଲ୍ଲୀ, ୧୯।୧୨</u>

କୃଷି ଆଇନକୁ ବିରୋଧ କରି ୨୪ ଦିନ ହେଲା ଦିଲ୍ଲୀ ସୀମାରେ ହଜାର ହଜାର ଚାଷୀ ଆନ୍ଦୋଳନ ଚଳାଇଥିବାବେଳେ ଇତିମଧ୍ୟରେ ୨୨ ଜଣଙ୍କର ମୃତ୍ୟୁ ଘଟିଲାଣି। ମୃତ ଚାଷୀଙ୍କ ପରିବାରକୁ କୋଟିଏ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ଲାଗି କିଷାନ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛି। ଚାଷୀଙ୍କ ମୃତ୍ୟୁ ପାଇଁ ଭାଜପା ଦାୟୀ ବୋଲି କିଷାନ କଂଗ୍ରେସ ଉପସଭାପତି ସୁରେନ୍ଦ୍ର ସୋଲାଙ୍କି ଅଭିଯୋଗ କରିଛନ୍ତି।

# ହେଲ୍‌ଦି ଫୁଡ୍ ହାବିଟ୍





ଭଳିକି ଭଳି ଚଟ୍‌ପଟି ଖାଦ୍ୟ ଯୁବପିଢ଼ିଙ୍କର ବେଶ୍ ପସନ୍ଦ। ବିଶେଷ କରି ବାହାରେ ମିଳୁଥିବା ଫାଷ୍ଟଫୁଡ୍ ଏବଂ ଜଙ୍କ୍‌ଫୁଡ୍‌ର ଆକର୍ଷଣୀୟ ପ୍ରସ୍ତୁତି ଓ ସାଜସଜ୍ଜା ସାଙ୍ଗକୁ ମନୋମୁଗ୍ଧକର ସୁଗନ୍ଧ ସେମାନଙ୍କୁ ଏଥିପ୍ରତି ଆକୃଷ୍ଟ କରିଥାଏ। ହେଲେ ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଯେଉଁଥିପାଇଁ ବର୍ତ୍ତମାନ ଅନେକ ଯୁବତୀଯୁବକ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଏଭଳି ଖାଦ୍ୟ ପରିବର୍ତ୍ତେ ବିଭିନ୍ନ ହେଲ୍‌ଦି ଫୁଡ୍ ହାବିଟ୍ ଆପଣାଉଥିବା ଦେଖିବାକୁ ମିଳୁଛି...



**ଆ**ଜିର ଯୁବପିଢ଼ିଙ୍କର ବିଭିନ୍ନ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ପସନ୍ଦ। କେବଳ ପସନ୍ଦ ବୋଲି ନୁହେଁ, ବରଂ ପାଠପଢା କିମ୍ବା ଜବ୍ ଲାଗି ବାହାରେ ରହୁଥିବା ଅଧିକାଂଶ ଯୁବତୀଯୁବକ ସମୟ ଅଭାବରୁ ଏଭଳି ଖାଦ୍ୟ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ। କାରଣ ଏଭଳି ଖାଦ୍ୟାଭ୍ୟାସ ଯୋଗୁ ଅଳ୍ପ ବୟସରୁ ଅନେକଙ୍କଠାରେ ମେଦବହୁଳତା, ହାଇପରଟେନ୍‌ସନ, ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଯାହାକୁ ଆଖିଆଗରେ ରଖି ବର୍ତ୍ତମାନ ଅନେକ ଯୁବତୀଯୁବକ ସୁନ୍ଦର ଏବଂ ସୁସ୍ଥ ଶରୀର ପାଇଁ ବିଭିନ୍ନ ସ୍ୱାସ୍ଥ୍ୟକର ବା ହେଲ୍‌ଦି ଖାଦ୍ୟାଭ୍ୟାସ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି।...

**ସ୍ପ୍ରାଉଟ୍ ଚାଟ୍:** ବର୍ତ୍ତମାନ ସ୍ପ୍ରାଉଟ୍ ଚାଟ୍‌ର ଡିମାଣ୍ଡ ଖୁବ୍ ବେଶି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ଗଜା ମୁଗ, ବୁଟ ସାଙ୍ଗକୁ କଟା କାକୁଡି, ଗାଜର, ବିଟ୍, ପିଆଜ, ଧନିଆପତ୍ର, କଞ୍ଚାଲଙ୍କା, ବାଦାମ, ଲେମ୍ବୁ ଆଦିର ପରଫେକ୍ଟ କମ୍ବିନେଶନ୍ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ବି ସେତିକି ଟେଷ୍ଟି। ତା'ଛଡା ଏଥିରେ ଭିଟାମିନ୍, ପ୍ରୋଟିନ୍, ମିନେରାଲ୍ସ ସାଙ୍ଗକୁ ଲୋ ଫ୍ୟାଟ୍ ଏବଂ ହାଇ ଡାଏଟାରି ଫାଇବର୍ ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ। ଅନ୍ୟ ତେଲମସଲାଯୁକ୍ତ ଷ୍ଟ୍ରିଟ୍‌ଫୁଡ୍ ଖାଇବା ଅପେକ୍ଷା ଦିନକୁ ଥରେ ଏହି ଚାଟ୍ ଖାଇବା ଲାଭଦାୟକ। ବିଶେଷ କରି ସୁନ୍ଦର ସ୍ୱାସ୍ଥ୍ୟ ଲାଗି ଯୋଗ, ପ୍ରାଣାୟାମ କିମ୍ବା ଜିମ୍ ଯାଉଥିବା ଯୁବତୀଯୁବକମାନେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରୁଥିବା ଦେଖିବାକୁ ମିଳୁଛି।

**ଫ୍ରୁଟ୍ ଚାଟ୍:** ବିଭିନ୍ନ ପ୍ରକାରର ଫଳ କାଟି ପ୍ରସ୍ତୁତ ହେଉଥିବା ଚାଟ୍ ବର୍ତ୍ତମାନ ଅଧିକାଂଶଙ୍କର ପସନ୍ଦର ଖାଦ୍ୟ ପାଲଟିଛି। ଏଥିରେ ତେଲ, ମସଲା, ରାଗ କିମ୍ବା ଅନ୍ୟ କୌଣସି ହାନିକାରକ ଉପାଦାନ ଶରୀରକୁ ଯାଉନାହିଁ। ବିଭିନ୍ନ ପ୍ରକାର ଫଳରୁ ଭିନ୍ନ ଭିନ୍ନ ଭିଟାମିନ୍, ପୋଟାସିଅମ୍, କ୍ୟାଲ୍‌ସିଅମ୍ ଭଳି ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନ୍ୟ ପୋଷକ ତତ୍ତ୍ୱ ମିଳିଥାଏ, ଯାହା କି ସୁସ୍ଥ ଏବଂ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ଏହା ବେଶ୍ ସ୍ୱାଦିଷ୍ଟ ମଧ୍ୟ।

**ମକା:** ଦିନଥିଲା କେବଳ ସିଜନାଲ ଷ୍ଟଲ୍‌ରେ ହିଁ ମକା ଉପଲବ୍ଧ ହେଉଥିଲା। ହେଲେ ବର୍ତ୍ତମାନ ଏହାର ବଢୁଥିବା ଚାହିଦା ଅନୁସାରେ ମାର୍କେଟ୍‌ରେ ପ୍ରାୟ ସବୁ ସମୟରେ ଏହା ମିଳୁଛି। ମକା ପୋଡ଼ା, ସିଝା ହେଉ କିମ୍ବା ସ୍ୱିଟ୍ କର୍ଣ୍ଣ ଖାଇବାକୁ ଯୁବପିଢି ବେଶ୍ ଭଲ ପାଉଛନ୍ତି। ଏଥିରେ କ୍ୟାଲୋରି ଏବଂ ଫ୍ୟାଟ୍ ଖୁବ୍ କମ୍ ଥିବା ବେଳେ ଫାଇବର ଏବଂ ବିଟା କ୍ୟାରୋଟିନ୍, ଆଲ୍‌ଫା କ୍ୟାରୋଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଭରି ରହିଛି। ଏହା ଶରୀରକୁ ସୁସ୍ଥ ରଖିବା ସହ ହୃଦ୍‌ରୋଗ ଆଶଙ୍କା ହ୍ରାସ କରିଥାଏ।

**ସିଝା ଅଣ୍ଡା:** ନନ୍‌ଭେଜ୍ ସ୍ନାକ୍ସ ପସନ୍ଦ କରୁଥିବା ଅଧିକାଂଶ ଯୁବପିଢି ବର୍ତ୍ତମାନ ସ୍ୱାସ୍ଥ୍ୟସଚେତନା ଦୃଷ୍ଟିରୁ ତେଲ ମସଲାଯୁକ୍ତ ଫାଷ୍ଟଫୁଡ୍ ଅପେକ୍ଷା ସିଝା ଅଣ୍ଡା ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। କାରଣ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଳ୍ପ ଖର୍ଚ୍ଚରେ ହାଇ କ୍ୱାଲିଟି ପ୍ରୋଟିନ୍, ଭିଟାମିନ୍ କେ, ବି୧୨, ଡି ଆଦି ସହ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିପାରୁଛି।

**ହେଲ୍ଦି ଡ୍ରିଙ୍କ୍‌ସ:** ସଫ୍ଟଡ୍ରିଙ୍କ୍ସ ବିନା ଯେମିତି ଯୁବପିଢିଙ୍କ ଖାଇବାର ମଜା ଅଧୁରା। ସେଥିପାଇଁ ମାର୍କେଟରେ ବିଭିନ୍ନ ପ୍ରକାରର ସଫ୍ଟଡ୍ରିଙ୍କ୍ସ ଉପଲବ୍ଧ। ହେଲେ ଏଥିରେ ମିଶୁଥିବା ରଙ୍ଗ, ଆର୍ଟିଫିସିଆଲ୍ ସୁଗାର ଏବଂ ଅନ୍ୟାନ୍ୟ ଉପାଦାନ ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବାରୁ ବର୍ତ୍ତମାନେ ଅନେକେ ଏହା ପରିବର୍ତ୍ତେ ଫ୍ରୁଟ୍‌ଜୁସ୍, ପଇଡ଼ପାଣି, ଆଖୁରସ, ଦହିପାଣି ଆଦିକୁ ପସନ୍ଦ କରୁଛନ୍ତି। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟସଚେତନ ଯୁବପିଢିଙ୍କ ବର୍ଦ୍ଧିତ ଆଗ୍ରହକୁ ଦେଖି ବର୍ତ୍ତମାନ ମାର୍କେଟ୍‌ରେ ବିଭିନ୍ନ ହର୍ବାଲ୍ ଜୁସ୍ ଷ୍ଟଲ୍ ବି ବଢିବାରେ ଲାଗିଛି।



ଯୁବ ପ୍ରତିଭା

## ନିଶା ଯାହାର ସମାଜସେବା

**ତୁ**ଳସୀ ଦୁଇ ପତ୍ରରୁ ବାସିଲା ପରି ଛାତ୍ର ଜୀବନରୁ ହିଁ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ତାଙ୍କୁ ଦେଇଛି ଭିନ୍ନ ପରିଚୟ। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠପଢାରେ ସହଯୋଗ ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟକରି ଅନେକ ପ୍ରଶଂସା ସାଉଁଟିଥିବା ଏହି ଯୁବ ପ୍ରତିଭା ହେଉଛନ୍ତି ଖୋର୍ଦ୍ଧା ଜିଲା ବେଣାପଞ୍ଜରି ପଞ୍ଚାୟତ ଅନ୍ତର୍ଗତ ରାଣୀପୁର ତିରିମଲ୍ଲ ଗ୍ରାମର ମା'...... ଓ ବାପା ଲକ୍ଷ୍ମୀଧର ମହାରଣାଙ୍କ ପୁଅ ଗୌତମ। ପେସାରେ ସେ ଜଣେ କାଠ ବ୍ୟବସାୟୀ ହେଲାବେଳେ ନିଶା ତାଙ୍କର ସମାଜସେବା। ସମୟ ପାଇଲେ ଏକାକୀ ହେଉ କିମ୍ବା ସାଙ୍ଗସାଥୀଙ୍କୁ ମେଳି କରି ଗାଁ ସଫେଇ ସହ ଚାରା ରୋପଣରେ ଲାଗିପଡ଼ନ୍ତି। ଗରିବ ଅସହାୟଙ୍କ ସେବା ଶୁଶ୍ରୂଷା କରିବା, ଯଥା ସମ୍ଭବ ଆର୍ଥିକ ସହଯୋଗ କରିବା, ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ପ୍ରଦାନ କରିବା ଦିଗରେ ସେ ସର୍ବଦା ତତ୍ପର। ଫନୀ ବାତ୍ୟା ସମୟରେ ଖୋର୍ଦ୍ଧା, ପୁରୀ ଜିଲାର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଲୋକଙ୍କୁ ସହାୟତାର ହାତ ବଢାଇଥିଲେ। ବର୍ତ୍ତମାନ ସେ ବିଶ୍ୱକର୍ମା ମହାସଂଘର ରାଜ୍ୟ ସଭାପତି ରହିଥିବା ସହ ଅନ୍ୟାନ୍ୟ ବିଶ୍ୱକର୍ମା ପରିବାରର ଗରିବ ମେଧାବୀ ପିଲାଙ୍କ ପାଠପଢା,



ଅସହାୟ ପରିବାରଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସହଯୋଗ କରୁଛନ୍ତି। ଓଡିଶାର କୋଣ ଅନୁକୋଣରେ ରହିଥିବା ବିଶ୍ୱକର୍ମା ପରିବାରଙ୍କୁ ଏକାଠି କରି ସେମାନେ କିପରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବେ, ସେଥିଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହା ବ୍ୟତୀତ ରାସ୍ତାକଡରେ ଅସହାୟ ଅବସ୍ଥାରେ ବସି ରହୁଥିବା ବୃଦ୍ଧାବୃଦ୍ଧମାନଙ୍କ ଥଇଥାନ ଲାଗି ବର୍ତ୍ତମାନ ସେ ଏକ ସତୁରି ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ମଧ୍ୟ ନିର୍ମାଣ କରୁଛନ୍ତି। ଏଭଳି କାର୍ଯ୍ୟ ଲାଗି ବିଭିନ୍ନ ମହଲରେ ପୁରସ୍କୃତ ଓ ଉଚ୍ଚ ପ୍ରଶଂସିତ ହୋଇଥିବା ଗୌତମ ଆଗାମୀ ନୂଆ ବର୍ଷରେ ରକ୍ତଦାନ ଶିବିର ଆୟୋଜନ, ବ୍ୟାପକ ଚାରାରୋପଣ, ତୁଳସୀ ବଣ ସୃଷ୍ଟି କରିବା ସହ କୁଟିର ଉଦ୍ୟୋଗ ମାଧ୍ୟମରେ ବେକାର ଥିବା କୁଶଳୀ ଯୁବକଙ୍କୁ ରୋଜଗାରକ୍ଷମ କରିବାର ଆଶା ରଖିଛନ୍ତି।

– ପ୍ରଭାତ ପାଣିଗ୍ରାହୀ

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ...... ଦେଶ ସମୁଦ୍ର ପତନର ୩୦୦୦ ମି. ଉଚ୍ଚତାରେ ରୟାଲ୍ ବେଙ୍ଗଲ ଟାଇଗର ଚିହ୍ନଟ କରିଛି ?

୨– ଅନ୍ତର୍ଜାତୀୟ ପର୍ବତ ଦିବସ–୨୦୨୦ର ଥିମ୍ ............. ?

୩– ଗୁଗଲ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ ଚଳିତବର୍ଷ ଗୁଗୁଲ୍‌ରେ ସବୁଠୁ ଅଧିକ ସର୍ଚ୍ଚ କରାଯାଇଥିବା ବ୍ୟକ୍ତି.......... ?

୪– କ୍ୟାଲ୍‌ସିୟମ୍ ମ୍ୟାଗ୍ନେସିୟମ୍ ସିଲିକେଟ୍‌କୁ ସାଧାରଣତଃ .......... ବୋଲି କୁହାଯାଇଥାଏ ?

୫– ମାଲାଖୁଝା ଡ୍ୟାମ୍.......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନ୍ୟାଶନାଲ୍ ସ୍କିଲ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍

୨ ଆମେରିକା

୩ ଟ୍ରାଞ୍ଜିଟିଙ୍ଗ୍ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍

୪ ଚାଇନା

୫ ବିଜୁ ପଟ୍ଟନାୟକ

## ଉତ୍ତରଦାତା



ବିପ୍ର କର
ଭୁବନେଶ୍ୱର



ଶୁଭ୍ରାଂଶୁ ପାଢୀ
ଗଞ୍ଜାମ



ପ୍ରଶାନ୍ତ କର
ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଇ- କୋର୍ସ



ବର୍ତ୍ତମାନ ବିଭିନ୍ନ ପ୍ରଫେଶନାଲ୍ କୋର୍ସ କରି ବେଶି ରୋଜଗାର କରିବାକୁ ଅଧିକାଂଶ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ହେଲେ ପାଠ ପଢା ହେଉ କିମ୍ବା ଜବ୍ ଚାପରେ ଅନେକେ ବାହାରକୁ ଯାଇ ପାରୁ ନ ଥିବାରୁ ଏଭଳି କୋର୍ସ କରିବାରୁ ବଞ୍ଚିତ ହେଉଛନ୍ତି। ହେଲେ ଏହି ସମସ୍ୟାର ସମାଧାନର ଉପାୟ ପାଲଟିଛି ବିଭିନ୍ନ ଅନ୍‌ଲାଇନ୍ କୋର୍ସ, ଯାହାଦ୍ୱାରା ଘରେ ବସି ମଧ୍ୟ ଅନେକେ ଏହି କୋର୍ସ କରିବାର ସୁଯୋଗ ପାଇ ପାରୁଛନ୍ତି। ଆପଣ ବି ଯଦି ଏଭଳି କୋର୍ସ କରିବାକୁ ଚାହାନ୍ତି ଜାଣି ରଖନ୍ତୁ କେତୋଟି କଥା...

**ପ୍ରୋଗ୍ରାମିଂ କୋର୍ସ:** ବର୍ତ୍ତମାନ ଅନେକ ଯୁବତୀଯୁବକ ସାଇଡ୍ ଇନ୍‌କମ୍ ସୋର୍ସ ଭାବେ ୱେବ୍‌ସାଇଟ୍‌କୁ ବାଛି ନେଉଛନ୍ତି। ତେବେ ନିଜର ୱେବ୍‌ସାଇଟ୍ ଖୋଲିବା ତଥା ଏହାକୁ ଡିଜାଇନ୍ କରିବାକୁ ହେଲେ ପ୍ରୋଗ୍ରାମିଂ ଜ୍ଞାନ ରହିବା ଆବଶ୍ୟକ। ତେଣୁ ନିଜ ୱେବ୍‌ସାଇଟ୍‌କୁ ସଫଳତା ପୂର୍ବକ ଚଳାଇବାକୁ ହେଲେ ଇଚ୍ଛାନୁସାରେ କୌଣସି ପ୍ରୋଗ୍ରାମିଂ ଲାଙ୍ଗୁଏଜ୍ ବାଛି ଅନ୍‌ଲାଇନ୍ କୋର୍ସ କରିପାରିବେ।

**ଫରେନ୍ ଲାଙ୍ଗୁଏଜ୍ କେର୍ସ:** ଅନ୍‌ଲାଇନ୍ ଟ୍ରାନ୍ସଲେଟର ଭାବେ କାର୍ଯ୍ୟ କରି ବର୍ତ୍ତମାନ ଅନେକ ଯୁବତୀଯୁବକ ବେଶ୍ ଭଲ ରୋଜଗାର କରିପାରୁଛନ୍ତି। ଏଥିରୁ ଅଧିକ ଲାଭବାନ୍ ହେବା ଲାଗି ଅନେକେ ଫରେନ୍ ଲାଙ୍ଗୁଏଜ୍ ବାଛୁଛନ୍ତି। ଯାହାକୁ ଶିଖିବା ଲାଗି ବର୍ତ୍ତମାନ ଅନେକ ଅନ୍‌ଲାଇନ୍ କୋର୍ସ ଉପଲବ୍ଧ ; ଯେଉଁଥିରୁ ଫରେନ୍ ଲାଙ୍ଗୁଏଜ୍ ଶିଖିବା ସହିତ ଏହାର ଶବ୍ଦାବଳୀ ଏବଂ କଥା କହିବାର କୌଶଳ ମଧ୍ୟ ଶିଖିବାରେ ସହାୟକ ହୋଇଥାଏ।

**ସୋସିଆଲ୍ ମିଡ଼ିଆ ମାର୍କେଟିଂ କୋର୍ସ:** ବର୍ତ୍ତମାନ ସୋସିଆଲ୍ ମିଡ଼ିଆ ମାର୍କେଟିଂର ଡିମାଣ୍ଡ ଖୁବ ବଢୁଥିବାର ଦେଖିବାକୁ ମିଳୁଛି। ଏହାକୁ ପାର୍ଟଟାଇମ୍ ୱାର୍କ ଭାବେ ଗ୍ରହଣ କରି ଅନେକେ ବେଶ୍ ଲାଭବାନ୍ ବି ହେଉଛନ୍ତି। ତେଣୁ ଯେଉଁ ଯୁବବର୍ଗଙ୍କର ଏହି କର୍ଯ୍ୟ ଶିଖିବା ଲାଗି କୋର୍ସ ମନୋବୃତ୍ତି ଅଛି କିନ୍ତୁ ପଢା, ଜବ୍ ଆଦି ଯୋଗୁ ଏହାକୁ କରିବାରେ ଅସୁବିଧା ହେଉଛି, ସେମାନେ ଅନ୍‌ଲାଇନ୍‌ରେ ଏହି କୋର୍ସ କରିପାରିବେ।

**ଫଟୋଗ୍ରାଫି କୋର୍ସ:** ଫଟୋଗ୍ରାଫିରେ ରୁଚି ରଖୁଥିବା ଯୁବତୀଯୁବକଙ୍କ ପାଇଁ ବର୍ତ୍ତମାନ ଫଟୋଗ୍ରାଫିରେ ବିଭିନ୍ନ କୌଶଳ ଶିଖିବା ଲାଗି କେଉଁଆଡ଼େ ଯିବାକୁ ପଡୁନାହିଁ। କାରଣ ଏହାକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍‌ଲାଇନ୍ କୋର୍ସଗୁଡ଼ିକ ଉପଲବ୍ଧ, ଯାହାର ସୁବିଧା ଘରେ ବସି ମଧ୍ୟ ନେଇପାରିବେ। ଏହାଦ୍ୱାରା ପଢା କିମ୍ବା ଜବ୍ ସହିତ ପାର୍ଟଟାଇମ୍ ଭାବେ କୌଣସି ଆଡ୍ ଏଜେନ୍ସି, ମାଗାଜିନ୍, ଖବରକାଗଜ, ଟିଭି ଚ୍ୟାନେଲ୍, ୱେବ୍‌ସାଇଟ୍ ଆଦିରେ କାମ କରିପାରିବେ। କେବଳ ଏତିକି ନୁହେଁ, ଆପଣ ଫ୍ରିଲାନ୍ସ ଫଟୋଗ୍ରାଫର ଭାବେ ମଧ୍ୟ କାର୍ଯ୍ୟ କରିପାରିବେ।



ଜାଣନ୍ତୁ ଦୁନିଆ

## ପ୍ରଥମ ବ୍ଲଡ୍ ବ୍ୟାଙ୍କ



**ପ୍ର**ଥମ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ପରିସ୍ଥିତି ଆଉ ସୈନିକମାନଙ୍କ ବିଭତ୍ସମୃତ୍ୟୁର କାହାଣୀ ଶୁଣିଲେ ଏବେବି ମନରେ ଭୟର ଆତଙ୍କ ଖେଳିଯାଏ। ତେବେ ଏହି ଭୟଙ୍କର ଯୁଦ୍ଧରେ ମୃତ୍ୟୁସହ ସଂଘର୍ଷ କରୁଥିବା ଆହତ ସୈନିକମାନଙ୍କ ଚିକିତ୍ସା ପାଇଁ ବ୍ୟବହୃତ କେତେକ ନୂତନ ଉପାୟ ସାରାଦିନ ପାଇଁ ଚିକିତ୍ସା ବିଭାଗ ଲାଗି ବରଦାନ ପାଲଟିଗଲା। ଏମିତି ଏକ ଅନୁପମ ସୃଷ୍ଟି ଥିଲା ପୃଥିବୀର ସର୍ବପ୍ରଥମ ବ୍ଲଡ୍ ବ୍ୟାଙ୍କ୍‌ର ପ୍ରତିଷ୍ଠା। ଯୁଦ୍ଧ ସମୟରେ ଦେହରେ ସୃଷ୍ଟ କ୍ଷତରୁ ବହୁ ପରିମାଣରେ ହେଉଥିବା ରକ୍ତ କ୍ଷୟ ଯୋଗୁଁ ଅଧିକାଂଶ ସୈନିକଙ୍କ ପ୍ରାଣହାନି ଘଟୁଥିଲା। ଚିକିତ୍ସା ଦ୍ୱାରା ଜୀବନରକ୍ଷା ନିମନ୍ତେ କ୍ଷତାକ୍ତ ସୈନିକମାନଙ୍କୁ ରକ୍ତ ଦିଆଯିବା ନିହାତି ଆବଶ୍ୟକ ହୋଇପଡିଥିଲା। ତେଣୁ ଜଣେ ସୁସ୍ଥ ବ୍ୟକ୍ତିଙ୍କଠାରୁ ଆହତ ସୈନିକଙ୍କ ଶରୀରକୁ ଧମନୀ ବାଟଦେଇ ଛୁଞ୍ଚି ସାହାଯ୍ୟରେ ରକ୍ତ ଦିଆଯାଉଥିଲା ; ଯାହାକୁ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ବା ରକ୍ତ ଅନ୍ତର୍ଭରଣ ପ୍ରକ୍ରିୟା କୁହାଯାଇଥାଏ। ହେଲେ ଯଥା ସମୟରେ ରକ୍ତ ମିଳିବା କଷ୍ଟ ହେଉ ଥିବାରୁ ସବୁ ଆହତ ସୈନିକଙ୍କୁ ବଞ୍ଚାଯାଇବା ସମ୍ଭବ ହୋଇପାରୁ ନ ଥିଲା, ଯାହାକି ଚିକିତ୍ସକମାନଙ୍କ ଲାଗି ଚିନ୍ତାର କାରଣ ପାଲଟିଥିଲା। ଏହି ସମସ୍ୟାର ସମାଧାନ ନିମନ୍ତେ ୧୯୧୭ରେ ଜଣେ ଆମେରିକା ଆର୍ମି ଡାକ୍ତର କ୍ୟାପ୍ଟେନ୍ ଓସ୍‌ୱାଲ୍ଡ ରବର୍ଟସନ୍ ସର୍ବପ୍ରଥମେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା କରିଥିଲେ। ସୋଡିଅମ୍ ସାଇଟ୍ରେଟ୍ ନାମକ ରାସାୟନିକ ବ୍ୟବହାର କରି ସଂଗୃହୀତ ରକ୍ତକୁ ଜମାଟ ବାନ୍ଧିବା କିମ୍ବା ନଷ୍ଟ ହେବାରୁ ରକ୍ଷା କରିବାରେ ସଫଳ ହେଲେ। ଏହା ସାହାଯ୍ୟରେ ବରଫରେ ଦୀର୍ଘ ୨୮ ଦିନ ପର୍ଯ୍ୟନ୍ତ ରକ୍ତକୁ ସଂଗୃହୀତ କରି ରଖାଯାଇପାରିଲା ଏବଂ ଆବଶ୍ୟକ ସମୟରେ ଆହତଙ୍କ ଚିକିତ୍ସାରେ ବ୍ୟବହାର ହୋଇପାରିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ୨୦ ଡିସେମ୍ବର, ୨୦୨୦ Balasore, Sunday, December 20/2020

**ବକ୍ସିଂ ବିଶ୍ୱକପ**

# ପଙ୍ଘାଲଙ୍କୁ ସ୍ୱର୍ଣ୍ଣ, ସତୀଶଙ୍କୁ ରୌପ୍ୟ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ଜର୍ମାନୀର କଲୋନେଠାରେ ଚାଲିଥିବା ବକ୍ସିଂ ବିଶ୍ୱକପରେ ଶନିବାର ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଭାରତର ଅମିତ ପଙ୍ଘାଲ ୫୨ କେ.ଜି. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି +୯୧ କେ.ଜି. ବର୍ଗରେ ସତୀଶ କୁମାର ରୌପ୍ୟ ପଦକ ଜିତିଛନ୍ତି।


ଅମିତ ପଙ୍ଘାଲ

ଫାଇନାଲ ବାଉଟ୍‌ରେ ଅବତୀର୍ଣ୍ଣ ନ ହୋଇ ପଙ୍ଘାଲ ସ୍ୱର୍ଣ୍ଣ ଜିତିଛନ୍ତି। କାରଣ ଜର୍ମାନୀର ଅର୍ଗିଷ୍ଟି ଟେରଟେରିୟାନ ତାଙ୍କୁ ୱାକ୍‌ଓଭର ଦେଇଥିଲେ। ଅନ୍ୟପଟେ ଫ୍ରାନ୍ସର ଜାମିଲି ଡିନି ମେଇଣ୍ଡେଜଙ୍କୁ ସେମିଫାଇନାଲରେ ପରାସ୍ତ କରିଥିବା ସତୀଶ ଇଞ୍ଜୁରି କାରଣରୁ ଫାଇନାଲ ବାଉଟ୍‌ରେ ଅବତୀର୍ଣ୍ଣ ହୋଇ ନ ଥିଲେ ଓ ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଛି। ଫଳରେ ଜର୍ମାନୀର ନେଲେଭିଏ ଟିଆଫାକ୍ ସ୍ୱର୍ଣ୍ଣ ପଦକ ପାଇଛନ୍ତି।

ସେହିପରି ମହିଳା ବିଭାଗରେ ଭାରତର ସାକ୍ଷୀ ଓ ମନୀଷା ୫୭ କେ.ଜି. ବର୍ଗ ଫାଇନାଲରେ ପରସ୍ପରକୁ ଭେଟିବେ। ସେମିରେ ମନୀଷା ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ନିଜ ଦେଶରେ ସୋନିଆ ଲାଥରଙ୍କୁ ୫-୦ରେ ହରାଇଥିଲେ। ସେହିପରି ସାକ୍ଷୀ ସେମିରେ ଜର୍ମାନୀର ରାମୋନା ଗ୍ରାଫ୍‌ଙ୍କୁ ୪-୧ରେ ହରାଇ ଫାଇନାଲକୁ ଉଠିଥିଲେ। ତେବେ ଏସିଆନ ଗେମ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ପୂଜା ରାଏ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ହୁସାମୁଦ୍ଦିନ ଓ ଗୌରବ ସୋଲାଙ୍କି ପୁରୁଷ ୫୭ କେ.ଜି. ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଇଭେଣ୍ଟରେ ଭାରତ ସମେତ ବେଲଜିୟମ, କ୍ରୋଏସିଆ, ଫ୍ରାନ୍ସ, ମୋଲଡୋଭା, ନେଦରଲାଣ୍ଡ୍ସ, ପୋଲାଣ୍ଡ ଓ ୟୁକ୍ରେନ୍‌ର ବକ୍ସରମାନେ ଅଂଶଗ୍ରହଣ କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ